୧୧

ବିକାଶ : ଏହାର ପ୍ରକୃତି
DEVELOPMENT : ITS NATURE

ଆପଣ କେବେ ଚିନ୍ତା କରିଛନ୍ତି କି ଶିଶୁଟିଏ ଜଣେ ବୟସ୍କଙ୍କ ତୁଳନାରେ କାହିଁକି ଭିନ୍ନ ଭାବରେ ଆଚରଣ ପ୍ରଦର୍ଶନ କରେ । କିମ୍ୱା ସେମାନଙ୍କର ଚେହେରାରେ କାହିଁକି ଭିନ୍ନତା ଥାଏ ? କ୍ରମାଗତ ଭାବରେ ବଦଳିଚାଲିଛୁ ବୋଲି ସାଧାରଣତଃ ଆମେ ସଚେତନ ନଥାଉ । ଶିଶୁଟିଏ ଯେତେବେଳେ ଧୀରେ ଧୀରେ ଏକ ବାଳକ ଏବଂ ତାପରେ କ୍ରମଶଃ ବୟସ୍କରେ ପରିଣତ ହୁଏ, ତାଠାରେ କେତେକ ଆଖିଦୃଶିଆ ପରିବର୍ତ୍ତନ ପରିଲକ୍ଷିତ ହୁଏ । କିନ୍ତୁ କେତେକ ପରିବର୍ତ୍ତନ ଯେପରିକି ଆବେଗକୁ ପ୍ରକାଶ କରିବାର ତୀବ୍ରତା କିମ୍ୱା ଉତ୍ତମ ଭାବରେ ଚିନ୍ତା କରିବା ଏବଂ ବିଚାର କରିବାର ସାମର୍ଥ୍ୟ, ବ୍ୟକ୍ତିଗତ ମୂଲ୍ୟବୋଧର ଗଠନ କିମ୍ୱା ସ୍ୱାଧୀନ ଭାବରେ କାର୍ଯ୍ୟ କରିବାର ସାମର୍ଥ୍ୟ ଆଦି ଯଦିଓ ସ୍ପଷ୍ଟ ଭାବରେ ଦୃଷ୍ଟିଗୋଚର ହୋଇନଥାଏ, ତେବେ ଏହା ପରିପକ୍ୱତାର ସ୍ତର ଏବଂ ବ୍ୟକ୍ତିର ଦକ୍ଷତାରେ ପରିବର୍ତ୍ତନ ଆଣିଥାଏ । ପର୍ଯ୍ୟାୟକ୍ରମେ ଏହି କ୍ରମିକ ପରିବର୍ତ୍ତନ ଆଣିବାର ପ୍ରକ୍ରିୟାଟି ପରିପକ୍ୱତା ଆଡକୁ ବାଟ ଦେଖାଇଥାଏ । ଏହାକୁ ବିକାଶ କୁହାଯାଏ । ଏହି ଅଧ୍ୟାୟଟି ବିକାଶ କ'ଣ ବୁଝିବା ପାଇଁ ଓ ତତ୍ ସମ୍ପର୍କିତ ଅନେକ ପ୍ରଶ୍ନର ଉତ୍ତର ଦେବା ପାଇଁ ଆପଣଙ୍କୁ ସାହାଯ୍ୟ କରିବ ।

ଉଦ୍ଦେଶ୍ୟ

ଏହି ପାଠଟି ପଢିବା ପରେ ଆପଣ:

- ବିକାଶର ପ୍ରତ୍ୟୟ ଏବଂ ଏହାର ପ୍ରକ୍ରିୟା ବୁଝିପାରିବେ;
- ବିକାଶର ନିୟମଗୁଡିକୁ ଚିହ୍ନଟ ଏବଂ ବାଖ୍ୟା କରିପାରିବେ;
- ବିକାଶକୁ ଅଧ୍ୟୟନ କରିବା ପାଇଁ ବିଶେଷ ଆଭିମୁଖ୍ୟଗୁଡିକ ବିଷୟରେ ଜ୍ଞାନ ଲାଭ କରିବେ; ଏବଂ
- ବୃଦ୍ଧି ଏବଂ ବିକାଶ ମଧ୍ୟରେ ଥିବା ପ୍ରଭେଦ ଦର୍ଶାଇପାରିବେ ।

୧୧.୧ ବିକାଶର ପ୍ରକୃତି

ବିକାଶର ଦୁଇଟି ମୁଖ୍ୟ ଦିଗ, ଯଥା : ବିକାଶର ଅର୍ଥ ଓ ପ୍ରକ୍ରିୟା ଏହି ଭାଗରେ ବାଖ୍ୟା କରାଯାଇଛି ।



୧୧.୧.୧ ବିକାଶ କହିଲେ କ'ଣ ବୁଝାଯାଏ ?

ସରଳ ଭାଷାରେ କହିବାକୁ ଗଲେ, ବିକାଶ ବ୍ୟକ୍ତିର ସମଗ୍ର ଜୀବନକାଳ ମଧ୍ୟରେ ହେଉଥିବା ବୃଦ୍ଧି ଓ ତଜ୍ଜନିତ ପରିବର୍ତ୍ତନର ପ୍ରକ୍ରିୟା ଅଟେ । ଏହି ପରିବର୍ତ୍ତନକୁ ଏକ କ୍ରମିକ ଭାବେ ହେଉଥିବା ପ୍ରଗତିଶୀଳ ପରିବର୍ତ୍ତନ ରୂପେ ବାଖ୍ୟା କରାଯାଇଥାଏ । ଏହା ସୁବ୍ୟବସ୍ଥିତ ଓ ସଂଗତିପୂର୍ଣ୍ଣ ଅଟେ ଏବଂ ଏହା ପରିପକ୍ୱତା ପ୍ରାପ୍ତିରେ ସହାୟକ ହୋଇଥାଏ ।

'ପ୍ରଗତିଶୀଳ' (progressive) ଶବ୍ଦଟି ସୂଚିତ କରୁଛି ଯେ ପରିବର୍ତ୍ତନଗୁଡ଼ିକ ନିର୍ଦ୍ଦେଶାତ୍ମକ ଅଟେ, ଯାହା ବିକାଶକୁ ପଛକୁ ନୁହେଁ, ବରଂ ଆଗକୁ ନେଇଥାଏ ।

"କ୍ରମବର୍ଦ୍ଧକତା'' (orderly) ଏବଂ "ସୁସଙ୍ଗତତା" (coherence) ଶବ୍ଦ ସ୍ପଷ୍ଟ କରିଥାଏ ଯେ ବିକାଶ କ୍ରମରେ ଥିବା ବିଭିନ୍ନ ସ୍ତରଗୁଡ଼ିକ ମଧ୍ୟରେ ଏକ ନିର୍ଦ୍ଦିଷ୍ଟ ସମ୍ବନ୍ଧ ରହିଥାଏ । ପ୍ରତ୍ୟେକ ପରିବର୍ତ୍ତନ ଏହା ପୂର୍ବରୁ ଘଟିଥିବା ପରିବର୍ତ୍ତନ ଉପରେ ନିର୍ଭରଶୀଳ ଅଟେ ଏବଂ ପ୍ରତିବଦଳରେ ଏହାପରେ କ'ଣ ଘଟିବ ତାହା ନିର୍ଦ୍ଧାରଣ କରିଥାଏ ।

ତେଣୁ ବିକାଶକୁ ଏହିପରି ସଂକ୍ଷେପରେ ବାଖ୍ୟା କରାଯାଇପାରେ ।

୧. ଏହା ଏକ ପ୍ରଗତିଶୀଳ, ସଂଗତିପୂର୍ଣ୍ଣ ଏବଂ କ୍ରମବର୍ଦ୍ଧିତ ପରିବର୍ତ୍ତନକୁ ନେଇ ଗଠିତ ।

୨. ଏହି ପରିବର୍ତ୍ତନଗୁଡ଼ିକର ଏକ ନିର୍ଦ୍ଦିଷ୍ଟ ଦିଗ ଥାଏ ଏବଂ ଏହା ଅଗ୍ରଗାମୀ ହୋଇଥାଏ ।

୩. ବିକାଶ ହେଉଛି ପରିବର୍ତ୍ତନ ଯେଉଁଗୁଡ଼ିକ ଅବ୍ୟବସ୍ଥିତ (haphazard) ନୁହେଁ ଏବଂ ଯେଉଁଥିରେ ବର୍ତ୍ତମାନ ତଥା ତା ପରବର୍ତ୍ତୀ ସ୍ତରରେ କ'ଣ ଘଟିବ, ସେଗୁଡ଼ିକ ମଧ୍ୟରେ ଏକ ନିର୍ଦ୍ଦିଷ୍ଟ ସମ୍ପର୍କ ରହିଥାଏ ।

ଏହା ସ୍ପଷ୍ଟ ହେବା ଉଚିତ ଯେ ବିକାଶର ଫଳସ୍ୱରୂପ ବ୍ୟକ୍ତିଠାରେ ନୂତନ ଗୁଣାବଳୀ ଏବଂ ନୂତନ ସାମର୍ଥ୍ୟ ପରିଲକ୍ଷିତ ହୋଇଥାଏ । ଏଠାରେ କାର୍ଯ୍ୟକାରିତା ନିମ୍ନସ୍ତରରୁ ଉଚ୍ଚସ୍ତରକୁ ସ୍ଥାନାନ୍ତର ହୋଇଥାଏ ।

ବିକାଶ ଯୋଗୁଁ ଘଟୁଥିବା ସମସ୍ତ ପରିବର୍ତ୍ତନ ସମାନ ପ୍ରକାରର ହୋଇନଥାଏ, ଉଦାହରଣ ସ୍ୱରୂପ, ଶରୀରର ଆକାର ପରିବର୍ତ୍ତନ (ଦୈହିକ ବୃଦ୍ଧି), ଅନୁପାତର ପରିବର୍ତ୍ତନ (ଶୈଶବରୁ ପ୍ରୌଢ଼ାବସ୍ଥା), ମୁଖର ବିଭିନ୍ନ ଅଂଶରେ ପରିବର୍ତ୍ତନ (ଯେପରିକି ଦୁଗ୍ଧଦାନ୍ତ ପଡ଼ିଯିବା) ଏବଂ ନୂତନ ଅବୟବ ଲାଭ ହେବା ଇତ୍ୟାଦି ବିଭିନ୍ନ ପ୍ରକାରର ଅଟେ । ଯେଉଁସବୁ ପରିବର୍ତ୍ତନଗୁଡ଼ିକ ସ୍ପଷ୍ଟ ଭାବରେ ବାଖ୍ୟା କରିହେଉଥିବ କିମ୍ବା ଯେଉଁଗୁଡ଼ିକ ସ୍ୱତନ୍ତ୍ର ଭାବେ ଚିହ୍ନଟ କରାଯାଉଥିବ, ସେଗୁଡ଼ିକ ବୃଦ୍ଧି ବିଷୟରେ ସୂଚନା ଦିଏ । ଏଠାରେ ଉଭୟ 'ବୃଦ୍ଧି' ଏବଂ 'ବିକାଶ' ଶବ୍ଦ ମଧ୍ୟରେ ଥିବା ପ୍ରଭେଦକୁ ଦର୍ଶାଇବା ଆବଶ୍ୟକ ଅଟେ । ଏହି ଦୁଇଟି ଶବ୍ଦକୁ ବିନିମୟ ଭାବେ (interchangeably) ବ୍ୟବହାର

କରାଯାଇଥାଏ । ତେବେ ଏହି ଦୁଇଟି ଶବ୍ଦ ଅତିମାତ୍ରାରେ ସମ୍ବନ୍ଧିତ ଏବଂ ଶବ୍ଦଦୁଇଟି ମଧ୍ୟରେ ମଧ୍ୟ ଭିନ୍ନତା ରହିଛି । 'ବୃଦ୍ଧି' ନିର୍ଦ୍ଦିଷ୍ଟ ଭାବେ ମାପ କରାଯାଇପାରୁଥିବା ପରିବର୍ତ୍ତନଗୁଡ଼ିକୁ ବୁଝାଇଥାଏ; ଯେଉଁଗୁଡ଼ିକ କି ପରିମାଣାତ୍ମକ କିମ୍ବା ମାତ୍ରିକ ପରିବର୍ତ୍ତନ ଅଟେ, ଯେପରିକି 'ଡେଙ୍ଗା ହେବା', ଗୋଟିଏ ଝିଅର ବାଳ ଅଧିକ ଲମ୍ବା ହେବା ଏବଂ ଜଣେ ବୃଦ୍ଧ ବ୍ୟକ୍ତିଙ୍କର ଦାଢ଼ି ବଢ଼ିବା ଇତ୍ୟାଦି ।

ଅନ୍ୟପକ୍ଷରେ 'ବିକାଶ' ବ୍ୟକ୍ତିର ଗୁଣାତ୍ମକ ପରିବର୍ତ୍ତନ ଯାହା ପ୍ରକଟିତ (unfolding) କିମ୍ବା ସାମର୍ଥ୍ୟରେ ବୃଦ୍ଧିକୁ ବୁଝାଇଥାଏ । ଏହା ବୃଦ୍ଧି ପରି ଏତେ ସ୍ପଷ୍ଟ ନୁହେଁ । ବିକାଶର ଉଦାହରଣ କେତେକ ନିର୍ଦ୍ଦିଷ୍ଟ ମନ୍ତବ୍ୟକୁ ଅନ୍ତର୍ଭୁକ୍ତ କରେ ଯେପରିକି "ସେ ଜଣେ ଉତ୍ତମ ମହିଳା ହୋଇଛନ୍ତି,'' "ତାଙ୍କର ସଂଗୀତରେ ଯଥେଷ୍ଟ ପାରଦର୍ଶିତା ରହିଛି", "ମୋ ବାପା ସମାଜ ସେବାରେ ଅଧିକ ସଂଶ୍ଳିଷ୍ଟ ରହୁଛନ୍ତି, କାରଣ ସେ ଅବସର ନେଇଛନ୍ତି" ଇତ୍ୟାଦି । ଏସବୁ ବ୍ୟକ୍ତିର କେତେକ ନିର୍ଦ୍ଦିଷ୍ଟ ବ୍ୟକ୍ତିତ୍ୱ, ଆଗ୍ରହ ଓ ସାମର୍ଥ୍ୟରେ ପରିବର୍ତ୍ତନର ଦୃଷ୍ଟାନ୍ତ ଦେଇଥାଏ । ତେଣୁ ବିକାଶ ଏକ ବ୍ୟାପକ ଶବ୍ଦ ଅଟେ ଏବଂ ବୃଦ୍ଧିକୁ ଏହାର ଏକ ଦିଗ ଭାବେ ଅନ୍ତର୍ଭୁକ୍ତ କରିଥାଏ ।

୧୧.୨ ବିକାଶ କିପରି ଘଟିଥାଏ ? (How Development occurs ?)

ବିକାଶ ଦୁଇଟି ମୁଖ୍ୟ ପ୍ରକ୍ରିୟାରେ ସଂଗଠିତ ହୋଇଥାଏ ।

(୧) ପରିପକ୍ୱତା (Maturation) ଏବଂ

(୨) ଶିକ୍ଷଣ (Learning)

(୧) ପରିପକ୍ୱତା ହେଉଛି ଜଣେ ବ୍ୟକ୍ତି ମଧ୍ୟରେ ପ୍ରକଟିତ କିମ୍ବା ଧାରାବାହିକ ଭାବେ ପ୍ରକାଶିତ ହେଉଥିବା ଗୁଣାବଳୀ କିମ୍ବା ସାମର୍ଥ୍ୟ, ଯାହା ସେ ଉତ୍ତରାଧିକାରୀ ସୂତ୍ରରେ ଅନୁବଂଶ ଦ୍ୱାରା ପ୍ରାପ୍ତ ହୋଇଥାଏ । ଏହା ଜଣେ ବ୍ୟକ୍ତିର ବଂଶଗତ ଭାବେ ଅଧିକୃତ ଗୁଣାବଳୀର ପ୍ରକୃତ ପରିଣାମ ଅଟେ ।

(୨) ପରିବେଶ ସହ ପାରସ୍ପରିକ ଅନୁକ୍ରିୟା ହେବା ଯୋଗୁଁ ଶିଶୁର ଶିକ୍ଷଣ ପ୍ରକ୍ରିୟା ସଂଗଠିତ ହୋଇଥାଏ, ଯାହା ତାର ଆଚରଣରେ ପରିବର୍ତ୍ତନ ଆଣିଥାଏ । ଉଦାହରଣ ସ୍ୱରୂପ, ଯେତେବେଳେ ଶିଶୁର ଦାନ୍ତ ଉଠିବା ଆରମ୍ଭ କରେ ସେ ଚାଲିବା ଆରମ୍ଭ କରେ, ତାହା ପରିପକ୍ୱତା ଯୋଗୁଁ ସମ୍ଭବ ହୋଇଥାଏ । ମାତ୍ର ଯେତେବେଳେ ଶିଶୁଟି ଏକ ନିର୍ଦ୍ଦିଷ୍ଟ ନୃତ୍ୟ ଦକ୍ଷତା ହାସଲ କରେ କିମ୍ବା ଏକ ନିର୍ଦ୍ଦିଷ୍ଟ ସଂଗୀତ ଗାନ କରେ, ତାହା ଶିକ୍ଷଣକାର୍ଯ୍ୟ ଅଟେ ।

ଉଭୟ ପରିପକ୍ୱତା ଏବଂ ଶିକ୍ଷଣ ଏକ ସଙ୍ଗରେ ଘଟିଥାଏ । ପ୍ରତ୍ୟେକ ପରସ୍ପରକୁ ପ୍ରଭାବିତ କରିଥାନ୍ତି । ବାସ୍ତବରେ ଅଧିକାଂଶ କ୍ଷେତ୍ରରେ ପରିବେଶ ସମ୍ବନ୍ଧୀୟ ଶିକ୍ଷଣ ପରିପକ୍ୱତାର

ଅଗ୍ରଗତିକୁ ପ୍ରୋତ୍ସାହିତ କରିଥାଏ । ଉଦାହରଣ ସ୍ୱରୂପ, ଜଣେ ବ୍ୟକ୍ତି ମଧ୍ୟରେ ବୌଦ୍ଧିକ ଦକ୍ଷତାର ବିକାଶ ତାର ପରିବେଶ ତଥା ପରିପକ୍ୱତାରୁ ମିଳୁଥିବା ଅନୁଭୂତି ଏବଂ ସୁଯୋଗ ଉପରେ ନିର୍ଭର କରେ ।

ଏଥିରୁ ସିଦ୍ଧାନ୍ତ ନେଇହେବ ଯେ ପରିପକ୍ୱତା ଶିକ୍ଷଣ ପାଇଁ କଞ୍ଚାମାଲ (rare material) ଯୋଗାଇଥାଏ । ଯଦି ଆନୁବଂଶିକ ଗୁଣରେ ବିକାଶ ପାଇଁ ସୀମିତ ସାମର୍ଥ୍ୟ ରହିଛି, ତେବେ ବ୍ୟକ୍ତିର କୌଣସି ପ୍ରକାର ଚେଷ୍ଟା ଆଶାନୁରୂପକ ଫଳାଫଳ ଆଣିପାରିବ ନାହିଁ । ଯଦି ଜଣେ ବ୍ୟକ୍ତି ମଧ୍ୟରେ ସର୍ବଶ୍ରେଷ୍ଠ ଶାରୀରିକ ଯୋଗ୍ୟତା ପାଇଁ ଆନୁବଂଶିକ ଗୁଣ ନଥାଏ, ତେବେ କେବଳ ପ୍ରଚେଷ୍ଟା ଦ୍ୱାରା ସମସ୍ତ ବ୍ୟକ୍ତି ଅନ୍ତଃରାଷ୍ଟ୍ରୀୟ ଖେଳାଳି ହୋଇପାରିବେ ନାହିଁ ।

ପ୍ରମୁଖ ବୈଶିଷ୍ଟ୍ୟଗୁଡିକର ସାରାଂଶ ଏହି ପ୍ରକାର ଅଟେ ।

- ପରିପକ୍ୱତା ଓ ଶିକ୍ଷଣ ଦୁଇଟି ପ୍ରକ୍ରିୟା ଅଟେ, ଯାହା ମାଧ୍ୟମରେ ବିକାଶ ସଂଗଠିତ ହୋଇଥାଏ ।
- ପରିପକ୍ୱତା ବ୍ୟକ୍ତି ଧାରଣ କରିଥିବା ଆନୁବଂଶିକ କଞ୍ଚାମାଲ ଦ୍ୱାରା ସଂଗଠିତ ହୋଇଥାଏ ।
- ବିଭିନ୍ନ ପ୍ରକାରର କାର୍ଯ୍ୟ କରିବା ସମୟରେ ଶିକ୍ଷଣ କିମ୍ବା ପରିବେଶ ସହ ଅନୁକ୍ରିୟାର (interaction) ପରିଣାମ ସ୍ୱରୂପ ଆଚରଣରେ ପରିବର୍ତ୍ତନ ଘଟିଥାଏ ।
- ପରିପକ୍ୱତା ଓ ଶିକ୍ଷଣ ଅନୁପୂରକ ପ୍ରକ୍ରିୟା ଅଟନ୍ତି ।

୧୧.୩ ବୃଦ୍ଧି ବକ୍ର (Growth Curve)

ପୂର୍ବ ଅଧ୍ୟାୟରୁ ଆପଣ ଜାଣିଛନ୍ତି ଯେ ବୃଦ୍ଧି ପରିମାପ୍ୟ ଏବଂ ଏହାକୁ ଆମେ ପରିମାଣାତ୍ମକ ଭାବେ ଉପସ୍ଥାପନା କରିପାରିବା । ଆସନ୍ତୁ ଦେଖିବା, ମନୁଷ୍ୟର ସମଗ୍ର ଜୀବନକାଳ ମଧ୍ୟରେ ବୃଦ୍ଧି କିପରି ଘଟିଥାଏ । ଆସନ୍ତୁ, ଏହି ପ୍ରଶ୍ନଗୁଡିକର ଉତ୍ତର ଦେବାକୁ ଚେଷ୍ଟା କରିବା ।

- ଦ୍ରୁତ ବୃଦ୍ଧିର କୌଣସି ପର୍ଯ୍ୟାୟ ଅଛି କି ?
- ସର୍ବାଧିକ ବୃଦ୍ଧି କେଉଁ ପର୍ଯ୍ୟାୟରେ ହୋଇଥାଏ ?
- ବୃଦ୍ଧିର ଢାଞ୍ଚା (pattern) ପ୍ରତ୍ୟେକ ପର୍ଯ୍ୟାୟରେ ପରିବର୍ତ୍ତନ ହୋଇଥାଏ କି ?

ଏହି ସମସ୍ତ ପ୍ରଶ୍ନର ଉତ୍ତର ଦେବା ପାଇଁ ବୃଦ୍ଧି ବକ୍ର ସାହାଯ୍ୟ କରିଥାଏ । ଏହା ମୁଖ୍ୟତଃ ବୟସ ସହ ବୃଦ୍ଧିର ଶତକଡ଼ା ମଧ୍ୟରେ ଥିବା ସମ୍ପର୍କକୁ ଦର୍ଶାଇଥାଏ ।

ନିମ୍ନରେ ରେଖାଚିତ୍ର (ଚିତ୍ର ୧୧.୧) ଏହି ଧାରଣାକୁ ଅଧିକ ବୋଧଗମ୍ୟ କରିବ ।



ରେଖା ଚିତ୍ର ୧୧.୧ : ବୃଦ୍ଧି ଚକ୍ର

ଏହି ଚତ୍ରରେ 'X' ଅକ୍ଷରେ 'ବୟସ' ଦର୍ଶାଯାଇଛି ଏବଂ 'Y' ଅକ୍ଷରେ ବୃଦ୍ଧିର ଶତକଡ଼ା ହାରକୁ ପ୍ରଦର୍ଶିତ କରାଯାଇଛି । ବକ୍ରର କ୍ରମ ନିମ୍ନତା/ଢାଲୁ ବୃଦ୍ଧିର ପ୍ରକୃତି ଏବଂ ସ୍ତର ବିଷୟରେ ସୂଚନା ଦେଉଛି ।

ଏହି ଚିତ୍ରରୁ ସ୍ପଷ୍ଟ ହେଉଛି ଯେ ପ୍ରଥମ ତିନିବର୍ଷରେ ବୃଦ୍ଧିର ଗତି ଅତ୍ୟନ୍ତ ତୀବ୍ର ହୋଇଥାଏ ଏବଂ ପ୍ରଥମବର୍ଷରେ ଏହା ସର୍ବାଧିକ ତୀବ୍ର ଅଟେ । ତାପରେ ୫ ବର୍ଷରୁ ୧୨ ବର୍ଷ ମଧ୍ୟରେ ଆନୁମାନିକ ଭାବରେ ଗତି ମନ୍ଥର ହୋଇଥାଏ । ଏହାକୁ ବୃଦ୍ଧିର ଅନଭିବୃଦ୍ଧି ସ୍ତର (plateau stage) କୁହାଯାଏ, ଯେଉଁଥିରେ ଶିଶୁ ସମ୍ଭବତଃ ଅନ୍ତର୍ଗହଣ (assimilation) କରିଥାଏ ଏବଂ ପୂର୍ବ ବର୍ଷମାନଙ୍କର ବୃଦ୍ଧିର ଅନୁଭବଗୁଡିକୁ ଅବବୋଧ କରିଥାଏ ।

ଏହି ପର୍ଯ୍ୟାୟରେ୧୨ରୁ ୧୮ ବର୍ଷ ବୟସକୁ ବୃଦ୍ଧିର ସ୍ଫୁରଣ ସ୍ତର (spurt stage) କୁହାଯାଏ, ଯେଉଁ ସମୟରେ ବୃଦ୍ଧି ଦ୍ରୁତ ଗତିରେ ହୋଇଥାଏ । ଏହା କିଶୋରାବସ୍ଥା ଅଟେ ଏବଂ ଏହି ଅବସ୍ଥାରେ ବୃଦ୍ଧି ଧାରାବାହିକ ଭାବେ ଚାଲୁ ରହିଥାଏ, ମାତ୍ର ଏହାର ବେଗ ମନ୍ଥର ହୋଇଥାଏ । ବୃଦ୍ଧି ବକ୍ର ମଧ୍ୟ ଏଥିପାଇଁ ଗୁରୁତ୍ୱପୂର୍ଣ୍ଣ ଯେ କୌଣସି ବିରତି ନଥାଇ କିମ୍ବା ଅନିରନ୍ତରତା ନଥାଇ ଏବଂ ଆକସ୍ମିକ ପରିବର୍ତ୍ତନ ବିନା ବୃଦ୍ଧିକୁ ନିରବଚ୍ଛିନ୍ନ ପ୍ରକ୍ରିୟା ଭାବେ ସୂଚିତ କରିଥାଏ ଏବଂ ଏଥିରେ କୌଣସି ତତକ୍ଷଣାତ୍ ପରିବର୍ତ୍ତନ ନଥାଏ । ଦ୍ୱିତୀୟତଃ, ଏହା ଦର୍ଶାଏ ଯେ ମନୁଷ୍ୟର ସମ୍ପୂର୍ଣ୍ଣ ଜୀବନକାଳ ମଧ୍ୟରେ ବୃଦ୍ଧି ଏକ କ୍ରମିକ ପ୍ରକ୍ରିୟା ଅଟେ ।

ଏହିପରି ଆପଣ ବୃଦ୍ଧିବକ୍ରରୁ ବିକାଶ ପର୍ଯ୍ୟାୟର ନିମ୍ନ ବର୍ଣ୍ଣନା ଚିହ୍ନଟ କରିପାରିବେ ।

ପର୍ଯ୍ୟାୟ (Stage)	ବୟସ (Age)	ବୃଦ୍ଧିର ହାର (Rate of growth)
ଶୈଶବାବସ୍ଥା (infancy)	ଜନ୍ମରୁ ୧ବର୍ଷ	ଅତ୍ୟନ୍ତ କ୍ଷୀପ୍ର ଅଟେ
ଆଦ୍ୟ ବାଲ୍ୟାବସ୍ଥା (Early childhood)	୧ରୁ ୩ ବର୍ଷ	କ୍ଷୀପ୍ର (Rapid)
ମଧବାଲ୍ୟାବସ୍ଥା (Middle childhood)	୩ରୁ ୫ ବର୍ଷ	କିଛି ମାତ୍ରାରେ କ୍ଷୀପ୍ର
ଉତ୍ତର ବାଲ୍ୟାବସ୍ଥା (Late Childhood)	୫ରୁ ୧୨ ବର୍ଷ	ସ୍ଥିତାବସ୍ଥା
କିଶୋର ଅବସ୍ଥା (Adloscence)	୧୨ରୁ ୧୮ ବର୍ଷ	ଅତ୍ୟନ୍ତ କ୍ଷୀପ୍ର
ପ୍ରୌଢାବସ୍ଥା (Adulthood)	୧୮ ବର୍ଷ ଏବଂ ଊର୍ଦ୍ଧ୍ୱ	ବୃଦ୍ଧି ସ୍ଫୁରଣ ପର୍ଯ୍ୟାୟ ବୃଦ୍ଧିରେ କ୍ରମିକ ବୃଦ୍ଧି

ଶୈଶବାବସ୍ଥା, ଆଦ୍ୟ ବାଲ୍ୟବସ୍ଥା ଓ କିଶୋରାବସ୍ଥା ଅତ୍ୟଧିକ ବୃଦ୍ଧିର ତିନୋଟି ସ୍ତର ଅଟେ । ଏହି ସ୍ତରରେ ଲାଭ କରାଯାଉଥିବା ସାମର୍ଥ୍ୟଗୁଡିକର ପ୍ରକୃତିରୁ ଏହା ସୁସ୍ପଷ୍ଟ ହୋଇଥାଏ । ଶୈଶବାବସ୍ଥା ଓ ଅନ୍ୟ ବାଲ୍ୟାସ୍ଥାରେ ଯଥେଷ୍ଟ ଭାବରେ ମନସ୍ତାତ୍ତ୍ୱିକ-ପେଶୀ ସଂଚାଳନ ଜନିତ ବିକାଶ, ଭାଷା ଜ୍ଞାନ ଆହରଣ ଏବଂ ବୌଦ୍ଧିକ ଦକ୍ଷତାରେ ବୃଦ୍ଧି ହୋଇଥାଏ ।

କିଶୋରାବସ୍ଥାରେ ଦ୍ରୁତ ଶାରୀରିକ ପରିବର୍ତ୍ତନ ଘଟିଥାଏ ଓ ଯୌନ ପ୍ରବୃତ୍ତିଗୁଡିକ କାମ କରିବା ଆରମ୍ଭ କରିଥାନ୍ତି । ବୌଦ୍ଧିକ ଏବଂ ସାମାଜିକ ଦକ୍ଷତା ବୃଦ୍ଧି ପାଇଥାଏ, ତତ୍ ସହିତ ସମସ୍ତ ମାନବୀୟ ସାମର୍ଥ୍ୟର ଅଭିବୃଦ୍ଧି ଘଟିଥାଏ ।

ସାରାଂଶରେ ଏତିକି କୁହାଯାଇପାରେ ଯେ ବୃଦ୍ଧିବକ୍ର ବିକାଶର ବିଭିନ୍ନ ପର୍ଯ୍ୟାୟରେ ଘଟିବାକୁ ଥିବା ପରିବର୍ତ୍ତନଗୁଡିକ ବିଷୟରେ ଆମକୁ ବୁଝିବାକୁ ଏବଂ ପୂର୍ବାନୁମାନ କରିବାକୁ ସାହାଯ୍ୟ କରେ । ଏହିପରି ଆମେ ସେହିସବୁ ପରିବର୍ତ୍ତନ ସହ ନିଜକୁ ଭଲ ଭାବରେ ସମନ୍ୱୟ ଏବଂ ଉପଯୋଗୀ କରିପାରିବା ।

ପାଠଗତ ପ୍ରଶ୍ନାବଳୀ ୧୧.୧

୧. ନିମ୍ନରେ ପ୍ରଦତ୍ତ ଉକ୍ତିକୁ 'ଠିକ୍' କିମ୍ବା 'ଭୁଲ' ଲେଖ ।

(କ) ପରିପକ୍ୱତା ଏବଂ ଶିକ୍ଷଣ ଦୁଇଟି ଭିନ୍ନ ପ୍ରକ୍ରିୟା ଅଟେ ଏବଂ ସେମାନଙ୍କର ପରସ୍ପର ସହ କୌଣସି ସମ୍ପର୍କ ନାହିଁ ।

(ଖ) ଜିନ୍ (gene) ବିକାଶକୁ ପ୍ରାପ୍ତ ହେବାର ଉଚ୍ଚତର ସୀମା ନିର୍ଣ୍ଣୟ କରିଥାଏ ।

(ଗ) ବିକାଶ ଫଳରେ ଯେଉଁସବୁ ପରିବର୍ତ୍ତନ ଘଟିଥାଏ, ସେଗୁଡ଼ିକ ଗୋଟିଏ ପ୍ରକାରର ଅଟନ୍ତି ।

(ଘ) ବୃଦ୍ଧିବକ୍ର ଅନୁଯାୟୀ, ବିକାଶ ଏକ ଧାରାବାହିକ ପ୍ରକ୍ରିୟା ଅଟେ ।

(ଙ) ସର୍ବାଧିକ ବୃଦ୍ଧିର ପର୍ଯ୍ୟାୟ ଦୁଇଟି ହେଉଛି ଆଦ୍ୟ ବାଲ୍ୟାବସ୍ଥା ଏବଂ କିଶୋରାବସ୍ଥା ।

(ଚ) ପ୍ରୌଢ଼ାବସ୍ଥାରେ ବୃଦ୍ଧି ବନ୍ଦ ହୋଇଯାଏ ।

୨. ଶିକ୍ଷଣ ବକ୍ର କାହିଁକି ଗୁରୁତ୍ୱପୂର୍ଣ୍ଣ ? ଦୁଇଟି କାରଣ ଲେଖ ।

୧୧.୪ ବିକାଶର ନିୟମ (principles of Development)

ଯଦିଓ ପ୍ରତ୍ୟେକ ବ୍ୟକ୍ତି ନିଜ ପରିବେଶରେ ସ୍ୱତନ୍ତ୍ର ରୂପରେ ବୃଦ୍ଧି ଏବଂ ବିକାଶ ଲାଭ କରିଥାନ୍ତି, ତଥାପି ବିକାଶ ପ୍ରକ୍ରିୟାର କେତେକ ମୌଳିକ ନିୟମ ପ୍ରତ୍ୟେକ ବ୍ୟକ୍ତି ଠାରେ ଦେଖାଯାଇଥାଏ । ଏଗୁଡ଼ିକୁ ବିକାଶର ସାଧାରଣ ନିୟମ ରୂପେ ଗଣାଯାଇଥାଏ । ବର୍ତ୍ତମାନ ଏଗୁଡ଼ିକୁ ଆଲୋଚନା କରିବା ।

(୧) ବିକାଶ ଏକ ନିର୍ଦ୍ଦିଷ୍ଟ ଢାଞ୍ଚା ଅନୁସାରେ ହୋଇଥାଏ (Development follows a pattern)

ମନୁଷ୍ୟ ଭିତରେ ବିକାଶ ପ୍ରକ୍ରିୟା ଏକ ସଂଗଠିତ, କ୍ରମିକ ଏବଂ ପ୍ରଚଳିତ ଢାଞ୍ଚା ଅନୁସାରେ ଘଟିଥାଏ । ପ୍ରତ୍ୟେକ ସମଜାତୀୟ ଜୀବଙ୍କର ଏକ ନିର୍ଦ୍ଦିଷ୍ଟ ଢାଞ୍ଚା ରହିଛି, ଯାହାକୁ ପ୍ରତ୍ୟେକ ସଦସ୍ୟ ଅନୁଗମନ କରନ୍ତି । ବିକାଶର ଅନୁକ୍ରମ ମଧ୍ୟ ସମାନ ହୋଇଥାଏ । ଉଦାହରଣ ସ୍ୱରୂପ, ପ୍ରତ୍ୟେକ ଶିଶୁ କଡ ଲେଉଟାଇଥାନ୍ତି, ଗୁରୁଣ୍ଡନ୍ତି, ଠିଆ ହୁଅନ୍ତି ଏବଂ ତା'ପରେ ଚାଲନ୍ତି । ସେମାନେ ଗୋଟିଏ ଅବସ୍ଥାକୁ ଛାଡ଼ି ଦେଇପାରନ୍ତି, କିନ୍ତୁ କ୍ରମ କିମ୍ବା ଢାଞ୍ଚା ସମାନ ରହେ ।

ବ୍ୟାକରଣ ଶିକ୍ଷା କରିବା ସମୟରେ, ସବୁବେଳେ କ୍ରିୟାପଦ ପୂର୍ବରୁ ବିଶେଷ୍ୟପଦ ଶିକ୍ଷା କରାଯାଇଥାଏ । କେତେକ ପିଲା ଦୁଇଟିଯାକ ଶବ୍ଦ ଏକ ସମୟରେ ଶିକ୍ଷା କରନ୍ତି, କିନ୍ତୁ ବିଶେଷ୍ୟପଦ ନଜାଣି କ୍ରିୟାପଦ ଶିକ୍ଷା କରାଯାଇପାରିବ ନାହିଁ । ପୁନଶ୍ଚ, ବିକାଶ ପ୍ରତ୍ୟେକ ସ୍ତରରେ ଏହାର ପୂର୍ବବର୍ତ୍ତୀ ଏବଂ ପରବର୍ତ୍ତୀ ବିକାଶ ଧାରାର ଫଳ ଅଟେ । ଉଦାହରଣ ସ୍ୱରୂପ, ଗୋଟିଏ ଶିଶୁ ପ୍ରଥମେ ଛିଡ଼ା ହେବାକୁ ଶିକ୍ଷା କରିଥାଏ, ପରେ ଚାଲେ ଏବଂ ସ୍ଥାୟୀ ଦାନ୍ତ ଉଠିବା ପୂର୍ବରୁ ତାର ପ୍ରଥମେ ଦୁଗ୍ଧଦାନ୍ତ ଉଠିଥାଏ ।

ଶାରୀରିକ, ଆଚରଣଗତ କିମ୍ବା ଭାଷା ସମ୍ପର୍କିତ କ୍ଷେତ୍ର ହେଉ, ଏକ ସୁବ୍ୟବସ୍ଥିତ ଶୈଳୀରେ

ଘଟିଥାଏ । ଉଦାହରଣସ୍ୱରୂପ, ପ୍ରାରମ୍ଭିକ ପର୍ଯ୍ୟାୟରେ ବିକାଶ ଊର୍ଦ୍ଧ୍ୱରୁ ନିମ୍ନକ୍ରମରେ (ଆମସ୍ତକ ପାଦ, cephalocaud Pally) ଅଗ୍ରସର ହୋଇଥାଏ ଯଥା : ବିକାଶ ମସ୍ତିଷ୍କରୁ ଆରମ୍ଭ ହୋଇ ପୁଚ୍ଛ/ଗୋଡ ଆଡକୁ ଅଗ୍ରସର ହୋଇଥାଏ । ଦ୍ୱିତୀୟ ନିୟମ ଅନୁଯାୟୀ ଶରୀରର ବୃଦ୍ଧି ସବୁବେଳେ ଶରୀରର କେନ୍ଦ୍ରଭାଗରୁ ଆରମ୍ଭ ହୋଇ ପରିଧି ଆଡକୁ କିମ୍ବା ବାହାର ଆଡକୁ (stal region) ଅଗ୍ରସର ହୋଇଥାଏ । ସାଧାରଣ ଢାଞ୍ଚାଗୁଡିକ କ୍ଷୀପ୍ରତା କିମ୍ବା ବିକାଶ ଦ୍ୱାରା ବଦଳିନଥାଏ । ସମସ୍ତ ଶିଶୁ ପ୍ରାୟତଃ ଏକ ସମୟରେ ଏକ ସମାନ ମୌଳିକ ପର୍ଯ୍ୟାୟ ମଧ୍ୟ ଦେଇ ଗତି କରିଥାନ୍ତି ।

(୨) ବିକାଶ ସାଧାରଣରୁ ବିଶେଷକୁ ଗତିକରେ (ସାମଗ୍ରୀରୁ ବିଶ୍ଳେଷଣାତ୍ମକ) (Developmet proceeds from general to specific (global to amalytical)

ବିକାଶର ସମସ୍ତ ସ୍ତରରେ ଶିଶୁର ପ୍ରତିକ୍ରିୟା, ପେଶୀଜ ହେଉ ବା ମାନସିକ, ତାହା ସ୍ୱତନ୍ତ୍ର କିମ୍ବା ପାର୍ଥକ୍ୟ ସୂଚକ ହେବା ପୂର୍ବରୁ ପ୍ରଥମେ ସାଧାରଣ ହୋଇଥାଏ । ଉଦାହରଣ ସ୍ୱରପୂ, ନବଜାତ ଶିଶୁଟି ପ୍ରଥମେ ତାର ସମ୍ପୂର୍ଣ୍ଣ ଶରୀରକୁ ଗତିଶୀଳ କରିଥାଏ । ଏହାପରେ ନିର୍ଦ୍ଦିଷ୍ଟ ଅଂଶକୁ ଗତିଶୀଳ କରିବା ଶିକ୍ଷା କରେ । ଏହିପରି ଯଦି ଏକ ନବଜାତ ଶିଶୁ ନିକଟରେ ଖେଳନାଟିଏ ରଖାଯାଏ, ଖେଳନା ନିକଟକୁ ଯିବା ପାଇଁ ସମଗ୍ର ଶରୀରକୁ ଗତିଶୀଳ କରିଥାଏ ଏବଂ ଏହାକୁ ଗୋଟିଏ ବଡପିଲା ଏକ ନିର୍ଦ୍ଦିଷ୍ଟ ଅଂଶର ଚାଳନା ଦ୍ୱାରା ଉଦ୍ଦେଶ୍ୟ ସାଧନ ହେବ ଜାଣି ତାର ହାତ ବଢାଇଥାଏ ।

କଥନ ପ୍ରକ୍ରିୟାରେ ଶିଶୁ ଶବ୍ଦ କହିବା ପୂର୍ବରୁ ପ୍ରଥମେ କେତେକ ଧ୍ୱନି ଉଚ୍ଚାରଣ କରିଥାଏ । ସେହିପରି ନିର୍ଦ୍ଦିଷ୍ଟ ବସ୍ତୁର ନାମ ଜାଣିବା ଏବଂ ଶବ୍ଦ ଅର୍ଜନ/ଶିକ୍ଷଣ କରିବା ପୂର୍ବରୁ ସବୁ ପ୍ରକାରର ଖେଳ ଜିନିଷକୁ 'ଖେଳନା' କହିଥାଏ । ଆମର ଦୈନନ୍ଦିନ ଜୀବନରେ ପିଲାମାନଙ୍କୁ ଅନୁଧ୍ୟାନ କଲେ ଆମେ ଦେଖିବା ଯେ ସେମାନେ ପ୍ରଥମେ ସରଳ କାର୍ଯ୍ୟଗୁଡିକ କରନ୍ତି ଏବଂ ପରେ ଜଟିଳ କାର୍ଯ୍ୟ କରିଥାନ୍ତି ।

(୩) ବିକାଶ ସମନ୍ୱୟ ଆଡକୁ ଗତି କରେ (Development leads to integration)

ଶିଶୁଟି ଥରେ ସ୍ୱତନ୍ତ୍ର କିମ୍ବା ବିଭେଦିତ ପ୍ରତିକ୍ରିୟା ଶିଖିଗଲେ ତା'ପରେ ଯେତେବେଳେ ବିକାଶ ଚାଲୁ ରୁହେ, ସେତେବେଳେ ସେ ଏହି ସ୍ୱତନ୍ତ୍ର ପ୍ରକ୍ରିୟାଗୁଡିକୁ ସଂଶ୍ଳେଷଣ କିମ୍ବା ସମନ୍ୱିତ କରି ସେସବୁକୁ ସମ୍ପୂର୍ଣ୍ଣ କରିଥାଏ । ଉଦାହରଣ ସ୍ୱରୂପ, ଗୋଟିଏ ଛୋଟ ଶିଶୁ ପ୍ରଥମେ ଗୋଟିଏ ଏକକ ଶବ୍ଦ ଉଚ୍ଚାରଣ କରିବାକୁ ଶିଖିଥାଏ । ଆରମ୍ଭରେ ସେ ଶବ୍ଦଗୁଡିକୁ ପୃଥକ କରିଥାଏ, ପରେ ଏହି ବାକ୍ୟଗୁଡିକୁ ଯୁକ୍ତ କରି ଭାଷାର ରୂପ ଦିଏ । ସେହିପରି, ଗୋଟିଏ ଛୋଟ ପିଲାର କାର୍

ସମ୍ବନ୍ଧରେ ଏକ ସ୍ୱତନ୍ତ୍ର ଧାରଣା ଥାଏ, ପରେ ବଡ ହେବା ପରେ ଯେତେବେଳେ ସେ ଏହା ସହ ନୂତନ ଦୃଷ୍ଟିକୋଣକୁ ସଂଶ୍ଳେଷଣ କରିବାକୁ ସମର୍ଥ ହୁଏ, ତାର ଧାରଣାର ପରିସର ବୃଦ୍ଧି ପାଇଥାଏ ।

(୪) ବିକାଶ ଏକ ନିରନ୍ତର ପ୍ରକ୍ରିୟା (Development is continuous)

ଯେ କୌଣସି ବିକାଶ, ଶାରୀରିକ, ମାନସିକ କିମ୍ବା ବାକ୍ ସମ୍ବନ୍ଧୀୟ ହେଉ, ତାହା ହଠାତ୍ ହୋଇନଥାଏ । ଏହା ଧୀର ଏବଂ ନିରନ୍ତର ଭାବରେ ଚାଲିଥାଏ । ଶିଶୁଟି ଗର୍ଭରେ ଧାରଣ ହେବା ସମୟରୁ ବିକାଶ ପ୍ରକ୍ରିୟା ଆରମ୍ଭ ହୋଇଥାଏ ଏବଂ ପରିପକ୍ୱ ହେବା ପର୍ଯ୍ୟନ୍ତ ଚାଲୁ ରୁହେ । ବୃଦ୍ଧି ସେ ପର୍ଯ୍ୟନ୍ତ ଅବିରତ ଧାରାରେ ହେଉଥାଏ, ଯେଉଁ ପର୍ଯ୍ୟନ୍ତ ଏଥିରେ ଧକ୍କା ଏବଂ ବନ୍ଦ ହେବା (jerks and stops) ନଥାଏ । ଏହା ବିକାଶର ଏକ ଅବିରତ ପ୍ରକୃତି ଅଟେ, ଯାହା ବୃଦ୍ଧି ବିକାଶର ଗୋଟିଏ ସ୍ତର ତାର ପରିବର୍ତ୍ତୀ ସ୍ତରକୁ ପ୍ରଭାବିତ କରୁଛି ବୋଲି ଦର୍ଶାଇଥାଏ । ଉଦାହରଣ ସ୍ୱରୂପ, ଯଦି ଗୋଟିଏ ଶିଶୁ ଏକ ନିର୍ଦ୍ଦିଷ୍ଟ ବୟସରେ ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟକୁ ସଠିକ୍ ଭାବେ ଶିକ୍ଷା କରିନଥାଏ, ତେବେ ତାହା ପରବର୍ତ୍ତୀ ପର୍ଯ୍ୟାୟରେ ତାର ସେହି ନିର୍ଦ୍ଦିଷ୍ଟ ବିଷୟ ଉପରେ ଦକ୍ଷତାକୁ ପ୍ରଭାବିତ କରିଥାଏ । ଆଦ୍ୟ ଶୈଶବ ଅବସ୍ଥାରେ ଅନୁପଯୁକ୍ତ ବାତାବରଣ ହେତୁ ଦେଖାଦେଉଥିବା ଆବେଗିକ ବିଶୃଙ୍ଖଳା ପରବର୍ତ୍ତୀ ପର୍ଯ୍ୟାୟରେ ଶିଶୁର ବ୍ୟକ୍ତିତ୍ୱକୁ ପ୍ରଭାବିତ କରିଥାଏ । ସେହିପରି ଆଦ୍ୟ ଶୈଶବରେ ଉପଯୁକ୍ତ ଖାଦ୍ୟର ଅଭାବ ଶିଶୁର ଶାରୀରିକ ଏବଂ ମାନସିକ ଦକ୍ଷତାକୁ ନଷ୍ଟ କରିଥାଏ, ଯାହା ତାର ପରବର୍ତ୍ତୀ ବିକାଶ ପ୍ରତି ପ୍ରତିବନ୍ଧକ ସୃଷ୍ଟି କରେ ।

(୫) ବିକାଶ ପ୍ରକ୍ରିୟାର ହାରରେ ବ୍ୟକ୍ତିଗତ ଭିନ୍ନତା ଥାଏ (Individuals differ with respect to the rate of development)

ଯଦିଓ ସମସ୍ତ ପ୍ରକାରର ବିକାଶ ଅନୁକ୍ରମରେ ଗଠିତ ଓ ସୁବ୍ୟବସ୍ଥିତ ହୋଇଥାଏ, ତଥାପି ବିକାଶ କେଉଁ ହାରରେ ହେବ, ସେ କ୍ଷେତ୍ରରେ ବ୍ୟକ୍ତିଗତ ଭିନ୍ନତା ଲକ୍ଷ୍ୟ କରାଯାଏ । ଉଦାହରଣ ସ୍ୱରୂପ- ଗୋଟିଏ ତିନିବର୍ଷର ଶିଶୁ ଇଂରାଜୀ ଅକ୍ଷର ସବୁ ଭଲ ଭାବରେ ଚିହ୍ନି ପାରୁଥିବାସ୍ଥଳେ ଅନ୍ୟ ଗୋଟିଏ ୫ ବର୍ଷର ଶିଶୁ ତାହା କରିବାକୁ ସକ୍ଷମ ନହୋଇପାରେ । ଏଥିରୁ ଜଣାଯାଏ ଯେ ୩ ବର୍ଷର ଶିଶୁ ଅତ୍ୟଧିକ ବୁଦ୍ଧିମାନ କିମ୍ବା ୫ ବର୍ଷର ଶିଶୁଟି ପଛୁଆ ଅଟେ । ଏହା ସରଳ ଭାବରେ କୁହାଯାଇପାରେ ଯେ ପ୍ରତ୍ୟେକ ପିଲାଙ୍କର ଶିକ୍ଷା କରିବାର ହାର କିମ୍ବା ଦକ୍ଷତା ଅଧିକାର କରିବାରେ ଭିନ୍ନତା ଥାଇପାରେ । ଏହାର ସତ୍ୟତା ପ୍ରତିପାଦନ କରିବାକୁ ଯାଇ 'ବିକାଶର ପରିସର' (range of development) ପ୍ରତ୍ୟୟର ପ୍ରବର୍ତ୍ତନ କରାଯାଇଛି । ଉଦାହରଣ ସ୍ୱରୂପ, ଅକ୍ଷର ଶିକ୍ଷା କରିବା ବୟସର ପରିସର ଆଭାସ ଦେଉଛି ଯେ ତିନିବର୍ଷ ବୟସ ଅସାଧାରଣ କିମ୍ବା ୫ ବର୍ଷ ବୟସ ଏଥିପାଇଁ ପଛୁଆ ଅଟେ । ଏହି ବୟସସୀମା ମଧ୍ୟରେ ଥିବା ସମସ୍ତ ପିଲାଙ୍କୁ ସ୍ୱାଭାବିକ ଗଣନା କରାଯାଏ । ବିକାଶର ହାରରେ ପାର୍ଥକ୍ୟ ବିଭିନ୍ନ କ୍ଷେତ୍ରରେ ଦେଖାଯାଏ, ଯେପରିକି ଦାନ୍ତ ଉଠିବା, ଯେଉଁ ବୟସରେ ଶିଶୁ ବସେ, ଠିଆ ହୁଏ, ଚାଲେ, ଯୁବାବସ୍ଥା ପ୍ରାପ୍ତ ହେବା ଆଦି ।

ଉଦାହରଣ ସ୍ୱରପପ, ଅକ୍ଷର ଶିକ୍ଷଣ କରିବାର ସୀମା ସୂଚନା ଦେଉଛି ଯେ ତିନିରୁ ସାଢେ ପାଞ୍ଚବର୍ଷ ମଧ୍ୟରେ ଯେକୌଣସି ସମୟରେ ଶିଶୁ ସେଗୁଡିକ ଶିକ୍ଷଣ କରିବାର ଆଶା ପୋଷଣ କରାଯାଏ ।

(୬) ବିକାଶର ହାର ବିଭିନ୍ନ ଅବୟବ ନିମନ୍ତେ ଭିନ୍ନ ଭିନ୍ନ ହୋଇଥାଏ (Development occurs at different rates for different parts of the body)

ଶରୀରର ବିଭିନ୍ନ ଅବୟବ ହେଉ କିମ୍ବା ମାନସିକ ବୃଦ୍ଧି ହେଉ, ଏମାନଙ୍କର ବିକାଶ ସମାନ ହାରରେ ହୋଇନଥାଏ । ଶାରୀରିକ ଓ ମାନସିକ ବିକାଶର ବିଭିନ୍ନ ଦିଗଗୁଡିକର ବୃଦ୍ଧି ଭିନ୍ନ ହାରରେ ଘଟିଥାଏ ଏବଂ ଭିନ୍ନ ଭିନ୍ନ ସମୟରେ ପରିପକ୍ୱତା ଲାଭ ହୋଇଥାଏ । କେତେକ କ୍ଷେତ୍ରରେ ଶାରୀରିକ ବୃଦ୍ଧି ତୀବ୍ର ହୋଇପାରେ, ଅନ୍ୟ କ୍ଷେତ୍ରରେ ଅପେକ୍ଷାକୃତ ଭାବରେ ଧିମା ହୋଇଥାଏ । ଏହିପରି, ଶରୀରର ବିଭିନ୍ନ ଅବୟବର ଆକାରରେ ସମୟକୁ ସମୟ ପରିବର୍ତ୍ତନ ଘଟୁଥାଏ ଏବଂ ବୃଦ୍ଧିର ଏହି ଅସମାନତାଗୁଡିକ ପାଇଁ ଶିଶୁର ଶରୀର ବୟସ୍କର ଶରୀରରେ ପରିଣତ ହୁଏ ।

ଆପଣ ଜାଣନ୍ତି କି (Do you know that)

- ଶରୀରର ଉଚ୍ଚତା, ଓଜନ ଏବଂ ବିଭିନ୍ନ ଅବୟବଗୁଡିକର ବିକାଶ ବିଭିନ୍ନ ସମୟରେ ପୂର୍ଣ୍ଣ ପରିପକ୍ୱତା ଲାଭ କରିଥାଏ । ଉଦାହରଣ ସ୍ୱରୂପ, ଗବେଷଣାର ଅଧ୍ୟୟନ ନିମ୍ନଗୁଡିକ ଦର୍ଶାଉଛି :
- ମସ୍ତିଷ୍କ ପ୍ରାୟତଃ ୬ରୁ ୮ ବର୍ଷ ବୟସ ମଧ୍ୟରେ ପରିପକ୍ୱ ଆକାର ଲାଭ କରିଥାଏ ।
- ପାଦ, ହାତ ଓ ନାକ ସେମାନଙ୍କର ସର୍ବୋଚ୍ଚ ବିକାଶ ପ୍ରାକ୍ କିଶୋରାବସ୍ଥାରେ ଲାଭ କରିଥାନ୍ତି ।
- ହୃତ୍‌ପିଣ୍ଡ, ଯକୃତ ଓ ପରିପାକ ପ୍ରକ୍ରିୟା ଇତ୍ୟାଦି କିଶୋରାବସ୍ଥାରେ ବୃଦ୍ଧି ପାଇଥାନ୍ତି ।

ପ୍ରାଥମିକ ଅବସ୍ଥାରେ ବିକାଶର ସମସ୍ତ କ୍ଷେତ୍ର ଅନ୍ତଃ ସମ୍ବନ୍ଧିତ । ଯେଉଁ ଶିଶୁର ବୌଦ୍ଧିକ ବିକାଶ ହାରାହାରି ଠାରୁ ଉପରକୁ ଥାଏ, ସେ ସାଧାରଣତଃ ଆକାର, ସାମାଜିକତା ଏବଂ ପ୍ରବୃତ୍ତିରେ ହାରାହାରିସ୍ତର ଉପରକୁ ଥାଏ । ସ୍ୱତନ୍ତ୍ର କୌଶଳ ପ୍ରଦର୍ଶନରେ ମଧ୍ୟ ସେ ଅଧିକ ଉନ୍ନତ ହୋଇଥାଏ । ଏହା ଦର୍ଶାଇଥାଏ ଯେ ଶିଶୁର ମାନସିକ, ଶାରୀରିକ, ସାମାଜିକ ଏବଂ ଆବେଗିକ ବିକାଶ ମଧ୍ୟରେ ଏକ ପାରସ୍ପରିକ ସମ୍ପର୍କ ରହିଛି । ଏକ ଲାଜକୁଳା ଶିଶୁ ବିଦ୍ୟାଳୟର କାର୍ଯ୍ୟକଳାପରେ ଅଂଶଗ୍ରହଣ

କରିପାରେ ନାହିଁ । ଏକ ଶାରୀରିକ ବିକଳାଙ୍ଗ ଶିଶୁ ସାଙ୍ଗସାଥୀ ଗଢିବାରେ କଠିନତା ଅନୁଭବ କରିଥାଏ । ଏହି ଉଦାହରଣଗୁଡ଼ିକ ଦର୍ଶାଉଛି ଯେ ବିକାଶର ଗୋଟିଏ କ୍ଷେତ୍ର ଅନ୍ୟ ଗୋଟିଏ କ୍ଷେତ୍ରକୁ ପ୍ରଭାବିତ କରିଥାଏ ।

କିଶୋରାବସ୍ଥା ପରେ ବିକାଶର ଯେକୌଣସି ଗୋଟିଏ କ୍ଷେତ୍ର ଅନ୍ୟ କ୍ଷେତ୍ର ଅପେକ୍ଷା ଅଧିକ ଭାବରେ ବିକଶିତ ହୋଇଥାଏ ଏବଂ ପରସ୍ପର ନିର୍ଭରଶୀଳ ଭାବରେ ବିକଶିତ ହୁଅନ୍ତି । ଯେପରିକି ଜଣେ ବୈଜ୍ଞାନିକଙ୍କ କ୍ଷେତ୍ରରେ ସଂଜ୍ଞାନାତ୍ମକ ବିକାଶ ତାଙ୍କର ଅନ୍ୟ କ୍ଷେତ୍ରରେ ଥିବା ବିକାଶ ତୁଳନାରେ ଅଧିକ ହୋଇଥାଏ । ଜଣେ ଖେଳାଳିଙ୍କର କ୍ଷେତ୍ରରେ ଶାରୀରିକ ବିକାଶ ଅନ୍ୟ କ୍ଷେତ୍ର ଅପେକ୍ଷା ଅଧିକ ବିକଶିତ ହୋଇଥାଏ ।

(୭) ବିକାଶ ଆତ୍ମ କୈନ୍ଦ୍ରିକତାରୁ ପରକୈନ୍ଦ୍ରିକତା ଆଡକୁ ଅଗ୍ରସର ହୋଇଥାଏ (Deveopment proceeds from ego-centricism to allocentricism)

ଏହାର ଅର୍ଥ ଗୋଟିଏ ଶିଶୁ ପ୍ରାଥମିକ ଭାବରେ ଅଧିକ ଆତ୍ମ କେନ୍ଦ୍ରିକ ହୋଇଥାଏ ଏବଂ ଅନ୍ୟମାନଙ୍କ ବିଷୟରେ ଚିନ୍ତା କରେ ନାହିଁ । ସେ ଜାଣିଥାଏ ଯେ ତା'ର ଆବଶ୍ୟକତା ଏବଂ ଇଚ୍ଛାଗୁଡ଼ିକ କେବଳ ବାସ୍ତବ ଅଟେ । ଏପରିକି ସେ ତାର ବାପା ମା'ଙ୍କର ଚିନ୍ତା କିମ୍ବା ଅନୁଭବଗୁଡ଼ିକୁ ଗ୍ରହଣ କରେ ନାହିଁ । ଉଦାହରଣ ସ୍ୱରୂପ, ଦୁଇବର୍ଷର ଶିଶୁଟିଏ ରାତି ଦୁଇଟାବେଳେ ଚକୋଲେଟ୍ ଖାଇବା ପାଇଁ ଜିଦ୍ କରି କ୍ରୋଧରେ କାନ୍ଦି ଗଡିଯାଇପାରେ । ସେ ବୁଝିବାକୁ ଅସମର୍ଥ ହୁଏ ଯେ ସେହି ସମୟରେ ବଜାର ବନ୍ଦ ରହୁଥିବା ଯୋଗୁଁ ତାର ଦାବି କେବେ ବି ପୂରଣ ହୋଇପାରିବ ନାହିଁ । ତେବେ ସେ ବଡ ହେବା ପରେ ଏହି ଆତ୍ମ କେନ୍ଦ୍ରିକତାରୁ ପରକୈନ୍ଦ୍ରିକତା ଆଡକୁ ଅଗ୍ରସର ହୁଏ କିମ୍ବା 'ପରାଭିମୁଖୀ' (others oriented) ହୁଏ କିମ୍ବା ଅନ୍ୟମାନଙ୍କ କଥା ବିଚାର କରିଥାଏ । ଗୋଟିଏ ଦଶବର୍ଷର ଶିଶୁ ସେହି ଦୁଇବର୍ଷ ବୟସର ଶିଶୁ ପରି ଏକା ଇଚ୍ଛା ଥିବାବେଳେ ସେ ଏହି ଅସମ୍ଭବ ଦାବି କରେ ନାହିଁ, କାରଣ ସେ ତା'ର ପିତାମାତାଙ୍କୁ ଅସୁବିଧାରେ ପକାଇବାକୁ ଇଚ୍ଛା କରେ ନାହିଁ ।

(୮) ବିକାଶ ପରାବଲମ୍ବନରୁ ସ୍ୱାବଲମ୍ବନ ଆଡକୁ ଅଗ୍ରସର ହୋଇଥାଏ (Development proceeds from heteronomy to autonmy)

ପରାବଲମ୍ବନ ଅର୍ଥ ଅନ୍ୟମାନଙ୍କ ଉପରେ ନିର୍ଭରଶୀଳତା, ଅନ୍ୟପକ୍ଷରେ ସ୍ୱାବଲମ୍ବନ ଅର୍ଥ ସ୍ୱନିର୍ଭରଶୀଳତା । ଛୋଟ ପିଲାମାନେ ସେମାନଙ୍କର ଯତ୍ନ ଓ ଉନ୍ନତି ନିମନ୍ତେ ଅନ୍ୟମାନଙ୍କ ଉପରେ ନିର୍ଭର କରିଥାନ୍ତି । କିନ୍ତୁ କିଶୋର କିଶୋରୀମାନେ ନିଜେ ନିଜର ଯତ୍ନ ନେବା ପାଇଁ ସମର୍ଥ ହୋଇଥାନ୍ତି । ଏହା ପରାବଲମ୍ବନରୁ ସ୍ୱାବଲମ୍ବନ ଆଡକୁ ଅଗ୍ରସର ହେବାର ସୂଚନା ଦେଉଛି ।

ଗୋଟିଏ ଛୋଟ ଶିଶୁକୁ ଭୋକ ଲାଗିଲେ ସେ ତାର ମାଆ ତାକୁ ଖାଇବାକୁ ଦେବା ପର୍ଯ୍ୟନ୍ତ ଅପେକ୍ଷା କରିଥାଏ । ଅନ୍ୟପକ୍ଷରେ ଗୋଟିଏ ବଡ ପିଲା ନିଜ ପାଇଁ ଖାଦ୍ୟ ପରିବେଷଣ କରିପାରିଥାଏ ।

(୯) ବିକାଶ ପୂର୍ବାନୁମାନ ଲଭ୍ୟ (Development is predictable)

ବିକାଶର ପୂର୍ବ ନିୟମରେ ଆଲୋଚନା କରଯାଇଥିଲା ଯେ ବିକାଶର ହାର ପ୍ରତ୍ୟେକ ଶିଶୁ ପାଇଁ ଅପରିବର୍ତ୍ତନୀୟ ଅଟେ । ଏହା ଦର୍ଶାଉଛି ଯେ ଗୋଟିଏ ଶିଶୁର ଭବିଷ୍ୟତ ବିକାଶର ସ୍ତରକୁ ପୂର୍ବାନୁମାନ କରିବା ସମ୍ଭବ ଅଟେ ଏବଂ କେତେକ ନିର୍ଦ୍ଦିଷ୍ଟ କ୍ଷେତ୍ର ଯେପରିକି ଉଚ୍ଚତା, ଓଜନ ଓ ବୌଦ୍ଧିକ କ୍ଷମତା କେତେ ପରିମାଣରେ ବିକାଶ ହୋଇଛି ତାହା ଦର୍ଶାଯାଇଥାଏ ।

୧୧.୪.୧ ବିକାଶର ନିୟମ ସମ୍ବନ୍ଧୀୟ ଜ୍ଞାନ କିପରି ଗୁରୁତ୍ୱପୂର୍ଣ୍ଣ ? How is the knowledge of the principles of development important ?

୧. କ'ଣ ପ୍ରତ୍ୟାଶା କରିବାକୁ ହେବ ଏବଂ କେତେବେଳେ ଏହାକୁ ପ୍ରତ୍ୟାଶା କରିବାକୁ ହେବ, ଏହା ଆମକୁ ଜାଣିବାକୁ ସାହାଯ୍ୟ କରେ । ଏହା ଶିଶୁର ବାସ୍ତବ ଚିତ୍ର ଯୋଗାଇଥାଏ ।

୨. ଏହା କେତେବେଳେ ଶିଶୁକୁ ଉତ୍ସାହିତ କରାଯିବ ଏବଂ କେଉଁ ସମୟରେ ତାକୁ ଉତ୍ସାହିତ କରାଯିବ ନାହିଁ, ସେ ବିଷୟରେ ଧାରଣା ଦେଇଥାଏ, ଯଥା : ଶିଶୁକୁ ସୁଯୋଗ ଯୋଗାଇଦେବା କିମ୍ବା ପରିପକ୍ୱତା ପାଇଁ ଅପେକ୍ଷା କରିବା ।

୩. ଏହା ପିତାମାତା, ଶିକ୍ଷକ ଏବଂ ଅନ୍ୟମାନେ ଯେଉଁମାନେ କି ଶିଶୁ ସହ କାର୍ଯ୍ୟ କରିଥାନ୍ତି, ଶାରୀରିକ ପରିବର୍ତ୍ତନ ପାଇଁ ପୂର୍ବରୁ ସେମାନଙ୍କୁ ପ୍ରସ୍ତୁତ କରିବାରେ ସହାୟକ ହୋଇଥାଏ । ଏହା ଶିକ୍ଷକଙ୍କୁ କ'ଣ ଶିକ୍ଷା ଦିଆଯିବ, କେତେବେଳେ ଶିକ୍ଷାଦାନ କରାଯିବ ଏବଂ କିପରି ଶିକ୍ଷା ଦିଆଯିବ ସେ ବିଷୟରେ ଧାରଣା ଦେଇଥାଏ ।

ଏହିପରି ବିକାଶର ନିୟମଗୁଡିକ ବ୍ୟକ୍ତି ଅତିକ୍ରମ କରିଥିବା ବିକାଶର ବିଭିନ୍ନ ସ୍ତରକୁ ବୁଝିବାକୁ ଭିତ୍ତିଭୂମି ଯୋଗାଇଥାଏ । ତେବେ ବିକାଶର ମାତ୍ରା କେତେକ ଅବସ୍ଥା ଦ୍ୱାରା ହୋଇପାରେ, କେତେକ ଉପାଦକ ଯେପରି ପୁଷ୍ଟିକର ଖାଦ୍ୟ, ଲିଙ୍ଗ, ବୃଦ୍ଧି, ଆଘାତ ଓ ରୋଗ, ସମ୍ପ୍ରଦାୟ ଓ ସଂସ୍କୃତି ଆଦି ଏହି ପାର୍ଥକ୍ୟଗୁଡିକୁ ମଧ୍ୟ ଅବଦାନ କରିଥାନ୍ତି ।

ପାଠଗତ ପ୍ରଶ୍ନାବଳୀ ୧୧.୨

ଠିକ୍/ଭୁଲ ଚିହ୍ନ ଦିଅନ୍ତୁ ଏବଂ ଆପଣଙ୍କ ଉତ୍ତର ଯାଞ୍ଚ କରନ୍ତୁ । ଯଦି ୫ଟି ଭୁଲ ଉତ୍ତରଥାଏ, ତେବେ ଏକକକୁ ପୁଣିଥରେ ପାଠ କରନ୍ତୁ ଏବଂ ପୁନଃ ଯାଞ୍ଚ କରନ୍ତୁ ।

୧. ବୃଦ୍ଧି ଅନିୟମିତ କିମ୍ବା ଅବ୍ୟବସ୍ଥିତ ଭାବେ ହୋଇଥାଏ ।

୨. ବୌଦ୍ଧିକ ବିକାଶର ହାରାହାରି ତଳକୁ ଥିବା ଶିଶୁଟିର ଶାରୀରିକ ସ୍ୱାସ୍ଥ୍ୟ, ସାମାଜିକତା ଏବଂ ଶାରୀରିକ ଗଠନ ଉତ୍କର୍ଷ ହୋଇଥାଏ ।

୩. ଗୋଟିଏ ଗୁଣାବଳୀରେ ହାରାହାରି ଉତ୍କର୍ଷ ଥିବା ଶିଶୁଟିଏ ଅନ୍ୟଗୁଡିକରେ ହାରାହାରି ତଳକୁ ଥାଏ, କାରଣ କ୍ଷତିପୂରଣ ହେଉଛି ବିକାଶର ସାଧାରଣ ନିୟମ ।

୪. ଗୋଟିଏ ଶିଶୁର ବିକାଶର ଅନୁକ୍ରମ ସମ୍ପୂର୍ଣ୍ଣ ରୂପେ ସ୍ଥିର ଅଟେ ।

୫. ଲକ୍ଷଣଗୁଡିକ ବୟସଭିତ୍ତିକ ଏବଂ ତଦନୁଯାୟୀ ବିକଶିତ ହୁଏ ।

୬. ସାଧାରଣ ପ୍ରଦର୍ଶନ କରିବା ପୂର୍ବରୁ ଶିଶୁ ସ୍ୱତନ୍ତ୍ର ଦକ୍ଷତା ପ୍ରଦର୍ଶନ କରିଥାଏ ।

୭. ବୟସ ବଢିବା ସଙ୍ଗେ ସଙ୍ଗେ ଶିଶୁମାନେ ଅଧିକ ଆତ୍ମନିର୍ଭରଶୀଳ ହୁଅନ୍ତି ।

୮. ଶିଶୁ ଓ ବୟସ୍କମାନଙ୍କ ମଧ୍ୟରେ ମୌଳିକ ପାର୍ଥକ୍ୟ ହେଲା ଯେ ଶିଶୁମାନେ ଅଧିକ ଆତ୍ମକୈନ୍ଦ୍ରିକ ହୋଇଥିବାବେଳେ ବୟସ୍କମାନେ ଅଧିକ ପରକୈନ୍ଦ୍ରିକ ଅଟନ୍ତି ।

୯. ଗୋଟିଏ ଶିଶୁ ଛୋଟବସ୍ତୁ ପ୍ରତି ଅଧିକ ଦୃଷ୍ଟି କେନ୍ଦ୍ରୀଭୂତ କରିବା ପୂର୍ବରୁ ବଡବସ୍ତୁକୁ ଦେଖିପାରେ ।

୧୦. ଯେହେତୁ ବିକାଶ ଏକ ନିରନ୍ତର ପ୍ରକ୍ରିୟା, ଗୋଟିଏ ପର୍ଯ୍ୟାୟରେ ଯାହା ଘଟେ, ପରବର୍ତ୍ତୀ ପର୍ଯ୍ୟାୟକୁ ତାହା ବାହିତ ହୋଇଥାଏ ଏବଂ ପ୍ରଭାବିତ କରିଥାଏ ।

୧୧. ପ୍ରତ୍ୟେକ ମଣିଷ ସ୍ୱାଭାବିକ ଭାବରେ ବିକାଶର ପ୍ରତ୍ୟେକ ମୁଖ୍ୟ ସୋପାନଗୁଡିକ ମଧ୍ୟ ଦେଇ ଗତି କରିଥାଏ ।

୧୧.୫ ବିକାଶ ପ୍ରକ୍ରିୟା ଅଧ୍ୟୟନର ଆଭିମୁଖ୍ୟ (Approaches to Study Development)

ବିକାଶର ବିଭିନ୍ନ ପ୍ରକୃତି ଏବଂ ଏଥିରେ ଥିବା ନିୟମଗୁଡିକ ଆଲୋଚନା କରିବା ପରେ ଆମେ ବର୍ତ୍ତମାନ କେତେକ ଆଭିମୁଖ୍ୟ ପରୀକ୍ଷା କରିବା, ଯାହା ମନୁଷ୍ୟର ବିକାଶ ଅଧ୍ୟୟନ ପାଇଁ ଗବେଷଣାକାରୀଙ୍କ ଦ୍ୱାରା ଉପଯୋଗ କରାଯାଇଛି । ମନୁଷ୍ୟ ବିକାଶ ଅଧ୍ୟୟନର ଦୁଇଟି ମୁଖ୍ୟ ଆଭିମୁଖ୍ୟକୁ ସେମାନଙ୍କର ସୀମାୟନ ଏବଂ ଶକ୍ତି ସହ ଆଲୋଚନା କରାଯାଇଛି । ଏହି ଆଭିମୁଖ୍ୟଗୁଡିକ ବିଭିନ୍ନ ପ୍ରକାରର କୌଶଳ ଯଥା : ସାକ୍ଷାତକାର ସାରଣୀ, ପ୍ରଶ୍ନାବଳୀ, ନିର୍ଦ୍ଧାରଣ ମାପକ, ବୃତ୍ତାନ୍ତ ଅଭିଲେଖ ଇତ୍ୟାଦିକୁ ପ୍ରୟୋଗ କରିପାରେ । ବିକାଶ କ୍ରିୟା ଅଧ୍ୟୟନର ଦୁଇଟି ପ୍ରମୁଖ ଆଭିମୁଖ୍ୟ

ହେଉଛି- (୧) ପ୍ରସ୍ଥଚ୍ଛେଦକ ବିଧି (Cross-sectional Approach)

(୨) ଲମ୍ବକ ବିଧି (Longitudinal Approach)

ପ୍ରସ୍ଥଚ୍ଛେଦକବିଧି :

ଏହା ଏକ ନିର୍ଦ୍ଦିଷ୍ଟ ସମୟରେ ଭିନ୍ନ ଭିନ୍ନ ବୟସର କେତେକ ଶିଶୁ ପ୍ରତିନିଧିମାନଙ୍କୁ ଅଧ୍ୟୟନ କରିବାର ସୂଚନା ଦିଏ । ସାଧାରଣତଃ, ପ୍ରତ୍ୟେକ ଶିଶୁକୁ ଥରେ ମାତ୍ର ପର୍ଯ୍ୟବେକ୍ଷଣ କରାଯାଇଥାଏ ଏବଂ ଅଧ୍ୟୟନରେ ବିଭିନ୍ନ ବୟସର ଶିଶୁମାନଙ୍କୁ ଅନ୍ତର୍ଭୁକ୍ତ କରାଯାଇ ବିକାଶଜନିତ ପରିବର୍ତ୍ତନ ଚିହ୍ନଟ କରାଯାଏ । ଉଦାହରଣ ସ୍ୱରୂପ, ବର୍ଷେ, ଦୁଇବର୍ଷ, ତିନିବର୍ଷ ବୟସର ପ୍ରତିନିଧି ନମୁନାର (Sample) କୃତିକୁ ତୁଳନା କରି ବୌଦ୍ଧିକ ଦକ୍ଷତାରେ ଥିବା ପରିବର୍ତ୍ତନଗୁଡ଼ିକୁ ଅନୁସନ୍ଧାନ କରାଯାଇପାରେ । ଏହି ପଦ୍ଧତିର ଉପଯୋଗିତାଗୁଡ଼ିକ ହେଉଛି:

- ଏହା ନମୁନା ହରାଇବାର ଦୃଢତାକୁ ପ୍ରତିରୋଧ କରେ, ଯେଉଁମାନଙ୍କୁ ଦୀର୍ଘଦିନ ଧରି ଅଧ୍ୟୟନ କରାଯାଇଥାଏ ।
- ଏଥିରେ କମ୍ ପରିମାଣର ଆର୍ଥିକ ବିନିଯୋଗ ହୋଇଥାଏ, ଏହା ସମୟ ବଞ୍ଚାଏ ଏବଂ ଲିପିବଦ୍ଧ କରଣକୁ ସୁଗମ କରିଥାଏ ।
- ଏହା ବାସ୍ତବତା ସାପେକ୍ଷ ଅଟେ ।

  ତେବେ ଏହି ଆଭିମୁଖ୍ୟରେ କେତେକ ନିର୍ଦ୍ଦିଷ୍ଟ ଅପଯୋଗିତା ଯୁକ୍ତ ହୋଇ ରହିଛି । ସେଗୁଡ଼ିକ ହେଉଛି;

- ବ୍ୟକ୍ତିର ସାମଗ୍ରିକତା ଏବଂ ବ୍ୟକ୍ତିକତା ନଷ୍ଟ ହୋଇଥାଏ ।
- ନମୁନାରେ ଥିବା ପ୍ରତ୍ୟେକ ବ୍ୟକ୍ତିଙ୍କର ଅଧ୍ୟୟନର ବିକାଶ ଧାରାର କ୍ରମାନ୍ୱୟତା ନଷ୍ଟ ହୋଇଥାଏ ।

ଲମ୍ବକ ବିଧି (Longitudinal Approach)

ଏହା ବିକାଶ ପ୍ରକ୍ରିୟା ଅଧ୍ୟୟନର ଏକ ବିସ୍ତାରିତ ପଦ୍ଧତି ଅଟେ । ଯାହା ନାମରୁ ପ୍ରତୀୟମାନ ପ୍ରଥମ ଆଭିମୁଖ୍ୟର ବିପରୀତ ଭାବେ, ଏହି ପଦ୍ଧତି ସେହି ବିଷୟୀମାନଙ୍କୁ ବାରମ୍ବାର ଅଧ୍ୟୟନ କରି ସେହି ସମୟସୀମା ମଧ୍ୟରେ ଥିବା ସ୍ଥାୟୀଗୁଣ ଏବଂ ପରିବର୍ତ୍ତନଗୁଡ଼ିକୁ ଲକ୍ଷ୍ୟ କରିବା ଉପରେ ଗୁରୁତ୍ୱ ଆରୋପ କରିଥାଏ । ଏହିପରି ଏହି ପଦ୍ଧତିରେ ଯଦି ଆମେ କେତେକ ନିର୍ଦ୍ଦିଷ୍ଟ ନବଜାତ ଶିଶୁଙ୍କୁ ନମୁନା ନେଉ, ସେମାନେ ଶୈଶବ, ଆଦ୍ୟ ବାଲ୍ୟାବସ୍ଥା, ଉତ୍ତର ବାଲ୍ୟାବସ୍ଥା ଇତ୍ୟାଦିରେ ପରୀକ୍ଷଣ କରାଯାନ୍ତି । ବିକାଶ ପ୍ରକ୍ରିୟାକୁ ବୁଝିବାକୁ ବିଭିନ୍ନ ପଦ୍ଧତି ପ୍ରୟୋଗ କରାଯାଇଥାଏ । ସେହିମାନଙ୍କୁ

ଦୀର୍ଘସମୟ ଧରି ଆଚରଣ ଅଧ୍ୟୟନରେ ବ୍ୟବହାର କରିବା ପାଇଁ ବ୍ୟକ୍ତି ଇତିହାସ ସେହିପରି ଏକ ପଦ୍ଧତିର ଉଦାହରଣ ଅଟେ । ବିକାଶ ପ୍ରକ୍ରିୟା ବୁଝିବାକୁ ନିଜ ଝିଅ ଉପରେ ପିଆଜେ କରିଥିବା ଆଖି-ହାତର ସମନ୍ୱୟ ଅଧ୍ୟୟନ ଲମ୍ବକ ବିଧିର ଏକ ପ୍ରସିଦ୍ଧ ଉଦାହରଣ ଅଟେ ।

ବୃଦ୍ଧି କିପରି ଘଟୁଛି ଦେଖିବାକୁ ସର୍ବୋତ୍ତମ ପଥ ହୋଇଥିବା ସତ୍ତ୍ୱେ, ଲମ୍ବକ ଆଭିମୁଖ୍ୟର କେତେକ ଅପଯୋଗିତା ଅଛି । ସେଗୁଡିକ ହେଉଛି :

- ଦୀର୍ଘ ସମୟ ଧରି ବଡ ନମୂନା ସହ ସମ୍ପର୍କ ରଖିବାରେ ସମସ୍ୟା ସମ୍ମୁଖୀନ ହେବାକୁ ପଡିଥାଏ ।
- ଏହି ପଦ୍ଧତିଟି ସମୟସାପେକ୍ଷ ଏବଂ ବ୍ୟୟସାପେକ୍ଷ ଅଟେ ।
- ବାରମ୍ବାର ପରୀକ୍ଷଣ ବ୍ୟବସ୍ଥା ବିଷୟୀମାନଙ୍କୁ ପରୀକ୍ଷଣ-ବିଜ୍ଞ (testwise) କରିଥାଏ । ଏହାଦ୍ୱାରା ପରୀକ୍ଷଣର ପ୍ରାପ୍ତାଙ୍କ ପ୍ରଭାବିତ ହୋଇଥାଏ ।

ପାଠଗତ ପ୍ରଶ୍ନାବଳୀ ୧୧.୩

ଦତ୍ତ ସମସ୍ୟାଗୁଡ଼ିକୁ ପଢନ୍ତୁ ଏବଂ ସେଗୁଡିକର ଅଧ୍ୟୟନ ଉପଯୋଗୀ ଆଭିମୁଖ୍ୟ ଉଲ୍ଲେଖ କରନ୍ତୁ ।

୧. ଶୈଶବାବସ୍ଥାରେ ପର୍ଯ୍ୟବେକ୍ଷଣ କରାଯାଉଥିବା ଅଗ୍ରଧର୍ଷୀ ଆଚରଣ ଏବଂ ଅବିଶ୍ୱାସ ବାଲ୍ୟାବସ୍ଥା ପର୍ଯ୍ୟନ୍ତ ସ୍ଥାୟୀ ହୁଏ କି ?

୨. ଭୂତ ଚଳଚ୍ଚିତ୍ର ଦେଖି ବିଭିନ୍ନ ବୟସର ଶିଶୁମାନେ ସମାନ ଆବେଗିକ ପ୍ରତିକ୍ରିୟା ପ୍ରଦର୍ଶନ କରନ୍ତି କି ?

୩. ଭିନ୍ନ ଭିନ୍ନ ସଂସ୍କୃତିର ୫ ବର୍ଷ ବୟସର ଶିଶୁମାନଙ୍କର ସମାନ ବୌଦ୍ଧିକ ସାମର୍ଥ୍ୟ ଥାଏ କି ?

୪. କେଉଁ ବୟସର ଶିଶୁମାନଙ୍କୁ ଚକ୍ଷୁହସ୍ତ (eyehand) ସମନ୍ୱୟ ଢାଞ୍ଚା ବିଷୟରେ ପରୀକ୍ଷଣ ଉଦ୍ଦେଶ୍ୟରେ ପର୍ଯ୍ୟବେକ୍ଷଣ କରିବା ଉଚିତ ।

୫. ପ୍ରାକ୍-କିଶୋର ଅବସ୍ଥାର ଉପଯୋଜନ ଉପରେ ମାତା-ପିତା ଠାରୁ ବଞ୍ଚିତ ହେବାର ପ୍ରଭାବ ଅଧ୍ୟୟନ କରିବା ।

୬. ଜନ୍ମରୁ ୫ ବର୍ଷ ପର୍ଯ୍ୟନ୍ତ ଶିଶୁର ସାମାଜିକ ଅନୁକ୍ରିୟା ଅଧ୍ୟୟନ କରିବା ।

ଆପଣ କ'ଣ ଶିଖିଲେ

- ବିକାଶ ପ୍ରଗତିଶୀଳ, ସୁସଂଗଠିତ ଏବଂ କ୍ରମିକ ପରିବର୍ତ୍ତନକୁ ନେଇ ଗଠିତ ।

ପରିବର୍ତ୍ତନଗୁଡ଼ିକର ଏକ ନିର୍ଦ୍ଦିଷ୍ଟ ଦିଗ ଅଛି ଏବଂ ଏହା ଅଗ୍ରଗତି କରେ । ଘଟୁଥିବା ପରିବର୍ତ୍ତନଗୁଡ଼ିକ ଅବ୍ୟବସ୍ଥିତ ପ୍ରକୃତିର ହୋଇନଥାଏ ।

- ବିକାଶ ଦୁଇଟି ମୁଖ୍ୟ ପ୍ରକ୍ରିୟା ଦ୍ୱାରା ହୋଇଥାଏ, ତାହାହେଲା ପରିପକ୍ୱତା ଏବଂ ଶିକ୍ଷଣ ।
- ବୃଦ୍ଧିବକ୍ର ବିକାଶ ପ୍ରକ୍ରିୟା ମଧ୍ୟରେ ଘଟୁଥିବା ପରିବର୍ତ୍ତନ ସର୍ବାଧିକ ବୃଦ୍ଧିର ସମୟ ଏବଂ ବୃଦ୍ଧିର ଢାଞ୍ଚାରେ ପରିବର୍ତ୍ତନକୁ ଦେଖିବାରେ ସାହାଯ୍ୟ କରେ ।

ବିକାଶର ନିୟମଗୁଡ଼ିକ ହେଉଛି :

- ଏହା ଏକ ଢାଞ୍ଚା ଅନୁସରଣ କରେ ।
- ଏହା ସାଧାରଣରୁ ବିଶେଷକୁ ଗତିକରେ ।
- ବିକାଶ ଏକ ନିରନ୍ତର ପ୍ରକ୍ରିୟା ଅଟେ ।
- ବିକାଶର ହାରରେ ବ୍ୟକ୍ତିଗତ ଭିନ୍ନତା ଦେଖାଦିଏ ।
- ବିକାଶ ସଂହତି ଆଡକୁ ଗତି କରେ ।
- ବିଭିନ୍ନ ବ୍ୟକ୍ତିଙ୍କ କ୍ଷେତ୍ରରେ ବିକାଶ ଭିନ୍ନ ଭିନ୍ନ ହାରରେ ପରିଦୃଷ୍ଟ ହୋଇଥାଏ ।
- ବିକାଶ ପ୍ରକ୍ରିୟା ଅଧ୍ୟୟନର ଆଭିମୁଖ୍ୟଗୁଡ଼ିକ ହେଉଛି :

  (କ) ପ୍ରସ୍ଥଚ୍ଛେଦକ (ଖ) ଲମ୍ବକବିଧି

ଅନ୍ତିମ ପ୍ରଶ୍ନାବଳୀ

୧. ବିକାଶ ଶବ୍ଦର ବାଖ୍ୟାକର

୨. ବିକାଶ ଘଟାଉଥିବା ଦୁଇଟି ପ୍ରମୁଖ ପ୍ରକ୍ରିୟା କ'ଣ ?

୩. ସଂକ୍ଷେପରେ ବିକାଶର ମୁଖ୍ୟ ନିୟମଗୁଡ଼ିକ ଲେଖ, ସେଥିମଧ୍ୟରୁ ତିନୋଟିକୁ ଉଦାହରଣ ସହ ବୁଝାଅ ।

୪. ବିକାଶର ନିୟମ ସମ୍ବନ୍ଧୀୟ ଜ୍ଞାନ ଆମକୁ କିପରି ସାହାଯ୍ୟ କରେ ?

୫. ନିମ୍ନଗୁଡ଼ିକ ମଧ୍ୟରେ ପାର୍ଥକ୍ୟ ଦର୍ଶାଅ ।

(କ) ପରିପକ୍ୱତା ଓ ଶିକ୍ଷଣ

(ଖ) ଲମ୍ବକ ବିଧି ଏବଂ ପ୍ରଚ୍ଛଚ୍ଛେଦକବିଧି

(ଗ) ଆତ୍ମ କୈନ୍ଦ୍ରିକତା ଓ ପରକୈନ୍ଦ୍ରିକତା

(ଘ) ପରାବଲମ୍ବନ ଓ ସ୍ୱାବଲମ୍ବନ

ପାଠଗତ ପ୍ରଶ୍ନାବଳୀର ଉତ୍ତର

୧୧.୧ (କ) ଭୁଲ (ଖ) ଠିକ୍ (ଗ) ଭୁଲ (ଘ) ଠିକ୍

(ଙ) ଠିକ୍ (ଚ) ଭୁଲ

୧୧.୨ (୧) ଭୁଲ (୨) ଭୁଲ (୩) ଭୁଲ (୪) ଠିକ୍

(୫) ଠିକ୍ (୬) ଭୁଲ (୭) ଠିକ୍ (୮) ଠିକ୍

(୯) ଠିକ୍ (୧୦) ଠିକ (୧୧) ଠିକ୍

୧୧.୩ (୧) ଲମ୍ବକ ବିଧି (୨) ପ୍ରସ୍ଥଚ୍ଛେଦକ ବିଧି (୩) ପ୍ରସ୍ଥଚ୍ଛେଦକ ବିଧି
(୪) ପ୍ରସ୍ଥଚ୍ଛେଦକ ବିଧି (୫) ଲମ୍ବକବିଧି (୬) ଲମ୍ବକ ବିଧି

ଅନ୍ତିମ ପ୍ରଶ୍ନାବଳୀ ପାଇଁ ସୂଚନା

୧. ୧୧.୧.୧ ବିଭାଗ ଦେଖନ୍ତୁ ।

୨. ୧୧.୧ ବିଭାଗ ଦେଖନ୍ତୁ ।

୩. ୧୧.୪ ବିଭାଗ ଦେଖନ୍ତୁ ।

୪. ୧୧.୪.୧ ବିଭାଗ ଦେଖନ୍ତୁ ।

୫. (i) ୧୧.୨ ବିଭାଗ ଦେଖନ୍ତୁ ।

(ii) ୧୧.୫ ବିଭାଗ ଦେଖନ୍ତୁ ।

(iii) ୧୧.୪(୫) ବିଭାଗ ଦେଖନ୍ତୁ ।

(iv) ୧୧.୪(୭) ବିଭାଗ ଦେଖନ୍ତୁ ।

ମୋଡ୍ୟୁଲ III
ବିକାଶଗତ ପ୍ରକ୍ରିୟା



୧୨

ବିକାଶର ପରିସର

DOMAINS OF DEVELOPMENT

ଯେତେବେଳେ ଆମେ ଗୋଟିଏ ଶିଶୁ ସଂସ୍ପର୍ଶରେ ଆସୁ, ଆମେ ଆମର ପିଲାଦିନକୁ ଫେରିଯାଉ । ଆପଣ ଆପଣଙ୍କର ପିଲାଦିନ ଏବଂ ପିଲାଦିନର କାର୍ଯ୍ୟକଳାପଗୁଡ଼ିକୁ ମନେ ପକାଇ ପାରିବେ କି ? ଆପଣ ପିଲାଦିନେ କ'ଣ କରିଥିଲେ ମନେ ପକାଇପାରିବେ କି ?

ଆମେ ସମସ୍ତେ ନିଶ୍ଚୟ ଖୁବ୍ ଖେଳୁଥିବା ଏବଂ ଦଉଡ଼ୁଥିବା, ମାତ୍ର ବର୍ତ୍ତମାନ ବଡ଼ ହୋଇଗଲା ପରେ ଆମେ ଆମର କାର୍ଯ୍ୟକଳାପରେ ପରିପକ୍ୱ ଅଟୁ ଏବଂ ଏକ ଭିନ୍ନ ପ୍ରକାରର ଆଚରଣ ମଧ୍ୟ କରୁଛୁ । ପରିବାର ଭିତରେ ଆମେ ଦେଖୁ ଯେ ଆମର ପିତାମାତା ଏକ ଭିନ୍ନ ପ୍ରକାର ଆଚରଣ ପ୍ରଦର୍ଶନ କରିଥାନ୍ତି, କାରଣ ସେମାନେ ଆମଠାରୁ ଅଧିକ ପରିପକ୍ୱ ଅଟନ୍ତି । ଏହାର କାରଣ ହେଲା ଆମେ ସେମାନଙ୍କ ଠାରୁ ବିକାଶର ଭିନ୍ନ ପର୍ଯ୍ୟାୟରେ ଥାଉ । ମନୁଷ୍ୟର ଜୀବନ ବିଭିନ୍ନ ପର୍ଯ୍ୟାୟ ମଧ୍ୟ ଦେଇ ଅଗ୍ରସର ହୋଇଥାଏ । ଏହି ପାଠରେ ମନୁଷ୍ୟ ଜୀବନର ବିଭିନ୍ନ ପର୍ଯ୍ୟାୟରେ ଘଟୁଥିବା ବିକାଶ ବିଷୟରେ ଆପଣମାନେ ଅଧ୍ୟୟନ କରିବେ ଏବଂ ଶିଖିବେ

ଉଦ୍ଦେଶ୍ୟ

ଏହି ପାଠଟି ପଢ଼ିବା ପରେ ଆପଣ :

- ବିକାଶ ସମ୍ପର୍କିତ କାର୍ଯ୍ୟ କ'ଣ ବର୍ଣ୍ଣନା କରିପାରିବେ;
- ମନୁଷ୍ୟ ଜୀବନ କାଳରେ ବିକାଶର ବିଭିନ୍ନ ପର୍ଯ୍ୟାୟଗୁଡ଼ିକୁ ଚିହ୍ନଟ କରିପାରିବେ;
- ପ୍ରତ୍ୟେକ ପର୍ଯ୍ୟାୟରେ ବିକାଶର ମୁଖ୍ୟ ବୈଶିଷ୍ଟ୍ୟଗୁଡ଼ିକର ତାଲିକା କରିପାରିବେ;
- ବିଭିନ୍ନ ପର୍ଯ୍ୟାୟକୁ ପ୍ରତିନିଧିତ୍ୱ କରୁଥିବା ବିକାଶମୂଳକ କାର୍ଯ୍ୟଗୁଡ଼ିକର ତାଲିକା କରିପାରିବେ;
- ଯୌବନାବସ୍ଥାରେ ପଦାର୍ପଣ ପରେ ପୁଅ ଓ ଝିଅଙ୍କ ମଧ୍ୟରେ ପରିଲକ୍ଷିତ ପ୍ରଭେଦ ବାଖ୍ୟା କରିପାରିବେ ଏବଂ
- ଫ୍ରଏଡଙ୍କର ମାନସ ଯୌନ (psycho-Sexual) ବିକାଶ ତତ୍ତ୍ୱର ସମାଲୋଚନା ମୂଳକ ମନ୍ତବ୍ୟ ଉପସ୍ଥାପନ କରିପାରିବେ ।

୧୨.୧ ବିକାଶ ସମ୍ପର୍କିତ କାର୍ଯ୍ୟ (Developmental Tasks)

ମନୁଷ୍ୟ ଜୀବନ ବିଭିନ୍ନ ପର୍ଯ୍ୟାୟ ଦେଇ ଗତି କରିଥାଏ । ଉଦାହରଣ ସ୍ୱରୂପ, ଶୈଶବାବସ୍ଥା ଏକ ପର୍ଯ୍ୟାୟ ଅଟେ । କିଛି ମାତ୍ରାରେ ବୃଦ୍ଧି ପାଇବା ପରେ ଶିଶୁ କିଶୋରାବସ୍ଥାକୁ ଅଗ୍ରସର ହୋଇଥାଏ । ପ୍ରତ୍ୟେକ ପର୍ଯ୍ୟାୟର କେତେକ ପ୍ରଭାବୀ ଗୁଣାବଳୀ ଥାଏ, ଯାହାକି ସେହି ସୋପାନ/ ସମୟକୁ ସ୍ୱତନ୍ତ୍ରତା ପ୍ରଦାନ କରିଥାଏ । ଉଦାହରଣ ସ୍ୱରୂପ, ଗୋଟିଏ ଶିଶୁ ଠାରୁ ବିଦ୍ୟାଳୟକୁ ଯାଇ ଶିକ୍ଷା ଗ୍ରହଣ କରିବା ପାଇଁ ଆଶା କରାଯାଇଥାଏ ଏବଂ ଜଣେ ବୟସ୍କ ବ୍ୟକ୍ତିଠାରୁ ଅର୍ଥ ରୋଜଗାର କରି ପରିବାର ଭରଣପୋଷଣ କରିବା ପାଇଁ ଆଶା କରାଯାଏ । ଏହି ପର୍ଯ୍ୟାୟଗୁଡ଼ିକରେ କେତେକ ନିର୍ଦ୍ଦିଷ୍ଟ ଗୁଣାବଳୀ ଅଧିକ ଭାବେ ପରିଲକ୍ଷିତ ହୋଇଥାଏ ଏବଂ ପ୍ରତ୍ୟେକ ସୋପାନକୁ ଏକ ପର୍ଯ୍ୟାୟ କୁହାଯାଏ । ଏକ ନିର୍ଦ୍ଦିଷ୍ଟ ପର୍ଯ୍ୟାୟରେ ଲୋକମାନେ କେତେକ ନିର୍ଦ୍ଦିଷ୍ଟ ଆଚରଣଗତ ଢାଞ୍ଚା ଓ ଦକ୍ଷତା ସହଜରେ ଏବଂ ସଫଳତାର ସହ ଶିକ୍ଷା କରିଥାନ୍ତି । ତେଣୁ ଏହା ସାମାଜିକ ପ୍ରତ୍ୟାଶାରେ ପରିଣତ ହୋଇଥାଏ । ଉଦାହରଣ ସ୍ୱରୂପ, ଜଣେ ପିତାଙ୍କ ଠାରୁ ପରିବାରର ଦାୟିତ୍ୱ ନିର୍ବାହ କରିବାକୁ ଆଶା କରାଯାଉଥିବାବେଳେ ପିଲାମାନଙ୍କ ଠାରୁ ବିଦ୍ୟାଳୟ ଯାଇ ଶିକ୍ଷା ଗ୍ରହଣ କରିବାକୁ ଆଶା କରାଯାଏ । ଏକ ନିର୍ଦ୍ଦିଷ୍ଟ ବୟସର ପ୍ରତ୍ୟେକ ସଦସ୍ୟଙ୍କ ପାଇଁ ଏହି ସମାନ ଥିବା ସାମାଜିକ ପ୍ରତ୍ୟାଶାଗୁଡ଼ିକ ବିକାଶ ସମ୍ପର୍କିତ କାର୍ଯ୍ୟ (development task) କୁହାଯାଏ ।

ଏକ ନିର୍ଦ୍ଦିଷ୍ଟ ବୟସର ସାମାଜିକ ପ୍ରତ୍ୟାଶାଗୁଡ଼ିକ ହେଉଛି "ବିକାଶ ସମ୍ପର୍କିତ କାର୍ଯ୍ୟ" ହାଭିଗହର୍ଷ୍ଟ (Havighurst) ହେଉଛନ୍ତି ପ୍ରଥମ ବିକାଶମୂଳକ ମନୋବୈଜ୍ଞାନିକ ଯିଏକି ବିଭିନ୍ନ ବୟସର ବିକାଶ ସମ୍ପର୍କିତ କାର୍ଯ୍ୟଗୁଡ଼ିକ ଚିହ୍ନଟ କରିଛନ୍ତି । ବିଭିନ୍ନ ବୟସର ବିକାଶ ସମ୍ପର୍କିତ କାର୍ଯ୍ୟଗୁଡ଼ିକ ନିମ୍ନ ସାରଣୀରେ ପ୍ରଦାନ କରାଗଲା ।

ବିକାଶ ସମ୍ପର୍କିତ କାର୍ଯ୍ୟ

ଜନ୍ମଠାରୁ ୬ ବର୍ଷ ପର୍ଯ୍ୟନ୍ତ	୬ରୁ ୧୨ ବର୍ଷ ପର୍ଯ୍ୟନ୍ତ	କିଶୋରାବସ୍ଥା
(୧) ଚାଲିବାକୁ ଶିଖେ (୨) କଠିନ ଖାଦ୍ୟ ଗ୍ରହଣ କରେ (୩) କଥା କହେ (୪) ଶରୀରର ଅନାବଶ୍ୟକ ପଦାର୍ଥର ବହିଷ୍କରଣ କ୍ରିୟାକୁ ନିୟନ୍ତ୍ରଣରେ ରଖେ (୫) ଲିଙ୍ଗଗତ ତାରତମ୍ୟକୁ ବୁଝିପାରେ (୬) ଭୁଲ ଓ ଠିକ୍ ମଧ୍ୟରେ ପାର୍ଥକ୍ୟ ନିର୍ଣ୍ଣୟ କରିପାରେ	(୧) ସରଳ କ୍ରୀଡା କୌଶଳଗୁଡ଼ିକ ଶିକ୍ଷା କରେ (୨) ନିଜ ବୟସର ପିଲାଙ୍କ ସହ ସମ୍ପର୍କ ସ୍ଥାପନ କରେ (୩) ଲିଙ୍ଗଗତ ଭୂମିକା ଶିକ୍ଷା କରେ (୪) ପଢ଼ିବା, ଲେଖିବା ଏବଂ ହିସାବ କରିବାର ମୌଳିକ ଦକ୍ଷତାର ବିକାଶ ଘଟେ (୫) ଦୈନନ୍ଦିନ ଜୀବନଧାରଣ ପାଇଁ ଆବଶ୍ୟକ ହେଉଥିବା ଧାରଣାଗୁଡ଼ିକ ବିକଶିତ ହୁଏ (୬) ଦୈନନ୍ଦିନ କାର୍ଯ୍ୟଗୁଡ଼ିକ ସ୍ୱାଧୀନ ଭାବେ କିମ୍ବା ବିନା ସହାୟତାରେ କରିପାରେ (୭) ନୈତିକତା ଏବଂ ମୂଲ୍ୟବୋଧ ବିକାଶ କରେ ।	କିଶୋରାବସ୍ଥାର ବିକାଶ ସମ୍ପର୍କିତ କାର୍ଯ୍ୟଗୁଡ଼ିକ ପଞ୍ଚଦଶ ପାଠରେ ଦିଆଯାଇଛି ।

ନିଜେ କରନ୍ତୁ

ଆପଣ ନିଜ ପରିବାରର ସମସ୍ତ ସଦସ୍ୟଙ୍କର ନାମ ଲେଖନ୍ତୁ ଏବଂ ସେମାନେ ବିକାଶଧାରାର କେଉଁ ପର୍ଯ୍ୟାୟରେ ଅଛନ୍ତି ଚିହ୍ନଟ କରନ୍ତୁ ।

୧୨.୨ ବିକାଶର ପର୍ଯ୍ୟାୟ

ଆପଣମାନେ ପଢିଛନ୍ତି ଯେ ବିକାଶର ବିଭିନ୍ନ ସମୟ କେତେକ ପର୍ଯ୍ୟାୟରେ ସ୍ପଷ୍ଟ ଭାବରେ ପରିଦୃଷ୍ଟ ହୋଇଥାଏ । ପ୍ରତ୍ୟେକ ଶିଶୁ ଏହି ସ୍ତରଗୁଡ଼ିକ ମଧ୍ୟରେ ଏକ ନିର୍ଦ୍ଦିଷ୍ଟ କ୍ରମରେ ଅଗ୍ରଗତି କରିଥାନ୍ତି ଏବଂ ସେମାନେ ସମସ୍ତେ ସମାନ ପ୍ରକାରର ମୌଳିକ ଢାଞ୍ଚା ଅନୁସରଣ କରିଥାନ୍ତି । ଏହି ପର୍ଯ୍ୟାୟଗୁଡ଼ିକ ଶିଶୁର ନିର୍ଦ୍ଦିଷ୍ଟ ବୟସ କ୍ରମ ଅନୁଯାୟୀ ବିକାଶମୂଳକ ମନୋବିଜ୍ଞାନୀଙ୍କ ଦ୍ୱାରା ନିମ୍ନମତେ ଚିହ୍ନଟ କରାଯାଇଛି ।

ପର୍ଯ୍ୟାୟ	ବୟସ
ପ୍ରାକ୍ ପ୍ରସବାବସ୍ଥା	ଜନ୍ମ ପୂର୍ବ ସମୟ
ଶୈଶବାବସ୍ଥା	ଜନ୍ମଠାରୁ ଏକ ବର୍ଷ ବୟସ
ଆଦ୍ୟ ବାଲ୍ୟାବସ୍ଥା	୧-୩ ବର୍ଷ
ପ୍ରାକ୍ ବିଦ୍ୟାଳୟ ବର୍ଷ	୩-୬ ବର୍ଷ
ବିଦ୍ୟାଳୟ ବାଲ୍ୟାବସ୍ଥା	୬-୧୨ ବର୍ଷ
କିଶୋରାବସ୍ଥା	୧୨-୨୦ ବର୍ଷ
ଆଦ୍ୟ ପ୍ରୌଢାବସ୍ଥା	୨୦-୩୦ ବର୍ଷ
ପ୍ରୌଢାବସ୍ଥା	୩୦-୫୦ ବର୍ଷ
ପୂର୍ଣ୍ଣ ବିକଶିତ ପ୍ରୌଢାବସ୍ଥା	୫୦-୬୫ ବର୍ଷ
ବୃଦ୍ଧାବସ୍ଥା	୬୫ +ବର୍ଷ

(୧) ପ୍ରାକ୍ ପ୍ରସବାବସ୍ଥା (Pre-natal Period) (ଜନ୍ମ ପୂର୍ବ ସମୟ)

ଗର୍ଭଧାରଣ ଠାରୁ ଜୀବନ ପ୍ରକ୍ରିୟା ଆରମ୍ଭ ହୋଇଥାଏ । ଯେତେବେଳେ ଶିଶୁ ମାତୃ ଗର୍ଭରେ ଥାଏ, ସେଠାରେ ଅତିବାହିତ ହେଉଥିବା ସମୟକୁ ପ୍ରାକ୍-ପ୍ରସବାବସ୍ଥା କୁହାଯାଏ । ସମସ୍ତ ଗୁରୁତ୍ୱପୂର୍ଣ୍ଣ ଆଭ୍ୟନ୍ତରୀଣ ଓ ବାହ୍ୟ ଅନୁଭବଗୁଡ଼ିକ ଏହି ସମୟରୁ ବିକାଶ ଲାଭ କରିବା ଆରମ୍ଭ କରିଥାଏ ।

(୨) ଶୈଶବାବସ୍ଥା ଓ ଆଦ୍ୟ ବାଲ୍ୟାବସ୍ଥା (Infancy and Early Childhood) (ଜନ୍ମରୁ ୩ ବର୍ଷ)

ପ୍ରଥମ ତିନିବର୍ଷ ମଧ୍ୟରେ ଶିଶୁମାନଙ୍କର ଆକାର ଦ୍ରୁତ ଗତିରେ ବୃଦ୍ଧି ହୋଇଥାଏ । ଏହି ସମୟରେ ଶିଶୁର ପେଶୀ ସଂଚାଳନ ଦକ୍ଷତା ଅର୍ଜନ ହୁଏ ଓ ବସ୍ତୁକୁ ଧରିବା, ଗୁରୁଣ୍ଡିବା, ଚାଲିବା ଆଦି କାର୍ଯ୍ୟ ସରଳରୁ ଜଟିଳ କ୍ରମରେ ଅଗ୍ରସର ହୋଇଥାଏ ।

(୩) ପ୍ରାକ୍ ବିଦ୍ୟାଳୟ ବାଲ୍ୟାବସ୍ଥା (Pre-school Childhood) (୩ରୁ ୬ ବର୍ଷ)

ଏହି ପର୍ଯ୍ୟାୟରେ ଶିଶୁର ଉଚ୍ଚତାର ବୃଦ୍ଧି ଶୈଶବାବସ୍ଥା ପରି ଏତେ ଦ୍ରୁତ ଗତିରେ ହୋଇନଥାଏ । ଶିଶୁମାନେ ଚକ୍ଷୁ, ହସ୍ତ ଓ କ୍ଷୁଦ୍ର ମାଂସପେଶୀ ମଧ୍ୟରେ ସମନ୍ୱୟ ସ୍ଥାପନ କରିବାରେ ଉନ୍ନତି କରିଥାନ୍ତି । ଉଦାହରଣ ସ୍ୱରୂପ ସେମାନେ ଗୋଲ୍ ଆକାର କରିପାରନ୍ତି, ତରଳ ପଦାର୍ଥକୁ ପାତ୍ରରେ ପୁରାଇପାରନ୍ତି, ପୋଷାକର ବଟନ୍ ଦେବା ଓ ଖୋଲିବା ସହ ଭାଷାର ବିକାଶ ଦ୍ରୁତ ଭାବରେ କରିଥାନ୍ତି ।

(୪) ବିଦ୍ୟାଳୟ ବାଲ୍ୟାବସ୍ଥା (School childhood) (୬-୧୨ ବର୍ଷ ବୟସ)

ବିଦ୍ୟାଳୟଗାମୀ ଶିଶୁ ୬ରୁ ୧୨ ବର୍ଷ ବୟସ ମଧ୍ୟରେ ଅଧିକ ଡେଙ୍ଗା ଓ ପତଳା ଦେଖାଯାନ୍ତି । ଶିଶୁମାନେ ଶାରୀରିକ ଶକ୍ତି ଓ କ୍ଷିପ୍ରତାରେ ଦ୍ରୁତ ଗତି ପ୍ରଦର୍ଶନ କରିଥାନ୍ତି । ସେମାନେ ପେଶୀ ସଞ୍ଚାଳନର ନୂତନ ଦକ୍ଷତା ହାସଲ କରିବା ସହ ବିକାଶର ସମସ୍ତ କ୍ଷେତ୍ରରେ ସେମାନଙ୍କର ଦକ୍ଷତା ଅଧିକ ସ୍ପଷ୍ଟ ହୋଇଥାଏ ।

(୫) କିଶୋରାବସ୍ଥା (Adolescence) (୧୨-୨୦ ବର୍ଷ)

ଏହା ବାଲ୍ୟାବସ୍ଥା ଓ ପ୍ରୌଢାବସ୍ଥାର ମଧ୍ୟବର୍ତ୍ତୀ ପର୍ଯ୍ୟାୟ ଅଟେ, ଯାହାକି ଯୌବନରୁ ଆରମ୍ଭ ହୋଇଥାଏ । ଏହା ଦ୍ରୁତ ଶାରୀରିକ ଅଭିବୃଦ୍ଧିର ସମୟ ଅଟେ । ଏହି ସମୟରେ ବିଭିନ୍ନ ପ୍ରକାରର ମନସ୍ତାତ୍ତ୍ୱିକ ପରିବର୍ତ୍ତନମାନ ଘଟିଥାଏ । ଶିଶୁମାନେ ଦଉଡିଡିଆଁ, ସାଇକେଲ ଚଳାଇବା, ଘୋଡା ଚଢିବା, ନୃତ୍ୟ କରିବା ସହ ସମସ୍ତ ସମ୍ଭାବିତ ଖେଳ ଉପଭୋଗ କରିଥାନ୍ତି । ବୌଦ୍ଧିକ ଦୃଷ୍ଟିରୁ ସେମାନେ ଅଧିକ କ୍ଷିପ୍ର ହେବା ସହ ସେମାନଙ୍କ ପାଇଁ ସାମାଜିକ ସମ୍ପର୍କଗୁଡିକ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ । ମାତ୍ର ଆତ୍ମ ପରିଚୟର ଅନ୍ୱେଷଣ ଏହି ପର୍ଯ୍ୟାୟର ପ୍ରଭେଦମୂଳକ ବୈଶିଷ୍ଟ୍ୟ ଅଟେ । ଏହି ପର୍ଯ୍ୟାୟରେ ବିଭିନ୍ନ ପ୍ରକାର ମନସ୍ତାତ୍ତ୍ୱିକ ପରିବର୍ତ୍ତନ ମଧ୍ୟ ଘଟିଥାଏ । ଯୌନ ଭୂମିକା ପ୍ରତ୍ୟାଶା ଯୋଗୁଁ ଝିଅମାନେ ଉତ୍ତମ ପାରସ୍ପରିକ ସମ୍ପର୍କ ସ୍ଥାପନ କରିବାକୁ ଅଧିକ ଗୁରୁତ୍ୱ ଦେଇଥାନ୍ତି । ଅନ୍ୟପକ୍ଷରେ ପୁଅମାନେ ସେମାନଙ୍କ ସାମାଜିକ ସମ୍ମାନ ଏବଂ ବୃତ୍ତି ଉପରେ ଅଧିକ ପ୍ରାଧାନ୍ୟ ଦେଇଥାନ୍ତି ।

(୬) ପ୍ରୌଢାବସ୍ଥା (Adulthood) (୨୦-୬୫+ ବର୍ଷ)

ପ୍ରୌଢାବସ୍ଥାକୁ ଭଲ ଭାବରେ ବୁଝିବା ପାଇଁ ଏହାକୁ ତିନୋଟି ସୋପାନରେ ବିଭକ୍ତ କରାଯାଇଛି । ସେଗୁଡିକ ହେଉଛି :

(କ) ଯୁବା ପ୍ରୌଢାବସ୍ଥା (young Adulthood) (୨୦-୨୫ ବର୍ଷ)

(ଖ) ପରିପକ୍ୱ ପ୍ରୌଢାବସ୍ଥା କିମ୍ବା ମଧ୍ୟ ପ୍ରୌଢାବସ୍ଥା (Mature adulthood) (୫୦-୬୫ ବର୍ଷ)

(ଗ) ବୃଦ୍ଧାବସ୍ଥା (Aging Adulthood) (୬୫+ ବର୍ଷ)

କୋଡିଏ ବର୍ଷର ମଧ୍ୟବର୍ତ୍ତୀ ସମୟରୁ ପଚାଶ ବର୍ଷ ପର୍ଯ୍ୟନ୍ତ ଜୀବନର ଏହି ସମୟକୁ ବଳ ଏବଂ ଶକ୍ତି ଦ୍ୱାରା ଚିତ୍ରଣ କରାଯାଇଛି । ଏହି ପର୍ଯ୍ୟାୟରେ ଅଧିକାଂଶ ଶାରୀରିକ କାର୍ଯ୍ୟକଳାପ ସମ୍ପୂର୍ଣ୍ଣ ବିକାଶ ଲାଭ କରିଥାନ୍ତି । ତା'ପରେ ଶକ୍ତିସ୍ତରରେ କ୍ରମଶଃ ହ୍ରାସ ଘଟିଥାଏ । ଷୋଡଶ ଅଧ୍ୟାୟରେ ଏହିସବୁ ପର୍ଯ୍ୟାୟ ବିଷୟରେ ବିଷଦ ଭାବରେ ଆଲୋଚନା କରାଯାଇଛି ।

ନିଜେ କରନ୍ତୁ

ଆପଣଙ୍କ ଘରେ ଆପଣଙ୍କର ପିତାମାତା ଓ ଅନ୍ୟ ଭାଇଭଉଣୀ ଥିବେ । ସେମାନଙ୍କର ବୟସ ବୁଝନ୍ତୁ ଏବଂ ଉପରେ ପ୍ରଦତ୍ତ ହୋଇଥିବା ପ୍ରତ୍ୟେକ ପର୍ଯ୍ୟାୟ ପାଇଁ ସେମାନଙ୍କ ବୟସ ଅନୁଯାୟୀ ସେମାନଙ୍କୁ ବର୍ଗୀକରଣ କରନ୍ତୁ । ସେମାନଙ୍କର ଗୁଣଗୁଡିକୁ ତାଲିକା କରନ୍ତୁ । ବିଭିନ୍ନ ଅବସ୍ଥାରେ ସେମାନଙ୍କର କିପରି ପରିବର୍ତ୍ତନମାନ ଘଟିଛି, ସେ ବିଷୟରେ ଆପଣଙ୍କ ପିତାମାତାଙ୍କ ସହ ଆଲୋଚନା କରନ୍ତୁ । ଏହି ଅଭ୍ୟାସ କାର୍ଯ୍ୟ ଲୋକମାନେ ବିଭିନ୍ନ ପର୍ଯ୍ୟାୟରେ ପ୍ରଦର୍ଶିତ କରୁଥିବା ଗୁଣାବଳୀକୁ ବୁଝିବାରେ ଆପଣଙ୍କୁ ସାହାଯ୍ୟ କରିବ ।

ପାଠଗତ ପ୍ରଶ୍ନାବଳୀ ୧୨.୧

ଉପଯୁକ୍ତ ଶବ୍ଦ ଦ୍ୱାରା ଶୂନ୍ୟସ୍ଥାନ ପୂରଣ କର ।

୧. ମନୁଷ୍ୟ ଜୀବନ .... ଦ୍ୱାରା ଅଗ୍ରସର ହୁଏ ।

୨. ସାମାଜିକ ପ୍ରତ୍ୟାଶାଗୁଡିକୁ .... କୁହାଯାଏ ।

୩. ଶୈଶବାବସ୍ଥା ଏକ .... ।

୪. ବୃଦ୍ଧିର ମାତ୍ରା .... ଅବସ୍ଥାରେ ଅଧିକ କ୍ଷୀପ୍ର ।

୫. .... ବର୍ଷ ପରେ ଶକ୍ତି କ୍ଷୟ ହୁଏ ।

୧୨.୩ ବିକାଶର ବିଭିନ୍ନ ଦିଗ କିମ୍ବା କ୍ଷେତ୍ର (Aspects or Areas of Development)

ପ୍ରତ୍ୟେକ ପର୍ଯ୍ୟାୟରେ ବିକାଶ ବିଭିନ୍ନ କ୍ଷେତ୍ର କିମ୍ବା ପରିସରରେ ସମକାଳୀନ ଭାବେ ପରିଲକ୍ଷିତ ହୋଇଥାଏ । ବିଭିନ୍ନ ପର୍ଯ୍ୟାୟରେ ନିଜ ନିଜର ପରିସରରେ ହେଉଥିବା ବିକାଶ ସମ୍ପର୍କରେ ନିମ୍ନଲିଖିତ ଦିଗରୁ ଆଲୋଚନା କରାଯାଇଛି ।

- **ଶାରୀରିକ (physical) :** ଶାରୀରିକ ବିକାଶ ଦୈହିକ ବିଷୟକ ଯଥା : ଉଚ୍ଚତା ଓ ଓଜନ ।
- **ପେଶୀଜ (motor) :** ପେଶୀଜ ବିକାଶ, ପେଶୀ ସମ୍ବନ୍ଧୀୟ ଏବଂ ସମନ୍ୱୟ ସମ୍ବନ୍ଧୀୟ ବିକାଶ ଅଟେ ।
- **ବୌଦ୍ଧିକ (cognitive) :** ବୌଦ୍ଧିକ ବିକାଶ ମାନସିକ ବୃଦ୍ଧି ଏବଂ ଜ୍ଞାନ ସମ୍ବନ୍ଧୀୟ ବିକାଶ ଅଟେ ।
- **ଭାଷା (language) :** ଶିଶୁମାନେ କିପରି ଭାଷା ଶିକ୍ଷା କରନ୍ତି ଏବଂ କେଉଁ ବୟସରେ ସେମାନେ ଭାଷାର ବିଭିନ୍ନ ଅଂଶ ଓ ଉପାଂଶଗୁଡ଼ିକୁ ଅର୍ଜନ କରନ୍ତି, ଭାଷା ବିକାଶ, ସେହି ସମ୍ପର୍କିତ ଅଟେ ।
- **ବ୍ୟକ୍ତିତ୍ୱ (personality) :** ବ୍ୟକ୍ତିତ୍ୱର ସର୍ବାଙ୍ଗୀନ ବିକାଶକୁ ବୁଝାଇଥାଏ ।
- **ମନୋସାମାଜିକ (psychosocial) :** ମନୋସାମାଜିକ ବିକାଶ ବ୍ୟକ୍ତିତ୍ୱ ଗଠନରେ ସାଂସ୍କୃତିକ ଓ ସାମାଜିକ ପ୍ରଭାବକୁ ବୁଝାଏ ।
- **ଆବେଗିକ (emotional) :** ବିଭିନ୍ନ ପର୍ଯ୍ୟାୟରେ ଦେଖାଯାଉଥିବା ଆବେଗ ଓ ସେଗୁଡ଼ିକ ଏକ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ କିପରି ବୃଦ୍ଧି ହୁଅନ୍ତି, ସେହି ସମ୍ବନ୍ଧୀୟ ଅଟେ ।
- **ନୈତିକ (moral) :** ଠିକ୍ କ'ଣ ଏବଂ ଭୁଲ କ'ଣ କେଉଁ ବୟସରେ ଏହି ଜ୍ଞାନ ଅର୍ଜନ ହୁଏ ଏବଂ ଦଣ୍ଡ ତଥା ନ୍ୟାୟ ପ୍ରଦାନର ନିୟମ ସହ ଏହା କିପରି ଜଡ଼ିତ । ବିବେକ ଏବଂ ମୂଲ୍ୟବୋଧର ବିକାଶ ନୈତିକ ବିକାଶର ପରିସରଭୁକ୍ତ ଅଟେ ।
- **ବୃତ୍ତିଗତ (vocational) :** ବୃତ୍ତିର ଚୟନ ଏବଂ ସେଗୁଡ଼ିକ କିପରି ସୃଷ୍ଟି ହୁଏ ତଥା ଜୀବନକୁ ପ୍ରଭାବିତ କରନ୍ତି, ତାହା ସହ ଜଡ଼ିତ । ସେଗୁଡ଼ିକ ମଧ୍ୟରୁ କେତେକ ବିଷୟରେ ଅଧ୍ୟୟନ କରିବା ।

(କ) ଶାରୀରିକ ବିକାଶ (Physical Development) : ଶିଶୁର ଆକାର ପ୍ରଥମ

ତିନିବର୍ଷ ମଧ୍ୟରେ ଦ୍ରୁତଗତିରେ ବୃଦ୍ଧି ପାଇଥାଏ । ଏପରିକି ସେମାନଙ୍କର ଶାରୀରିକ ଅନୁପାତ ସ୍ୱଷ୍ଟ ଭାବରେ ପରିବର୍ତ୍ତନ ହୁଏ । ଦ୍ୱିତୀୟବର୍ଷ ତୁଳନାରେ ପ୍ରଥମବର୍ଷରେ ସେମାନଙ୍କର ଉଚ୍ଚତା ପ୍ରାୟ ଦୁଇଗୁଣ ବୃଦ୍ଧି ପାଇଥାଏ । ଅଧିକାଂଶ ଶିଶୁଙ୍କର ଶରୀରର ଓଜନ ପ୍ରଥମ ବର୍ଷରେ ଜନ୍ମ ସମୟରେ ଓଜନ ଠାରୁ ପ୍ରାୟ ତିନିଗୁଣ ବୃଦ୍ଧି ପାଇଥାଏ ଏବଂ ମାତ୍ର ୧ରୁ ୨ ବର୍ଷ ଭିତରେ ଏହି ଓଜନ ପ୍ରାୟ ଏକ ଚତୁର୍ଥାଂଶ ବୃଦ୍ଧି ପାଏ । ତୃତୀୟ ବର୍ଷରେ ଉଭୟ ଉଚ୍ଚତା ଓ ଓଜନ ବୃଦ୍ଧିର ପରିମାଣ ହ୍ରାସ ପାଇଥାଏ । ଗୋଟିଏ ଶିଶୁର ମସ୍ତିଷ୍କର ଆକାର ଏକବର୍ଷ ବେଳକୁ ତାର ପୂର୍ଣ୍ଣ ବୟସର ମସ୍ତିଷ୍କର ଆକାରର ପ୍ରାୟ ତିନିଭାଗରୁ ଦୁଇଭାଗ ବୃଦ୍ଧି ପାଇଥାଏ ଏବଂ ଦ୍ୱିତୀୟବର୍ଷର ଶେଷଆଡକୁ ପ୍ରାୟ ୫ ଭାଗରୁ ୪ ଭାଗ ବିକାଶ ଲାଭ କରିଥାଏ ।

ପ୍ରାକ୍ ବିଦ୍ୟାଳୟ ବର୍ଷ (Pre-school Years) : ପ୍ରାକ୍ ବିଦ୍ୟାଳୟ ବର୍ଷରେ ଶିଶୁର ଉଚ୍ଚତା ଶୈଶବ ସମୟ ପରି ଦ୍ରୁତ ଗତିରେ ବୃଦ୍ଧି ପାଏ ନାହିଁ । ସେମାନେ ଯୌବନ ସମୟରେ ଘଟୁଥିବା ବୃଦ୍ଧିସ୍ଫୁରଣରେ (growth spurt) ପହଞ୍ଚିବା ପର୍ଯ୍ୟନ୍ତ ନିୟମିତ ପ୍ରତ୍ୟେକବର୍ଷ ମନ୍ଥର ଭାବରେ ଦୁଇରୁ ତିନିଇଞ୍ଚ ବୃଦ୍ଧି ପାଇଥାନ୍ତି ।

ମଧ୍ୟ/ଉତ୍ତର ଶୈଶବ (Middle /Late School Childhood) : ୬ରୁ ୧୨ ବର୍ଷ ମଧ୍ୟରେ ବିଦ୍ୟାଳୟଗାମୀ ଶିଶୁମାନେ ସେମାନଙ୍କର ପ୍ରାକ୍ ବିଦ୍ୟାଳୟ ସ୍ତରର ଭାଇଭଉଣୀଙ୍କ ଠାରୁ ବହୁତ ଭିନ୍ନ ଦେଖାଯାଇଥାନ୍ତି । ସେମାନେ ଅଧିକ ଡେଙ୍ଗା ଓ ପତଳା ହୋଇଥାନ୍ତି । ଝିଅମାନେ ସାଧାରଣତଃ ପୁଅମାନଙ୍କ ଅପେକ୍ଷା ଅଧିକ ମୋଟା ହୋଇଥାନ୍ତି ଏବଂ ପ୍ରୌଢାବସ୍ଥା ପର୍ଯ୍ୟନ୍ତ ଏହି ପାର୍ଥକ୍ୟ ଲକ୍ଷ୍ୟ କରାଯାଇଥାଏ । କମ୍ ବୟସର ପୁଅମାନେ ସାଧାରଣତଃ ଝିଅମାନଙ୍କ ଅପେକ୍ଷା ସାମାନ୍ୟ ଅଧିକ ଡେଙ୍ଗା ଓ ଓଜନିଆ ହୋଇଥାନ୍ତି । କିନ୍ତୁ ପୁଅମାନଙ୍କ ଅପେକ୍ଷା ଝିଅମାନେ ଶୀଘ୍ର ଯୌବନପ୍ରାପ୍ତ ହୁଅନ୍ତି ଏବଂ ଅଧିକ ବଡ଼ ଦେଖାଯାଇଥାନ୍ତି ।

ଶୈଶବାବସ୍ଥା ଓ ପ୍ରୌଢାବସ୍ଥାର ମଧ୍ୟବର୍ତ୍ତୀ ପର୍ଯ୍ୟାୟକୁ କିଶୋରାବସ୍ଥା କୁହାଯାଏ । ଏହି ଅବସ୍ଥାଟି ୧୨ ବର୍ଷରୁ ଆରମ୍ଭ ହୋଇ ୨୦ ବର୍ଷ ପର୍ଯ୍ୟନ୍ତ ହୋଇଥାଏ । ଏହାର ପ୍ରାରମ୍ଭରେ ଯୌନ ବିକାଶ ଲକ୍ଷ୍ୟ କରାଯାଇଥାଏ । ଏହା ଦୃଢ ଶାରୀରିକ ବୃଦ୍ଧିର ପର୍ଯ୍ୟାୟ ଅଟେ, ଯେଉଁ ସମୟରେ କି ପ୍ରଜନନ କାର୍ଯ୍ୟକାରିତା ଏବଂ ପ୍ରାଥମିକ ଯୌନାଙ୍ଗଗୁଡକ ପରିପକ୍ୱ ହୋଇଥାନ୍ତି ଏବଂ ସେହି ସମୟରେ ପରବର୍ତ୍ତୀ ଲିଙ୍ଗୀୟ ଗୁଣାବଳୀଗୁଡିକ ଦୃଷ୍ଟିଗୋଚର ହୋଇଥାଏ । ଏହି ପର୍ଯ୍ୟାୟରେ କିଶୋରାବସ୍ଥାରେ ବୃଦ୍ଧିରେ ଏକ ତୀକ୍ଷ୍ଣ ସ୍ଫୁରଣ ଘଟିଥାଏ ।

୨୦ରୁ ୫୦ ବର୍ଷ ବୟସ ମଧ୍ୟରେ ଶକ୍ତି ସାମର୍ଥ୍ୟର ବିକାଶ ଶୀର୍ଷରେ ପହଞ୍ଚେ ଏବଂ କ୍ରମଶଃ ଏହି ଶୀର୍ଷତାରେ ଏତେ ଧୀରେ ଧୀରେ ଅବକ୍ଷୟ ଘଟେ, ଯାହାକୁକି ଅତି କଷ୍ଟରେ ଲକ୍ଷ୍ୟ କରାଯାଇଥାଏ । ୬୫ ବର୍ଷ ପରେ ବୃଦ୍ଧାବସ୍ଥା ଆରମ୍ଭ ହୋଇଥାଏ, ଯାହାକି ଶାରୀରିକ ଦୁର୍ବଳତା ଏବଂ କର୍ମଚଞ୍ଚଳତା ହ୍ରାସ ଦ୍ୱାରା ଚିହ୍ନିତ ହୁଏ ।

ପାଠଗତ ପ୍ରଶ୍ନାବଳୀ ୧୨.୨

୧. ଉପଯୁକ୍ତ ଶବ୍ଦ ଦ୍ୱାରା ଶୂନ୍ୟସ୍ଥାନ ପୂରଣ କର:

(କ) ଶିଶୁମାନଙ୍କର ଉଚ୍ଚତାର ଅଭିବୃଦ୍ଧି ପ୍ରଥମ ବର୍ଷରେ ୨ୟବର୍ଷ ତୁଳନାରେ .... ଗୁଣ ବୃଦ୍ଧି ପାଏ ।

(ଖ) ଅଧିକାଂଶ ଶିଶୁ ପ୍ରଥମବର୍ଷରେ ସେମାନଙ୍କର ଜନ୍ମ ସମୟର ଓଜନ ଅପେକ୍ଷା ....ଗୁଣ ବୃଦ୍ଧି ପାଇଥାନ୍ତି ଏବଂ ତା'ପରେ ୨ୟ ବର୍ଷରେ କେବଳ .... ଗୁଣ ବୃଦ୍ଧି ପାଇଥାନ୍ତି ।

(ଗ) କିଶୋରାବସ୍ଥାରେ ଝିଅମାନଙ୍କର ପୁଅମାନଙ୍କ ଅପେକ୍ଷା ....ରେ ଅଧିକ ବିକାଶ ହୋଇଥାଏ ।

(ଘ) ବିକାଶର ବିଭିନ୍ନ କ୍ଷେତ୍ରଗୁଡିକ .... ଅଟନ୍ତି ।

୨. ନିମ୍ନ ଉକ୍ତିଗୁଡିକ ଠିକ୍/ଭୁଲ ଦର୍ଶାଅ

(କ) ମଧ୍ୟବାଲ୍ୟାବସ୍ଥାରେ ଶିଶୁମାନଙ୍କର ଦ୍ରୁତଗତିରେ ବୃଦ୍ଧି ଘଟିଥାଏ । ଠିକ୍/ଭୁଲ

(ଖ) ୧୦-୨୦ ବର୍ଷ ମଧ୍ୟରେ ଶକ୍ତି ଓ ସାମର୍ଥ୍ୟର ବିକାଶ ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଥାଏ । ଠିକ୍/ଭୁଲ

(ଗ) ପ୍ରଥମ ବର୍ଷରେ ଗୋଟିଏ ଶିଶୁର ମସ୍ତିଷ୍କର ଆକାର ବୟସ୍କମାନଙ୍କ ଆକାରର ଦ୍ୱିତୃତୀୟାଂଶ ଏବଂ ଦ୍ୱିତୀୟ ବର୍ଷର ଶେଷକୁ ଚତୁର୍ଥ ପଞ୍ଚମାଂଶ ଭାଗ ବୃଦ୍ଧି ପାଇଥାଏ । ଠିକ୍/ଭୁଲ

(ଘ) କିଶୋରାବସ୍ଥାରେ ଏକ ତୀକ୍ଷ୍ଣ ବୃଦ୍ଧି ସ୍ଫୁରଣ ଘଟିଥାଏ । ଠିକ୍/ଭୁଲ

(ଖ) ପେଶୀଜ/ଗତ୍ୟାତ୍ମକ ବିକାଶ (Motor Development) : ପେଶୀଜ ଦକ୍ଷତା ଅର୍ଜନ କରିବାରେ ଏକ ନିର୍ଦ୍ଦିଷ୍ଟ କ୍ରମ ଥାଏ, ଯାହା ସରଳରୁ ଜଟିଳକୁ ଗତି କରିଥାଏ । ଶାରୀରିକ ଅନୁପାତରେ ପରିବର୍ତ୍ତନ ଶିଶୁର ଆଚରଣ ଉପରେ ପ୍ରଭାବ ପକାଇଥାଏ, ଯେତେବେଳେ ସେମାନେ ଦ୍ରୁତ ଭାବରେ ପରିବର୍ତ୍ତିତ ହୁଅନ୍ତି । ସେମାନେ ସାମୟିକ ଭାବେ ନିଜ ଶରୀର ଉପରୁ ନିୟନ୍ତ୍ରଣ ହରାଇଥାନ୍ତି । ପ୍ରାଥମିକ ସ୍ତରରେ ଶିଶୁର ପେଶୀ ସଞ୍ଚାଳନ ନିୟନ୍ତ୍ରଣ ଖୁବ୍ ଦୁର୍ବଳ ଥାଏ । ବୟସ ବଢିବା ସଙ୍ଗେ ସଙ୍ଗେ ସେମାନଙ୍କର ପେଶୀଜ ବିକାଶ ଅଧିକ ନିୟନ୍ତ୍ରିତ ହୁଏ । ବୟସ ବଢିବା ସହିତ ଶରୀରର ଅଙ୍ଗଗୁଡିକ ଉପରେ ନିୟନ୍ତ୍ରଣ ନିର୍ଦ୍ଦିଷ୍ଟ ଏବଂ ପାର୍ଥକ୍ୟ ସୂଚକ ହୋଇଥାଏ । ଏହା

ସେମାନଙ୍କର ହାତର ଉତ୍ତମ ନିୟନ୍ତ୍ରଣରୁ ଆଙ୍ଗୁଳିଗୁଡ଼ିକର ଉତ୍ତମ ନିୟନ୍ତ୍ରଣକୁ ଗତି କରିଥାଏ, ଯଥା : ଯଦି ଛୋଟ ଶିଶୁଟି ବିସ୍କୁଟ ଖଣ୍ଡିଏ ଉଠାଏ, ସେ ତାର ଦୀର୍ଘ ଗଣ୍ଠିଗୁଡ଼ିକୁ ଯେପରି କାନ୍ଧ ଏବଂ ସମ୍ପୂର୍ଣ୍ଣ ହାତ ଚାଳନା କରେ । ଯେତେବେଳେ ବଡ଼ହୁଏ, ତା'ର ଗତି ନିର୍ଦ୍ଦିଷ୍ଟ ଓ ପାର୍ଥକ୍ୟସୂଚକ ହୋଇଥାଏ । ସେମାନେ ବିଭିନ୍ନ ପାର୍ଥକ୍ୟମୂଳକ ଗତି ଉପରେ ନିୟନ୍ତ୍ରଣ ଲାଭ କରିବା ପରେ ଚାଲିବାକୁ ସକ୍ଷମ ହୁଅନ୍ତି ।

ଏହି ଦକ୍ଷତାଗୁଡ଼ିକ ଏକ ନିର୍ଦ୍ଦିଷ୍ଟ ବୟସରେ ଅର୍ଜନ କରାଯାଏ ଏବଂ ଏଗୁଡ଼ିକୁ ମାଇଲଖୁଣ୍ଟ (mile stone) କୁହାଯାଏ ।

ପେଶୀଜ/ଗତ୍ୟାତ୍ମକ ବିକାଶର କେତେକ ମାଇଲଖୁଣ୍ଟ (mile stone)

ମୁଣ୍ଡର ନିୟନ୍ତ୍ରଣ	୧ ମାସ
ବିନା ସହାୟତାରେ ବସିବା	୭ ମାସ
ବିଭିନ୍ନ ଦିଗକୁ ଗଡ଼ିବା	ପ୍ରାୟ ୫ ମାସ
ପ୍ରାକ୍ ଚଳନଗତି	ପ୍ରାୟ ୯ରୁ ୧୦ ମାସ (ଗୁରୁଣ୍ଡିବା) (pre-walking locomotion)
ଠିଆ ହେବା	ସହାୟତା ବିନା ୧୩ କିମ୍ବା ୧୪ ମାସରେ ଠିଆ ହେବା ।
ଚାଲିବା	୯ରୁ ୧୧ ମାସରେ ସହାୟତା ନେଇ ଚାଲିବା, ୧୫ ମାସରେ ବିନା ସହାୟତାରେ ଚାଲିବା
ଉପରକୁ ଚଢ଼ିବା	ସହାୟତା ନେଇ ୧୮ ମାସରେ ଉପରକୁ ଚଢ଼ିବା
ଡେଇଁବା	୨୦ ମାସ
କୌଶଳରେ କାର୍ଯ୍ୟ ସମ୍ପାଦନ କରିବା	୧୫ ମାସର ଶିଶୁ ଜାବୁଡ଼ି ଧରିବାରେ ପରିପକ୍ୱତା ପ୍ରଦର୍ଶନ କରିବା ।

ପ୍ରାକ୍ ବିଦ୍ୟାଳୟ ଶିଶୁ : ତିନିବର୍ଷ ବୟସରେ ଶିଶୁ ଚକ୍ଷୁ ଓ ହାତ ମଧ୍ୟରେ ସମନ୍ୱୟ ରଖିବାରେ ସକ୍ଷମ ହେବା ସହ ସୂକ୍ଷ୍ମ ଗତ୍ୟାତ୍ମକ କୌଶଳ ମଧ୍ୟ ଶିକ୍ଷା କରିଥାଏ । ସେମାନେ ପେନସିଲରେ ଗୋଲ କରିବା, ବିଭିନ୍ନ ପାତ୍ରରେ ପାଣି ଢାଳିବା, ନିଜ ପୋଷାକରେ ବୋତାମ ଖୋଲିବା ଓ ବନ୍ଦ କରିବା, ଗୋଟିଏ ଧାରରେ କାଟିବା, ନକ୍ସା ବା ଚିତ୍ର କରିବା ଏବଂ କାଗଜରେ ଭାଙ୍ଗ କରିବା ଆଦି କାର୍ଯ୍ୟ କରିଥାନ୍ତି । ୫ ବର୍ଷ ବୟସ ବେଳକୁ ସେମାନେ ସୂତା ଓ ସରୁ

ଦଉଡିରେ ମାଳି, ଧାତୁର ଗୁଳି ଆଦି ପୁରାଇ ମାଳ ତିଆରି କରିପାରନ୍ତି, ପେନସିଲ୍‌କୁ ସଠିକ୍ ଭାବରେ ମୁଠାଇ ଧରନ୍ତି ଏବଂ ନିୟନ୍ତ୍ରଣ କରିପାରନ୍ତି ତଥା ବର୍ଗକ୍ଷେତ୍ରକୁ ନକଲ କରିପାରନ୍ତି ।

ବିଦ୍ୟାଳୟକୁ ଯାଉଥିବା ଶିଶୁମାନେ ବଳିଷ୍ଠ ଓ କ୍ଷୀପ୍ର ହେବା ସହ ନୂତନ ପେଶୀଜ ଦକ୍ଷତା ଲାଭ କରୁଥିବାରୁ ଉତ୍ତମ ସମନ୍ୱୟ ରକ୍ଷା କରିବାରେ ସକ୍ଷମ ହୋଇଥାନ୍ତି । ସେମାନେ ଦଉଡିଡିଆଁ ଖେଳିବା, ସାଇକେଲ ଚଳେଇବା, ନୃତ୍ୟ କରିବା ସହ ବିଭିନ୍ନ ପ୍ରକାରର ଖେଳ ସହ ସମ୍ପୃକ୍ତ ହୋଇଥାନ୍ତି । ଏହି ପର୍ଯ୍ୟାୟରେ ପୁଅ ଓ ଝିଅମାନଙ୍କର ସାମର୍ଥ୍ୟରେ କେତେକ ତାରତମ୍ୟ ଲକ୍ଷ୍ୟ କରାଯାଏ । ପୁଅମାନଙ୍କର କାର୍ଯ୍ୟ ସମ୍ପାଦନ କରିବାର କ୍ଷମତା ସାଧାରଣତଃ ୫-୧୭ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି ପାଇଥାଏ । ଅନ୍ୟପକ୍ଷରେ ଝିଅମାନଙ୍କର ଏହିସବୁ କ୍ଷମତା ପ୍ରାକ୍ ବିଦ୍ୟାଳୟ ସ୍ତରରୁ ଆରମ୍ଭ ହୋଇ ପ୍ରାୟ ୧୩ ବର୍ଷ ବୟସରେ ଶୀର୍ଷରେ ପହଞ୍ଚେ ଏବଂ କେତେକ ସାମର୍ଥ୍ୟରେ ହ୍ରାସ ଘଟିଥାଏ କିମ୍ବା ସ୍ଥିର ରୁହେ, ଯେହେତୁ ସେମାନଙ୍କୁ "ବାଳ ସୁଲଭ" (boyish) ଗୁଣଠାରୁ ଦୂରେଇଯିବାକୁ ଉତ୍ସାହିତ କରାଯାଏ ଏବଂ ନାରୀତ୍ୱର ଲିଙ୍ଗଗତ ବଦ୍ଧମୂଳ ଧାରଣାକୁ ମାନି ଚଳିବାକୁ କୁହାଯାଏ ।

ଯୁବ ପ୍ରୌଢାବସ୍ଥାରୁ ଆରମ୍ଭ କରି ମଧ୍ୟ ପ୍ରୌଢାବସ୍ଥା ପର୍ଯ୍ୟନ୍ତ ବିଭିନ୍ନ ଜୈବିକ/ଶାରୀରିକ ପରିବର୍ତ୍ତନମାନ ଘଟୁଥିଲେ ମଧ୍ୟ ସେଗୁଡିକର ପ୍ରଭାବ ଏତେ କମ୍ ଯେ ବ୍ୟକ୍ତି ୫୦ରୁ ୫୫ ବର୍ଷ ବୟସରେ ପଦାର୍ପଣ କଲା ପର୍ଯ୍ୟନ୍ତ ସେସବୁକୁ ଲକ୍ଷ୍ୟ କରାଯାଇନଥାଏ । ଏହି ପର୍ଯ୍ୟାୟରେ ସେମାନେ ଅନୁଭବ କରିଥାନ୍ତି ଯେ ସେମାନେ ପୂର୍ବପରି ଆଉ କାର୍ଯ୍ୟ କରିପାରୁନାହାନ୍ତି । ସେମାନଙ୍କର ଇନ୍ଦ୍ରିୟଗୁଡିକର କାର୍ଯ୍ୟକାରୀ କ୍ଷମତା ଏବଂ ଶାରୀରିକ ବଳ ତଥା ସମନ୍ୱୟ ରକ୍ଷା କରିବାର କ୍ଷମତା ମଧ୍ୟ ସ୍ୱଳ୍ପ ପରିମାଣରେ ହ୍ରାସ ପାଇଥାଏ ।

ପାଠଗତ ପ୍ରଶ୍ନାବଳୀ ୧୨.୩

୧. ବିକାଶର ମାଇଲଖୁଣ୍ଟଗୁଡିକ କ'ଣ କଣ ?

୨. ନିମ୍ନରେ ଦତ୍ତ ଉକ୍ତିଗୁଡିକ ଠିକ୍ କିମ୍ବା ଭୁଲ ଦର୍ଶାଅ ।

(କ) ବିକାଶ ପ୍ରକ୍ରିୟାର ଭିନ୍ନତା ଗତି ସଂଗଠିତ ହୋଇ ଜଟିଳ ଆଚରଣ ଢାଞ୍ଚାକୁ ଅନୁଗମନ କରିଥାଏ । ଠିକ୍/ଭୁଲ

(ଖ) ଶିଶୁ ୪ ମାସ ବୟସ ବେଳକୁ ସ୍ୱାଧୀନ ଭାବରେ ବସିପାରେ । ଠିକ୍/ଭୁଲ

(ଗ) ଶିଶୁ ୨ ବର୍ଷ ବେଳକୁ ଚାଲିବା ଆରମ୍ଭ କରେ । ଠିକ୍/ଭୁଲ

(ଘ) ଶିଶୁ ୨୮ ସପ୍ତାହ ବେଳକୁ ଜାବୁଡି ଧରିବା (ମୁଠାଇବା) ଏବଂ କୌଶଳରେ କାର୍ଯ୍ୟ ସମ୍ପାଦନ କରିଥାଏ । ଠିକ୍/ଭୁଲ

(ଙ) ପେଶୀ ସଞ୍ଚାଳନ ଦକ୍ଷତା ଏକ ନିର୍ଦ୍ଦିଷ୍ଟ କ୍ରମରେ ବୃଦ୍ଧି ପାଇଥାଏ । ଠିକ୍/ଭୁଲ

(ଗ) ବୌଦ୍ଧିକ (ମାନସିକ) ବିକାଶ (Cognitive (mental) Development)

ମନୁଷ୍ୟ କିପରି ଚିନ୍ତା କରେ, ବିଚାର କରେ ଓ ଧାରଣା ଗଠନ କରେ, ବୌଦ୍ଧିକ ବିକାଶ ତାହାସବୁ ଅଧ୍ୟୟନ କରିଥାଏ । ଅନ୍ୟ ଅର୍ଥରେ କହିବାକୁ ଗଲେ ଏହା ମସ୍ତିଷ୍କର ବିକାଶକୁ ବୁଝାଇଥାଏ । ଜଣେ ଆଗଧାଡିର ମନୋବିଜ୍ଞାନୀ ପିଆଜେଙ୍କ ମତରେ ଶରୀର ପରି ଜ୍ଞାନର ମଧ୍ୟ ଏକ ଗଠନ ପ୍ରଣାଳୀ ରହିଛି । ଜ୍ଞାନର ମୌଳିକ ଗଠନକୁ ମନୋକଳ୍ପ (schema) କୁହାଯାଏ । ମନୋକଳ୍ପ ଏକ ବସ୍ତୁ ମଧ୍ୟରେ ଥିବା ମୌଳିକ ଉପାଦାନଗୁଡିକର ଅମୂର୍ତ୍ତ ପ୍ରତିନିଧି ଅଟେ । ଉଦାହରଣ ସ୍ୱରୂପ, ଏକ ଛୋଟ ଶିଶୁର ମଣିଷର ମୁଖ ସମ୍ବନ୍ଧୀୟ ମନୋକଳ୍ପ ହେଉଛି ଏପରି ଏକ ଅଣ୍ଡାକୃତି ଛାଞ୍ଚ ଯେଉଁଥିରେ କି ଅନୁପ୍ରସ୍ଥୀୟ ଭାବେ ଦୁଇଟି ଗୋଲାକାର ଆକୃତି (ଚକ୍ଷୁ) ଅବସ୍ଥାପିତ ହୋଇଛି । ସମ୍ଭାବନା ଯେ ଏକ ମନୋକଳ୍ପ କୌଣସି ଏକ ନିର୍ଦ୍ଦିଷ୍ଟ ବସ୍ତୁ କିମ୍ବା ଘଟଣାର ଅବିକଳ ନକଲ ନୁହେଁ। ଏହି ଜଟିଳ ପ୍ରତ୍ୟୟ ଉଭୟ ମାନସିକ ସଂଗଠନ (ଗୋଟିଏ ଶିଶୁର ନିର୍ଦ୍ଦିଷ୍ଟ ପରିସ୍ଥିତି ପ୍ରତି ଥିବା ଅବଧାରଣା) ଏବଂ ଦୃଶ୍ୟମାନ ଆଚରଣ ସହ ଜଡିତ ଥାଏ । ଏକ ମନୋକଳ୍ପ ଏଥିସହ ଜଡିତ ଆଚରଣରୁ ଜଣାପଡିଥାଏ । ଉଦାହରଣ ସ୍ୱରୂପ, ଚୁଚୁମିବା (sucking)ର ମନୋକଳ୍ପ ବୁଝାଇଥାଏ ଯେ ଶିଶୁଟି କ୍ଷୁଧା ସମ୍ବନ୍ଧୀୟ ମନୋକଳ୍ପ ସୂଚିତ କରୁଛି ଏବଂ ଏଥିନିମନ୍ତେ ଚୁଚୁମିବା କାର୍ଯ୍ୟଟି କରିଥାଏ । ଏଠାରେ କ୍ଷୁଧା ମନୋକଳ୍ପ ଅଟେ ଏବଂ ଖାଦ୍ୟ ପାଇବାକୁ କରାଯାଉଥିବା ଚେଷ୍ଟା କିମ୍ବା ଚୁଚୁମିବା ହେଉଛି ଆଚରଣ ଯାହାକୁ ଦେଖିହୁଏ ।

ମନୋକଳ୍ପଗୁଡିକ ହେଉଛି ବୌଦ୍ଧିକ ଗଠନ ଯାହା ଘଟଣାଗୁଡିକୁ ସଂଗଠିତ କରେ, ଯେପରି ସେଗୁଡିକ ସେମାନଙ୍କର ସାଧାରଣ ଗୁଣାବଳୀ ଯୋଗୁଁ ଦଳବଦ୍ଧ ହୋଇ ବ୍ୟକ୍ତି ଦ୍ୱାରା ପ୍ରତ୍ୟକ୍ଷ କରାଯାଇପାରିବ । ଉଦାହରଣ ସ୍ୱରୂପ, ମୁଖମଣ୍ଡଳର ମନୋକଳ୍ପରେ ଶିଶୁ ସବୁ ମଣିଷଙ୍କ ମୁହଁରେ ଏକ ନିର୍ଦ୍ଦିଷ୍ଟ କ୍ରମରେ ସଂଗଠିତ ହେଉଥିବା ସାଧାରଣ ଗୁଣାବଳୀଗୁଡିକୁ ପ୍ରତ୍ୟକ୍ଷ କରିଥାଏ। ସେଗୁଡିକ ସେହି ଅର୍ଥରେ ପୁନରାବୃତ୍ତିକ୍ଷମ ମନସ୍ତାତ୍ତ୍ୱିକ ଘଟଣା ଯାହାକୁ ଶିଶୁ ଏକ ନିର୍ଦ୍ଦିଷ୍ଟ ଶୈଳୀରେ ବାରମ୍ବାର ଶ୍ରେଣୀକରଣ କରିଥାଏ ।

ବୌଦ୍ଧିକ ବିକାଶ ସର୍ବଦା ଦୁଇଟି ସାଧାରଣ ନିୟମ ଦ୍ୱାରା ପ୍ରଭାବିତ ହୋଇଥାଏ, ତାହା ହେଲା ସଂଗଠନ (organigation) ଏବଂ ଉପଯୋଜନ (adaptation) ସଂଗଠନ ମୋଟାମୋଟି ଭାବେ ସମସ୍ତ ପ୍ରକ୍ରିୟାକୁ ଏକୀକରଣ କରି ସଂହତି କରିବା ସହିତ ଜଡିତ । ପ୍ରାରମ୍ଭିକ ଅବସ୍ଥାରେ ଗୋଟିଏ ଶିଶୁର ଚାହିଁ ଦେଖିବା ଏବଂ ଜାବୁଡି ଧରିବାର ମନୋକଳ୍ପ ଦୁଇଟି ସମ୍ପୂର୍ଣ୍ଣ ରୂପେ ଭିନ୍ନ ହୋଇଥାଏ, ଯାହାର ଫଳ ତ୍ରୁଟିପୂର୍ଣ୍ଣ ହସ୍ତ-ଚକ୍ଷୁ ସମନ୍ୱୟ ଅଟେ । ଘଟଣାକ୍ରମେ ଶିଶୁ ତାର ଏହି ଉଭୟ ମନୋକଳ୍ପକୁ ଏକ ସମୟରେ ବସ୍ତୁକୁ ଧରିବା ଏବଂ ଦେଖିବା ପାଇଁ ସଂଗଠିତ କରିଥାଏ ।

ଉପଯୋଜନ (adaptation) ଏକ ଦ୍ୱୈତ (Twofold) ପ୍ରକ୍ରିୟା ଯାହା ମାଧ୍ୟମରେ ଶିଶୁମାନେ ନିଜ ପରିବେଶ ସହ ସଫଳତାର ସହିତ ଚଳପ୍ରଚଳ ହେବା ପାଇଁ ନୂତନ ସଂରଚନା (structure)

ସୃଷ୍ଟି କରିଥାନ୍ତି । ଏହା ଉଭୟ ଅନ୍ତର୍ଗ୍ରହଣ (assimilation) ଓ ଉପଯୋଜନ (accomodation) ପ୍ରକ୍ରିୟା ସହ ସମ୍ପୃକ୍ତ ଯାହାକି ବୌଦ୍ଧିକ ଆଚରଣର ଭିତ୍ତିଭୂମି ଅଟେ ।

ଅନ୍ତର୍ଗ୍ରହଣ (assimilation) ଏକ ନୂତନ ବସ୍ତୁ, ଅନୁଭବ କିମ୍ବା ଧାରଣାକୁ ଏକ ପୂର୍ବରୁ ଥିବା ମନୋକଳ୍ପରେ ଗ୍ରହଣ କରିବା ପ୍ରକ୍ରିୟା ଅଟେ । ଯେତେବେଳେ ଶିଶୁମାନେ ସେଗୁଡିକୁ ଏକ ନୂତନ ବସ୍ତୁ ପ୍ରତି ଅନୁକ୍ରିୟା ପ୍ରଦର୍ଶନ ନିମନ୍ତେ ବିନିଯୋଗ କରନ୍ତି ସେମାନେ ତାହାକୁ ଅନ୍ତର୍ଗ୍ରହଣ କରିଥାନ୍ତି । ଏଥିରେ ଶିଶୁ ତାର ତିଷ୍ଠି ରହିଥିବା ମନୋକଳ୍ପ ଅନୁଯାୟୀ ଏକ ଅର୍ଥକରଣ କରିଥାଏ । ଉଦାହରଣ ସ୍ୱରୂପ, ଗୋଟିଏ ୮-୯ ମାସର ଶିଶୁ ବଲ୍‌ଟିଏ ଦେଖିବା ମାତ୍ରେ ତାକୁ ପାଟିରେ ପୁରାଇବାକୁ ଚେଷ୍ଟା କରିଥାଏ । ପିଆଜେଙ୍କ ମତରେ ଶିଶୁଟି ତାର ଚୁଚୁମିବା ଜନିତ ମନୋକଳ୍ପରେ ବଲ୍‌ଟିକୁ ଅନ୍ତର୍ଗ୍ରହଣ କରିଥାଏ ।

ଉପଯୋଜନ (accomodation) ପ୍ରକ୍ରିୟାରେ ଶିଶୁଟି ନିଜର ମନୋକଳ୍ପ ପରିବର୍ତ୍ତନ କରେ, ଯାହାଫଳରେ ତାର ବସ୍ତୁ ପ୍ରତି ଥିବା ଅନୁକ୍ରିୟା ଉତ୍ତମ ଧରଣର ହୋଇଥାଏ । ଯେଉଁ ପ୍ରକ୍ରିୟା ନୂତନ ବସ୍ତୁ ଓ ଅବସ୍ଥା ସହ ଠିକ୍ ଭାବରେ ଚଳିବା ପାଇଁ ଶିଶୁର କାର୍ଯ୍ୟକଳାପରେ ଆବଶ୍ୟକୀୟ ପରିବର୍ତ୍ତନ ଆଣିଥାଏ, ତାହାକୁ ଉପଯୋଜନ କୁହାଯାଏ । ଅନ୍ୟମାନଙ୍କୁ ଅନୁକରଣ କରିବା ଉପଯୋଜନର ଏକ ପ୍ରକୃଷ୍ଟ ଉଦାହରଣ । ଅନୁକରଣ (imitation) ପ୍ରକ୍ରିୟାରେ ଶିଶୁ ତାର ପୂର୍ବ ମନୋକଳ୍ପକୁ ଚାପିରଖେ ଏବଂ ନୂତନ ମନୋକଳ୍ପ (schema)କୁ ପ୍ରତିଷ୍ଠା କରିବା ପାଇଁ ଦୃଢ ଭାବରେ ଚେଷ୍ଟା କରିଥାଏ ।

ଅନ୍ତର୍ଗ୍ରହଣ ଓ ଉପଯୋଜନ ବୌଦ୍ଧିକ ବୃଦ୍ଧି ଏବଂ ବିକାଶ ପାଇଁ ଆବଶ୍ୟକ ଅଟେ । ବାହ୍ୟ ଜଗତ ବିଷୟରେ ଶିଶୁମାନଙ୍କର ଧାରଣାରେ ପରିବର୍ତ୍ତନ ଆଣିବା ପାଇଁ ଏବଂ ଏଥିପ୍ରତି ପ୍ରତିକ୍ରିୟା ଦେଖାଇବା ପାଇଁ ଉଭୟ ଏକତ୍ର କାର୍ଯ୍ୟ କରିଥାନ୍ତି । ଅନ୍ତର୍ଗ୍ରହଣ ଏବଂ ଉପଯୋଜନ ଅବସ୍ଥା ମଧ୍ୟରେ ସମନ୍ୱୟ ରକ୍ଷା କରିବାକୁ ସନ୍ତୁଳନ (equillibrium) କୁହାଯାଏ ।

ପାଠଗତ ପ୍ରଶ୍ନାବଳୀ ୧୨.୪

ଉପଯୁକ୍ତ ଶବ୍ଦ ଦ୍ୱାରା ଶୂନ୍ୟସ୍ଥାନ ପୂରଣ କର ।

(କ) .... ଏକ ଦ୍ୱୈତ ପ୍ରକ୍ରିୟା ଯାହା ମାଧ୍ୟମରେ ଶିଶୁମାନେ ସେମାନଙ୍କର ଚତୁଃପାର୍ଶ୍ୱର ପରିବେଶ ସହ ସଫଳ ଭାବରେ କାର୍ଯ୍ୟ କରିବାକୁ ନୂତନ ଗଠନ ସୃଷ୍ଟି କରିଥାନ୍ତି ।

(ଖ)............ ହେଉଛି ଏକ ନୂତନ ବସ୍ତୁ ଅନୁଭବ କିମ୍ବା ଧାରଣାକୁ ତିଷ୍ଠି ରହିଥିବା ମନୋକଳ୍ପରେ ଗ୍ରହଣ କରିବା ପ୍ରକ୍ରିୟା ଅଟେ ।

(ଗ) ଯେଉଁ ପ୍ରକ୍ରିୟା ଦ୍ୱାରା ଶିଶୁମାନେ ନୂତନ ବସ୍ତୁ ଓ ପରିସ୍ଥିତି ସହ ସେମାନଙ୍କର କାର୍ଯ୍ୟକଳାପରେ ପରିବର୍ତ୍ତନ ଆଣନ୍ତି, ତାହାକୁ......... କୁହାଯାଏ ।

(ଘ) ପ୍ରତିଯୋଜନ (adaptaton) .... ଓ .... ପ୍ରକ୍ରିୟା ସହ ସମ୍ପୃକ୍ତ ।

(ଙ) ଜ୍ଞାନର ମୌଳିକ ଏକକ କିମ୍ବା ଗଠନ ପ୍ରଣାଳୀକୁ .... କୁହାଯାଏ ।

(ଚ) .... ସମସ୍ତ ପ୍ରକ୍ରିୟାକୁ ମୋଟାମୋଟି ଭାବରେ ଏକୀକରଣ କରିବା ସହ ସମ୍ପୃକ୍ତ ।

ମାନସିକ ବିକାଶର ପର୍ଯ୍ୟାୟ (Stages of Mental Development)

ପିଆଜେ (Piaget)ଙ୍କ ମତରେ ବୌଦ୍ଧିକ ବିକାଶ ୪ଟି ମୁଖ୍ୟ ପର୍ଯ୍ୟାୟ ଦେଇ ଗତି କରିଥାଏ ।

(i) ସମ୍ବେଦୀକାରକ (sensory motor) (ଜନ୍ମରୁ ୨ ବର୍ଷ): ଶିଶୁମାନଙ୍କର ପ୍ରତିବର୍ତ୍ତକ୍ରିୟା (reflex action) ଦ୍ୱାରା ଏହାର ଲକ୍ଷଣଗୁଡିକ ପ୍ରତିବିମ୍ବିତ ହୋଇଥାଏ ।

(ii) ପ୍ରାକ୍ ସଂକ୍ରିୟାତ୍ମକ (pre-operational) (୨ରୁ ୭ ବର୍ଷ) :

(କ) ପ୍ରାକ୍-ସଂକ୍ରିୟାତ୍ମକ (Pre-operational) (୨ରୁ ୪ ବର୍ଷ)

(ଖ) ଅନ୍ତଃପ୍ରଜ୍ଞାତ୍ମକ (intuitive) (୪ରୁ ୭ ବର୍ଷ) ଏହି ପର୍ଯ୍ୟାୟରେ ଶିଶୁମାନେ ଆତ୍ମକୈନ୍ଦ୍ରିକ (egocentric) ହୋଇଥାନ୍ତି ଓ ସେମାନଙ୍କର ବସ୍ତୁ ସ୍ଥାୟୀତ୍ୱ ଧାରଣା ନଥାଏ ।

(iii) ମୂର୍ତ୍ତକ୍ରିୟାତ୍ମକ (cocrete-operational) (୭ରୁ ୧୨ ବର୍ଷ)

ଏହି ବୟସର ଶିଶୁମନେ ପରିବେଶ ଠାରୁ ନିଜକୁ ଭିନ୍ନ ବୋଲି ବିବେଚନା କରିପାରନ୍ତି । ବସ୍ତୁର ସ୍ଥାୟୀତ୍ୱ ସମ୍ବନ୍ଧୀୟ ଧାରଣା ଶିକ୍ଷଣ କରନ୍ତି ଏବଂ ଲକ୍ଷ୍ୟ ନିର୍ଦ୍ଧାରିତ କାର୍ଯ୍ୟ କରିବା ପାଇଁ ସକ୍ଷମ ହୋଇଥାନ୍ତି । ଏହି ପର୍ଯ୍ୟାୟରେ ସେମାନେ ବସ୍ତୁ ଏବଂ ଜିନିଷପତ୍ରକୁ କ୍ରମରେ ସଜାଇ ରଖିପାରନ୍ତି ।

(iv) ଯଥାବିଧି ସଂକ୍ରିୟା (Formal operations) (୧୨+ ବର୍ଷ): ଏହି ପର୍ଯ୍ୟାୟରେ ଶିଶୁମାନେ ଅମୂର୍ତ୍ତ ହେତୁବୋଧ (abstract reasoning) କରିବା ପାଇଁ ସକ୍ଷମ ହୋଇଥାନ୍ତି ଏବଂ ବୟସ୍କ ବ୍ୟକ୍ତିଙ୍କ ପରି ଚିନ୍ତା କରିବାକୁ ସମର୍ଥ ହୁଅନ୍ତି ।

(ଘ) ନୈତିକ ବିକାଶ (Moral Development) : ନୈତିକ ବିକାଶ ନୈତିକ ମାନକ, ମୂଲ୍ୟବୋଧ, ବିବେକ ଏବଂ ନୈତିକତା ଦୃଷ୍ଟିରୁ କୌଣସି କାର୍ଯ୍ୟକୁ ବିଚାର କରିବାର ସାମର୍ଥ୍ୟ ସହ ସମ୍ପୃକ୍ତ ଅଟେ । ଶିଶୁମାନେ ବୌଦ୍ଧିକ ପରିପକ୍ୱତାର ଏକ ନିର୍ଦ୍ଦିଷ୍ଟ ସ୍ତର ଲାଭ

ନକରିବା ପର୍ଯ୍ୟନ୍ତ, ନୈତିକତା ଦୃଷ୍ଟିରୁ ବିଚାର କରିବା ପାଇଁ ସକ୍ଷମ ହୋଇନଥାନ୍ତି । ପିଆଜେଙ୍କ ମତରେ ଶିଶୁମାନେ ଦୁଇଟି ପର୍ଯ୍ୟାୟରେ ଗତି କରିଥାନ୍ତି, ଯେତେବେଳେ କି ଦ୍ୱିତୀୟ ପର୍ଯ୍ୟାୟକୁ ନୈତିକ ନମନୀୟତା ଭାବେ ଚିତ୍ରଣ କରାଯାଇଛି । ଶିଶୁମାନଙ୍କର ବିଭିନ୍ନ ନିୟମ ସମ୍ବନ୍ଧୀୟ ଧାରଣା, ଇଚ୍ଛାକୃତ ଭାବନା, ଦଣ୍ଡ ଓ ନ୍ୟାୟ ପ୍ରଦାନର ଇଚ୍ଛା ଆଦି ଅନମନୀୟ ବା କଠୋର ଚିନ୍ତାଧାରା ନମନୀୟ ଚିନ୍ତାଧାରାକୁ ଗତି କରିଥାଏ । ଏହି ପରିବର୍ତ୍ତନ ବୌଦ୍ଧିକ ବିକାଶର ସଂକେତ ଅଟେ ।

ପ୍ରଥମ ପର୍ଯ୍ୟାୟରେ (In Stage 1)

ଏହି ପର୍ଯ୍ୟାୟରେ ଶିଶୁ ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟକୁ ସମ୍ପୂର୍ଣ୍ଣ ଠିକ୍ କିମ୍ବା ଭୁଲ ବୋଲି ମତ ଦେଇଥାଏ ଏବଂ ଅନ୍ୟ ସମସ୍ତେ ମଧ୍ୟ ସେହି ଦୃଷ୍ଟିକୋଣରୁ ଚିନ୍ତା କରୁଛନ୍ତି ବୋଲି ଭାବିଥାଏ । ସେ ନିଜକୁ ଅନ୍ୟମାନଙ୍କ ସ୍ଥାନରେ ରଖି ଚିନ୍ତା କରିପାରିନଥାଏ ।

ଶିଶୁ ଗୋଟିଏ କାର୍ଯ୍ୟକୁ ବସ୍ତୁ ସମ୍ବନ୍ଧୀୟ ବାସ୍ତବ ଫଳାଫଳ ଭିତ୍ତିରେ ବିଚାର କରିଥାଏ ମାତ୍ର ଏହା ପଛରେ ଥିବା ଉଦ୍ଦେଶ୍ୟ ସମ୍ବନ୍ଧରେ ଚିନ୍ତା କରିନଥାଏ ।

ଶିଶୁ ନିୟମସବୁ ମାନି ଚଳିଥାଏ କାରଣ ସେଗୁଡିକ ପବିତ୍ର ଏବଂ ପରିବର୍ତ୍ତନଶୀଳ ନୁହେଁ ।

ବୟସ୍କ ସଦସ୍ୟମାନଙ୍କୁ ସମ୍ମାନ ଜଣାଇବାର ଇଚ୍ଛା ହେତୁ ଏବଂ ବୟସ୍କ ବ୍ୟକ୍ତିଙ୍କ ଦ୍ୱାରା ପ୍ରଣୟନ କରାଯାଇଥିବା ନିୟମକୁ ପାଳନ କରିବାରେ ଦୃଢ ଇଚ୍ଛା ଯୋଗୁଁ ଏକତରଫା ସମ୍ମାନ ଦେବା ସହ କୃତଜ୍ଞତା ଅଭୁଭବ କରାଇଥାଏ ।

ଶିଶୁ କଠୋର ଦଣ୍ଡକୁ ଅନୁମୋଦନ କରିଥାଏ । ସେ ଅନୁଭବ କରେ ଯେ ଦଣ୍ଡ ଖରାପ କାର୍ଯ୍ୟକୁ ସଠିକ୍ କରିଥାଏ । ଦଣ୍ଡ ଉଦ୍ରେକ କରିଥିବା କାର୍ଯ୍ୟ ଖରାପ ଅଟେ ।

ଶିଶୁ ନୈତିକ ନିୟମ ଏବଂ ଭୌତିକ ନିୟମରେ ବାଉଳା ଚାଉଳା ହୁଏ ଏବଂ ବିଶ୍ୱାସ କରେ ଯେ କୁକର୍ମ ପରେ ଘଟୁଥିବା କୌଣସି ଦୁର୍ଘଟଣା କିମ୍ବା ଦୁର୍ଭାଗ୍ୟ ଈଶ୍ୱର ପ୍ରଣୋଦିତ ଏକଦଣ୍ଡ କିମ୍ବା କେତେକ ଅଲୌକିକ ଶକ୍ତି ଅଟେ ।

ଦ୍ୱିତୀୟ ପର୍ଯ୍ୟାୟ (In Stage 2)

ଏହି ପର୍ଯ୍ୟାୟରେ ଶିଶୁ ନିଜକୁ ଅନ୍ୟମାନଙ୍କ ସ୍ଥାନରେ ରଖି ଚିନ୍ତା କରିବା ସହ ଅନ୍ୟମାନଙ୍କର ଦୃଷ୍ଟିକୋଣ ବୁଝିପାରିଥାଏ ।

ଶିଶୁ କାର୍ଯ୍ୟଗୁଡିକୁ ଏହାର ଫଳାଫଳ ଦୃଷ୍ଟିରୁ ବିଚାର ନକରି, ଏହା ପଛରେ ଥିବା ଉଦ୍ଦେଶ୍ୟ ଦୃଷ୍ଟିରୁ ବିଚାର କରିଥାଏ ।

ଶିଶୁ ହୃଦୟଙ୍ଗମ କରିଥାଏ ଯେ ନିୟମଗୁଡିକ ମନୁଷ୍ୟକୃତ ଏବଂ ସେଗୁଡିକୁ ମଧ୍ୟ ପରିବର୍ତ୍ତନ କରାଯାଇପାରିବ । କ୍ଷମତା ସମ୍ପନ୍ନ ବ୍ୟକ୍ତି ଓ ବନ୍ଧୁମାନଙ୍କ ପାଇଁ ପାରସ୍ପରିକ ସମ୍ମାନ ରହିଛି ।

ଶିଶୁ ମୃଦୁଦଣ୍ଡକୁ ସମର୍ଥନ କରେ ଯାହା ଦୋଷୀର ତ୍ରୁଟି ସଂଶୋଧନ କରିଥାଏ ।

ଶିଶୁ ସ୍ୱାଭାବିକ ଭାବରେ ଘଟୁଥିବା ଦୁର୍ଭାଗ୍ୟପୂର୍ଣ୍ଣ ଘଟଣା ଏବଂ ଦଣ୍ଡ ମଧ୍ୟରେ ବିଭ୍ରାନ୍ତ ହୁଏ ନାହିଁ । ଯେଉଁ ପର୍ଯ୍ୟନ୍ତ କିଶୋର କିଶୋରୀମାନେ ପିଆଜେଙ୍କର ଅମୂର୍ତ୍ତ ବିଧିବତ୍ ପର୍ଯ୍ୟାୟକୁ ଯାଇନଥାନ୍ତି ସେମାନେ ନୈତିକ ବିକାଶର ସର୍ବୋତ୍ତମ ସୋପାନରେ ପହଞ୍ଚିନଥାନ୍ତି । ଲୋକମାନେ ସାର୍ବଜନୀନ ସତ୍ୟତା, ନୈତିକ ନିୟମ ଆଦି ବୁଝିବା ପାଇଁ ଅମୂର୍ତ୍ତ ବିଚାରକରଣ ନିମନ୍ତେ ସମର୍ଥ ହେବା ଆବଶ୍ୟକ ।

ପାଠଗତ ପ୍ରଶ୍ନାବଳୀ ୧୨.୫

ନିମ୍ନଲିଖିତ ଉକ୍ତିଗୁଡିକ ଠିକ୍/ଭୁଲ ନିର୍ଣ୍ଣୟ କର ।

୧. ପିଲାମାନଙ୍କର ବୌଦ୍ଧିକ ବିକାଶ ଏକ ନିର୍ଦ୍ଦିଷ୍ଟ ସ୍ତରର ନହେବା ପର୍ଯ୍ୟନ୍ତ ସେମାନେ ନୈତିକତା ଦୃଷ୍ଟିରୁ ବିଚାର କରିବା ପାଇଁ ସକ୍ଷମ ହୋଇନଥାନ୍ତି । ଠିକ/ଭୁଲ

୨. ପ୍ରଥମ ପର୍ଯ୍ୟାୟରେ ଶିଶୁମାନଙ୍କର ନୈତିକତା ସମ୍ବନ୍ଧୀୟ ଧାରଣାଗୁଡିକ ଅନମନୀୟ ଥାଏ, ମାତ୍ର ଦ୍ୱିତୀୟ ପର୍ଯ୍ୟାୟରେ ତାହା ନମନୀୟ ହୋଇଥାଏ । ଠିକ/ଭୁଲ

୩. ପ୍ରଥମ ପର୍ଯ୍ୟାୟରେ ଶିଶୁ ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟକୁ ସମ୍ପୂର୍ଣ୍ଣ ଭୁଲ କିମ୍ବା ଠିକ୍ ବୋଲି ଭାବିଥାଏ ଏବଂ ସମସ୍ତେ ମଧ୍ୟ ସେହି ଦୃଷ୍ଟିକୋଣରୁ ଚିନ୍ତା କରୁଛନ୍ତି ବୋଲି ଭାବିଥାଏ । ଠିକ/ଭୁଲ

୪. ଦ୍ୱିତୀୟ ପର୍ଯ୍ୟାୟରେ ଶିଶୁ ନିଜକୁ ଅନ୍ୟମାନଙ୍କ ସ୍ଥାନରେ ରଖିପାରେ ଏବଂ ଅନ୍ୟମାନଙ୍କର ଚିନ୍ତାଧାରା ବୁଝିବା ପାଇଁ ମଧ୍ୟ ସକ୍ଷମ ହୋଇଥାଏ । ଠିକ/ଭୁଲ

(ଙ) ଭାଷା ବିକାଶ (Language Development)

ଶିଶୁମାନେ ଭାଷା କହିବା ପୂର୍ବରୁ ଏହାକୁ ବୁଝିବାକୁ ଶିଖିଥାନ୍ତି । ଜନ୍ମ ହେବାର କେବଳ କିଛି ସମୟ ପରେ ଶବ୍ଦ କେଉଁଠାରୁ ଆସୁଛି ଶିଶୁ ଜାଣିପାରିଥାଏ । ନବଜାତ ଶିଶୁ ଶବ୍ଦ ମଧ୍ୟରେ ଥିବା ପାର୍ଥକ୍ୟ ଯାହାକି ବାରମ୍ବାରତା, ତୀବ୍ରତା, ସ୍ଥିତିକାଳ ଏବଂ ଦୃଢତା ବିଷୟରେ କହିପାରନ୍ତି । ପ୍ରଥମ ବର୍ଷର ଶେଷ ବେଳକୁ ସେମାନେ ସେମାନଙ୍କର ଭାଷାର ବିଭିନ୍ନ ଶବ୍ଦଗୁଡିକର ତାରତମ୍ୟ ଜାଣିପାରନ୍ତି । ସେମାନେ ଯୋଡ ଶବ୍ଦ ମଧ୍ୟରେ ଥିବା ତାରତମ୍ୟ ନିର୍ଣ୍ଣୟ କରିପାରନ୍ତି, ଯେଉଁଗୁଡିକ କେବଳ ପ୍ରାରମ୍ଭିକ ଧ୍ୱନିରେ ଭିନ୍ନ ହୋଇଥାନ୍ତି (ଯେପରି 'କ୍ୟାଟ୍' ଏବଂ 'ବ୍ୟାଟ୍') ।

ପ୍ରଥମ ବାସ୍ତବ ଶବ୍ଦ କହିବା ପୂର୍ବରୁ ଶିଶୁମାନେ ପ୍ରାକ୍ ଭାଷା କଥନ (prelinguistic speech) ଅନୁକରଣ କରିଥାନ୍ତି, ଯାହାକି ଅନୁକ୍ରମିକ ଭାବରେ ଅବିଭେଦକ କ୍ରନ୍ଦନ, ବିଭେଦକ କ୍ରନ୍ଦନ, ଘୁମୁରା ଶବ୍ଦ (cooing), ଅସ୍ପଷ୍ଟ ଶବ୍ଦ, ଶୈଶବ ଉଚ୍ଚାରଣ (lallation) କିମ୍ବା ଅସମ୍ପୂର୍ଣ୍ଣ ଅନୁକରଣ କିମ୍ବା ଅନ୍ୟମାନଙ୍କ ଶବ୍ଦ ଅନୁକରଣ, ବିଶେଷ ଶବ୍ଦାବଳୀ ସହ ସମ୍ପୃକ୍ତ ଅଟେ ।

ତେବେ ବାସ୍ତବ ଯୋଗାଯୋଗ, କହିବାର ସାମର୍ଥ୍ୟ ଓ କଥା ବୁଝିପାରିବାର କ୍ଷମତାକୁ ବୁଝାଇଥାଏ । ଏହିପରି ଏହା ୪ଟି ମୁଖ୍ୟ ବିକାଶ କ୍ରିୟା ଉପରେ ନିର୍ଭର କରିଥାଏ, ଯଥା : ବୋଧଜ୍ଞାନ ସ୍ପଷ୍ଟ ଉଚ୍ଚାରଣ, ଶବ୍ଦ ପରିପ୍ରକାଶ ଗଠନ ଏବଂ ଅର୍ଥପୂର୍ଣ୍ଣ ବାକ୍ୟ ଗଠନ ।

ଯେତେବେଳେ ଶିଶୁମାନେ ଅର୍ଥପୂର୍ଣ୍ଣ ଭାବରେ ଭାଷା ଉଚ୍ଚାରଣ କରିବା ଆରମ୍ଭ କରନ୍ତି, ସେମାନେ ନିମ୍ନମତେ ଭିନ୍ନ ଭିନ୍ନ ପର୍ଯ୍ୟାୟ ଦେଇ ଗତି କରିଥାନ୍ତି ।

୧. ଗୋଟିଏ ଶବ୍ଦକୁ ନେଇ ବାକ୍ୟ ଗଠନ (oneword sentence)

ଏକ ବର୍ଷ ବୟସର ଶିଶୁ ହାତ ଦେଖାଇ କୁହେ 'ବାହାର' । ପରିସ୍ଥିତି ଉପରେ ନିର୍ଭର କରି ଯଥା : 'ମୁଁ ବାହାରକୁ ଯାଉଛି' କିମ୍ବା 'ମା ବାହାରକୁ ଗଲା' ସେ ଏହି ଅର୍ଥ ବୁଝାଇଥାଏ ।

୨. ବହୁବିଧ ଶବ୍ଦ ଦ୍ୱାରା ବାକ୍ୟ ଗଠନ (multiword sentence)

ପ୍ରାୟ ଦୁଇବର୍ଷ ବେଳକୁ ସେ ଦୁଇଟି କିମ୍ବା ଅଧିକ ଶବ୍ଦକୁ ଯୋଡି ବାକ୍ୟ ଗଠନ କରିଥାଏ । ଯେପରିକି "ମୁଁ ଯିବି" । ଏହି ଶବ୍ଦଗୁଡିକ କେବଳ ବିଶେଷ୍ୟ ଏବଂ କ୍ରିୟାଶବ୍ଦ ହୋଇଥାଏ । ଏହି ସାଙ୍କେତିକ ଭାଷା (telegraphic speech) କେବଳ ଅର୍ଥ ରହିଥିବା ଶବ୍ଦକୁ ଧାରଣ କରିଥାଏ ।

୩. ବ୍ୟାକରଣଗତ ସଠିକ୍ ମୌଖିକ ଉଚ୍ଚାରଣ (grammatically correct verbal utterances)

ତିନିବର୍ଷ ବେଳକୁ ଭାଷା ଉପରେ ଶିଶୁର ବିଶେଷ ଦକ୍ଷତା ହାସଲ ହୋଇଥାଏ । ସେମାନେ ୯୦୦ଟି ଶବ୍ଦ ଶିକ୍ଷା କରିଥାନ୍ତି । ସେମାନେ ଦୀର୍ଘବାକ୍ୟ କହିଥାନ୍ତି, ଯାହାକି ଭାଷାର ସମସ୍ତ ଅଂଶକୁ ଅନ୍ତର୍ଭୁକ୍ତ କରିଥାଏ ଏବଂ ବ୍ୟାକରଣ ନିୟମକୁ ଉତ୍ତମରୂପେ ଶିକ୍ଷା କରିଥାନ୍ତି । ସେମାନେ ନିୟମର ବ୍ୟତିକ୍ରମ ପ୍ରତି ଖୁବ କମ୍ କୋହଳ ମନୋଭାବ ପୋଷଣ କରନ୍ତି, ଯେପରିକି (we goed to the store)।

ଶିଶୁମାନେ ୩-୪ ବର୍ଷ ବୟସ ମଧ୍ୟରେ ମୁଖ୍ୟତଃ ୩-୪ଟି ସାଙ୍କେତିକ (telegraphic)

ବାକ୍ୟ ଗଠନ କରିଥାନ୍ତି, ଯାହା କେବଳ ଅତ୍ୟାବଶ୍ୟକ ଶବ୍ଦକୁ ଅନ୍ତର୍ଭୁକ୍ତ କରିଥାଏ ଏବଂ ସେମାନେ ଅନ୍ୟମାନଙ୍କୁ ନିର୍ଦ୍ଦେଶ ଦେବା ସହ ଅନ୍ୟମାନଙ୍କ ସରଳ ନିର୍ଦ୍ଦେଶ ମାନିଥାନ୍ତି । ସେମାନଙ୍କର ଶବ୍ଦ ଭଣ୍ଡାର ପ୍ରାୟ ୯୦୦ରୁ ୧୨୦୦ ହୋଇଥାଏ । ୪-୫ ବର୍ଷ ବୟସ ମଧ୍ୟରେ ଶିଶୁମାନଙ୍କର ବାକ୍ୟ ହାରାହାରି ୪-୫ଟି ଶବ୍ଦକୁ ନେଇ ଗଠିତ ହୋଇଥାଏ । ସେମାନେ ବର୍ତ୍ତମାନ ବାକ୍ୟରେ ତଳ, ଉପର, ଭିତରେ, ବାହାରେ ପଛରେ ଆଦି ଅବ୍ୟୟପଦ ପ୍ରୟୋଗ କରିପାରିଥାନ୍ତି । ସେମାନେ ବିଶେଷ୍ୟ ପଦ ଅପେକ୍ଷା ଅଧିକ ପରିମାଣର କ୍ରିୟାପଦ ବ୍ୟବହାର କରିଥାନ୍ତି ଏବଂ ପ୍ରାୟ ୧୫୦୦ରୁ ୨୦୦୦ ପର୍ଯ୍ୟନ୍ତ ଶବ୍ଦ ଭଣ୍ଡାର ଶିକ୍ଷା କରିଥାନ୍ତି ।

୫ରୁ୬ ବର୍ଷ ମଧ୍ୟରେ ଶିଶୁମାନେ ପ୍ରାୟ ୬ରୁ ୮ଟି ଶବ୍ଦ ବିଶିଷ୍ଟ ବାକ୍ୟ ପ୍ରୟୋଗ କରିଥାନ୍ତି । ସେମାନେ କେବଳ ସରଳ ଶବ୍ଦଗୁଡ଼ିକୁ ବାଖ୍ୟା କରିପାରନ୍ତି ଏବଂ କେତେକ ବିପରୀତ ଅର୍ଥ ପ୍ରକାଶ କରୁଥିବା ଶବ୍ଦଗୁଡ଼ିକୁ ମଧ୍ୟ ଜାଣିଥାନ୍ତି । ଦୈନନ୍ଦିନ ଭାଷାରେ ସେମାନେ ଅଧିକ ସଂଯୋଜକ ଅବ୍ୟୟପଦ, ଉପସର୍ଗ ଏବଂ ଆର୍ଟିକିଲ୍ସ (articles) ପ୍ରୟୋଗ କରିଥାନ୍ତି । ସେମାନଙ୍କର କଥନ ସମ୍ପୂର୍ଣ୍ଣ ଭାବରେ ବ୍ୟାକରଣର ନିୟମ ଅନୁଯାୟୀ ହୋଇଥାଏ, ଯଦିଓ ସେମାନେ ନିୟମର ଅଣଦେଖା କରିଥାନ୍ତି । ସେମାନଙ୍କର ଭାଷା କମ୍ ଆତ୍ମକୈନ୍ଦ୍ରିକ ଓ ଅଧିକ ସମାଜୀକରଣ ହୋଇଥାଏ ଏବଂ ୨୦୦୦ରୁ ୨୫୦୦ ଶବ୍ଦାବଳୀ ମଧ୍ୟରେ ସୀମିତ ଥାଏ ।

ପ୍ରାୟ ୬-୭ ବର୍ଷ ବୟସ ବେଳକୁ ଶିଶୁମାନଙ୍କର ଭାଷା ସମ୍ପୂର୍ଣ୍ଣ ମାର୍ଜିତ ରୁଚିସମ୍ପନ୍ନ ହୋଇଥାଏ । ସେମାନେ ଏହି ସମୟରେ ଯୌଗିକ, ଜଟିଳ ଓ ବ୍ୟାକରଣଗତ ଶୁଦ୍ଧ ବାକ୍ୟ କହିଥାନ୍ତି ସେମାନେ । ଭାଷାର ସମସ୍ତ ପଦ ବ୍ୟବହାର କରିଥାନ୍ତି ଏବଂ ପ୍ରାୟ ୩୦୦୦ରୁ ୪୦୦୦ ଶବ୍ଦ ଶିଖି ପାରିଥାନ୍ତି । ପିଆଜେ, ପ୍ରାକ୍ ବିଦ୍ୟାଳୟ ସ୍ତରର କଥନକୁ ବ୍ୟକ୍ତି କୈନ୍ଦ୍ରିକ ବା ସମାଜୀକରଣ ବୋଲି ଚିତ୍ରଣ କରିଛନ୍ତି । ବ୍ୟକ୍ତି କୈନ୍ଦ୍ରିକ କଥନ ବ୍ୟକ୍ତିର ଖୁସି ନିମନ୍ତେ ବାରମ୍ବାର ପ୍ରୟୋଗ ହେଉଥିବା ଶବ୍ଦ ଓ ଶବ୍ଦାଂଶଗୁଡ଼ିକୁ ନେଇ ଗଠିତ । ସମାଜୀକରଣ କଥନରେ ଦ୍ୱିପାକ୍ଷିକ ଯୋଗାଯୋଗ ରହିଥାଏ ।

୬ ବର୍ଷ ବୟସର ଶିଶୁ ଜଟିଳ ବ୍ୟାକରଣର ପ୍ରୟୋଗ କରିବା ସହ ପ୍ରାୟ ୨୫୦୦ ଶବ୍ଦାବଳୀ ପ୍ରୟୋଗ କରିପାରିଥାଏ । ମାତ୍ର ସେମାନେ ଶବ୍ଦ ବିନ୍ୟାସ ସମ୍ବନ୍ଧୀୟ ସଠିକତା ଆୟତ କରିନଥାନ୍ତି । ୪ ବର୍ଷ ବୟସରୁ ଶିଶୁ ଲମ୍ବା ଲମ୍ବା ବାକ୍ୟ କହିଥାନ୍ତି ଏବଂ ଜଟିଳ ବ୍ୟାକରଣଗୁଡ଼ିକ ମଧ୍ୟ ପ୍ରୟୋଗ କରିଥାନ୍ତି । ପ୍ରାରମ୍ଭିକ ବିଦ୍ୟାଳୟ ବର୍ଷରେ ସେମାନେ କ୍ୱଚିତ କର୍ମବାଚ୍ୟ (passive voice) କିମ୍ବା କ୍ରିୟାପଦ ବିନିଯୋଗ କରିଥାନ୍ତି ଯାହା ଅଛି (have) କିମ୍ବା ସର୍ତ୍ତମୂଳକ ବାକ୍ୟ (ଆପଣ ଏହା କରିଥିଲେ, ମୁଁ ତାହା କରିଥାନ୍ତି) ଆକାରକୁ ଅନ୍ତର୍ଭୁକ୍ତ କରିଥାଏ । ସେମାନେ ବାକ୍ୟ ବିନ୍ୟାସର ରୁଚି ସମ୍ପନ୍ନ ବୁଝାମଣା ୯ ବର୍ଷ ପର୍ଯ୍ୟନ୍ତ ଏବଂ ସମ୍ଭବତଃ ୯ ବର୍ଷ ପରେ ବୃଦ୍ଧି କରିଥାନ୍ତି । ଏହି ପର୍ଯ୍ୟାୟରେ ଆତ୍ମକୈନ୍ଦ୍ରିକତା କମ୍ ହୁଏ ।

ପାଠଗତ ପ୍ରଶ୍ନାବଳୀ ୧୨.୬

ନିମ୍ନ ଉକ୍ତିଗୁଡିକ ଠିକ୍ କିମ୍ୱା ଭୁଲ ଲେଖ ।

୧. ଜନ୍ମପରେ ନବଜାତ ଶିଶୁ କେଉଁଠାରୁ ଶବ୍ଦ ଆସୁଛି ଜାଣିପାରିନଥାଏ । ଠିକ/ଭୁଲ

୨. ଶିଶୁମାନେ ଅର୍ଥପୂର୍ଣ୍ଣ କଥା ବିଭିନ୍ନ ପର୍ଯ୍ୟାୟରେ କହିଥାନ୍ତି । ଠିକ/ଭୁଲ

୩. ଶିଶୁ ତିନିବର୍ଷ ବୟସରେ ବାକ୍ୟ କହିଥାଏ । ଠିକ/ଭୁଲ

୪. ୩ରୁ ୪ ବର୍ଷ ବୟସରେ ଶିଶୁଟି ୩ରୁ ୪ଟି ଶବ୍ଦ ମଧ୍ୟରେ ସାଙ୍କେତିକ ବାକ୍ୟ କହିଥାଏ । ଠିକ/ଭୁଲ

(ଚ) ବ୍ୟକ୍ତିତ୍ୱର ବିକାଶ (Personality Development)

ବ୍ୟକ୍ତିତ୍ୱ ବିକାଶ ବ୍ୟକ୍ତିର ଶାରୀରିକ ଗଠନ, ନିର୍ଦ୍ଦିଷ୍ଟ ପ୍ରକୃତି, ଗୁଣାବଳୀ, ସାମର୍ଥ୍ୟ, ଉଚ୍ଚାଭିଳାଷ, ଆଗ୍ରହ ଆଦି ସହ ସମ୍ପୃକ୍ତ, ଯାହା ତାର ପ୍ରତିନିଧିତ୍ୱ କରିଥାଏ ଏବଂ ତାକୁ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଥାଏ ।

ସିଗମଣ୍ଡ ଫ୍ରଏଡଙ୍କ ଦ୍ୱାରା ବ୍ୟକ୍ତିତ୍ୱର ସର୍ବପୁରାତନ ଏବଂ ଗୁରୁତ୍ୱପୂର୍ଣ୍ଣ ମତବାଦ ବିକଶିତ ହୋଇଥିଲା । ତାଙ୍କ ମତରେ ବ୍ୟକ୍ତିତ୍ୱ ଗଠନର ତିନୋଟି ଭାଗ ରହିଛି– ଆଦିମ ପ୍ରବୃତ୍ତି (id), ଅହଂ (ego) ଏବଂ ପରାହଂ (superego) । ଯେତେବେଳେ ସନ୍ତୋଷଲାଭ ବିଳମ୍ୱ ହୁଏ, ଅହଂର ବିକାଶ ହୋଇଥାଏ । ଏହା ବାସ୍ତବ ନିୟମାବଳୀକୁ ଆଧାର କରି କାର୍ଯ୍ୟ କରିଥାଏ ଏବଂ ସନ୍ତୋଷ ଲାଭ ନିମନ୍ତେ ଏକ ଗ୍ରହଣୀୟ ରାସ୍ତା ଖୋଜି ବାହାର କରିଥାଏ । ପରାହଂ ବା ବିବେକ ସମାଜର ନୈତିକତାକୁ ବିଶେଷ କରି ସମଲିଙ୍ଗୀ ପିତା ବା ମାତାଙ୍କ ସହ ନିଜକୁ ଚିହ୍ନଟ କରିବା ପ୍ରକ୍ରିୟା ମାଧ୍ୟମରେ ସାମିଲ କରିଥାଏ ।

ଜନ୍ମ ସମୟରୁ ହିଁ ଆଦିମ ପ୍ରବୃତ୍ତି ଉପସ୍ଥିତ ଥାଏ । ନବଜାତ ଶିଶୁମାନେ ଆତ୍ମକୈନ୍ଦ୍ରିକ ଅଟନ୍ତି । ଯେତେବେଳେ ସେମାନଙ୍କର ତୃପ୍ତି ପାଇବାରେ ବିଳମ୍ୱ ଘଟେ ଏବଂ ସେମାନଙ୍କୁ ଖାଦ୍ୟ ପାଇଁ ଅପେକ୍ଷା କରିବାକୁ ପଡିଥାଏ, ସେମାନଙ୍କର ଅହଂର ବିକାଶ ଘଟିଥାଏ ଏବଂ ସେମାନେ ନିଜକୁ ପାରିପାର୍ଶ୍ୱିକ ସ୍ଥିତି ଠାରୁ ଭିନ୍ନ ଭାବରେ ଚିହ୍ନଟ କରିଥାନ୍ତି । ଏହିପରି ଭାବରେ ଜନ୍ମର ପରବର୍ତ୍ତୀ ସମୟରୁ ଅହଂର ବିକାଶ ଘଟିଥାଏ । ବିବେକର ବିକାଶ ୪ରୁ ୫ ବର୍ଷ ପର୍ଯ୍ୟନ୍ତ ହୋଇନଥାଏ । ଫ୍ରଏଡଙ୍କ ମତରେ ମନୁଷ୍ୟର ବ୍ୟକ୍ତିତ୍ୱର ବିକାଶ ମୌଳିକ ଯୌନାକାଂକ୍ଷା କିମ୍ୱା କାମନା ବାସନାର ସଂଗଠନ ଏବଂ ପରିପ୍ରକାଶ ସହିତ ସମ୍ପର୍କିତ । ଫ୍ରଏଡଙ୍କ ମତରେ ଗୋଟିଏ ମଣିଷର ମନୋଲୈଙ୍ଗିକ ବିକାଶ ବିଭିନ୍ନ ପର୍ଯ୍ୟାୟରେ ହୋଇଥାଏ, ଯଥା ମୌଖିକ, ପାୟୁ, ଲିଙ୍ଗୀୟ, ଅବ୍ୟକ୍ତ ଏବଂ

ଜନନେନ୍ଦ୍ରିୟ । ଫ୍ରଏଡ ଯୁକ୍ତି କରିଥିଲେ ଯେ ଶୈଶବାବସ୍ଥା ଓ ଶିଶୁ ଅବସ୍ଥାର ଘଟଣାଗୁଡିକ ପ୍ରୌଢାବସ୍ଥାରେ ବ୍ୟକ୍ତିତ୍ୱର ପ୍ରମୁଖ ନିର୍ଣ୍ଣାୟକ ଅଟନ୍ତି । ତାଙ୍କ ମତରେ ପ୍ରୌଢାବସ୍ଥାର ଆଚରଣ ପାଇଁ ପ୍ରଥମ ତିନୋଟି ସ୍ତରର ପ୍ରଭାବ ବିଶେଷ ଗୁରୁତ୍ୱପୂର୍ଣ୍ଣ ଅଟେ । ଏହି ପର୍ଯ୍ୟାୟର ଅନୁଭୂତିଗୁଡିକ ପ୍ରୌଢାବସ୍ଥାରେ ବ୍ୟକ୍ତିର ଉପଯୋଜନ ଶୈଳୀ ଏବଂ ବ୍ୟକ୍ତିତ୍ୱର ବିଶେଷ ଗୁଣାବଳୀଗୁଡିକୁ ନିର୍ଦ୍ଧାରିତ କରିଥାଏ । ଏକ ନିର୍ଦ୍ଦିଷ୍ଟ ସୋପାନରେ ବ୍ୟକ୍ତିର ଆବଶ୍ୟକତାଗୁଡିକ ପୂରଣ ନହେବା ଦ୍ୱାରା ବା ଅତି ବେଶୀ ଗେହ୍ଲା ହେବା ଦ୍ୱାରା ସେମାନେ ଅତ୍ୟଧିକ ନିବିଷ୍ଟ ହେବା ଲକ୍ଷ୍ୟ କରାଯାଏ । ଗୋଟିଏ ଧାରଣା ଉପରେ ମନ ସଂଯୋଗ କରିବା ଅପରିପକ୍ୱ ଆସକ୍ତିକୁ ସୂଚାଇଥାଏ, ଯାହାକି ଏକ ସ୍ନାୟବିକ ବିକାର ଭାବେ ରହିଥାଏ ଏବଂ ସ୍ୱାଭାବିକ ବିକାଶରେ ହସ୍ତକ୍ଷେପ କରିଥାଏ ।

ମୌଖିକ ଅବସ୍ଥା (oral stage) (ଜନ୍ମରୁ ୧୨-୧୮ ମାସ)

ନବଜାତଶିଶୁ ସେମାନଙ୍କର ଅଧିକାଂଶ ସନ୍ତୋଷ କୌଣସି ଜିନିଷକୁ ପାଟିରେ ପୁରାଇ ଚୁଚୁମିବା ଦ୍ୱାରା ପାଇଥାନ୍ତି । ଏହି ପର୍ଯ୍ୟାୟରେ ନବଜାତ ଶିଶୁମାନେ ସେମାନଙ୍କର ନିଜସ୍ୱ ତୃପ୍ତି ଉପରେ ଗୁରୁତ୍ୱ ଦେଇଥାନ୍ତି । ସେସବୁ ଆଦିମ ପ୍ରବୃତ୍ତିର ତାଡନା ଅଟେ, କାରଣ ସେସବୁ ସୁଖ ଭୋଗର ନିୟମ ଉପରେ ପର୍ଯ୍ୟବସିତ ହୋଇଥାନ୍ତି । ଯଦି ଏହି ପର୍ଯ୍ୟାୟରେ ଶିଶୁଟି ସନ୍ତୁଷ୍ଟ ହୋଇନଥାଏ, ତେବେ ତାର ଅତ୍ୟଧିକ ନିବିଷ୍ଟ (fixed) ଭାବ ସୃଷ୍ଟି ହୁଏ । ସେ କ୍ଷେତ୍ରରେ ପ୍ରୌଢାବସ୍ଥାରେ କେତେକ ସମସ୍ୟା ସୃଷ୍ଟି ହୋଇଥାଏ, ଯେପରିକି ମୁଖ ଚୁମ୍ବନର ଅସମାନୁପାତ ସନ୍ତୋଷ ଲାଭ କରିବା, ଧୂମ୍ରପାନ କରିବା, ନଖ କାମୁଡିବା, ଅତ୍ୟଧିକ ମାତ୍ରାରେ ଖାଇବା ଓ ଅଧିକ ପିଇବା କିମ୍ବା ଭଲ ପାଉଥିବା ବ୍ୟକ୍ତି ଉପରେ ହାକିମି ଦେଖାଇବା ଏବଂ ଶିଶୁମାନଙ୍କ ପରି ଅନ୍ୟମାନଙ୍କ ଉପରେ ଅତ୍ୟଧିକ ନିର୍ଭରଶୀଳ ହେବା ଉତ୍ୟାଦି ।

ପାୟୁ ଅବସ୍ଥା (anal stage) (୧୨-୧୮ ମାସରୁ ୩ ବର୍ଷ ପର୍ଯ୍ୟନ୍ତ)

ଏହି ପର୍ଯ୍ୟାୟରେ ମଳତ୍ୟାଗ କରିବାକୁ ସର୍ବାଧିକ ଆନନ୍ଦ ସ୍ଥାନାନ୍ତରିତ ହୋଇଥାଏ ଏବଂ ମଳତ୍ୟାଗ ଲାଗି ତାଲିମ ଦିଆଯାଏ । ଯଦି ଏହି ସମୟରେ ସ୍ୱଚ୍ଛତା ପ୍ରତି କଠୋର ଧ୍ୟାନ ଦିଆଯାଏ, ତେବେ ଜଣେ ବ୍ୟକ୍ତି ଅତିଶୟ ଭାବରେ ପରିଷ୍କାର ପରିଚ୍ଛନ୍ନତାକୁ ଧ୍ୟାନଦେବା କିମ୍ବା ଅବାଧ ଭାବେ ଅପରିଷ୍କାର ହେବା, ପାଣ୍ଡିତ୍ୟ ପ୍ରଦର୍ଶନ କରିବା, ଅତିଶୟ ଭାବେ ନିୟମନିଷ୍ଠ ଏବଂ ଅପରିବର୍ତ୍ତନୀୟ ଧାରାରେ ନିତ୍ୟକର୍ମ ଏବଂ କାର୍ଯ୍ୟକ୍ରମଗୁଡିକର ସୂଚୀପ୍ରତି ଘନିଷ୍ଠ ଭାବେ ସଂଯୁକ୍ତ ହୋଇଥାଏ । ପାୟୁ ଅବସ୍ଥାରେ ସମସ୍ୟା ସୃଷ୍ଟି ହେଲେ ଲୋକମାନେ ବ୍ୟକ୍ତିଗତ ସମ୍ପତ୍ତିକୁ ଗୁପ୍ତରେ ସଂଚୟ କରି ରଖନ୍ତି କିମ୍ବା ବସ୍ତୁ ଏବଂ ପଦାର୍ଥ ଦାନ କରି ଭଲ ପାଉଥିବାର ପରିଚୟ ଦେଇଥାନ୍ତି ।

ଲିଙ୍ଗୀୟ ଅବସ୍ଥା (phallic stage)

ଫ୍ରଏଡଙ୍କ ମତରେ ମନୋଲୈଙ୍ଗିକ ଖୁସିରେ ୩ରୁ ୪ ବର୍ଷ ବେଳକୁ ପରିବର୍ତ୍ତନ ଘଟିଥାଏ, ଯେଉଁ

ସମୟରେ ବିଶେଷ ଆଗ୍ରହ ଓ ଖୁସି ଜନନେନ୍ଦ୍ରିୟରେ କେନ୍ଦ୍ରିତ ହୋଇଥାଏ । ପ୍ରାକ୍ ବିଦ୍ୟାଳୟ ସ୍ତରର ଶିଶୁମାନେ ପୁଅ-ଝିଅ ଓ ବୟସ୍କ ପିଲାଙ୍କର ଶରୀର ସମ୍ବନ୍ଧୀୟ ତାରତମ୍ୟ ପ୍ରତି ଆଗ୍ରହାନ୍ୱିତ ହୋଇଥାନ୍ତି । ମାତୃ ମନୋଗ୍ରନ୍ଥି (oedipus complex) ମତ ଅନୁଯାୟୀ ୩ରୁ ୬ ବର୍ଷର ପୁଅମାନଙ୍କର ନିଜ ମା'ଙ୍କ ପ୍ରତି ଅତ୍ୟଧିକ ପ୍ରେମଭାବ ଉତ୍ପନ୍ନ ହୋଇଥାଏ ଏବଂ ସେମାନେ ମା'ଙ୍କର ସ୍ନେହ ପାଇବା ପାଇଁ ପିତାଙ୍କ ସହ ପ୍ରତିଯୋଗିତା କରିଥାନ୍ତି । ଅବଚେତନ ସ୍ତରରେ ଛୋଟ ପୁଅଟି ବାପାଙ୍କର ସ୍ଥାନ ନେବା ପାଇଁ ଇଚ୍ଛା କରିଥାଏ, ମାତ୍ର ସେ ବାପାଙ୍କର ଶକ୍ତିକୁ ମଧ୍ୟ ଉପଲବ୍ଧି କରିଥାଏ । ପିଲାଟି ତାର ବାପାଙ୍କ ପ୍ରତି ବିରୋଧାତ୍ମକ ଚିନ୍ତା ତ୍ୟାଗ କରି ପ୍ରକୃତ ସ୍ନେହ ପ୍ରଦର୍ଶନ କରିଥାଏ । ଏହା ସହିତ ତାର ବିରୁଦ୍ଧତା, ପ୍ରତିଦ୍ୱନ୍ଦ୍ୱିତା ଓ ଭୟ ଭାବ ମଧ୍ୟ ରହିଥାଏ । ଛୋଟ ଝିଅମାନଙ୍କୁ ଭିନ୍ନ ଭାବେ ଲକ୍ଷ୍ୟ କରି, ସେମାନଙ୍କର କ'ଣ ଘଟୁଛି ଭାବି ବିସ୍ମୟ ହୋଇଥାଏ ଏବଂ ତାର ମା'ଙ୍କ ପ୍ରତି ଥିବା ଭାବନା ଯୋଗୁଁ ଅପରାଧ ଭାବ ସୃଷ୍ଟି ହୋଇଥାଏ । ଏଥିଯୋଗୁଁ ବାପାଙ୍କ ଦ୍ୱାରା ଶକ୍ତିଛଡ଼ାଇନେବା ଚିନ୍ତା ତାକୁ ଉଦ୍‌ବିଗ୍ନ କରିଥାଏ । ଭୀତତ୍ରସ୍ତ ହୋଇ ସେ ମା'ଙ୍କ ପ୍ରତି ଥିବା ଦୃଢ ଯୌନ ଇଚ୍ଛାକୁ ମନରୁ ଦୂର କରିଥାଏ, ବାପାଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା ବନ୍ଦ କରିଥାଏ ଏବଂ ତାଙ୍କ ସହ ତଦାତ୍ମିକରଣ (identification) କରିଥାଏ । କାରେନ୍ ହର୍ଣ୍ଣି (Karen Horney) (1924) ଯଦିଓ ଫ୍ରଏଡଙ୍କ ମନୋଲୈଙ୍ଗିକ (psycho-sexual) ବିକାଶତତ୍ତ୍ୱ ସପକ୍ଷରେ ସହମତ ଥିଲେ, ସେ ଲିଙ୍ଗୀୟ ଅବସ୍ଥାରେ ତରୁଣୀମାନେ ପୁରୁଷର ଲିଙ୍ଗ ପ୍ରତି ଈର୍ଷା ପରାୟଣ ହେବା ଧାରଣାକୁ ଖଣ୍ଡନ କରିଥିଲେ । ଏହା ବଦଳରେ ସେ ଗର୍ଭାଶୟ ଈର୍ଷା ବିଷୟରେ ଉପସ୍ଥାପନା କରିଥିଲେ ଯେ ପୁଅମାନେ ଝିଅମାନଙ୍କର ଶରୀର ଗଠନର ସେହି ଅଙ୍ଗପ୍ରତି ଈର୍ଷାନ୍ୱିତ ହୋଇଥାନ୍ତି, ଯାହା ସେମାନଙ୍କର ନଥାଏ । ସେ ପ୍ରସ୍ତାବ ଦେଇଥିଲେ ଯେ କିଶୋରୀମାନେ, ଶରୀର ଗଠନ ସମ୍ପର୍କିତ ପୁରୁଷର ଲିଙ୍ଗ ପ୍ରତି ଆଗ୍ରହ ପ୍ରକାଶ କରିନଥାନ୍ତି, ମାତ୍ର ପୁରୁଷର ସାମାଜିକ ଲିଙ୍ଗପ୍ରତି ଆଗ୍ରହ ପ୍ରକାଶ କରିଥାନ୍ତି- ଯେଉଁ ସାମାଜିକ କ୍ଷମତା ଏବଂ ଆତ୍ମ ପରିଚୟ ତାଙ୍କର ପୁରୁଷସାଥୀ ଲିଙ୍ଗ ଯୋଗୁଁ ପାଇଥାନ୍ତି ।

ପିତୃ ମନୋଗ୍ରନ୍ଥିଟି (electra complex) ମାତୃ ମନୋଗ୍ରନ୍ଥି ପରି ଅଟେ । ଗୋଟିଏ ଛୋଟ ଝିଅ ବାପାଙ୍କ ପ୍ରତି ଅଧିକ ଅଭିଳାଷ ରଖିଥାଏ, ମାଙ୍କ ପ୍ରତି ଭୟ ପ୍ରକାଶ କରିଥାଏ ଓ ଏହି ଅନୁଭବଗୁଡିକୁ ଦମନ କରିଥାଏ ଏବଂ ଅବଶେଷରେ ନିଜ ଲିଙ୍ଗର ପିତା-ମାତାଙ୍କ ସହିତ ତଦାତ୍ମିକରଣ (identify) କରିଥାଏ ।

ପରାହଂର ବିକାଶ (Development of the Superego)

ଶିଶୁମାନେ ନିଜ ଲିଙ୍ଗର ପିତାମାତାଙ୍କ ସହ ତଦାତ୍ମିକରଣ କରିବା ଦ୍ୱାରା ସେମାନଙ୍କର ବ୍ୟକ୍ତିତ୍ୱକୁ ନିଜେ ଗ୍ରହଣ କରିଥାନ୍ତି । ମନୋଗତ୍ୟାତ୍ମକ ଆଭିମୁଖ୍ୟ ଅନୁଯାୟୀ ଏହାକୁ ଆତ୍ମବିଶ୍ଳେଷଣ କୁହାଯାଏ । ସେମାନେ ନିଜର ଇଚ୍ଛା, ମୂଲ୍ୟବୋଧ ଓ ଯୋଗ୍ୟତା ଆଦିର ବିଶ୍ଳେଷଣ କରିଥାନ୍ତି । ପରାହଂକୁ ବିବେକ କିମ୍ବା ହିତାହିତ ଜ୍ଞାନ ମଧ୍ୟ କୁହାଯାଇଥାଏ । ଏହି ପର୍ଯ୍ୟାୟରେ ଶିଶୁର ବିବେକବୋଧ

ଅନମନୀୟ କିମ୍ବା ଦୃଢ ହୋଇଥାଏ ।

ମଧ୍ୟ ବାଲ୍ୟାବସ୍ଥାରେ ଶିଶୁମାନେ ସେମାନଙ୍କର ମାତୃ ମନୋଗ୍ରନ୍ଥି ଦୃଢ କରନ୍ତି ଏବଂ ନିଜର ଲିଙ୍ଗଗତ ଭୂମିକାକୁ ଗ୍ରହଣ କରନ୍ତି । ସେମାନଙ୍କର ଶକ୍ତିକୁ ତଥ୍ୟ, ଦକ୍ଷତା ଏବଂ ସାଂସ୍କୃତିକ ମନୋବୃତ୍ତି ଅର୍ଜନ କରିବାକୁ ଲଗାଇଥାନ୍ତି । ବିଦ୍ୟାଳୟ ସ୍ତରର ଶିଶୁମାନଙ୍କର ଅହଂ କିମ୍ବା ଆତ୍ମପ୍ରତ୍ୟୟ (self-concept) ବିକାଶ ପାଇଁ ସମସ୍ତ କ୍ଷେତ୍ରରୁ ଭୟ ଥାଏ । ତେଣୁ ଏହାର ସାମର୍ଥ୍ୟର ବୃଦ୍ଧି ନିମନ୍ତେ ଶିଶୁମାନେ ପ୍ରତିରୋଧ କରିବାର କୌଶଳ ବିକାଶ କରିପାରନ୍ତି, ଯେଉଁଥିରୁ ଅନେକ ପ୍ରୌଢାବସ୍ଥାସାରା ରହିଥିବା ଲକ୍ଷ୍ୟ କରାଯାଏ । ସେ ବିଷୟରେ ଆପଣ ୧୭ତମ ଅଧ୍ୟାୟରେ ଅଧ୍ୟୟନ କରିପାରିବେ ।

ପାଠଗତ ପ୍ରଶ୍ନାବଳୀ ୧୨.୭

୧. ଶୂନ୍ୟସ୍ଥାନ ପୂରଣ କର ।

(କ) .... ବାସ୍ତବ ସିଦ୍ଧାନ୍ତ ଉପରେ କାର୍ଯ୍ୟ କରିଥାଏ ଏବଂ ସନ୍ତୋଷ ପ୍ରାପ୍ତି ନିମନ୍ତେ ଏକ ଗ୍ରହଣଯୋଗ୍ୟ ପନ୍ଥା ବାଛିଥାଏ ।

(ଖ) .... ବା ବିବେକ ସାମାଜିକ ଆଦର୍ଶକୁ ଗ୍ରହଣ କରିଥାଏ ଏବଂ ବିଶେଷକରି ନିଜ ଲିଙ୍ଗର ମାତା-ପିତାଙ୍କ ସହିତ ତଦାତ୍ମିକରଣ କରିଥାଏ ।

(ଗ) .... ପର୍ଯ୍ୟାୟରେ ସେମାନଙ୍କର ସନ୍ତୁଷ୍ଟି ମୁଖ ଗହ୍ବରରେ ପ୍ରବେଶ କରିଥିବା ଯେ କୌଣସି ଜିନିଷକୁ ଚୁଚୁମିବା ଦ୍ୱାରା ମିଳିଥାଏ ।

(ଘ) .... ପର୍ଯ୍ୟାୟରେ ଶରୀରର ସୁଖ ଅଧିକ ମାତ୍ରାରେ ମଳଦ୍ୱାରକୁ ସ୍ଥାନାନ୍ତରିତ ହୋଇଥାଏ ।

(ଙ) ମାତୃ-ମନୋଗ୍ରନ୍ଥିର ଅନୁଭବରେ ପିଲାମାନେ .... ଲିଙ୍ଗ ପ୍ରତି ଭଲ ପାଇବା ଭାବ ପ୍ରଦର୍ଶନ କରନ୍ତି ।

୨. ନିମ୍ନ ଉକ୍ତିଗୁଡିକ ଠିକ/ଭୁଲ ଦର୍ଶାଅ ।

(କ) ଆଦିମ ପ୍ରବୃତ୍ତିର ପ୍ରଭାବ ଜନ୍ମ ସମୟରେ ହିଁ ଲକ୍ଷ୍ୟ କରାଯାଏ । ଠିକ/ଭୁଲ

(ଖ) ଜନ୍ମ ହେବା ପରେ ଅହଂର ବିକାଶ ହୋଇଥାଏ । ଠିକ/ଭୁଲ

(ଗ) ପରାହଂ ବା ବିବେକର ବିକାଶ ପ୍ରାୟ ୧୪-୧୫ ବର୍ଷ ପର୍ଯ୍ୟନ୍ତ ହୋଇନଥାଏ । ଠିକ/ଭୁଲ

(ଘ) ବ୍ୟକ୍ତିତ୍ୱର ବିକାଶ ମୌଳିକ ଲିଙ୍ଗଗତ ଶକ୍ତି କିମ୍ବା ଯୌନାକାଂକ୍ଷାର ସଂଗଠନ ଏବଂ ପରିପ୍ରକାଶ ଅଟେ । ଠିକ/ଭୁଲ

(ଙ) ଫ୍ରଏଡଙ୍କ ମତରେ ଶୈଶବ ଏବଂ ପ୍ରାକ୍ ଶୈଶବ ଅବସ୍ଥାର କୌଣସି ପ୍ରଭାବ ପ୍ରୌଢାବସ୍ଥା ଉପରେ ନଥାଏ । ଠିକ/ଭୁଲ

(ଚ) ମନୋ-ସାମାଜିକ ବିକାଶ (Psychosocial Development)

ମନୋ-ସାମାଜିକ ବିକାଶ ସାମାଜିକ ବ୍ୟବସ୍ଥା ପ୍ରତି ଶିଶୁର ପ୍ରତିକ୍ରିୟାକୁ ଗୁରୁତ୍ୱ ଦେଇଥାଏ । ଏହା ସ୍ୱୟଂସମ୍ବନ୍ଧରେ ସଚେତନ ହେବା, ଅନ୍ୟମାନଙ୍କୁ ବୁଝିବା ଓ ଅନ୍ୟମାନଙ୍କ ସହ ସମ୍ପର୍କ ସ୍ଥାପନକୁ ବୁଝାଇଥାଏ । ୨ରୁ ୬ ବର୍ଷ ମଧ୍ୟରେ ଶିଶୁ ଅନ୍ୟମାନଙ୍କ ସହ ସାମାଜିକ ସମ୍ପର୍କ ସ୍ଥାପନ କରିବାର ଶୈଳୀ ଓ ଘର ବାହାରେ ଥିବା ଲୋକମାନଙ୍କ ସହ ଉପଯୋଜନ କରିବାକୁ ଶିକ୍ଷା କରିଥାଏ । ସେ ଅନ୍ୟମାନଙ୍କ ସହ ନିଜକୁ ଉପଯୋଜନ କରିବାକୁ ଏବଂ ଦଳୀୟ କ୍ରୀଡାରେ ସହଯୋଗ କରିବାକୁ ଶିକ୍ଷା କରିଥାଏ ।

(ଛ) ଆବେଗିକ ବିକାଶ (Emotional Development)

ଜଣେ ବ୍ୟକ୍ତି ଜୀବନରେ କରୁଥିବା ଉପଯୋଜନରେ ସମସ୍ତ ଆବେଗ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ । ନବଜାତ ଶିଶୁଠାରେ ଆବେଗ ଅଭିବ୍ୟକ୍ତି କରିବାର ସାମର୍ଥ୍ୟ ଥାଏ। ଦୃଢ ଉଦ୍ଦୀପନା ଯୋଗୁଁ ସାଧାରଣ ଉତ୍ତେଜନାଗୁଡିକ ଆବେଗିକ ଆଚରଣର ପ୍ରାଥମିକ ସଂକେତ ହୋଇଥାଏ । ୧୯୧୯ ମସିହାରେ ମନୋବିଜ୍ଞାନୀମାନେ ଦାବି କରିଥିଲେ ଯେ ନବଜାତ ଶିଶୁ ସ୍ନେହ, କ୍ରୋଧ, ଭୟ ପରି ତିନୋଟି ମୁଖ୍ୟ ଆବେଗକୁ ନେଇ ଜନ୍ମ ହୋଇଥାଏ । ପ୍ରାୟ ଏକ ଦଶନ୍ଧି ପରେ ମତ ପ୍ରକାଶ କରାଗଲା ଯେ ନବଜାତ ଶିଶୁଙ୍କ ଠାରେ ଆବେଗିକ ଅବସ୍ଥା ସାଧାରଣ ହୋଇଥାଏ ଏବଂ ମନୋବିଜ୍ଞାନୀ ଯେପରି ବିଶ୍ୱାସ କରନ୍ତି, ସେପରି କୌଣସି ନିର୍ଦ୍ଦିଷ୍ଟତା ନଥାଏ । ବିଶ୍ୱାସ କରାଯାଏ ଯେ ବର୍ତ୍ତମାନ ନବଜାତ ଶିଶୁମାନେ କେବଳ ଗୋଟିଏ ମାତ୍ର ଆବେଗ ପ୍ରକାଶ କରନ୍ତି ଯାହାକି ଏକ ଅବିଭେଦକ ଉତ୍ତେଜନା ଅଟେ (କ୍ଳେଶ ଭାବେ କୁହାଯାଏ) । ନବଜାତମାନଙ୍କର ସାଧାରଣ ଉତ୍ତେଜନାକୁ ସରଳ ପ୍ରତିକ୍ରିୟାରେ ବିଭେଦନ କରିହୁଏ, ଯାହା ଆନନ୍ଦ ଏବଂ ଦୁଃଖର ସୂଚନା ଦିଏ । ଏପରିକି ଏକବର୍ଷ ବୟସରେ ଆବେଗର ସଂଖ୍ୟା ବଢିଥାଏ ଏବଂ ଶିଶୁ ଆନନ୍ଦ, କ୍ରୋଧ, ଭୟ, ଈର୍ଷା, ସୁଖ, ଉତ୍କଣ୍ଠା, କୌତୁହଳତା ଏବଂ ପରଶ୍ରୀକାତରତା ଦର୍ଶାଇଥାଏ । ଆବେଗଗୁଡିକ ଜନ୍ମ ସମୟରୁ ଥାଏ ଏବଂ ସେମାନଙ୍କର ବିକାଶ ପରିପକ୍ୱତା ଏବଂ ଶିକ୍ଷଣ ଦ୍ୱାରା ହୋଇଥାଏ ।

ବୟସ ବଢିବା ସଙ୍ଗେ ସଙ୍ଗେ ଶିଶୁମାନଙ୍କର ଆବେଗଗୁଡିକ ସ୍ପଷ୍ଟ ହୋଇଥାଏ ଏବଂ ସାଧାରଣରୁ ନିର୍ଦ୍ଦିଷ୍ଟ ଆଡକୁ ଗତିକରେ । ଜୀବନର ପ୍ରଥମ ସପ୍ତାହରୁ ସେମାନେ କ୍ଷୁଧା, ଥଣ୍ଡା ଓ ଯନ୍ତ୍ରଣା ଅନୁଭବ କଲେ, ପୋଷାକ ଖୋଲିଦେଲେ, ନିଦ୍ରା ବାଧା ପାଇଲେ, ସେମାନଙ୍କ ଅନୁଭବ ବାଧା

ପାଇଲେ, ଗୋଳମାଳ ଦ୍ୱାରା ଉଦ୍ଦୀପିତ ହେଲେ ଏବଂ ସେମାନଙ୍କୁ ଯେତେବେଳେ ଏକୁଟିଆ ଛାଡି ଦିଆଯାଏ, ସେମାନେ କ୍ରନ୍ଦନ କରିଥାନ୍ତି । ଗୋଟିଏ ଶିଶୁର ହସ ଯୋଗାଯୋଗର ମୌଳିକ ମାଧ୍ୟମ ଯାହା ଆବେଗର ଏକ ଚମତ୍କାର ଚକ୍ର ନିର୍ମାଣ କରେ । ଚାରିମାସ ବେଳକୁ ଶିଶୁ ଜୋରରେ ହସିବା ଆରମ୍ଭ କରିଦିଏ । ସେମାନେ ସବୁପ୍ରକାର ଜିନିଷ ଦେଖି ଏକ ଉତ୍ତେଜନା ପ୍ରଦର୍ଶନ କରୁଥିବା ଢଙ୍ଗରେ ହସନ୍ତି । ଆବେଗିକ ବିକାଶ କ୍ଷେତ୍ରରେ କିଶୋର କିଶୋରୀମାନେ ଏକ ଅମୂର୍ତ୍ତ ଧାରଣାରେ ନିଜର ଆବେଗକୁ ନିର୍ଦ୍ଦେଶିତ କରିବାକୁ ସକ୍ଷମ ହୋଇଥାନ୍ତି ମାତ୍ର ତାହା ଲୋକମାନଙ୍କ/ମନୁଷ୍ୟମାନଙ୍କ ପ୍ରତି ହୋଇନଥାଏ । ଅଧିକାଂଶ କିଶୋର କିଶୋରୀ ପ୍ରତ୍ୟେକ ବ୍ୟକ୍ତି ପାଇଁ ନିରନ୍ତର ସୁରକ୍ଷାର ଅନୁଭବ କରନ୍ତି ଏବଂ ଚିନ୍ତା କରନ୍ତି କି ଅନ୍ୟ ଲୋକମାନେ ପ୍ରଶଂସକ କିମ୍ବା ଦୋଷଦର୍ଶୀ ହୋଇଥାନ୍ତି, ଯେପରି ସେମାନେ ନିଜ ପ୍ରତି ଅଟନ୍ତି । ସେମାନେ ଧାରାବାହିକ ଭାବରେ ଗଢନ୍ତି କିମ୍ବା ଏକ କାଳ୍ପନିକ ଦର୍ଶକମଣ୍ଡଳୀକୁ ପ୍ରତିକ୍ରିୟା ପ୍ରଦର୍ଶନ କରିଥାନ୍ତି । ଅନ୍ୟମାନଙ୍କ ଆଖିରେ କିପରି ଦେଖାଯାଉଛନ୍ତି କଳ୍ପନା କରି ସେମାନେ ଦର୍ପଣ ଆଗରେ ଘଣ୍ଟାଘଣ୍ଟା ଧରି କଟାଇଥାନ୍ତି ।

ପାଠଗତ ପ୍ରଶ୍ନାବଳୀ ୧୨.୮

ନିମ୍ନ ଉକ୍ତିଗୁଡିକ ଠିକ/ଭୁଲ ଦର୍ଶାଅ ।

୧. ନବଜାତ ଶିଶୁ କେବଳ ଗୋଟିଏ ମାତ୍ର ଆବେଗ ପ୍ରଦର୍ଶନ କରିଥାଏ- ଯଥା: ଏକ ଅବିଭେଦକ ଉତ୍ତେଜନା । ଠିକ/ଭୁଲ

୨. ବୟସ ବଢିବା ସଙ୍ଗେ ସଙ୍ଗେ ଶିଶୁମାନଙ୍କର ଆବେଗଗୁଡିକ ସ୍ପଷ୍ଟ ହୋଇଥାଏ ଏବଂ ସେଗୁଡିକର ପରିପ୍ରକାଶ ସାଧାରଣରୁ ସ୍ୱତନ୍ତ୍ର ହୋଇଥାଏ । ଠିକ/ଭୁଲ

୩. ଆବେଗିକ ବିକାଶ କ୍ଷେତ୍ରରେ କିଶୋର କିଶୋରୀମାନେ ନିଜ ଆବେଗକୁ ଅମୂର୍ତ୍ତ ଧାରଣାରେ ନିର୍ଦ୍ଦେଶିତ କରିବାରେ ସକ୍ଷମ ହୋଇଥାନ୍ତି ଏବଂ ତାହା କେବଳ ଲୋକମାନଙ୍କ ପ୍ରତି ହୋଇନଥାଏ । ଠିକ/ଭୁଲ

୪. ଆବେଗଗୁଡିକ ଜନ୍ମ ସମୟରୁ ଥାଏ ଏବଂ ଏଗୁଡିକ ପରିପକ୍ୱତା ଏବଂ ଶିକ୍ଷଣ ଦ୍ୱାରା ବିକଶିତ ହୋଇଥାନ୍ତି । ଠିକ/ଭୁଲ

ଆପଣ କ'ଣ ଶିଖିଲେ

- ବିକାଶ ଜୀବନର ବିଭିନ୍ନ ପର୍ଯ୍ୟାୟରେ ଘଟିଥାଏ ।

(କ) ପ୍ରାକ୍ ଜନ୍ମାବସ୍ଥା - ଜନ୍ମର ପୂର୍ବାବସ୍ଥା

(ଖ) ଶୈଶବାବସ୍ଥା - ୦-୩ ବର୍ଷ

(ଗ) ପ୍ରାକ୍ ବିଦ୍ୟାଳୟ ସ୍ତର - ୩-୬ ବର୍ଷ

(ଘ) ବିଦ୍ୟାଳୟ ସ୍ତର - ୬-୧୨ ବର୍ଷ

(ଙ) କିଶୋରାବସ୍ଥା - ୧୨-୨୦ ବର୍ଷ

(କ) ପ୍ରୌଢାବସ୍ଥା

ଯୁବା ପ୍ରୌଢାବସ୍ଥା	୨୦-୫୦ ବର୍ଷ
ପ୍ରୌଢାବସ୍ଥା	୫୦-୬୦ ବର୍ଷ
ବୃଦ୍ଧାବସ୍ଥା	୬୫ +ବର୍ଷ

- ଏକ ନିର୍ଦ୍ଦିଷ୍ଟ ବୟସର ସାମାଜିକ ପ୍ରତ୍ୟାଶାଗୁଡ଼ିକ ହେଉଛି ବିକାଶମୂଳକ କାର୍ଯ୍ୟ ।
- ମାଇଲଖୁଣ୍ଟ ହେଉଛି ବୟସ ଯେଉଁଠାରେ ନିର୍ଦ୍ଦିଷ୍ଟ ଦକ୍ଷତାଗୁଡ଼ିକ ଅର୍ଜନ ହୁଏ ।
- ବିକାଶ ପ୍ରକ୍ରିୟା ବିଭିନ୍ନ କ୍ଷେତ୍ରରେ ସଂଗଠିତ ହୋଇଥାଏ । ପ୍ରତ୍ୟେକର ଲକ୍ଷଣ ଚତୁର୍ଦ୍ଦଶ ଅଧ୍ୟାୟରେ ଦିଆଯାଇଛି ।

ଅନ୍ତିମ ପ୍ରଶ୍ନାବଳୀ

୧. ବିକାଶର ବିଭିନ୍ନ ପର୍ଯ୍ୟାୟ ଓ ସେଗୁଡ଼ିକର ବୟସ ସୀମା ବିଷୟରେ ଆଲୋଚନା କର ।

୨. ବିକାଶ ପ୍ରକ୍ରିୟା ସମ୍ପର୍କିତ କାର୍ଯ୍ୟ କହିଲେ କ'ଣ ବୁଝାଯାଏ ?

୩. ବିକାଶର ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରଗୁଡ଼ିକ କ'ଣ ?

୪. ନବଜାତ ଶିଶୁ ଏବଂ ପ୍ରାକ୍ ବିଦ୍ୟାଳୟ ସ୍ତରର ଶିଶୁମାନଙ୍କର ଦୃଷ୍ଟିଭଙ୍ଗୀ କିମ୍ବା ମନୋଭାବରେ ଥିବା ଭିନ୍ନତାଗୁଡ଼ିକ ଦର୍ଶାଅ ।

୫. ସଂକ୍ଷିପ୍ତ ଟିପ୍ପଣୀ ଲେଖ

(କ) ବୌଦ୍ଧିକ ବିକାଶ

(ଖ) ନୈତିକ ବିକାଶ

(ଗ) ବ୍ୟକ୍ତିତ୍ୱ ବିକାଶ

ପାଠଗତ ପ୍ରଶ୍ନାବଳୀର ଉତ୍ତର

୧୨.୧

୧. ପର୍ଯ୍ୟାୟ

୨. ବିକାଶ ସମ୍ପର୍କିତ କାର୍ଯ୍ୟ

୩. ପର୍ଯ୍ୟାୟ

୪. ପ୍ରଥମ ତିନିବର୍ଷ

୫. ୫୦

୧୨.୨

୧ (କ) ଦୁଇ (ଖ) ତିନି, ଏକ-ଚତୁର୍ଥାଂଶ

(ଗ) ମେଦ ବହୁଳ ତନ୍ତୁ (ଘ) ଶାରୀରିକ, ପେଶୀଜ, ମାନସିକ, ଭାଷା, ବ୍ୟକ୍ତିତ୍ୱ, ମନୋସାମାଜିକ, ଆବେଗିକ, ନୈତିକ, ଧନ୍ଦାମୂଳକ

୨. (କ) ଭୁଲ (ଖ)ଭୁଲ (ଗ) ଠିକ (ଘ) ଠିକ୍

୧୨.୩

୧. ମାଇଲଖୁଣ୍ଟ ହେଉଛି ନିର୍ଦ୍ଦିଷ୍ଟ ବୟସ ଯେଉଁଠି ନିର୍ଦ୍ଦିଷ୍ଟ ଦକ୍ଷତାଗୁଡିକ ଅର୍ଜନ ହୋଇଥାଏ ।

୨. (କ) ଠିକ୍ (ଖ) ଭୁଲ (ଗ) ଭୁଲ (ଘ) ଭୁଲ (ଙ) ଠିକ

୧୨.୪

(କ) ପ୍ରତିଯୋଜନ (ଖ) ଅନ୍ତର୍ଗହଣ

(ଗ) ଉପଯୋଜନ (ଘ) ଅନ୍ତର୍ଗ୍ରହଣ, ଉପଯୋଜନ

(ଙ) ମନୋକଳ୍ପ (ଚ) ସଂଗଠନ

୧୨.୫

(୧) ଠିକ (୨) ଠିକ (୩) ଠିକ (୪) ଠିକ

୧୨.୬

୧. (୧) ଭୁଲ (୨) ଠିକ (୩) ଠିକ (୪) ଠିକ

୧୨.୭

୧. (କ) ଅହଂ (ଖ) ପରାହଂ (ଗ) ମୌଖିକ (ଘ) ପାୟୁ (ଙ) ବିପରୀତ

୨. (୧) ଠିକ (୨) ଠିକ (୩) ଭୁଲ (୪) ଠିକ (ଙ) ଭୁଲ

୧୨.୮

(୧) ଠିକ (୨) ଠିକ (୩) ଠିକ (୪) ଠିକ

ଅନ୍ତିମ ପ୍ରଶ୍ନାବଳୀ ପାଇଁ ସୂଚନା

୧. ୧୨.୨ ବିଭାଗ ଦେଖନ୍ତୁ ।

୨. ୧୨.୧ ବିଭାଗ ଦେଖନ୍ତୁ ।

୩. ୧୨.୩ ବିଭାଗ ଦେଖନ୍ତୁ ।

୪. ୧୨.୩ (କ) ବିଭାଗ ଦେଖନ୍ତୁ ।

୫ (କ) ୧୨.୩ (ଗ) ବିଭାଗ ଦେଖନ୍ତୁ ।

(ଖ) ୧୨.୩ (ଘ) ବିଭାଗ ଦେଖନ୍ତୁ ।

(ଗ) ୧୨.୩ (ଚ) ବିଭାଗ ଦେଖନ୍ତୁ ।

୧୩
କିଶୋରାବସ୍ଥା
ADOLESCENCE

ଆମେ ପ୍ରତ୍ୟେକ ଜୀବନର ଏପରି ଏକ ନିର୍ଦ୍ଦିଷ୍ଟ ସୋପାନ ମଧ୍ୟ ଦେଇ ଗତି କରୁ ଯେତେବେଳେ କି ଶରୀରରେ ଘଟୁଥିବା ପରିବର୍ତ୍ତନଗୁଡ଼ିକ ବିଷୟରେ ଆମେ ହଠାତ୍ ସଚେତନ ହେଉ କିମ୍ବା ବଡ଼ମାନେ ଆମର ପରିବର୍ତ୍ତନଗୁଡ଼ିକଉ ଲକ୍ଷ୍ୟ କରି ଆମକୁ କହନ୍ତି ଯେ "ତୁ ବଡ ହୋଇଗଲୁଣି ମାତ୍ର ଏପର୍ଯ୍ୟନ୍ତ ନିଜେ ନିଷ୍ପତ୍ତି ନେବା ପରି ବଡ଼ ହୋଇନାହୁଁ ।" ଏପରି ମନ୍ତବ୍ୟ ସହ ଆପଣମାନେ ପ୍ରାୟତଃ ପରିଚିତ ଥିବେ । ବାଲ୍ୟାବସ୍ଥାରୁ ପ୍ରୌଢ଼ାବସ୍ଥାକୁ ପ୍ରବେଶ କରିବାର ମଧ୍ୟବର୍ତ୍ତୀ ଅବସ୍ଥାକୁ କିଶୋରାବସ୍ଥା କୁହାଯାଏ ।

ମନୁଷ୍ୟର ଜୀବନକାଳ ମଧ୍ୟରେ କିଶୋରାବସ୍ଥା ଏକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟ ଅଟେ । ଏହି ପର୍ଯ୍ୟାୟରେ ଉଭୟ ଶାରୀରିକ ଓ ମନସ୍ତାତ୍ତ୍ୱିକ ପରିବର୍ତ୍ତନଗୁଡ଼ିକ ଖୁବ୍ ଦ୍ରୁତ ଗତିରେ ହୋଇଥାଏ । କିଶୋରାବସ୍ଥାର ଆକ୍ଷରିକ ଅର୍ଥ ହେଉଛି "ବଡ ହେବା", ଯାହା ଅନେକଗୁଡ଼ିଏ ବିକାଶମୂଳକ କାର୍ଯ୍ୟ ସମ୍ପାଦନ କରିବାକୁ ବୁଝାଏ । ଜଣେ କିଶୋରକୁ ତାର ନିଜର ଦୈହିକ ଏବଂ ମାନସିକ ପରିବର୍ତ୍ତନଗୁଡ଼ିକ ସହ ଖାପଖୁଆଇବାକୁ ପଡିଥାଏ । ସେ ହୃଦୟଙ୍ଗମ କରିଥାଏ ଯେ ସେ ଆଉ ଶିଶୁ ଅବସ୍ଥାରେ ନାହିଁ, କିନ୍ତୁ ସେ ମଧ୍ୟ ଏକ ବୟସ୍କ ବ୍ୟକ୍ତି ହୋଇନାହିଁ । ବଢନ୍ତା କିଶୋରଟି କ'ଣ ଅନୁଭବ କରେ ? ସେ ନିଜର ଶାରୀରିକ ପରିବର୍ତ୍ତନଗୁଡ଼ିକୁ କିପରି ଖାପ ଖୁଆଇ ଚଳେ ? ସେ କରୁଥିବା ଆଚରଣ କାହିଁକି ସେପରି କରେ ? କିଶୋରାବସ୍ଥାର କେତେକ ମନସ୍ତାତ୍ତ୍ୱିକ ବୈଶିଷ୍ଟ୍ୟ କ'ଣ ? ଏହି ଅଧ୍ୟାୟଟି ଅଧ୍ୟୟନ କଲେ ଏହିପରି କେତେକ ପ୍ରଶ୍ନର ଉତ୍ତର ଆପଣଙ୍କୁ ମିଳିପାରିବ ।

ଉଦ୍ଦେଶ୍ୟ

ଏହି ପାଠଟି ପଢିବା ପରେ ଆପଣ :

- କିଶୋରାବସ୍ଥାର ଗୁରୁତ୍ୱ ବର୍ଣ୍ଣନା କରିପାରିବେ;
- କିଶୋରାବସ୍ଥାର ମନସ୍ତାତ୍ତ୍ୱିକ ଗୁଣାବଳୀଗୁଡ଼ିକୁ ବାଖ୍ୟା କରିପାରିବେ;
- କିଶୋରାବସ୍ଥାର ଦୈହିକ ଏବଂ ମାନସିକ ପରିବର୍ତ୍ତନଗୁଡ଼ିକ ବର୍ଣ୍ଣନା କରିପାରିବେ;
- ଉଭୟ ପୁଅ ଓ ଝିଅମାନଙ୍କର ଗୌଣ ଯୌନଗତ ଲକ୍ଷଣଗୁଡ଼ିକୁ ନିରୂପଣ କରିପାରିବେ;

- କିଶୋରାବସ୍ଥାର ବିକାଶମୂଳକ କାର୍ଯ୍ୟଗୁଡିକର ତାଲିକା ପ୍ରସ୍ତୁତ କରିପାରିବେ;
- କିଶୋରାବସ୍ଥାରେ ସୃଷ୍ଟି ହେଉଥିବା ଶାରୀରିକ ଏବଂ 'ସ୍ୱ' ସମ୍ବନ୍ଧୀୟ ସମସ୍ୟାଗୁଡିକ ନିରୂପଣ କରିପାରିବେ; ଏବଂ
- କିଶୋରାବସ୍ଥାରେ ବିପଦକୁ ଗ୍ରହଣ କରିବାର ଶକ୍ତି ସହ ପଦାର୍ଥର ଅପବ୍ୟବହାର (substance abuse), ଯୌନ ସଂକ୍ରମଣ ରୋଗ (STD), HIV/AIDS ଏବଂ ପ୍ରାକ୍ ବିବାହ ଗର୍ଭଧାରଣ ଆଦିର ଥିବା ସମ୍ପର୍କକୁ ଦର୍ଶାଇପାରିବେ ।

୧୩.୧ କିଶୋରାବସ୍ଥା କ'ଣ ?

କିଶୋରାବସ୍ଥା ମନୁଷ୍ୟ ଜୀବନର ଏକ ଉଲ୍ଲେଖଯୋଗ୍ୟ ବିକାଶ ପର୍ଯ୍ୟାୟ, ଯାହା ଶୈଶବରୁ ପ୍ରୌଢାବସ୍ଥାକୁ ପରିବର୍ତ୍ତନରେ ସାହାଯ୍ୟ କରିଥାଏ। ଏହି ପର୍ଯ୍ୟାୟଟି ପ୍ରାୟ ୧୨ ବର୍ଷ ବୟସରୁ ଆରମ୍ଭ ହୋଇ ୧୮ ବର୍ଷ ପର୍ଯ୍ୟନ୍ତ ଚାଲୁ ରହିଥାଏ । ଏହି ସମୟଟି ଦୃଢ ଏବଂ ଉଲ୍ଲେଖଯୋଗ୍ୟ ଶାରୀରିକ ଏବଂ ମାନସିକ ପରିବର୍ତ୍ତନକୁ ସୂଚିତ କରିଥାଏ, ଯେପରିକି ଯୌନାଙ୍ଗ ପରିପକ୍ୱ ହେବା ଏବଂ ଶରୀରର ଉଚ୍ଚତା ଓ ଓଜନ ବୃଦ୍ଧି ପାଇବା । ସେସବୁ ବିଷୟରେ ଆମେ ଅଧ୍ୟୟନ କରିବା ।

କିଶୋରାବସ୍ଥାରେ ଶାରୀରିକ ପରିବର୍ତ୍ତନ : ଯୌବନାବସ୍ଥା ଏବଂ ଅବସ୍ଥାନ୍ତର (Physical changes during Adolescence : Puberty and Transition)

କିଶୋରାବସ୍ଥାରେ ଶାରୀରିକ ବିକାଶରେ ମୁଖ୍ୟତଃ ନିମ୍ନଲିଖିତ ପାଞ୍ଚଟି କ୍ଷେତ୍ରରେ ଉଲ୍ଲେଖଯୋଗ୍ୟ ଅଭିବୃଦ୍ଧି ଲକ୍ଷ୍ୟ କରାଯାଏ ।

୧. ଉଚ୍ଚତା

୨. ଓଜନ

୩. କାନ୍ଧର ଚଉଡା

୪. ନିତମ୍ବର ବିସ୍ତୃତି

୫. ପେଶୀ ସୁଦୃଢତା

କିଶୋରାବସ୍ଥାରେ ପରିବର୍ତ୍ତନଗୁଡିକ ଅପ୍ରତ୍ୟାଶିତ ଭାବେ ହୋଇଥାଏ । କିଛିବର୍ଷ ମଧ୍ୟରେ ବିଦ୍ୟାଳୟଗାମୀ ଶିଶୁଟି ପୂର୍ଣ୍ଣ ବୟସ୍କ ବ୍ୟକ୍ତିରେ ପରିଣତ ହୋଇଥାଏ । ସେହିସବୁ ପରିବର୍ତ୍ତନଗୁଡିକୁ ନିମ୍ନଲିଖିତ ଭାବରେ ଶ୍ରେଣୀଭୁକ୍ତ କରାଯାଇଛି ।

୧. ହରମୋନର ପରିବର୍ତ୍ତନ

୨. ଶରୀରର ଆକାର ଏବଂ ଅନୁପାତରେ ପରିବର୍ତ୍ତନ

୩. ପେଶୀ ଶକ୍ତିର ବୃଦ୍ଧି ଏବଂ ଅନ୍ୟାନ୍ୟ ଆଭ୍ୟନ୍ତରୀଣ ପରିବର୍ତ୍ତନ ।

୪. ଯୌନ ପରିପକ୍ୱତା ।

ଉଚ୍ଚତା ଓ ଓଜନର ବୃଦ୍ଧି ଶରୀରରେ ଚର୍ବିର ପୁନଃ ବିତରଣ, ହାଡ ଓ ମାଂସପେଶୀର ଆନୁପାତରେ ବୃଦ୍ଧି ସହ ସମ୍ବନ୍ଧିତ ଅଟେ । ବାଳକମାନଙ୍କ ବୃଦ୍ଧି ସ୍ଫୁରଣ ସାଧାରଣତଃ ବାଳିକାମାନଙ୍କ ଅପେକ୍ଷା ପ୍ରାୟ ଦୁଇବର୍ଷ ପରେ ଆରମ୍ଭ ହୁଏ, କିନ୍ତୁ ଅଧିକ ଦିନ ପର୍ଯ୍ୟନ୍ତ ଚାଲୁ ରୁହେ । ଶରୀରର ଅନୁପାତରେ ମଧ୍ୟ ପରିବର୍ତ୍ତନ ଲକ୍ଷ୍ୟ କରାଯାଏ । ସାଧାରଣତଃ, ଝିଅମାନଙ୍କର ନିତମ୍ବ ଅଂଶ ଏବଂ ପୁଅମାନଙ୍କର ମୁଖ୍ୟତଃ କାନ୍ଧ ପ୍ରଶସ୍ତ ହୋଇଥାଏ ଓ କଟିଅଂଶର ବୃଦ୍ଧି ଆନୁପାତିକ ଭାବରେ କମ୍ ହୁଏ ।

ସେହି ସମୟରେ ଶରୀରରେ ଅନ୍ତଃସ୍ରାବୀ ଗ୍ରନ୍ଥି ଦ୍ୱାରା ହେଉଥିବା ହର୍ମୋନ୍ କ୍ଷରଣ ଜନିତ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଘଟିଥାଏ । ଜନନକୋଷ କିମ୍ବା ଯୌନଗ୍ରନ୍ଥି କାର୍ଯ୍ୟ କରିବା ଆରମ୍ଭ କରିଥାଏ, ଯାହାଦ୍ୱାରା ଯୌନ ବିକାଶ ଘଟିଥାଏ । ଉଭୟ ପୁଅ ଓ ଝିଅମାନଙ୍କର ଲିଙ୍ଗୀୟ ଗୁଣାବଳୀ କ୍ରିୟାଶୀଳ ହୋଇଥାଏ, ଯେଉଁଗୁଡିକ ନିମ୍ନକ୍ରମରେ ଶ୍ରେଣୀଭୁକ୍ତ କରାଯାଇଛି ।

(୧) ପ୍ରାଥମିକ (primary)

(୨) ଗୌଣ (secondary)

ପୁଅମାନଙ୍କର ପ୍ରାଥମିକ ଲିଙ୍ଗୀୟ ଗୁଣାବଳୀ ପୁରୁଷର ଲିଙ୍ଗୀୟ ଅଙ୍ଗ ପ୍ରତ୍ୟଙ୍ଗର ବୃଦ୍ଧିକୁ ସୂଚାଇଥାଏ ଯେଉଁଗୁଡିକ ପୁରୁଷ ଜନନେନ୍ଦ୍ରିୟ (penis), ଅଣ୍ଡକୋଷ (scrotum) ଏବଂ ମୁଷ୍କ (testes)କୁ ଅନ୍ତର୍ଭୁକ୍ତ କରିଥାଏ । ଝିଅମାନଙ୍କ କ୍ଷେତ୍ରରେ ପ୍ରାଥମିକ ଲିଙ୍ଗୀୟ ଗୁଣାବଳୀଗୁଡିକ ଗର୍ଭାଶୟ, ଡିମ୍ବବାହୀନାଳୀ ଏବଂ ସ୍ତନ ଆଦି ଯୌନାଙ୍ଗର ବୃଦ୍ଧିକୁ ସୂଚାଇଥାଏ । ଝିଅମାନଙ୍କର ଡିମ୍ବୋଦୟ (ovulation) ସୃଷ୍ଟି କରିବାର ପ୍ରକ୍ରିୟା ଏବଂ ଋତୁସ୍ରାବ ତଥା ପୁଅମାନଙ୍କର ବୀର୍ଯ୍ୟ ଉତ୍ପାଦନ ଦକ୍ଷତା ଆଦି ପ୍ରାଥମିକ ଯୌନ ବିକାଶ ଅଟେ, ଯାହା ପ୍ରତ୍ୟକ୍ଷ ପ୍ରଜନନ ଦକ୍ଷତା ସହ ସମ୍ପର୍କିତ ଅଟେ । ଅନେକ ଗୌଣ ପରିବର୍ତ୍ତନ ପ୍ରାଥମିକ ଯୌନ ଗୁଣାବଳୀଗୁଡିକର ବିକାଶ ସହ ମିଳିତ ଥାଏ । ଝିଅମାନଙ୍କର ସ୍ତନର ଅଭିବୃଦ୍ଧି, ବାଳକମାନଙ୍କର ମୁହଁରେ ନିଶଦାଢି ଉଠିବା, ଯୌନାଙ୍ଗରେ କେଶବୃଦ୍ଧି, ସ୍ୱରରେ ପରିବର୍ତ୍ତନ ଆଦି ଗୌଣ ଯୌନଗତ ଲକ୍ଷଣ ଅଟେ । ଏହିସବୁ ଯୌନ ଗୁଣାବଳୀ ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ପ୍ରାପ୍ତ ହୋଇଥାଏ । ଏହିସବୁ ଯୌନ ପରିପକ୍ୱତା ଓ ପ୍ରଜନନ କ୍ଷମତାପ୍ରାପ୍ତି ସମୟକୁ ଯୌବନାବସ୍ଥା ବୟଃପ୍ରାପ୍ତି (puberty) କୁହାଯାଏ ।

୧୩.୨ କିଶୋରାବସ୍ଥାରେ ବିକାଶ ସମ୍ପର୍କିତ କାର୍ଯ୍ୟ (Developmental Tasks during Adolescence)

କିଶୋରମାନଙ୍କୁ ପ୍ରୌଢ ବ୍ୟକ୍ତିଙ୍କ ପରି ଦାୟିତ୍ୱ ସମ୍ପନ୍ନ ଏବଂ ପରିପକ୍ୱ ହେବା ପାଇଁ କେତେକ ନିର୍ଦ୍ଦିଷ୍ଟ ମନୋବୃତ୍ତି, ଅଭ୍ୟାସ ଓ ସାମର୍ଥ୍ୟର ଅଧିକାରୀ ହେବା ଆବଶ୍ୟକ ଅଟେ । ଏସବୁକୁ ବିକାଶ ସମ୍ପର୍କିତ କାର୍ଯ୍ୟ (developmental task) କୁହାଯାଏ ।

ଶୈଶବ ଏବଂ ବାଲ୍ୟାବସ୍ଥାରେ ବିକାଶ ସମ୍ପର୍କିତ କାର୍ଯ୍ୟଗୁଡ଼ିକ ମଧ୍ୟରେ କଠିନ ପଦାର୍ଥ ଖାଇବା, ଶାରୀରିକ ସ୍ଥିରତା ଲାଭ କରିବା ଏବଂ ସରଳ ସାମାଜିକ ଓ ଦୈହିକ ବାସ୍ତବତାର ଧାରଣା ସୃଷ୍ଟି କରିବା ଅନ୍ତର୍ଭୁକ୍ତ ଅଟେ । ମଧ୍ୟ ବାଲ୍ୟାବସ୍ଥାରେ, ଖେଳ ପାଇଁ ଶାରୀରିକ ସାମର୍ଥ୍ୟ ହାସଲ କରିବା ଓ ଆବଶ୍ୟକୀୟ ଲିଙ୍ଗଗତ ଭୂମିକା ଶିଖିବା ହେଉଛି ବିକାଶ ସମ୍ପର୍କିତ କାର୍ଯ୍ୟ । ପୂର୍ବବର୍ତ୍ତୀ ଅଧ୍ୟାୟରେ ଏହିସବୁ ବିକାଶ ସମ୍ପର୍କିତ କାର୍ଯ୍ୟ ବିଷୟରେ ଆପଣ ପଢ଼ିଛନ୍ତି ।

ବିକାଶ ସମ୍ପର୍କିତ କାର୍ଯ୍ୟଟି ବ୍ୟକ୍ତିର ଏକ ନିର୍ଦ୍ଦିଷ୍ଟ ବୟସ ପର୍ଯ୍ୟାୟ ସହିତ ଜଡ଼ିତ । ନିର୍ଦ୍ଦିଷ୍ଟ ବିକାଶ କାର୍ଯ୍ୟଗୁଡ଼ିକର ସଫଳ କୃତି ଉପରେ ବ୍ୟକ୍ତିର ପରବର୍ତ୍ତୀ ପର୍ଯ୍ୟାୟର ସଫଳତା ଓ ଖୁସି ନିର୍ଭର କରିଥାଏ । ଅନ୍ୟପକ୍ଷରେ ଅସଫଳ ହେବା ଦ୍ୱାରା ଏହା ବ୍ୟକ୍ତି ମଧ୍ୟରେ ଦୁଃଖ ଭାବ ସୃଷ୍ଟି କରେ, ବ୍ୟକ୍ତିଟି ସମାଜ ଦ୍ୱାରା ଗ୍ରହଣୀୟ ହୁଏ ନାହିଁ ଏବଂ ପରବର୍ତ୍ତୀ କାର୍ଯ୍ୟଭାର ତୁଲାଇବାରେ ସେ କଷ୍ଟ ଅନୁଭବ କରିଥାଏ ।

କିଶୋରାବସ୍ଥାର ପ୍ରମୁଖ ବିକାଶମୂଳକ କାର୍ଯ୍ୟଗୁଡ଼ିକର ତାଲିକା ନିମ୍ନରେ ଦିଆଯାଇଛି ।

- ନିଜର ବାସ୍ତବିକ ଶରୀର ରଚନାକୁ ସ୍ୱୀକାର କରି ତାକୁ ଫଳପ୍ରଦ ଭାବେ ବ୍ୟବହାର କରିବା ।
- ନିଜ ବୟସର ଉଭୟ ଲିଙ୍ଗର ସଦସ୍ୟମାନଙ୍କ ସହ ନୂତନ ଏବଂ ଅଧିକ ପରିପକ୍ୱ ସମ୍ପର୍କ ସ୍ଥାପନ କରିବା ।
- ପୁରୁଷୋଚିତ ବା ନାରୀ ସୁଲଭ ସାମାଜିକ ଭୂମିକା ହାସଲ କରିବା ।
- ପିତାମାତା ଏବଂ ଅନ୍ୟ ଅଭିଭାବକଙ୍କ ଠାରୁ ଆବେଗିକ ସ୍ୱତନ୍ତ୍ରତା ହାସଲ କରିବା ।
- ଏକ ଆନନ୍ଦଦାୟକ ଓ ଉତ୍ପାଦନକ୍ଷମ ବୃତ୍ତି ମାଧ୍ୟମରେ ନିଜକୁ ଆର୍ଥିକ ଦୃଷ୍ଟିରୁ ସ୍ୱାବଲମ୍ବନଶୀଳ କରିବା ପାଇଁ ପ୍ରସ୍ତୁତ କରିବା ।
- ବିବାହ ଏବଂ ପାରିବାରିକ ଜୀବନ ନିର୍ବାହ ପାଇଁ ପ୍ରସ୍ତୁତ ହେବା ।
- ସାମାଜିକ ଦୃଷ୍ଟିକୋଣରୁ ଦାୟିତ୍ୱପୂର୍ଣ୍ଣ ଆଚରଣ ଗ୍ରହଣ କରିବାକୁ ଇଚ୍ଛା କରିବା ଏବଂ

ସେଥିରେ ସଫଳତା ପ୍ରାପ୍ତ ହେବା ।

- ନିଜ ପାଇଁ ଏକ ମୂଲ୍ୟବୋଧ ସହ ନୈତିକତା ହାସଲ କରିବା ଏବଂ ଆଚରଣକୁ ନିୟନ୍ତ୍ରଣ କରିବା ପାଇଁ ଏକ ବିଚାରଧାରାର ବିକାଶ କରିବା ।

ଏହିପରି ଜଣେ କିଶୋରକୁ ବିଭିନ୍ନ ପରିସରରେ ସାମର୍ଥ୍ୟ ଏବଂ କୌଶଳକୁ ବିକଶିତ ଏବଂ ଅର୍ଜନ କରିବା ଆବଶ୍ୟକ ହୋଇଥାଏ । ଏହା ବିକାଶର ସମସ୍ତ ଦୃଷ୍ଟିକୋଣ ଯେପରିକି ଶାରୀରିକ, ସାମାଜିକ, ଆବେଗିକ, ନୈତିକ ଏବଂ ବୌଦ୍ଧିକ ଆଦି କ୍ଷେତ୍ରକୁ ସମ୍ପୃକ୍ତ କରିଥାଏ । ଉଭୟ ଘର ଏବଂ ବିଦ୍ୟାଳୟରେ ଏକ ସହଯୋଗ ମୂଳକ ବାତାବରଣ ଏହିସବୁ ବିକାଶମୂଳକ କାର୍ଯ୍ୟ ସମ୍ପାଦନ କରିବାରେ ବିଶେଷ ସହାୟକ ହୋଇଥାଏ ।

୧୩.୩ କିଶୋରାବସ୍ଥାର ମନସ୍ତାତ୍ତ୍ୱିକ ଗୁଣାବଳୀ (Psychological characteristics of Adolescents)

ପୂର୍ବ ବିଭାଗରେ ଆପଣ କିଶୋରାବସ୍ଥାରେ ହେଉଥିବା ଶାରୀରିକ ପରିବର୍ତ୍ତନଗୁଡିକ ବିଷୟରେ ଶିକ୍ଷଣ କରିଛନ୍ତି । ଏହି ବିଭାଗରେ କିଶୋରମାନଙ୍କ ଠାରେ ଲକ୍ଷ୍ୟ କରାଯାଉଥିବା ମନସ୍ତାତ୍ତ୍ୱିକ ପରିବର୍ତ୍ତନଗୁଡିକ ବିଷୟରେ ଆଲୋଚନା କରାଯାଇଛି । ଏହି ମନସ୍ତାତ୍ତ୍ୱିକ ପରିବର୍ତ୍ତନଗୁଡିକ ସାଧାରଣତଃ ଆବେଗିକ, ସାମାଜିକ, ବୌଦ୍ଧିକ ଓ ନୈତିକ ବିକାଶ କ୍ଷେତ୍ରରେ ଲକ୍ଷ୍ୟ କରାଯାଏ । ବର୍ତ୍ତମାନ ସେଗୁଡିକ ବିଷୟରେ ଆମେ ବିସ୍ତୃତ ଭାବେ ଆଲୋଚନା କରିବା ।

୧୩.୩.୧ ଆବେଗିକ ବିକାଶ (Emotional Development)

କିଶୋରାବସ୍ଥାରେ ବ୍ୟକ୍ତି ବିଭିନ୍ନ ପ୍ରକାରର ଆବେଗ ଅନୁଭବ କରିଥାଏ । ସେଗୁଡିକ ଉଭୟ ସକାରାତ୍ମକ ଓ ନକାରାତ୍ମକ ଆବେଗର ଅନ୍ତର୍ଭୁକ୍ତ ଅଟେ । ଆନନ୍ଦ, ପ୍ରାଚୁର୍ଯ୍ୟ ଓ ଉଲ୍ଲାସ ଭାବରେ ଅନୁଭୂତ ହୁଏ ଏବଂ ଦୁଃଖ, ଅବସାଦ, ଅସୁଖ, ଉତ୍କଣ୍ଠା, ଭୟ ଇତ୍ୟାଦି ମଧ୍ୟରେ ଅନୁଭୂତ ହୁଏ । କ୍ରୋଧ, ପ୍ରତିବାଦ କରିବା, ବିଦ୍ରୋହ ଅନୁଭବ ମଧ୍ୟ ସୃଷ୍ଟି ହୁଏ । କୌତୁହଳଜନକ ଭାବେ ଆନୁଗତ୍ୟ ପ୍ରଦର୍ଶନ କରିବାର ମନୋଭାବ, ଦେଶାତ୍ମବୋଧକ ଭାବ ଏବଂ ଦେଶ ପାଇଁ ଆତ୍ମ ବଳିଦାନ ଦେବାର ଭାବ ମଧ୍ୟ କିଶୋର ଅବସ୍ଥାରେ ବିକଶିତ ହୋଇଥାଏ ।

ଉପରୋକ୍ତ ଆବେଗଗୁଡିକ ଅତି ଗଭୀର ଭାବରେ ଅନୁଭୂତ ହୋଇଥାଏ । ବାସ୍ତବରେ କିଶୋରମାନଙ୍କର ଆବେଗର ଶକ୍ତି ଓ ତୀବ୍ରତା ସେମାନଙ୍କର ଏକ ସୁପରିଚିତ ଗୁଣାବଳୀ ଅଟେ । କିଶୋରମାନେ ଆବେଗକୁ ଅତିରଞ୍ଜିତ କରି ବ୍ୟକ୍ତ କରିଥାନ୍ତି । ସାଧାରଣତଃ ଦେଖାଯାଏ ଯେ ଖାଦ୍ୟ ପ୍ରତି ନିଜର ଆଗ୍ରହ ପ୍ରକାଶ କରିବା ନିମନ୍ତେ ସେମାନେ "ମୁଁ ଆଇସ୍‌କ୍ରିମକୁ ଭଲପାଏ", "ମୁଁ କେକ୍ ଭଲପାଏ" ଇତ୍ୟାଦି କହିଥାନ୍ତି । ସେହିପରି ଅନାଦର ମନୋଭାବ "ଘୃଣା" ଶବ୍ଦ ଦ୍ୱାରା ବ୍ୟକ୍ତ କରାଯାଏ, ଯେପରିକି "ମୁଁ ସେହି ବ୍ୟକ୍ତିକୁ ଘୃଣା କରେ", "ମୁଁ ଫଳ ଖାଇବାକୁ ଘୃଣା କରେ" ଇତ୍ୟାଦି ।

ଏହି ବୟସରେ ମାନସିକ ଦୋଦୁଲ୍ୟମାନ ଅବସ୍ଥା ବାରମ୍ବାର ସଂଗଠିତ ହୋଇଥାଏ । ଏହା କିଶୋରମାନଙ୍କ ମଧ୍ୟରେ ଅନ୍ୟ ଏକ ସୁପରିଚିତ ବୈଶିଷ୍ଟ୍ୟ ଅଟେ । ବେଳେବେଳେ ସେମାନେ ସୁଖୀ ଏବଂ ବେଳେବେଳେ ଦୁଃଖୀ ହୋଇଥାନ୍ତି । ବେଳେବେଳେ ସେମାନଙ୍କ ଭିତରେ ଉଚ୍ଚ ମାତ୍ରାର ଦେଶପ୍ରେମ ସୃଷ୍ଟିହୁଏ, କିନ୍ତୁ କିଛି ମୁହୂର୍ତ୍ତ ପରେ ସେମାନେ ଭ୍ରମିତ କିମ୍ବା କ୍ରୋଧିତ ହୋଇଥାନ୍ତି । ଏହା ସେମାନଙ୍କର ଆଚରଣକୁ କିଛି ପରିମାଣରେ ଅପ୍ରତ୍ୟାଶିତ କରିଥାଏ । କିଶୋରମାନଙ୍କର ଯୌନ ସମ୍ପର୍କୀୟ ଆବେଗ ଯେପରି କି "ବଶୀଭୂତ କରିବା (crushes)" ଓ "ମୋହ /ପ୍ରେମମତ୍ତତା (infatuation)" ମଧ୍ୟ ଏହି ପର୍ଯ୍ୟାୟରେ ଉତ୍ପନ୍ନ ହେବା ଆରମ୍ଭ ହୋଇଥାଏ ।

୧୩.୩.୨ ସାମାଜିକ ବିକାଶ

ସାମାଜିକ ପରିସରରେ କିଶୋରମାନେ ସେମାନଙ୍କର ପାରସ୍ପରିକ ସମ୍ପର୍କ କ୍ଷେତ୍ରରେ ଅନେକ ପରିବର୍ତ୍ତନ ମଧ୍ୟ ଦେଇ ଗତି କରିଥାନ୍ତି ଏବଂ ସେମାନେ ସମାଜ ତଥା ଏହାର ନାନାବିଧ ପ୍ରଭାବଗୁଡିକ ବିଷୟରେ ବୁଝିବା ଆରମ୍ଭ କରନ୍ତି । ବାଲ୍ୟାବସ୍ଥାରେ ପିତାମାତାଙ୍କ ପ୍ରତି ଥିବା ନିର୍ଭରଶୀଳ ମନୋଭାବ ବନ୍ଧୁମାନଙ୍କ ଉପରେ ଅଧିକ ନିର୍ଭରଶୀଳତାରେ ରୂପାନ୍ତରିତ ହୁଏ । ବାସ୍ତବିକ କିଶୋରମାନଙ୍କ ପାଇଁ ବନ୍ଧୁତ୍ୱ ଖୁବ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ ଏବଂ ସେମାନଙ୍କ ମଧ୍ୟରୁ ଅଧିକାଂଶ ପରିବାର ଅପେକ୍ଷା ବନ୍ଧୁମାନଙ୍କ ସହ ଅଧିକ ସମୟ ବିତାଇବାକୁ ପସନ୍ଦ କରନ୍ତି । ବନ୍ଧୁମାନଙ୍କ ମଧ୍ୟରେ ଜନପ୍ରିୟ ସଦସ୍ୟ ଭାବେ ପରିଚିତ ହେବା କିଶୋରାବସ୍ଥାର ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା ଅଟେ । କିଶୋରମାନେ ଅନେକ ସମୟରେ ନିଜର ପିତାମାତା ଓ ବୟସ୍କମାନଙ୍କ ସହ ଯୁକ୍ତି କରିଥାନ୍ତି, କାରଣ ସେମାନେ ସେମାନଙ୍କର ନିୟନ୍ତ୍ରଣରୁ ମୁକ୍ତ ହେବାକୁ ଚାହାନ୍ତି ।

ବିପରୀତ ଲିଙ୍ଗର ସଦସ୍ୟମାନଙ୍କ ପ୍ରତି ନିଜ ଭିତରେ ଏକ ଆକର୍ଷଣ ଅନୁଭବ କରିବା କିଶୋରାବସ୍ଥାର ଅନ୍ୟ ଏକ ସୁପରିଚିତ ଗୁଣ ଅଟେ । ଏହା ଏକ ସ୍ୱାଭାବିକ ପ୍ରତିକ୍ରିୟା ଏବଂ ମୁଖ୍ୟତଃ କିଶୋରମାନଙ୍କର ଯୌନଗତ ପରିପକ୍ୱତା ଯୋଗୁଁ ହୋଇଥାଏ ।

କିଶୋରମାନେ ନିଜର ବ୍ୟକ୍ତିଗତ ଢଙ୍ଗରେ ଚିନ୍ତା କରି ସମାଜ ସମ୍ବନ୍ଧୀୟ ନିଜସ୍ୱ ବିଶ୍ୱାସ, ମତ, ମନୋଭାବ ଓ ସମାଜ ବିଷୟରେ ପରମ୍ପରାଗତ ଧାରଣା ସମୂହ ଗଠନ କରିଥାନ୍ତି । ଏହି ପର୍ଯ୍ୟାୟରେ ଗଣମାଧ୍ୟମ ବିଶେଷତଃ ସଙ୍ଗୀତ ଓ ଦୂରଦର୍ଶନର ପ୍ରଭାବ ବିଶେଷ ଭାବେ ଅନୁଭୂତ ହୋଇଥାଏ । ଏହାଦ୍ୱାରା ସେମାନେ ଚଳଚ୍ଚିତ୍ର ଅଭିନେତା ଏବଂ କ୍ରୀଡାବିତ୍‌ମାନଙ୍କୁ ନିଜର ଆଦର୍ଶ ରୂପେ ଗ୍ରହଣ କରନ୍ତି, ଯାହା ସହିତ ସେମାନେ ପ୍ରତିଯୋଗିତା କରିବାକୁ ଚେଷ୍ଟା କରନ୍ତି । ସିନେମା ହିରୋ ଏବଂ ବଡବଡ ଖେଳାଳି ଇତ୍ୟାଦିଙ୍କର ଭୂମିକା ସେମାନଙ୍କୁ ପ୍ରତିରୂପ ଯୋଗାଇଥାଏ । ଏହା କିଶୋରମାନଙ୍କୁ ସେମାନଙ୍କର ଅବାସ୍ତବ କଳ୍ପନାଗୁଡିକୁ ଏବଂ ସ୍ୱପ୍ନକୁ ବୁଝିବାରେ ସହାୟକ ହୋଇଥାଏ ।

ନିଜର ଶାରୀରିକ ପ୍ରତିବିମ୍ବ କିଶୋରମାନଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ଅଟେ । ବାସ୍ତବରେ ଏକ ଉପଯୁକ୍ତ ଶାରୀରିକ ଆକୃତି ପାଇବା ପ୍ରାୟତଃ, କିଶୋର ବୟସର ଏକ ଜିଦ୍ (obsession) ଥାଏ । ଏତଦ୍‌ବ୍ୟତୀତ ତାହାର ବେଶ ପୋଷାକର ଢଙ୍ଗ ଏବଂ ସୌନ୍ଦର୍ଯ୍ୟ ମୁଖ୍ୟତଃ ପୋଷାକଶୈଳୀ, କ୍ରୀଡା ପ୍ରବଣତା, ଅଙ୍ଗସଜ୍ଜା ଓ ଉପଯୁକ୍ତ କେଶ ବିନ୍ୟାସରେ ପ୍ରକାଶିତ ହୁଏ । ଯେଉଁସବୁ ସାମାଜିକ ଭୂମିକାଗୁଡିକୁ କିଶୋରମାନେ ବିକଶିତ ଓ ପ୍ରୟୋଗ କରିବାକୁ ଇଚ୍ଛା କରିଥାନ୍ତି, ସେସବୁ ସହ ଏଗୁଡିକ ସମ୍ପୃକ୍ତ ହୋଇଥାଏ ।

୧୩.୩.୩ ବୌଦ୍ଧିକ ବିକାଶ

କିଶୋରମାନଙ୍କର ଚିନ୍ତନ ଏବଂ ଯଥାର୍ଥତା ପ୍ରତିପାଦନ (reasoning) କରିବାର କୌଶଳ ପର୍ଯ୍ୟାପ୍ତ ଭାବରେ ବୃଦ୍ଧି ପାଇଥାଏ । ବିଶେଷତଃ, ବାଲ୍ୟାବସ୍ଥା ଅପେକ୍ଷା ସେମାନେ ଅଧିକ ଦକ୍ଷ ହୋଇଥାନ୍ତି । କିଶୋରମାନେ ପିଆଜେଙ୍କର ଯଥାବିଧି କ୍ରିୟା ପର୍ଯ୍ୟାୟର (formal operational stage) ଅନ୍ତର୍ଭୁକ୍ତ ହୁଅନ୍ତି, ଯାହାର ଅର୍ଥ ହେଉଛି ଏହି ବୟସରେ ଅମୂର୍ତ୍ତ (abstract) ଧାରଣା ବୁଝିପାରନ୍ତି ଏବଂ ତା' ସହିତ ସମ୍ଭାବନାକୁ ଦୃଷ୍ଟିରେ ରଖି ଚିନ୍ତନ କରିବା ପାଇଁ ସକ୍ଷମ ହୋଇଥାନ୍ତି ।

ସେମାନେ ଉଭୟ ଆରୋହାତ୍ମକ (inductive) ଏବଂ ଅବରୋହାତ୍ମକ (deductive) ଭାବରେ ଚିନ୍ତନ କରିବାର ଦକ୍ଷତଲାଭ କରନ୍ତି । ସେମାନେ ମଧ୍ୟ ବିଭିନ୍ନ ମତକୁ ପ୍ରତିଫଳିତ କରିବା, ବିଶ୍ଳେଷଣ କରିବା, ବିଚାର କରିବା ଏବଂ ଜଣାଶୁଣା ତଥ୍ୟ ଉପରେ ଆଧାରିତ ପରିକଳ୍ପନା କରିବା ତଥା ଆଲୋଚନା କରିବାକୁ ସକ୍ଷମ ହୋଇଥାନ୍ତି । ଏକ ବିଷୟବସ୍ତୁ ଉପରେ କିଶୋରମାନଙ୍କର ନିଜସ୍ୱ ମତ ସେମାନଙ୍କ ପାଇଁ ବିଶେଷ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ । ଏଥିପାଇଁ କିଶୋରମାନେ ପିତାମାତା, ଅଭିଭାବକ, ଶିକ୍ଷକ ଏବଂ ବନ୍ଧୁମାନଙ୍କ ସହ ଅନେକ ସମୟରେ ଯୁକ୍ତିତର୍କ କରିଥାନ୍ତି । କିଶୋରମାନେ ପରୀକ୍ଷକଙ୍କ ପରି ପ୍ରତ୍ୟେକ ବିଷୟବସ୍ତୁ ଉପରେ ପ୍ରଶ୍ନ ପଚାରିଥାନ୍ତି । ସେମାନେ ନିଜେ ସନ୍ତୁଷ୍ଟ ହେଲା ପରେ ହିଁ ନିଷ୍ପତ୍ତି ନେଇଥାନ୍ତି । ସେମାନେ ମଧ୍ୟ ଅତି ଦୃଢତାର ସହ ନିଜ ଦୃଷ୍ଟିକୋଣର ପକ୍ଷ ନେଇଥାନ୍ତି । ସେମାନଙ୍କର ଶବ୍ଦ ଭଣ୍ଡାରରେ ଆଖିଦୃଶିଆ ବିକାଶ ହେବାକୁ ଲାଗେ । କିଶୋରମାନେ ଏକ ସମୟରେ ଅନେକ ବୌଦ୍ଧିକ କାର୍ଯ୍ୟ କରିବାକୁ ସକ୍ଷମ ହୋଇଥାନ୍ତି ଏବଂ କିଶୋରାବସ୍ଥା ବୌଦ୍ଧିକ ବିକାଶର ସର୍ବାଧିକ ବିକଶିତ ପର୍ଯ୍ୟାୟ ଭାବରେ ପରିଗଣିତ ହୋଇଥାଏ ।

୧୩.୩.୪ ନୈତିକ ବିକାଶ

ନୈତିକ ବିକାଶ କ୍ଷେତ୍ରରେ ମଧ୍ୟ କିଶୋରମାନେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ମଧ୍ୟ ଦେଇ ଗତି କରିଥାନ୍ତି । ଏହି ସମୟରେ ସେମାନେ ଦୃଢ ନୈତିକ ଧାରଣା ସୃଷ୍ଟି କରନ୍ତି କିମ୍ବା ଠିକ କି ଭୁଲକୁ ଭଲ ଭାବରେ ବୁଝିପାରନ୍ତି । ସେମାନଙ୍କର ଧାରଣାଗୁଡିକ କେବଳ ପିତାମାତା ଓ ଅଭିଭାବକଙ୍କ ଦ୍ୱାରା

ପ୍ରଦତ୍ତ ଶିକ୍ଷଣ ଉପରେ ପର୍ଯ୍ୟବସିତ ନହୋଇ ନିଜସ୍ୱ ଅଭିଜ୍ଞତା ଉପରେ ଆଧାରିତ ହୋଇଥାଏ । ସେମାନେ ସମାଜରେ ଥିବା ସାମାଜିକ ତଥା ନୈତିକ ଆଚରଣ ଉପରେ ପ୍ରଶ୍ନ କରିଥାନ୍ତି ଏବଂ ଯାହା ଠିକ ବୋଲି ହୃଦ୍‌ବୋଧ କରନ୍ତି, ତାହାକୁ ହିଁ ଗ୍ରହଣ କରିଥାନ୍ତି ।

ଏହି ପର୍ଯ୍ୟାୟରେ କିଶୋରମାନେ ସମାଜର ଶୃଙ୍ଖଳିତ ପରିଚାଳନାରେ ଆଇନର ଗୁରୁତ୍ୱ ବୁଝିବା ଆରମ୍ଭ କରନ୍ତି । ପୁନଶ୍ଚ ସେମାନେ ନିଜର ବ୍ୟକ୍ତିଗତ ଜୀବନର କେତେକ ମୂଲ୍ୟବୋଧ ମଧ୍ୟ ଗଠନ କରିଥାନ୍ତି, ଯାହା ସେମାନଙ୍କ ଜୀବନରେ ପଥ ପ୍ରଦର୍ଶକ ଭାବେ କାର୍ଯ୍ୟ କରିଥାଏ । ଗିଲିଗନ୍ (Gilligan)ଙ୍କ ମତରେ କୋଲ୍‌ବର୍ଗଙ୍କର ନୈତିକ ବିକାଶ ସୂତ୍ର ନ୍ୟାୟକୁ ଗୁରୁତ୍ୱ ଦେଇଛି କିନ୍ତୁ ନୈତିକ ସିଦ୍ଧାନ୍ତ ନେବାର ଅନୁଭବ ଏବଂ ଯତ୍ନର ଭୂମିକାକୁ ଉପେକ୍ଷା କରିଛି । ଗିଲିଗନ୍ ଓ ଅନ୍ୟ ତତ୍ତ୍ୱ ପ୍ରବର୍ତ୍ତକମାନେ ଯୁକ୍ତି କରନ୍ତି ଯେ କୋଲ୍‌ବର୍ଗଙ୍କ ତତ୍ତ୍ୱ ଅପେକ୍ଷା ନୈତିକ ଚୟନ ଅଧିକ ନମନୀୟ ଏବଂ ଜଟିଳ ଅଟେ । ସେହି ନୈତିକତା ଏକା ସମୟରେ ବିଭିନ୍ନ ବିଚାରଧାରା ଦ୍ୱାରା ପ୍ରଦର୍ଶିତ ହୋଇଥାଏ ।

ମୋଟାମୋଟି ଭାବରେ କୁହାଯାଇପାରେ ଯେ କିଶୋରାବସ୍ଥା ଆତ୍ମ ପରିଚୟ ସୃଷ୍ଟି କରିବାର ଏକ ଘଡିସନ୍ଧି ସମୟ ଅଟେ, ଯେଉଁ ସମୟରେ କି ବ୍ୟକ୍ତି ଶିଶୁ ନଥାଏ କିମ୍ବା ବୟସ୍କ ହୋଇନଥାଏ । ଘଟୁଥିବା ଶାରୀରିକ ଏବଂ ତାହାକୁ ଅନୁସରଣ କରୁଥିବା ମନସ୍ତାତ୍ତ୍ୱିକ ପରିବର୍ତ୍ତନଗୁଡିକ ସହ ବ୍ୟକ୍ତି "ମୁଁ କିଏ ?'' ପ୍ରଶ୍ନର ଉତ୍ତର ପାଇଁ ବିବ୍ରତ ହୋଇଥାଏ । ଏହି ପ୍ରଶ୍ନର ଉତ୍ତର ସହଜରେ ମିଳିନଥାଏ ଏବଂ ଅନେକ ସମୟରେ ସମଗ୍ର କିଶୋରାବସ୍ଥାରେ ଏହା ମନକୁ ନିବିଷ୍ଟ କରି ରଖିଥାଏ । ତେବେ କିଶୋରାବସ୍ଥାର ଶେଷ ଆଡକୁ ଏହି ଆତ୍ମ ପରିଚୟ ସଠିକ୍ ଭାବେ ପରିଦୃଷ୍ଟ ହୋଇଥାଏ ।

ପାଠଗତ ପ୍ରଶ୍ନାବଳୀ ୧୩.୧

(କ) ଉପଯୁକ୍ତ ଶବ୍ଦ ପ୍ରୟୋଗ କରି ଶୂନ୍ୟସ୍ଥାନ ପୂରଣ କର :

୧. କିଶୋରାବସ୍ଥାରେ ଆବେଗଗୁଡିକର ଅନୁଭବ ଅତି .... ଅଟେ ।

୨. କିଶୋରାବସ୍ଥାରେ ନିଜର ଆଗ୍ରହ ମାତାପିତାଙ୍କ ଠାରୁ ଦୂରେଇଯାଇ .... ପ୍ରତି ନିବିଷ୍ଟ ହୁଏ ।

୩. କିଶୋରାବସ୍ଥାଟି ପିଆଜେଙ୍କର ବୌଦ୍ଧିକ ବିକାଶର .... ପର୍ଯ୍ୟାୟ ଅଟେ ।

୪. ବାରମ୍ବାର .... ଯୋଗୁଁ କିଶୋରାବସ୍ଥାରେ ଆବେଗର ପୂର୍ବାନୁମାନ କରିବା ସହଜ ହୋଇନଥାଏ ।

୫. ନୈତିକ ବିକାଶ କ୍ଷେତ୍ରରେ କିଶୋରମାନେ ନିଜର ଏକ .... ବିକାଶ କରିଥାନ୍ତି ।

(ଖ) କିଶୋରାବସ୍ଥାରେ କେଉଁ କେଉଁ କ୍ଷେତ୍ରରେ ମନସ୍ତାତ୍ତ୍ୱିକ ପରିବର୍ତ୍ତନ ମାନ ଘଟିଥାଏ ଲେଖ ।

୧୩.୪ କିଶୋରାବସ୍ଥାର ସମସ୍ୟାଗୁଡିକର ସଠିକ୍ ସମଯୋଜନ ଓ ପରିଚାଳନା

କିଶୋର କିଶୋରୀମାନଙ୍କର ଶାରୀରିକ ଓ ମନସ୍ତାତ୍ତ୍ୱିକ ଗୁଣାବଳୀ ଏବଂ ବିକାଶମୂଳକ କାର୍ଯ୍ୟର ପ୍ରକୃତି, ଯାହା ସେମାନେ ସମ୍ମୁଖୀନ ହେବା ଆଶା କରାଯାଏ, ତାହା ବିକାଶ ପ୍ରକ୍ରିୟାରେ ସଂକଟ ସୃଷ୍ଟି କରିଥାଏ । ବିଶେଷତଃ, କିଶୋରମାନେ ସେମାନଙ୍କର ଘର, ବିଦ୍ୟାଳୟ ଓ ସମାଜ ସମ୍ପର୍କିତ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି । କିଶୋରମାନେ ସେମାନଙ୍କର ସ୍ୱ ପରିବାର, ବିଦ୍ୟାଳୟ ଏବଂ ସମାଜ ସହ ସମ୍ପୃକ୍ତ ଯେଉଁସବୁ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି, ତାର ତାଲିକା ନିମ୍ନ (୧୩.୧) ସାରଣୀରେ ପ୍ରଦାନ କରାଗଲା ।

ସାରଣୀ ୧୩.୧ : କିଶୋରାବସ୍ଥାର ସାଧାରଣ ସମସ୍ୟା

'ସ୍ୱ' କିମ୍ବା ଶରୀର ସମ୍ପର୍କିତ ସମସ୍ୟା	ପରିବାର ସମ୍ପର୍କିତ ସମସ୍ୟା	ବିଦ୍ୟାଳୟ ସମ୍ପର୍କିତ ସମସ୍ୟା	ସମାଜ ସମ୍ପର୍କିତ ସମସ୍ୟା
• ନିଜ ଶରୀରର ଆକୃତି	• ଅଧିକାରୀବାଦ ପିତାମାତା	• କଠୋର ଶିକ୍ଷକ	• ଲିଙ୍ଗଗତ ପକ୍ଷପାତ
• ବ୍ରଣ	• ପିତାମାତାଙ୍କ ସହ ଖରାପ ସମ୍ପର୍କ	• ପାଠର ଅନ୍ତର ଭାବ	• ଜାତି ସମ୍ପର୍କିତ ସମସ୍ୟା
• ଶରୀରର ରଙ୍ଗ	• ଯୋଗାଯୋଗର ଅଭାବ	• ଆବଦ୍ଧ ବିଦ୍ୟାଳୟ	• ଭିନ୍ନ ପିଢିର ବ୍ୟକ୍ତିଙ୍କ ମଧ୍ୟରେ ମତପାର୍ଥକ୍ୟ
• ଖାଦ୍ୟାଭ୍ୟାସରେ ବିଶୃଙ୍ଖଳା	• ନିମ୍ନ-ସାମାଜିକ ଆର୍ଥିକ ଅବସ୍ଥା	• ପର୍ଯ୍ୟାବରଣ	• ପରମ୍ପରାଗତ ମନୋଭାବ
• ଶାରୀରିକ ପରିବର୍ତ୍ତନ	• ଅସହଯୋଗ ପରିବେଶ	• ସହପାଠୀଙ୍କ ଦ୍ୱାରା ଗ୍ରହଣ ନହେବା	• ଅବଦମିତ ଇଚ୍ଛା
• ମନୁଆ ଭାବ	• ସ୍ଥାନାଭାବ	• ନିମ୍ନ ଫଳାଙ୍କ	• ଅତ୍ୟଧିକ ପ୍ରତ୍ୟାଶା
• ଭାବୁକତା	• ଅନ୍ୟମାନଙ୍କ ସହ ତୁଳନା	• ଅତ୍ୟଧିକ ଗୃହ କାର୍ଯ୍ୟ	• ବନ୍ଧୁ ଅଭାବ
• କ୍ରୋଧ		• ସହ-ଶୈକ୍ଷିକ କାର୍ଯ୍ୟରେ ଅଂଶଗ୍ରହଣ ନକରିବା	
• ଭାବପ୍ରବଣତା		• ଦୀର୍ଘ ବିଦ୍ୟାଳୟ ସମୟ	
• ବିଦ୍ରୋହ ଭାବ			
• ବିଦ୍ରୋହାତ୍ମକ ଭାବ ସୃଷ୍ଟି ହେବା			
• ପ୍ରେମମତ୍ତତା			
• ଦିବା ସ୍ୱପ୍ନ			

ଉପର ତାଲିକାଭୁକ୍ତ ସମସ୍ୟାଗୁଡ଼ିକର ତାଲିକା କେତେକ ସାଧାରଣ ଉଦାହରଣର ପ୍ରତୀକ ଅଟେ । ପ୍ରତ୍ୟେକ କିଶୋର ସମାନ କିମ୍ବା ଭିନ୍ନ ସମସ୍ୟାଗୁଡ଼ିକର ମିଳିତ ଅବସ୍ଥା ଦ୍ୱାରା ନିର୍ଦ୍ଦିଷ୍ଟ ଭାବେ ପ୍ରଭାବିତ ହୋଇଥାନ୍ତି । କିଶୋରାବସ୍ଥାର ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ସମସ୍ୟାଗୁଡ଼ିକ ହେଉଛି ନିଶା-ସେବନ, ମଦ୍ୟପାନ, ଧୂମ୍ରପାନ, କାରଣହୀନ ଅନୁପସ୍ଥିତି, ଯୌନ ଆବେଗ ଇତ୍ୟାଦି । ଏହି ସମସ୍ୟାଗୁଡ଼ିକ ସବୁ ବ୍ୟକ୍ତିଙ୍କ କ୍ଷେତ୍ରରେ ଦେଖାଯାଇନଥାଏ ।

୧୩.୫ କିଶୋରମାନେ ସମ୍ମୁଖୀନ ହେଉଥିବା କେତେକ ସାମ୍ପ୍ରତିକ ସମସ୍ୟା

ବର୍ତ୍ତମାନ ପର୍ଯ୍ୟନ୍ତ ଆପଣମାନେ ଜାଣିଛନ୍ତି ଯେ କିଶୋରାବସ୍ଥାର ଅନୁଭୂତିଗୁଡ଼ିକ ଉଭୟ ଶାରୀରିକ ଓ ସାମାଜିକ କାରଣରୁ ହୋଇଥାଏ । ଜୈବିକ ପରିବର୍ତ୍ତନଗୁଡ଼ିକ ସାର୍ବଜନୀନ ଅଟେ । ଶିଶୁମାନଙ୍କ ଠାରୁ ଆଚରଣ ପ୍ରଦର୍ଶନର ପ୍ରକାର, ନୂତନ ପାରସ୍ପରିକ ସମ୍ପର୍କର ବିକାଶ ଆଦି ସାମାଜିକ ପ୍ରତ୍ୟାଶା ଅନେକ ସମୟରେ ଅନିଶ୍ଚିତତାର ମୁହୂର୍ତ୍ତ ଏବଂ ଆତ୍ମସନ୍ଦେହ ସୃଷ୍ଟି କରିଥାଏ ।

ବର୍ତ୍ତମାନ ପର୍ଯ୍ୟନ୍ତ କିଶୋରାବସ୍ଥା ବ୍ୟକ୍ତି ଜୀବନରେ କିପରି ଏକ ମୁଖ୍ୟ ପରିବର୍ତ୍ତନକାଳୀନ (tansition) ପର୍ଯ୍ୟାୟ, ଆପଣ ସେ ବିଷୟରେ ପଢ଼ିଲେ । କିଶୋରାବସ୍ଥା ବୟସ୍କ ଜୀବନରେ ପ୍ରବେଶ କରିବାର ପ୍ରାରମ୍ଭିକ ଅବସ୍ଥା ଅଟେ । ବୟସ୍କ ହେବା ପାଇଁ ବଢ଼ିବା ପର୍ଯ୍ୟାୟରେ ବ୍ୟକ୍ତି ନିଜର ବ୍ୟକ୍ତିଗତ, ସାମାଜିକ ଓ ଶିକ୍ଷା କ୍ଷେତ୍ରରେ ଥିବା ବିଭିନ୍ନ ସମସ୍ୟାକୁ ଅନୁଭବ କରିଥାଏ ।

କିଶୋରାବସ୍ଥା ସହ ସମ୍ପୃକ୍ତ ଥିବା ଭ୍ରାନ୍ତ ଏବଂ ବଦ୍ଧମୂଳ ଧାରଣାଗୁଡ଼ିକ କିଶୋର କିଶୋରୀମାନଙ୍କ ମଧ୍ୟରେ ବିଭିନ୍ନ ସମସ୍ୟା ସୃଷ୍ଟି କରିଥାଏ । ସେଥିମଧ୍ୟରୁ କେତେକ ସଂକଟପୂର୍ଣ୍ଣ ପରିଣାମଗୁଡ଼ିକ ପଦାର୍ଥର ଅପବ୍ୟବହାର, କିଶୋରାବସ୍ଥାରେ ଗର୍ଭଧାରଣ, ଯୌନ ସମ୍ପର୍କିତ ରୋଗ ଏବଂ AIDS ଆଦିକୁ ଅନ୍ତର୍ଭୁକ୍ତ କରିଥାଏ । ବର୍ତ୍ତମାନ ସେହିସବୁ ସମସ୍ୟାଗୁଡ଼ିକ ବିଷୟରେ ବିସ୍ତୃତ ଭାବେ ଆଲୋଚନା କରାଯାଉ ।

(କ) ପଦାର୍ଥର ଅପବ୍ୟବହାର (Substance Abuse)

କମ୍ ବୟସରେ ବସ୍ତୁ ଏବଂ ପଦାର୍ଥର ଅପବ୍ୟବହାରର ଅନେକ ସମୟରେ ଜୀବନବ୍ୟାପୀ ପ୍ରଭାବ ଥାଏ । ଦୈନନ୍ଦିନ ଜୀବନରେ ଦେଖାଯାଉଥିବା ମାନସିକ ଚାପକୁ ହ୍ରାସ କରିବା ପାଇଁ ମଦ୍ୟ ଓ କଠିନ ଉତ୍ତେଜକ ବସ୍ତୁଗୁଡ଼ିକ ଉପରେ ନିର୍ଭରଶୀଳତା ଦ୍ୱାରା ସେମାନଙ୍କର ସିଦ୍ଧାନ୍ତ ନେବାର କ୍ଷମତା ହ୍ରାସ ପାଇଥାଏ । ସେମାନଙ୍କର ମଧ୍ୟ ଉପଯୋଜନ କରିବାର ଦକ୍ଷତା ଜନିତ ସମସ୍ୟା ଯଥା ହତାଶା ଏବଂ ସମାଜ ବିରୋଧୀ ଆଚରଣ ବୃଦ୍ଧି ପାଇଥାଏ । ଏହିସବୁ ସମସ୍ୟାର ସମାଧାନ ନିମନ୍ତେ ସେମାନଙ୍କୁ ସଠିକ୍ ଉପଦେଶନ ଦେବା ସହ ଏକ ସହାୟକ ପରିବେଶ ସୃଷ୍ଟି କରିବା ଆବଶ୍ୟକ ହୋଇଥାଏ । ଏହାଦ୍ୱାରା ସେମାନେ ନିଜ ସାମର୍ଥ୍ୟର ସଠିକ୍ ଉପଯୋଗ କରିବା ସହ ମାନସିକ ଚାପଗୁଡ଼ିକୁ ସଫଳତାର ସହ ପରିଚାଳନା କରିଥାନ୍ତି ।

(ଖ) ଯୌନ ସଂକ୍ରମିତ ରୋଗ (STD)

ବର୍ତ୍ତମାନ ସମଗ୍ର ବିଶ୍ୱରେ ପରିଲକ୍ଷିତ ହେଉଥିବା ଅନ୍ୟ ଏକ ସମସ୍ୟା ହେଉଛି ଯୌନ ସଂକ୍ରମିତ ରୋଗ (STD) । କିଶୋର/ତରୁଣମାନେ ଯୌନ ସଂକ୍ରମିତ ରୋଗ ଦ୍ୱାରା ଆକ୍ରାନ୍ତ ହେବାର ସର୍ବାଧିକ ବିପଦ ରହିଛି । ସେମାନେ ଦାୟିତ୍ୱହୀନ ଯୌନ ଆଚରଣରେ ସମ୍ପୃକ୍ତ ହେଉଛନ୍ତି । ଲିଙ୍ଗ ବିଷୟରେ ସେମାନଙ୍କର ଭ୍ରାନ୍ତ ଧାରଣା ଦୂର କରିବା ନିମନ୍ତେ କିଶୋରମାନଙ୍କୁ ସାହାଯ୍ୟ କରିବା ଆବଶ୍ୟକ ଅଟେ, ଯାହା ସେମାନଙ୍କୁ ଅଧିକ ବିପଦଗ୍ରସ୍ତ କରୁଛି । କିଶୋରମାନଙ୍କୁ ଫଳପ୍ରଦ ଭାବରେ ଉପଯୁକ୍ତ ଯୌନ ଶିକ୍ଷା ଯୋଗାଇବା ଆବଶ୍ୟକ ଅଟେ ।

(ଗ) ଅପ୍ରାପ୍ତ ବୟସ୍କ ଗର୍ଭଧାରଣ

ଏକ ଦାୟିତ୍ୱଶୀଳ ପିତାମାତା ହେବା ଆହ୍ୱାନମୂଳକ ଏବଂ ଚାପଦାୟକ ଅନୁଭୂତି ଅଟେ । ବିଶେଷତଃ, କିଶୋରମାନଙ୍କ ପାଇଁ ଏହା କଷ୍ଟସାଧ୍ୟ ଅଟେ । ଶିଶୁର ଉପଯୁକ୍ତ ଲାଳନପାଳନ ଉଭୟ ମା’ ଏବଂ ଶିଶୁଙ୍କ ପାଇଁ ଦୀର୍ଘକାଳୀନ କ୍ଲିଷ୍ଟ ହୋଇଥାଏ । ଏହା ମଧ୍ୟ ମାନସିକ ଚାପ ସୃଷ୍ଟି କରିଥାଏ । କିଶୋରାବସ୍ଥାର ବିଭିନ୍ନ ସମସ୍ୟାଗୁଡ଼ିକ ଆଲୋଚନା କରିବା ପରେ ଏହି ସମସ୍ୟା ସହ ଜଡ଼ିତ କାରଣଗୁଡ଼ିକୁ ଦେଖିବା ହେଉ, ଯଥା : ପିତାମାତା ଏବଂ ଶିକ୍ଷକଙ୍କ ଠାରୁ ସଠିକ୍ ପରାମର୍ଶ ନମିଳିବା, ଗଣମାଧ୍ୟମର ଅନୁପଯୁକ୍ତ ପ୍ରଭାବ, ସାଙ୍ଗସାଥୀଙ୍କ ସହ ତ୍ରୁଟିପୂର୍ଣ୍ଣ ସମ୍ପର୍କ, ନିଜର ଶାରୀରିକ ପରିବର୍ତ୍ତନ ନିମନ୍ତେ ବିଚଳିତ ଭାବ ଓ ଯୌନଇଚ୍ଛା ପ୍ରତି ଥିବା ଭ୍ରାନ୍ତଧାରଣା ଓ ଚିତ୍ତବୃତ୍ତିର ପରିବର୍ତ୍ତନ । ସମାଜ ଓ ପରିବାର ସ୍ୱଳ୍ପ ବୟସ୍କମାନଙ୍କୁ ଯଥାର୍ଥ ସୁଯୋଗ ଯୋଗାଇଦେଇ ସଅଳ ଗର୍ଭଧାରଣକୁ ସ୍ଥଗିତ କରିପାରିବେ, ଯେପରିକି ସେମାନଙ୍କ ଶିକ୍ଷାର ବୃଦ୍ଧି କରିବା, ବୃତ୍ତିଗତ ଶିକ୍ଷା ଓ ନିଯୁକ୍ତି ସୁଯୋଗ ଯୋଗାଇଦେବା ଇତ୍ୟାଦି । ସମାଜ ଓ ପରିବାର ଅପ୍ରାପ୍ତ ବୟସ ଗର୍ଭଧାରଣ ଜନିତ ସମସ୍ୟା ସମ୍ବନ୍ଧରେ କିଶୋରମାନଙ୍କୁ ସଠିକ୍ ପଥ ପ୍ରଦର୍ଶନ କରିବା ଉଚିତ ଅଟେ ।

ସଠିକ୍ ପଥ ପ୍ରଦର୍ଶନ ଓ ଉପଦେଶନ ପ୍ରକ୍ରିୟା ମାଧ୍ୟମରେ କିଶୋରମାନଙ୍କୁ ସେମାନଙ୍କର ଏହି ସମସ୍ୟା ସମାଧାନ ନିମନ୍ତେ ସହାୟତା ପ୍ରଦାନ କରଯାଇପାରିବ । ନିର୍ଦ୍ଦିଷ୍ଟ ଭାବରେ ବୃତ୍ତିଗତ ପରାମର୍ଶ ଏବଂ ଧନ୍ଦା ସମ୍ବନ୍ଧୀୟ ଉପଦେଶ ସେମାନଙ୍କୁ ବିଭିନ୍ନ କ୍ଷେତ୍ରରେ ଥିବା ଶିକ୍ଷା ଏବଂ ବୃତ୍ତିର ସୁବିଧା ସୁଯୋଗ ସମ୍ବନ୍ଧରେ ଅବଗତ କରାଇପାରିବ । ବ୍ୟକ୍ତିଗତ ଓ ସାମାଜିକ ଉପଦେଶନ ମାଧ୍ୟମରେ ସେମାନଙ୍କୁ ସେମାନଙ୍କର ସମସ୍ୟା ସମାଧାନ ନିମନ୍ତେ ସହାୟତା ପ୍ରଦାନ କରାଯାଇପାରିବ । ଏହି ସମସ୍ୟାଗୁଡ଼ିକର ସମାଧାନ ନିମନ୍ତେ ପରିବାର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ବୟବପ୍ରାପ୍ତ କିଶୋରମାନଙ୍କର ଉପଯୁକ୍ତ ବିକାଶ ନିମନ୍ତେ ପିତାମାତା, ଗୁରୁଜନ, ସାଙ୍ଗସାଥୀ ସମସ୍ତଙ୍କର ସହଯୋଗର ଆବଶ୍ୟକତା ରହିଛି ।

ଆପଣ କ'ଣ ଶିଖିଲେ

- କିଶୋରାବସ୍ଥା ମନୁଷ୍ୟର ବିକାଶ ପ୍ରକ୍ରିୟାର ଏକ ଗୁରୁତ୍ୱପୂର୍ଣ୍ଣ ସୋପାନ ଅଟେ । ଏହା ଶୈଶବରୁ ପ୍ରୌଢାବସ୍ଥାକୁ ଗତି କରିବାର ସନ୍ଧିକ୍ଷଣ ସମୟ ଅଟେ ।
- ଏହି ସମୟରେ ଦ୍ରୁତ ଶାରୀରିକ ଏବଂ ମନସ୍ତାତ୍ତ୍ୱିକ ପରିବର୍ତ୍ତନମାନ ଘଟିଥାଏ ।
- ବିଭିନ୍ନ ଗ୍ରନ୍ଥିରୁ ହରମୋନ କ୍ଷରଣ ହେବା ଏହି ସମୟରେ ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ଶାରୀରିକ ପରିବର୍ତ୍ତନ ଅଟେ । ପ୍ରଜନନ ଦକ୍ଷତା ଏବଂ ଯୌନ ଗୁଣାବଳୀଗୁଡିକ ମଧ୍ୟ ଏହି ପର୍ଯ୍ୟାୟରେ ବିକଶିତ ହୋଇଥାଏ ।
- ଯେଉଁ ସମୟରେ ଶାରୀରିକ ପରିବର୍ତ୍ତନ ମାନ ଘଟି ଯୌନ ପରିପକ୍ୱତା ଆସିଥାଏ, ତାହାକୁ ଯୌବନାବସ୍ଥା କୁହାଯାଏ । ଯୌବନାବସ୍ଥାଟି ୩ଟି ସ୍ତରରେ ବିଭକ୍ତ ହୋଇଥାଏ- ପ୍ରାକ୍ ଯୌବନାବସ୍ଥ, ଯୌବନାବସ୍ଥା ଓ ଉତ୍ତର-ଯୌବନାବସ୍ଥା ।
- କିଶୋରାବସ୍ଥାର ବିକାଶମୂଳକ କାର୍ଯ୍ୟଗୁଡିକ ହେଉଛି ଶ୍ରେଣୀ ସାଙ୍ଗସାଥୀଙ୍କ ସହ ନୂତନ ଏବଂ ସୁବିଚାରିତ ସମ୍ପର୍କ ହାସଲ କରିବା, ସଠିକ୍ ପୁରୁଷୋଚିତ୍ତ ଏବଂ ନାରୀ ସୁଲଭ ସାମାଜିକ ଭୂମିକା ନିର୍ବାହ କରିବା ଏବଂ ଆବେଗିକ ସ୍ୱତନ୍ତ୍ରତା ଲାଭ କରିବା ।
- ଶାରୀରିକ ପରିବର୍ତ୍ତନ ବ୍ୟତୀତ ଆବେଗିକ, ବୌଦ୍ଧିକ ଓ ନୈତିକ ବିକାଶ ଭଳି କେତେକ ମନସ୍ତାତ୍ତ୍ୱିକ ପରିବର୍ତ୍ତନ ମଧ୍ୟ ଘଟେ ।
- କିଶୋରାବସ୍ଥାର କେତେକ ସାଧାରଣ ସମସ୍ୟା ଘର ଓ ପରିବାର, ସ୍ୱ, ବିଦ୍ୟାଳୟ ଓ ସମାଜ ସହିତ ସମ୍ପର୍କିତ ଅଟେ ।
- ଜୀବନ କୌଶଳର ବିକାଶ ଓ ଉପଦେଶନ ଓ ପରାମର୍ଶ ସେବା କିଶୋରମାନଙ୍କୁ ସହଜରେ ପ୍ରୌଢାବସ୍ଥାରେ ପଦାର୍ପଣ କରିବା ପାଇଁ ସାହାଯ୍ୟ କରିପାରିବ ।

ଅନ୍ତିମ ପ୍ରଶ୍ନାବଳୀ

୧. କିଶୋରମାନେ ସେମାନଙ୍କର ଆବେଗକୁ କିପରି ପ୍ରକାଶ କରିଥାନ୍ତି ? ସଠିକ୍ ଉଦାହରଣ ସହ ଲେଖ ।

୨. କିଶୋରମାନେ ପ୍ରଦର୍ଶନ କରୁଥିବା ପ୍ରମୁଖ ସାମାଜିକ ଗୁଣାବଳୀଗୁଡିକ କ'ଣ ?

୩. ଅଭିଜ୍ଞାନରେ କିଶୋରମାନେ ଶିଶୁମାନଙ୍କ ଠାରୁ କିପରି ଭିନ୍ନ ଅଟନ୍ତି ।

୪. କିଶୋରାବସ୍ଥାର ବିକାଶମୂଳକ କାର୍ଯ୍ୟଗୁଡିକର ତାଲିକା କର ।

ପାଠଗତ ପ୍ରଶ୍ନାବଳୀର ଉତ୍ତର

୧୩.୧

(କ) ୧. ତୀବ୍ର

୨. ସାଙ୍ଗସାଥୀଙ୍କ

୩. ଯଥାବିଧି କ୍ରିୟା ପର୍ଯ୍ୟାୟ

୪. ଚିତ୍ତବୃତ୍ତିର ପରିବର୍ତ୍ତନ

୫. ବ୍ୟକ୍ତିଗତ ମୂଲ୍ୟବୋଧ

(ଖ) ମନସ୍ତାତ୍ତ୍ୱିକ ପରିବର୍ତ୍ତନର କ୍ଷେତ୍ରଗୁଡିକ ହେଲା ଆବେଗିକ, ସାମାଜିକ, ବୌଦ୍ଧିକ ଓ ନୈତିକ ।

ଅନ୍ତିମ ପ୍ରଶ୍ନାବଳୀ ପାଇଁ ସୂଚନା

୧. ୧୩.୩.୧ ବିଭାଗ ଦେଖନ୍ତୁ ।

୨. ୧୩.୩.୨ ବିଭାଗ ଦେଖନ୍ତୁ ।

୩. ୧୩.୩.୩ ବିଭାଗ ଦେଖନ୍ତୁ ।

୪. ୧୩.୨ ବିଭାଗ ଦେଖନ୍ତୁ ।

୧୪

ପ୍ରୌଢ଼ାବସ୍ଥା ଓ ବାର୍ଦ୍ଧକ୍ୟ
ADULTHOOD AND AGING

"ଆପଣଙ୍କର ଯେତେବେଳେ ବୟସ ଅଧିକ ହେବ, ଆପଣ କ'ଣ କରିବେ ?''

"ଆପଣ ଜୀବନରୁ କ'ଣ ଆଶା କରୁଛନ୍ତି ?"

"ଆପଣଙ୍କର ବାର୍ଦ୍ଧକ୍ୟ ପାଇଁ ଆପଣ କ'ଣ ଯୋଜନା କରିଛନ୍ତି ?"

ଏହିପରି ଅନେକ ପ୍ରଶ୍ନ ଆମ ସମସ୍ତଙ୍କ ମନକୁ ପ୍ରତିଦିନ ଆସିଥାଏ । ଦିନକୁ ଦିନ ଆମର ଜୀବନ ଅଧିକରୁ ଅଧିକ ଜଟିଳ ହେବାରେ ଲାଗିଛି । ଜୀବନ ପ୍ରକ୍ରିୟାରେ ଆମ ପାଇଁ ଅନେକ ବିକଳ୍ପ ଅଛି । ଜୀବନର ପ୍ରତ୍ୟେକ ପର୍ଯ୍ୟାୟରେ ଆମର ଜୀବନ ଶୈଳୀରେ ଭିନ୍ନ ଭିନ୍ନ ପରିବର୍ତ୍ତନମାନ ଦେଖାଯାଇଥାଏ । ଜୀବନକାଳରେ ପ୍ରୌଢାବସ୍ଥା ଏକ ସ୍ଥିର ଓ ଦୃଢ଼ ପର୍ଯ୍ୟାୟ । ପ୍ରୌଢ଼ ବ୍ୟକ୍ତିମାନେ ବାହ୍ୟ ଜଗତ ଓ ନିଜ ସହିତ ସମଯୋଜନ ରକ୍ଷା କରି ନିଜର ସ୍ଥିରତା ଆଣନ୍ତି । ଉଦାହରଣ ସ୍ୱରୂପ ଯାହାର ଚାକିରି ଚାଲିଗଲା, ସେ ପ୍ରଗାଢ଼ ଉଦ୍ୟମ କରି ଚାକିରିଟିଏ ଖୋଜେ ଓ ନିଜର ହତାଶାକୁ ନିୟନ୍ତ୍ରଣରେ ରଖିବା ପାଇଁ ଚେଷ୍ଟା କରେ ।

ଏହି ପାଠଟି ପ୍ରୌଢାବସ୍ଥାର କେତେକ ଗୁରୁତ୍ୱପୂର୍ଣ୍ଣ ବୈଶିଷ୍ଟ୍ୟ ବିଷୟରେ ସୂଚନା ଦେଇ ଆରମ୍ଭ କରାଯାଇଛି । ତା'ପରେ ପ୍ରୌଢାବସ୍ଥାରେ ଘଟୁଥିବା ଶାରୀରିକ ଓ ମାନସିକ ପରିବର୍ତ୍ତନ ବିଷୟରେ ଆଲୋଚନା କରାଯାଇଛି । ଏହି ପାଠର ପର ପର୍ଯ୍ୟାୟରେ ପ୍ରୌଢ଼ବସ୍ଥାର ବିଭିନ୍ନ ସମସ୍ୟା ଓ ସେଗୁଡିକର ସଫଳ ପରିଚାଳନା ବିଷୟରେ ଆଲୋଚନା କରାଯାଇଛି । ଏହା ସହିତ ବୃଦ୍ଧ ବ୍ୟକ୍ତିମାନଙ୍କ ପାଇଁ କେତେଗୁଡିଏ ମନୋବୈଜ୍ଞାନିକ ଅନ୍ତଃକ୍ଷେପ ବିଷୟରେ ସଂକ୍ଷିପ୍ତ ସୂଚନା ଦିଆଯାଇଛି ।

ଉଦ୍ଦେଶ୍ୟ

ଏହି ପାଠଟି ପଢିସାରିଲା ପରେ ଆପଣ:

- ପ୍ରୌଢାବସ୍ଥାରେ ବ୍ୟକ୍ତି କେଉଁ ବିକାଶ ସମ୍ପର୍କିତ କାର୍ଯ୍ୟ କରିବା ଆବଶ୍ୟକ, ତାହା ନିର୍ଣ୍ଣୟ କରିପାରିବେ;
- ପ୍ରୌଢାବସ୍ଥାର ମୁଖ୍ୟ ବୈଶିଷ୍ଟ୍ୟଗୁଡିକ ବ୍ୟାଖ୍ୟା କରିପାରିବେ ଏବଂ

- ବୃଦ୍ଧାବସ୍ଥାରେ ସମଯୋଜନ ଜନିତ ସମସ୍ୟା ଉଲ୍ଲେଖ କରିପାରିବେ ।

୧୪.୧ ପ୍ରୌଢାବସ୍ଥା ବିଷୟରେ ମନୋବୈଜ୍ଞାନିକ ଆଭିମୁଖ୍ୟ

ଏହା ବିଶ୍ୱାସ କରାଯାଏ ଯେ ବିକାଶର ଅନେକାଂଶ କିଶୋର ଅବସ୍ଥାରେ ହିଁ ସମାପ୍ତ ହୋଇଯାଏ । ପ୍ରୌଢାବସ୍ଥାରେ କେବଳ ଅଭିଜ୍ଞତାର ହିଁ ବିଶେଷ ଅଭିବୃଦ୍ଧି ଘଟିଥାଏ । କିନ୍ତୁ ପ୍ରୌଢାବସ୍ଥା ଓ ବୃଦ୍ଧାବସ୍ଥାରେ ବୟସ୍କ ବ୍ୟକ୍ତି ଅନେକ କାର୍ଯ୍ୟ କରେ ଯାହା ଫଳରେ ସେ ତାର ଜୀବନ ସହିତ ବିଶେଷ ଭାବେ ସମଯୋଜନ କରିପାରେ । ଏହି ପରିପ୍ରେକ୍ଷୀରେ Havinghurst ଓ Levisonଙ୍କ ପ୍ରଦତ୍ତ ଆଭିମୁଖ୍ୟ ବିଶେଷ ଭାବେ ଉପଯୋଗୀ ।

ବାକ୍ସ ୧୪.୧ : ହାଭିଙ୍ଗହର୍ଷ୍ଟଙ୍କ ବିକାଶ ସମ୍ପର୍କିତ କାର୍ଯ୍ୟ

ଆଦ୍ୟ ପ୍ରୌଢାବସ୍ଥା (Early Adulthood)

ଜୀବନ ସାଥୀ ଚୟନ କରିବା, ବୈବାହିକ ଜୀବନଯାପନ କରି ପରିବାର ଚଳାଇବା, ପିଲାମାନଙ୍କୁ ଲାଳନପାଳନ କରିବା, ଜୀବିକା ଚୟନ କରିବା, ସାମାଜିକ ଦାୟିତ୍ୱ ବହନ କରିବା ଏବଂ ସମରୁଚି ସମ୍ପନ୍ନ ବ୍ୟକ୍ତିଙ୍କ ସହିତ ଦଳ ଗଠନ କରିବା ।

ମଧ୍ୟ ପ୍ରୌଢାବସ୍ଥା (Middle Age)

ନାଗରିକ ଓ ସାମାଜିକ ଦାୟିତ୍ୱ ସମ୍ପନ୍ନ କରିବା, ଜୀବନର ଏକ ଅର୍ଥନୈତିକ ମାନ ନିର୍ଦ୍ଧାରଣ କରି ସେହି ଅନୁସାରେ ନିଜକୁ ପରିଚାଳନା କରିବା, କିଶୋରାବସ୍ଥାରେ ଥିବା ପିଲାମାନଙ୍କୁ ଦାୟିତ୍ୱବାନ ଓ ସୁଖୀ ହେବା ପାଇଁ ସହାୟତା ଦେବା, ଅବସର ସମୟକୁ ସ୍ୱତନ୍ତ୍ର କାର୍ଯ୍ୟରେ ବିନିଯୋଗ କରିବା, ନିଜର ସ୍ୱାମୀ/ସ୍ତ୍ରୀଙ୍କ ସହ ସମ୍ବନ୍ଧିତ ହେବା, ମଧ୍ୟ ବୟସର ଶାରୀରିକ ପରିବର୍ତ୍ତନକୁ ଗ୍ରହଣ କରି ସମଯୋଜନ କରିବା ଏବଂ ବୃଦ୍ଧ ପିତାମାତାଙ୍କ ସହିତ ସମଯୋଜନ କରିବା ।

ବୃଦ୍ଧାବସ୍ଥା (Old Age)

ଶାରୀରିକ ବଳ ଓ ସୁସ୍ଥତା ହ୍ରାସ ସହିତ ନିଜକୁ ଖାପ ଖୁଆଇ ଚଳିବା, ଅବସର ଓ ତତ୍‌ଜନିତ ଆୟ ହ୍ରାସ ସହିତ ସମଯୋଜନ କରିବା, ଜୀବନ ସାଥୀର ମୃତ୍ୟୁକୁ ସହ୍ୟ କରିବା, ନିଜ ବୟସର ବ୍ୟକ୍ତିଙ୍କ ସହ ସ୍ପଷ୍ଟ ଅନୁବନ୍ଧନ ରକ୍ଷା କରିବା, ସାମାଜିକ ଓ ନାଗରିକ ଦାୟିତ୍ୱ ନିର୍ବାହ କରିବା ଏବଂ ଜୀବନଯାପନର ଭୌତିକ ପରିବେଶକୁ ସନ୍ତୋଷଜନକ କରିବା ।

ହାଭିଙ୍ଗହର୍ଷ୍ଟଙ୍କ ବିକାଶ ସମ୍ପର୍କିତ କାର୍ଯ୍ୟ ଜୀବନର ପରିସ୍ଥିତି ସହିତ ସମ୍ପୃକ୍ତ । ଡାନିଏଲ ଲେଭିସନ

ଅନ୍ୟ ଏକ ମନୋବୈଜ୍ଞାନିକ ଆଭିମୁଖ୍ୟ ଉଲ୍ଲେଖ କରିଛନ୍ତି । ସେ ତାଙ୍କର ତଥ୍ୟଗୁଡ଼ିକ କେବଳ ପୁରୁଷମାନଙ୍କର ଚିକିତ୍ସା ସମ୍ବନ୍ଧୀୟ ଅଧ୍ୟୟନରୁ ଲାଭ କରିଛନ୍ତି ଯାହା ବାକ୍ସ ୧୪.୨ରେ ଦିଆଯାଇଛି ।

ବାକ୍ସ ୧୪.୨ : ଲେଭିସନ୍‌ଙ୍କ ପର୍ଯ୍ୟାୟ

ପରିବାର ଠାରୁ ଦୂରରେ ରହିବା (୨୦-୨୪) (Leaving the family) : ଆଦ୍ୟ ପ୍ରୌଢ଼ାବସ୍ଥା ଓ କିଶୋରାବସ୍ଥା ମଧ୍ୟରେ ଏହା ଏକ ଘଡିସନ୍ଧି ପର୍ଯ୍ୟାୟ ଯେତେବେଳେ ବ୍ୟକ୍ତି ପରିବାରଠାରୁ ଦୂରରେ ରହି ପରିବାର ସହିତ ମାନସିକ ଦୂରତା ରଖେ । ଏହା ଏରିକ୍‌ସନ୍‌ଙ୍କର ଆତ୍ମ ପରିଚୟ ବନାମ ଭୂମିକା ପ୍ରସାରଣ ପର୍ଯ୍ୟାୟ ଅନୁରୂପ ।

ବୟସ୍କ ବ୍ୟକ୍ତିଙ୍କ ଜଗତକୁ ପ୍ରବେଶ କରିବା (୨୦ରୁ ୨୭-୨୯) (Getting into the adult world) : କର୍ମକ୍ଷେତ୍ର ଓ ବ୍ୟକ୍ତିଗତ କ୍ଷେତ୍ରରେ ବୟସ୍କ ବ୍ୟକ୍ତିଙ୍କ ଭୂମିକା ନିର୍ବାହ କରିବା ପାଇଁ ଏହା ଏକ ଅନୁସନ୍ଧାନ ମୂଳକ ଓ ଅସ୍ଥାୟୀ ପ୍ରତିଶ୍ରୁତିବଦ୍ଧ ଅବସ୍ଥା । ଏହା ଏକ ଜୀବନ ଗଠନ ପ୍ରଣାଳୀର ଆଦ୍ୟ ପର୍ଯ୍ୟାୟ ।

ସ୍ଥାୟୀତ୍ୱ ହାସଲ କରିବା (୩୦ରୁ ୪୦) (Setting down) : ଏକ ଦୃଢ଼ ପ୍ରତିଶ୍ରୁତିବଦ୍ଧତା ପର୍ଯ୍ୟାୟ ଯାହା Jung ଓ Kuhlenଙ୍କ କଳାକୃତିରେ ଥିବା ବୈଶିଷ୍ଟ୍ୟ ପରିସର ସହ ସମ୍ପୃକ୍ତ ।

ନିଜେ ନିଜ ପାଇଁ ଜଣେ ବ୍ୟକ୍ତି ହେବା (୩୫-୩୯) (Becoming one's own man) : ଏହା ଆଦ୍ୟ ପ୍ରୌଢ଼ାବସ୍ଥାରେ ଉଚ୍ଚତର ସ୍ତର ।

ମଧ୍ୟ ଜୀବନକାଳ ଅବସ୍ଥାନ୍ତର (ଆଦ୍ୟ ୪୦ ବର୍ଷ ପର୍ଯ୍ୟାୟ) (The midlife transition) : ଏକ ବିକାଶ ସମ୍ପର୍କିତ ଅବସ୍ଥାନ୍ତର ଯାହା ଶାରୀରିକ ସାମର୍ଥ୍ୟର ହ୍ରାସ ଓ ନିଜର ମରଣଶୀଳତା ସତ୍ୟତାର ଉପଲବ୍ଧି ସହିତ ସମ୍ପୃକ୍ତ । ଏହି ସମୟରେ Jungଙ୍କ ପ୍ରସ୍ତାବିତ ସ୍ତ୍ରୀ-ଗୁଣ ବିଶିଷ୍ଟ ଦୃଷ୍ଟିକୋଣକୁ ସ୍ୱୟଂ ଅନ୍ତଃକରଣ କରେ ।

ପୁନଃସ୍ଥାୟୀତ୍ୱ ପ୍ରତିଷ୍ଠା ଓ ମଧ୍ୟ ପ୍ରୌଢ଼ାବସ୍ଥାର ଆରମ୍ଭ (୪୦ ବର୍ଷ ପର୍ଯ୍ୟାୟର ମଧ୍ୟଭାଗ) (Restabilization and the beginning of middle adulthood) : ଏକ ପର୍ଯ୍ୟାୟ ଯେତେବେଳେ କିଛି ବ୍ୟକ୍ତି ସୃଜନଶୀଳ କାର୍ଯ୍ୟରେ ନୂତନ ପଦକ୍ଷେପ ନିଅନ୍ତି କିନ୍ତୁ ଅନ୍ୟ କେତେକଙ୍କ କ୍ଷେତ୍ରରେ ସାମର୍ଥ୍ୟର ହ୍ରାସ ଘଟେ ।

ଆପଣ ଯଦି ଉପରୋକ୍ତ ବିକାଶ ସମ୍ପର୍କିତ କାର୍ଯ୍ୟ ଓ ଲେଭିସନ୍‌ଙ୍କର ପ୍ରୌଢ଼ାବସ୍ଥାର ବିକାଶ ସ୍ତରକୁ ବିଶ୍ଳେଷଣ କରିବେ, ଆପଣ ହୃଦୟଙ୍ଗମ କରିବେ ଯେ ଜୀବନର ବିଭିନ୍ନ ପର୍ଯ୍ୟାୟରେ ଥିବା

ବ୍ୟକ୍ତିଙ୍କ ଉପରେ ଥିବା ସାମାଜିକ ଚାହିଦା ସହ ନିର୍ଦ୍ଦିଷ୍ଟ ପ୍ରକାରର ବିକାଶମୂଳକ କାର୍ଯ୍ୟ ସମ୍ପୃକ୍ତ । ଉଦାହରଣ ସ୍ୱରୂପ, ଆଦ୍ୟ ପ୍ରୌଢାବସ୍ଥାରେ ଏକ ଜୀବିକା ଚୟନର ଆବଶ୍ୟକତା ଗୋଟିଏ ବୃତ୍ତି ଖୋଜିବା ଓ ସେଥିରେ ସଫଳତା ଲାଭ କରିବା ପରି ବିକାଶମୂଳକ କାର୍ଯ୍ୟ ସୃଷ୍ଟି କରେ । ସେହିପରି ବୈବାହିକ ଜୀବନରେ ପ୍ରବେଶ କରିବା ଆବଶ୍ୟକତା ବିବାହ ପାଇଁ ଜୀବନସାଥୀ ଖୋଜିବା ପରି ବିକାଶମୂଳକ କାର୍ଯ୍ୟ ସୃଷ୍ଟି କରେ । ଜୀବନର ବିଭିନ୍ନ ପର୍ଯ୍ୟାୟର ସାମାଜିକ ଚାହିଦା ଏବଂ ବିକାଶମୂଳକ କାର୍ଯ୍ୟ ସମାଜର ପ୍ରକୃତି ଓ ସାଂସ୍କୃତିକ ମାନ ଉପରେ ନିର୍ଭର କରେ । ଉଦାହରଣ ସ୍ୱରୂପ, ଭାରତୀୟ ଯୌଥ ପରିବାର ବ୍ୟବସ୍ଥାରେ, ବିକାଶମୂଳକ କାର୍ଯ୍ୟ ହାଭିଙ୍ଗହର୍ଷ୍ଟ ଓ ଲେଭିସନ୍‌ଙ୍କ ପ୍ରଦତ୍ତ ବିବରଣୀ ଠାରୁ ଭିନ୍ନ ଅଟେ । ସେହିପରି, ପଶ୍ଚିମ ସଭ୍ୟତାରେ ବା ଆଧୁନିକ ସହରୀ ସଭ୍ୟତାରେ ଘରଠାରୁ ଦୂରରେ ରହିବା ଏକ ସାଧାରଣ କଥା । ତେଣୁ ପ୍ରୌଢାବସ୍ଥା ବା ବୃଦ୍ଧାବସ୍ଥାରେ ବିକାଶର ପ୍ରକ୍ରିୟା ଓ ସମସ୍ୟାଗୁଡିକ ସାମାଜିକ ପୃଷ୍ଠଭୂମି ସହିତ ସମ୍ପର୍କିତ ଅଟେ ।

୧୪.୨ ପ୍ରୌଢାବସ୍ଥାର ପର୍ଯ୍ୟାୟ

ଯୁବାବସ୍ଥା (Young adulthood) : ୨୦ ବର୍ଷ ଠାରୁ ଯୁବାବସ୍ଥା ଆରମ୍ଭ ହୋଇଯାଏ । ଯୁବକମାନଙ୍କର ମୁଖ୍ୟ କାର୍ଯ୍ୟ ହେଉଛି ନିଜକୁ ଜୀବନ କର୍ମକ୍ଷେତ୍ର ଓ ପରିବାରରେ ପ୍ରତିଷ୍ଠିତ କରିବା । ଏହି ସମୟରେ ଯୁବକମାନେ ସାମାଜିକ ଦାୟିତ୍ୱ ଓ ନିଜର ସ୍ୱାଧୀନତା ବଜାୟ ରଖିବା ପାଇଁ ସାମାଜିକ ଓ ଆର୍ଥିକ ସୁରକ୍ଷା ଅନ୍ୱେଷଣ କରନ୍ତି ।

ମଧ୍ୟ ବୟସ୍କ (Middle age): ୪୦ରୁ ୫୦ ବର୍ଷ ମଧ୍ୟରେ ବ୍ୟକ୍ତି ମଧ୍ୟ ବୟସ୍କ ପର୍ଯ୍ୟାୟରେ ଉପନୀତ ହୁଏ । ମଧ୍ୟ ବୟସକୁ ସାମର୍ଥ୍ୟ, ପରିପକ୍ୱତା, ଦାୟିତ୍ୱଭାର ଓ ଦୃଢତା ଆଦି ଦ୍ୱାରା ଚିତ୍ରଣ କରାଯାଇଥାଏ । ଏସବୁ ମଧ୍ୟ ବୟସ୍କ ବ୍ୟକ୍ତିଙ୍କର ପ୍ରମୁଖ ଗୁଣାବଳୀ । ଏହି ସମୟରେ ବ୍ୟକ୍ତି ବୃତ୍ତିଗତ, ପାରିବାରିକ ଓ ସାମାଜିକ ଜୀବନରେ ସନ୍ତୋଷ ଲାଭ କରିବା ପାଇଁ ଚାହେଁ । ନିଜର ପିଲାମାନଙ୍କର ସଫଳତା କାମନା କରେ । ସ୍ୱାସ୍ଥ୍ୟ, ପିଲାମାନଙ୍କର ଭବିଷ୍ୟତ, ବୃଦ୍ଧ ପିତାମାତା, ଅବସର ସମୟର ବିନିଯୋଗ ଏବଂ ବୃଦ୍ଧାବସ୍ଥା ପାଇଁ ଯୋଜନା ଉପରେ ବ୍ୟକ୍ତିର ଧ୍ୟାନ କେନ୍ଦ୍ରୀତ ହୁଏ । ମହିଳାମାନଙ୍କର ମେନୋପଜ୍ (ଋତୁସ୍ରାବ ବନ୍ଦ) ୪୫ରୁ ୫୦ ବର୍ଷ ମଧ୍ୟରେ ଆରମ୍ଭ ହୋଇଯାଏ । ମେନୋପଜ ଫଳରେ ମହିଳାମାନଙ୍କ ଠାରେ କେତେକ ବିରକ୍ତିକର ଶାରୀରିକ ଓ ମାନସିକ ପରିବର୍ତ୍ତନ ଲକ୍ଷ୍ୟ କରାଯାଏ । ଏହି ପର୍ଯ୍ୟାୟରେ ପୁରୁଷମାନେ ସେମାନଙ୍କର ସ୍ୱାସ୍ଥ୍ୟ, ସାମର୍ଥ୍ୟ, ପ୍ରଭୁତ୍ୱ ଓ ଯୌନଗତ ଦକ୍ଷତା ବିଷୟରେ ଅଧିକ ଚିନ୍ତା କରନ୍ତି ।

ବୃଦ୍ଧ ବୟସ (Old age): ଷାଠିଏ ବର୍ଷ ବୟସରେ ବୃଦ୍ଧାବସ୍ଥା ଆରମ୍ଭ ହୋଇଯାଏ । ଏହି ବୟସରେ ପ୍ରାୟତଃ ସମସ୍ତ ବ୍ୟକ୍ତି ନିଜ ନିଜର ଆନୁଷ୍ଠାନିକ କର୍ମକ୍ଷେତ୍ରରୁ ଅବସର ଗ୍ରହଣ କରିଥାନ୍ତି । ସେମାନେ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ବିଷୟରେ ଚିନ୍ତା କରନ୍ତି ଓ ଉତ୍କଣ୍ଠା ପ୍ରଦର୍ଶନ କରନ୍ତି । ଆମ ସମାଜରେ ବୟସ୍କ ବ୍ୟକ୍ତିମାନଙ୍କୁ ସାଧାରଣତଃ ମାନ୍ଦା, ବୌଦ୍ଧିକ କ୍ଷେତ୍ରରେ ଅସମର୍ଥ, ସଂକୀର୍ଣ୍ଣମନା

ଓ ଧର୍ମୀୟ କ୍ଷେତ୍ରରେ ଅଧିକ ସମ୍ବେଦନଶୀଳ ଭାବରେ ଗ୍ରହଣ କରାଯାଇଥାଏ । ଅଧିକାଂଶ ବୃଦ୍ଧ ବ୍ୟକ୍ତି ନିଜର ଜୀବନସାଥୀଙ୍କୁ ହରାନ୍ତି ଏବଂ ଏହା ଫଳରେ ଆବେଗିକ କ୍ଷେତ୍ରରେ ସେମାନେ ନିଜକୁ ଅସୁରକ୍ଷିତ ମନେ କରନ୍ତି ।

"ବୃଦ୍ଧତ୍ୱ ହେତୁ କାହାରି ମୃତ୍ୟୁ ହୁଏ ନାହିଁ।" (No body has ever died of old age) ଏକ ସତ୍ୟ ମନ୍ତବ୍ୟ । ଯେହେତୁ ବୃଦ୍ଧାବସ୍ଥା ମନୁଷ୍ୟ ଜୀବନର ଶେଷ ପର୍ଯ୍ୟାୟ ଅଟେ, ଏହି ଅବସ୍ଥା ସହ ମୃତ୍ୟୁ ଚେତନା ମଧ୍ୟ ଜଡିତ ଥାଏ । ପ୍ରକୃତରେ ରୋଗ, ପ୍ରଦୂଷଣ, ମାନସିକ ଚାପ ଓ ଅନ୍ୟାନ୍ୟ କାରଣଗୁଡ଼ିକର ଶରୀର ଉପରେ ପ୍ରଭାବ ହେତୁ ମୃତ୍ୟୁ ହୁଏ । ଶାରୀରିକ ଦୃଷ୍ଟିକୋଣରୁ କେତେକ ଅଙ୍ଗ ଓ ସେଗୁଡ଼ିକର କାର୍ଯ୍ୟପ୍ରଣାଳୀର ଅବକ୍ଷୟ ଘଟିଥାଏ । ମନୋବୈଜ୍ଞାନିକ ଦୃଷ୍ଟିକୋଣରୁ ବୌଦ୍ଧିକ ଓ ପ୍ରତ୍ୟକ୍ଷଣ ଦକ୍ଷତାର ଆଖିଦୃଶିଆ ପରିବର୍ତ୍ତନ ଘଟିଥାଏ । ବ୍ୟକ୍ତିର ନିଜ ବିଷୟରେ ଧାରଣା ଓ ଅନୁଭବର ମଧ୍ୟ ପରିବର୍ତ୍ତନ ଘଟେ ।

ତୁମେ ନିଶ୍ଚିତ କିଛି ବୃଦ୍ଧ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସିଥିବ ଯେଉଁମାନେକି ଯଥେଷ୍ଟ ସକ୍ରିୟ ଓ ସାମାଜିକ କାର୍ଯ୍ୟକଳାପରେ ଚଳଚଞ୍ଚଳ । ଏହି ବ୍ୟକ୍ତିମାନେ ସୃଜନଶୀଳ, ଦୃଢ଼ ଏବଂ ଖୁସି ରହିବା ଦେଖାଯାଏ। ଶାରୀରିକ ବା ମାନସିକ ଅବକ୍ଷୟ ନିଶ୍ଚିତ ଭାବେ ଘଟିବ ନାହିଁ । ବ୍ୟକ୍ତିବିଶେଷ ୮୦ରୁ ୯୦ ବର୍ଷ ପର୍ଯ୍ୟନ୍ତ ସକ୍ରିୟ ରହିପାରିବେ ଓ ମର୍ଯ୍ୟାଦାର ସହ ଜୀବନଯାପନ କରିପାରିବେ । ବାସ୍ତବରେ ବୟସ୍କ ବ୍ୟକ୍ତିଙ୍କ ଠାରେ ଯଥେଷ୍ଟ ଜ୍ଞାନ, ଅନୁଭବ ଓ ବିଜ୍ଞତା ଅଛି ଯେଉଁଥିରୁ ଗୋଷ୍ଠୀ ଉପକାର ପାଇପାରିବ । ସମ୍ଭାବ୍ୟ ଆୟୁ (life expectancy) ବଢ଼ିଯିବା ଫଳରେ ସମାଜରେ ବୃଦ୍ଧାବସ୍ଥାରେ ଥିବା ଲୋକଙ୍କ ସଂଖ୍ୟା ବଢ଼ୁଛି । ତେଣୁ ସେମାନଙ୍କୁ ଜାତୀୟ କାର୍ଯ୍ୟକ୍ରମ ଯୋଜନାରେ ଅଧିକ ଧ୍ୟାନ ଦେଲେ ସେମାନେ ନିଜକୁ ସମାଜର ଅବିଚ୍ଛେଦ୍ୟ ଅଙ୍ଗ ରୂପେ ବିଚାର କରିବେ ।

୧୪.୩ ପ୍ରୌଢ଼ାବସ୍ଥା ଓ ବୃଦ୍ଧାବସ୍ଥାରେ ଶାରୀରିକ ଓ ବୌଦ୍ଧିକ ପରିବର୍ତ୍ତନ

ସାଧାରଣତଃ ଲୋକମାନେ ବୃଦ୍ଧାବସ୍ଥାକୁ ଶାରୀରିକ ଓ ମାନସିକ ଅବକ୍ଷୟର ଏକ ସମୟ ଭାବେ ଗ୍ରହଣ କରିଥାନ୍ତି। ଏହି ବିଭାଗରେ ବୃଦ୍ଧାବସ୍ଥାର ଶାରୀରିକ ଓ ମାନସିକ ଦିଗ ବିଷୟରେ ଆଲୋଚନା କରାଯାଇଛି । ବୟସ ବଢ଼ିବା ସଂଗେ ସଂଗେ ବ୍ୟକ୍ତିର ଶରୀରରେ କେତେକ ଅପରିହାର୍ଯ୍ୟ ପରିବର୍ତ୍ତନ ଘଟିଥାଏ ଯେପରିକି କୋଷଗୁଡ଼ିକରେ ରାସାୟନିକ ବିଘଟନ, ଉପଯୋଜନ କ୍ଷମତା ହ୍ରାସ ଇତ୍ୟାଦି। ମଧ୍ୟ ପ୍ରୌଢ଼ାବସ୍ଥାର ପରବର୍ତ୍ତୀ ପର୍ଯ୍ୟାୟରୁ କେତେକ ନିର୍ଦ୍ଦିଷ୍ଟ ବୌଦ୍ଧିକ ସାମର୍ଥ୍ୟର ପରିବର୍ତ୍ତନ ଆରମ୍ଭ ହୋଇଥାଏ। ତେବେ ଏହିସବୁ ପରିବର୍ତ୍ତନର ହାର କ୍ଷୀଣ ଓ କ୍ରମଶଃ ହେଇଥାଏ ଏବଂ ବୃଦ୍ଧାବସ୍ଥାରେ ସେଗୁଡ଼ିକ ବିଶେଷ ଭାବେ ପରିଲକ୍ଷିତ ହୁଏ ।

(କ) ଶାରୀରିକ ପରିବର୍ତ୍ତନ

ଏହା ଦେଖାଯାଇଛି ଯେ ୩୦ ବର୍ଷ ବୟସ ପରେ ଅଧିକାଂଶ ବ୍ୟକ୍ତିଙ୍କର ଶାରୀରିକ ଅଙ୍ଗଗୁଡ଼ିକର



କାର୍ଯ୍ୟକାରୀ କ୍ଷମତା ଶତକଡା ୦.୮ରୁ ୧ ଭାଗ ହ୍ରାସ ପାଇଥାଏ । ସେଥିମଧ୍ୟରୁ କେତେକ ଅବକ୍ଷୟ ସ୍ୱାଭାବିକ କାରଣରୁ, କେତେକ ରୋଗ ଜନିତ କାରଣରୁ ଏବଂ ଅନ୍ୟ କେତେକ- ମାନସିକ ଚାପ, ବୃତ୍ତିଗତ ପଦବୀ, ପୌଷ୍ଟିକ ସ୍ଥିତି ଓ ପରିବେଶ ଜନିତ ପ୍ରଭାବରୁ ହେଇଥାଏ ।

ବୟସ ବୃଦ୍ଧି ସଙ୍ଗେ ସଙ୍ଗେ ପ୍ରମୁଖ ଶାରୀରିକ ଅବକ୍ଷୟଗୁଡ଼ିକ ହେଲା

(୧) ବାହ୍ୟ ପରିବର୍ତ୍ତନ

(୨) ଆଭ୍ୟନ୍ତରୀଣ ପରିବର୍ତ୍ତନ

(୩) ଇନ୍ଦ୍ରିୟଗୁଡ଼ିକର ସାମର୍ଥ୍ୟରେ ପରିବର୍ତ୍ତନ

(୧) ବାହ୍ୟ ପରିବର୍ତ୍ତନ

ବୃଦ୍ଧାବସ୍ଥାରେ ହେଉଥିବା ବାହ୍ୟ ପରିବର୍ତ୍ତନଗୁଡ଼ିକ ବୃଦ୍ଧତ୍ୱର ଲକ୍ଷଣ ଅଟେ । ବାହ୍ୟ ପରିବର୍ତ୍ତନଗୁଡ଼ିକ ସାଧାରଣତଃ ଚର୍ମ, ବାଳ, ଦାନ୍ତ ଓ ଶରୀରର ଅଙ୍ଗଭଙ୍ଗୀରେ ବିଶେଷ ପରିଲକ୍ଷିତ ହେଇଥାଏ ।

ଚର୍ମର ମସୃଣତା ହ୍ରାସ ପାଇବା ଏବଂ ଏଥିରେ ଭାଙ୍ଗପଡିବା ପ୍ରକ୍ରିୟା ପ୍ରାୟ ମଧ୍ୟ ପ୍ରୌଢାବସ୍ଥାରୁ ଆରମ୍ଭ ହେଇଥାଏ । ଏହା ସହିତ ଚର୍ମ ବଧିରା, ଟାଣ ଓ କମ୍ ନମନୀୟ ହୋଇଥାଏ । ଏହା ଭଙ୍ଗୁର ହେବା ସହ ଶୁଷ୍କ ହେଇଥାଏ ।

ବୟସ ବଢ଼ିବା ସଂଗେ ସଂଗେ ବାଳର ରଙ୍ଗ ଧଳା ହେବା, ଟାଆଁସିଆ ହେବା ଲକ୍ଷ୍ୟ କରାଯାଏ । ଏହି ସମୟରେ ବାଳ ଅଧିକ ମାତ୍ରାରେ ଉପୁଡ଼ି ପତଳା ହୋଇଯାଏ । ପ୍ରାୟ ୬୫ ଭାଗ ପୁରୁଷ ୫୦-୫୫ ବର୍ଷ ବେଳକୁ ଚନ୍ଦା ହେଇଯିବା ଲକ୍ଷ୍ୟ କରାଯାଏ ।

ପ୍ରାୟ ୬୫ ବର୍ଷ ବେଳକୁ ୫୦ ଭାଗ ଲୋକଙ୍କର ସମସ୍ତ ଦାନ୍ତ ପଡିଯାଏ । ପ୍ରାୟ ଅଧିକାଂଶ ଲୋକ ଏହି ବୟସରେ କୃତ୍ରିମ ଦାନ୍ତ ବ୍ୟବହାର କରିବା ଦେଖାଯାଏ । ସମୟ କ୍ରମେ ଲାଳ ଗ୍ରନ୍ଥିରୁ ଲାଳକ୍ଷରଣ ହ୍ରାସ ପାଇ ଦନ୍ତକ୍ଷୟ ଆରମ୍ଭ ହେଇଥାଏ ।

ଶାରୀରିକ ବଳ : ୩୦ ବର୍ଷରୁ ୮୦ ବର୍ଷ ମଧ୍ୟରେ ହ୍ରାସ ପାଇଥାଏ । ପିଠି ଓ ଗୋଡର ମାଂସପେଶୀ ଅଧିକ ଦୁର୍ବଳ ହେଇଯାଏ ବାହୁର ମାଂସେପେଶୀ ଦୁର୍ବଳ ହେଇଥାଏ । ଶରୀରର ଶକ୍ତି ଉତ୍ପାଦନ କ୍ଷମତା ହ୍ରାସ ପାଏ । ହାଡସବୁ ଫମ୍ପା ହେଇଯାଇ ସହଜରେ ଭାଙ୍ଗିଯିବାର ସମ୍ଭାବନା ସୃଷ୍ଟି ହୁଏ । କ୍ୟାଲସିୟମ ଜମା ହେଇଯିବା ଏବଂ ଶରୀରର ସନ୍ଧିସ୍ଥଳଗୁଡ଼ିକରେ ଅଧିକ ଯନ୍ତ୍ରଣା ହେବା ଦେଖାଯାଏ । ମାଂସପେଶୀର ଆକାର ସଂକୁଚିତ ହେବା ସହ ସେଗୁଡ଼ିକର ବଳ ମଧ୍ୟ ହ୍ରାସ ପାଏ । ବୟସ ବଢ଼ିବା ସଂଗେ ସଂଗେ ମାଂସପେଶୀର ପ୍ରଚଳିତ ଅବସ୍ଥାକୁ ବଜାୟ ରଖିବା କଷ୍ଟସାଧ୍ୟ

ହେଇଥାଏ କାରଣ ମାଂସପେଶୀର ତନ୍ତୁଗୁଡିକରେ କ୍ରମଶଃ ଚର୍ବି ଜମା ହୋଇ ଯାଇଥାଏ । ଆମ ସମାଜରେ ସାଧାରଣତଃ ବୟସବୃଦ୍ଧି ପାଇଲେ ବ୍ୟକ୍ତି କାର୍ଯ୍ୟ କରିବାରୁ ବିରତ ରହିଥାଏ । ଏହାଦ୍ୱାରା ଏହିସବୁ ସମସ୍ୟା ସୃଷ୍ଟି ହେଇଥାଏ । ଉପଯୁକ୍ତ ପରିଶ୍ରମ ଦ୍ୱାରା ମାଂସପେଶୀର ଏହିସବୁ ସମସ୍ୟା ହ୍ରାସ ପାଇଥାଏ । ଶରୀରର ଅଙ୍ଗଭଙ୍ଗୀଗୁଡିକର ପରିବର୍ତ୍ତନ ମଧ୍ୟ ବୃଦ୍ଧାବସ୍ଥାର ଗୁରୁତ୍ୱପୂର୍ଣ୍ଣ ଘଟଣା ଅଟେ ।

ଦନ୍ତକ୍ଷୟ, ଚନ୍ଦାପଣ, ମୁଣ୍ଡବାଳ ପାଚିଯିବା, ଚର୍ମରେ ଭାଙ୍ଗ ପଡିବା, ଶାରୀରିକ ବଳ ହ୍ରାସ ପାଇବା ଦ୍ୱାରା ବ୍ୟକ୍ତିର ବ୍ୟକ୍ତିତ୍ୱ ଓ ଆତ୍ମ ବିଶ୍ୱାସ ଉପରେ ନକାରାତ୍ମକ ପ୍ରଭାବ ପଡିଥାଏ ।

୨. ଆଭ୍ୟନ୍ତରୀଣ ପରିବର୍ତ୍ତନ

ଆଭ୍ୟନ୍ତରୀଣ ପରିବର୍ତ୍ତନଗୁଡିକ ବୟସ ବୃଦ୍ଧିର ଲକ୍ଷଣଗୁଡିକୁ ସୂଚାଇଥାଏ ଯାହା ଦୃଶ୍ୟମାନ ହୋଇନଥାଏ ବା ସହଜରେ ଜାଣି ହୁଏ ନାହିଁ । ବୟସ ବୃଦ୍ଧି ସଙ୍ଗେ ସଙ୍ଗେ ଶ୍ୱାସକ୍ରିୟା ସଂସ୍ଥା, ପାକସ୍ଥଳୀ ଓ ଅନ୍ତନାଳୀ ସଂସ୍ଥା, ହୃତ୍‌ପିଣ୍ଡ ଓ ରକ୍ତବାହୀ ସଂସ୍ଥା ଏବଂ କେନ୍ଦ୍ରୀୟ ସ୍ନାୟୁ ସଂସ୍ଥାରେ ଘଟୁଥିବା ପରିବର୍ତ୍ତନକୁ ଆମେ ଅନୁଧ୍ୟାନ କରିବା ।

ଶ୍ୱାସକ୍ରିୟା ସଂସ୍ଥା : ବୟସ ବଢିବା ସହ ଶ୍ୱାସକ୍ରିୟାର କାର୍ଯ୍ୟଦକ୍ଷତା ହ୍ରାସ ପାଇଥାଏ । ଯୁବାବସ୍ଥା ପରି ବୃଦ୍ଧାବସ୍ଥାରେ ଅଧିକ ପରିମାଣର ବାୟୁ ଧାରଣ କରିବା ପାଇଁ ମାଂସପେଶୀ ପ୍ରସାରିତ ହୋଇପାରିନଥାଏ । ତେଣୁ ଶରୀରରେ ଅମ୍ଳଜାନର ପରିମାଣ ହ୍ରାସ ପାଇବା ଫଳରେ ବୃଦ୍ଧ ବ୍ୟକ୍ତିମାନେ କମ୍ ସକ୍ରିୟ, କମ୍ ସଚେତନ ଓ କମ୍ ଶକ୍ତିଶାଳୀ ହୋଇଥାନ୍ତି । ଏହି ଅବକ୍ଷୟ ବୃଦ୍ଧାବସ୍ଥାର ଏକ ସ୍ୱାଭାବିକ ପ୍ରକ୍ରିୟା ଅଟେ ।

ପାକସ୍ଥଳୀ ଓ ଅନ୍ତନାଳୀ ସଂସ୍ଥା: ବୟସ ବଢିବା ସଂଗେ ସଂଗେ ଖାଦ୍ୟକୁ ଭଲ ଭାବରେ ଚୋବାଇ ଖାଇବା ଦକ୍ଷତା ହ୍ରାସ ପାଏ । ଏହାଦ୍ୱାରା ପାଚକରସ କ୍ଷରଣ ଓ କାର୍ଯ୍ୟନଳୀର କାର୍ଯ୍ୟଦକ୍ଷତା ହ୍ରାସ ପାଏ ଏବଂ ଖାଦ୍ୟ ଖାଇବା ପାଇଁ ଆଗ୍ରହ କମିଯାଏ ।

ହୃତ୍‌ପିଣ୍ଡ ଓ ରକ୍ତବାହୀ ସଂସ୍ଥା : ହୃତ୍‌ପିଣ୍ଡ ଓ ରକ୍ତନଳୀକୁ ନେଇ ଗଠିତ ଏହି ସଂସ୍ଥା ଉପରେ ସ୍ୱାଭାବିକ ବୟସ ବୃଦ୍ଧିର କମ୍ ପ୍ରଭାବ ପଡିଥାଏ । ବୟସ ବଢିବା ସଂଗେ ସଂଗେ ରକ୍ତନଳୀର ସଂକୋଚନ ଓ ପ୍ରସାରଣ କମିଯିବା ସହିତ ରକ୍ତକୋଷ ଉତ୍ପାଦନର ପରିମାଣ କମିଯାଏ । ହୃତ୍‌ପିଣ୍ଡ ଥରେ ପ୍ରସାରିତ ହେଲେ ପୂର୍ବ ଅବସ୍ଥାକୁ ଫେରିବା ପାଇଁ ଅଧିକ ସମୟ ନିଏ ଓ ଧମନୀର ରାସ୍ତା ସଙ୍କୁଚିତ ହୋଇ ରକ୍ତ ସଞ୍ଚାଳନରେ ବାଧା ସୃଷ୍ଟି କରେ । ଅଧିକାଂଶ ବୃଦ୍ଧ ବ୍ୟକ୍ତି ଉଚ୍ଚ ରକ୍ତଚାପର ଶିକାର ହୁଅନ୍ତି । କିନ୍ତୁ ସୁସ୍ଥ ବୃଦ୍ଧ ବ୍ୟକ୍ତିମାନଙ୍କର ରକ୍ତଚାପ ସୁସ୍ଥ ଯୁବକମାନଙ୍କର ରକ୍ତଚାପ ସହିତ ସମାନଥିବା ଲକ୍ଷ୍ୟ କରାଯାଏ ।

କେନ୍ଦ୍ରୀୟ ସ୍ନାୟୁ ସଂସ୍ଥା : ବୟସ ବଢିବା ହେତୁ କେନ୍ଦ୍ରୀୟ ସ୍ନାୟୁ ସଂସ୍ଥାରେ କେତେକ ସାର୍ବଜନୀନ ପରିବର୍ତ୍ତନ ଲକ୍ଷ୍ୟ କରାଯାଏ । ଧମନୀ ଓ ଶିରାପ୍ରଶିରାରେ ତରଳ ପଦାର୍ଥ ପ୍ରବାହର ସ୍ରୋତ ମନ୍ଥର

ହୁଏ । ପ୍ରାୟ ୬୦ ବର୍ଷ ବେଳକୁ ମସ୍ତିଷ୍କକୁ ରକ୍ତ ପ୍ରବାହର ପରିମାଣ କମିଯାଏ । ଅମ୍ଳଜାନ ଓ ଗ୍ଲୁକୋଜ ଧାରଣ କ୍ଷମତା ମଧ୍ୟ କମିବା ଆରମ୍ଭ କରେ । କୋଷ ଓ କୋଷର ପ୍ରାନ୍ତ ସଂଖ୍ୟା କମିଯିବାର ଲକ୍ଷ୍ୟ କରାଯାଏ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନଟି ହେଲା ବ୍ୟକ୍ତିର ପ୍ରତିକ୍ରିୟା ପ୍ରଦର୍ଶନ କରିବାର କ୍ଷମତାର ଦ୍ରୁତ ଅବକ୍ଷୟ ଘଟେ ।

୩. ଇନ୍ଦ୍ରିୟମାନଙ୍କର ସାମର୍ଥ୍ୟରେ ପରିବର୍ତ୍ତନ

ବୟସ ବଢ଼ିବା ସଂଗେ ସଂଗେ ଇନ୍ଦ୍ରିୟମାନଙ୍କର କାର୍ଯ୍ୟ କରିବାର କ୍ଷମତା କ୍ରମଶଃ ହ୍ରାସ ପାଇଥାଏ । ଆମେ ଇନ୍ଦ୍ରିୟମାନଙ୍କ ସହାୟତାରେ ଆମର ବାହ୍ୟ ପରିବେଶ ସହ ସମ୍ପର୍କ ସ୍ଥାପନ କରିଥାଉ । ତେଣୁ କୌଣସି ଏକ ଇନ୍ଦ୍ରିୟର କ୍ଷମତା ହ୍ରାସ ଦ୍ୱାରା ବ୍ୟକ୍ତି ଉପରେ ତୀବ୍ର ମନସ୍ତାତ୍ତ୍ୱିକ ପ୍ରଭାବ ପଡ଼ିଥାଏ ।

ଦୃଷ୍ଟିଶକ୍ତି (Vision): ବୟସ ବୃଦ୍ଧି ଦ୍ୱାରା ଦୃଷ୍ଟିଶକ୍ତିରେ କେତେକ ସମସ୍ୟା ସୃଷ୍ଟି ହୁଏ । ଆଖିର ସ୍ୱଚ୍ଛ ପଟଳର ନମନୀୟତା ହ୍ରାସ ପାଇଥାଏ । ଚକ୍ଷୁ ପଟଳର ଆକାର ସଂକୁଚିତ ହୁଏ ଏବଂ ଆଖିପତା ଝୁଲିପଡେ । ବିଭିନ୍ନ ରଙ୍ଗ ଚିହ୍ନିବାର କ୍ଷମତା କମିଯାଏ । ସାଧାରଣତଃ ବୃଦ୍ଧ ବ୍ୟକ୍ତିମାନଙ୍କର ଆଖିରେ ମୋତିଆବିନ୍ଦୁ ହେବା ସହ ଆଖିପଟଳ ଅଠାଳିଆ ହେଇଯାଏ । ମୋତିଆବିନ୍ଦୁ ହେବା ଦ୍ୱାରା ଦୃଷ୍ଟିଶକ୍ତି ଝାପ୍‌ସା ହୋଇଯାଏ । ଏହା ମଧ୍ୟ ସ୍ୱାଭାବିକ ଦୃଷ୍ଟିଶକ୍ତିକୁ ବାଧା ଦେଇଥାଏ ।

ଶ୍ରବଣ (Hearing) : ଶ୍ରବଣ ଶକ୍ତି ୨୦ ବର୍ଷ ପର୍ଯ୍ୟନ୍ତ ଅତ୍ୟନ୍ତ ତୀକ୍ଷ୍ଣ ଥାଏ । ଏହାର ପରବର୍ତ୍ତୀ ବୟସରେ ଏହି କ୍ଷମତା କ୍ରମଶଃ ହ୍ରାସ ପାଏ । ଅଧିକାଂଶ କ୍ଷେତ୍ରରେ ଏହି ଶ୍ରବଣ ଶକ୍ତି ହ୍ରାସର ପ୍ରଭାବ ଜଣାପଡି ନଥାଏ । ତେବେ ଶ୍ରବଣ ଯନ୍ତ୍ରର ବ୍ୟବହାର କରି ଏହି କ୍ଷମତା ବୃଦ୍ଧି କରାଯାଇଥାଏ ।

ଅନ୍ୟାନ୍ୟ ଇନ୍ଦ୍ରିୟ (Other Senses) : ସ୍ୱାଦେନ୍ଦ୍ରିୟ ଓ ଘ୍ରାଣେନ୍ଦ୍ରିୟ ମଧ୍ୟ ବୃଦ୍ଧାବସ୍ଥା ହେତୁ ପ୍ରଭାବିତ ହେଇଥାଏ । ଏହାର ପ୍ରଭାବରେ ଖାଦ୍ୟ ପ୍ରତି ଆଗ୍ରହ କମିଯାଏ ଏବଂ ଶରୀରର ପୁଷ୍ଟିସାଧନ ବାଧାପ୍ରାପ୍ତ ହେଇଥାଏ । ଆପଣ ଲକ୍ଷ୍ୟ କରିଥିବେ ଯେ ଅଧିକାଂଶ ବୃଦ୍ଧ ବ୍ୟକ୍ତି ଚାହାନ୍ତି ଯେ ଖାଦ୍ୟପଦାର୍ଥ ଅଧିକ ମିଠା ଓ ମଶଲାଯୁକ୍ତ ହେଉ କାରଣ ଜିଭରେ ମିଠା, ଖଟା, କଷା ଓ ଲୁଣିଆ ସ୍ୱାଦ ଜାଣିବା ପାଇଁ ଥିବା କୋଷଗୁଡିକ ସାଧାରଣତଃ ନଷ୍ଟ ହେଇଯାଇଥାଏ । ଜନ୍ମରୁ ପ୍ରାୟ ୪୫ ବର୍ଷ ପର୍ଯ୍ୟନ୍ତ ସ୍ପର୍ଶେନ୍ଦ୍ରିୟଗୁଡିକ ଠିକ୍ ଭାବରେ କାମ କରିଥାନ୍ତି । ଏହାପରେ ସେହି କୋଷଗୁଡିକର କ୍ଷମତା ଶୀଘ୍ର ହ୍ରାସ ପାଏ ।

୧୪.୪ ପ୍ରୌଢାବସ୍ଥା ଓ ବୃଦ୍ଧାବସ୍ଥାରେ ବୌଦ୍ଧିକ ପରିବର୍ତ୍ତନ

ବୌଦ୍ଧିକ ବିକାଶ ବ୍ୟକ୍ତିର ତଥ୍ୟ ଆହରଣ କରିବା, ତଥ୍ୟକୁ ସଞ୍ଚିତ କରି ରଖିବା ତଥା ଆବଶ୍ୟକ ବେଳେ ସେହି ତଥ୍ୟକୁ ଉପଯୋଗ କରିବାର ସାମର୍ଥ୍ୟକୁ ବୁଝାଇଥାଏ । ଏହି ବିଭାଗରେ ଆମେ

ପ୍ରୌଢାବସ୍ଥା ଓ ବୃଦ୍ଧାବସ୍ଥାରେ ବୌଦ୍ଧିକ ବିକାଶର ୪ଟି ପ୍ରମୁଖ ବିଭାଗ ଯଥା ସ୍ମରଣ ପ୍ରକ୍ରିୟା, ଶିକ୍ଷଣ, ଅଭିନିବେଶ ଓ ବୁଦ୍ଧିର ବିକାଶ ବିଷୟରେ ଆଲୋଚନା କରିବା ।

(କ) ସ୍ମରଣ

ସ୍ମରଣ ପ୍ରକ୍ରିୟା ବୌଦ୍ଧିକ ବିକାଶର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ଅଟେ। ସ୍ମରଣ କ୍ରିୟା ହେଉଛି ଏକ ମାନସିକ ପ୍ରକ୍ରିୟା ଯାହା ମାଧ୍ୟମରେ ବର୍ତ୍ତମାନର ସମସ୍ତ ତଥ୍ୟକୁ ଧାରଣ କରାଯାଇ ଆବଶ୍ୟକ ସମୟରେ ଏହାର ପୁନରୁଦ୍ଧାର ଓ ବ୍ୟବହାର କରାଯାଇଥାଏ। କ୍ଷଣସ୍ଥାୟୀ ସ୍ମରଣ ପ୍ରକ୍ରିୟାରେ ବୟସର ପ୍ରଭାବ ଲକ୍ଷ୍ୟ କରାଯାଇନପାରେ । ବୃଦ୍ଧବ୍ୟକ୍ତିମାନେ କୌଣସି ବିଷୟକୁ ବୀପରିତ କ୍ରମରେ ମନେ ରଖିବାରେ ଜଟିଳତା ଅନୁଭବ କରିଥାନ୍ତି। ଦୀର୍ଘସ୍ଥାୟୀ ସ୍ମରଣ କ୍ରିୟାରେ ସେମାନେ କମ୍ ବୟସର ସଦସ୍ୟଙ୍କ ତୁଳନାରେ କମ୍ ସଫଳ ହୋଇଥାନ୍ତି କାରଣ ଦୀର୍ଘସ୍ଥାୟୀ ସ୍ମରଣ ସମୟରେ ତଥ୍ୟଗୁଡିକୁ ସଂଗଠିତ କରି ମନେ ରଖିବା ଆବଶ୍ୟକ ହେଇଥାଏ।

(ଖ) ବୟସ୍କ ବ୍ୟକ୍ତିଙ୍କର ସ୍ମରଣ ସାମର୍ଥ୍ୟ

ବୟସ ବଢିବା ସଂଗେ ସଂଗେ ବ୍ୟକ୍ତିର ସ୍ମରଣ କ୍ଷମତା ବିଭିନ୍ନ ଉପାଦକ ଦ୍ୱାରା ପ୍ରଭାବିତ ହେଇଥାଏ। ସେଥିମଧ୍ୟରୁ କେତୋଟି ଗୁରୁତ୍ୱପୂର୍ଣ୍ଣ ଉପାଦକ ବିଷୟରେ ନିମ୍ନରେ ଆଲୋଚନା କରାଗଲା।

(କ) ସ୍ମରଣ ସମ୍ବନ୍ଧୀୟ ଧାରଣା

ବୃଦ୍ଧ ବ୍ୟକ୍ତିମାନଙ୍କର ନିଜର ସ୍ମରଣ କ୍ଷମତା ସମ୍ବନ୍ଧରେ ଥିବା ଧାରଣା ଓ ମନୋଭାବ ସେମାନଙ୍କର ସେହି ସାମର୍ଥ୍ୟକୁ ପ୍ରଭାବିତ କରିଥାଏ। ଗବେଷଣାରୁ ଧାରଣା, ପ୍ରତ୍ୟକ୍ଷଣ, ମନୋବୃତ୍ତି ଓ ଜ୍ଞାନର ସ୍ମରଣ ଶକ୍ତି ଉପରେ ପ୍ରଭାବ ବିଷୟରେ ଜଣାପଡେ । ସାଧାରଣତଃ ପ୍ରଶ୍ନାବଳୀ ମାଧ୍ୟମରେ ଉତ୍ତରଦାତାଙ୍କୁ ପଚରାଯାଏ ଯେ ସେମାନେ ନାମ ଓ ଘଟଣାକୁ କେତେଥର ଭୁଲି ଯାଉଛନ୍ତି । ସେମାନେ ନିଜର ଭୁଲିବା ପାଇଁ କେତେ ଉତ୍କଣ୍ଠିତ, ନିଜର ସ୍ମରଣ କ୍ଷମତା ବୃଦ୍ଧି ନିମନ୍ତେ ସେମାନେ କ'ଣ ଜାଣିଛନ୍ତି ଏବଂ ମନେ ରଖିବା ପାଇଁ ସେମାନେ କେଉଁ କୌଶଳ ଅବଲମ୍ବନ କରନ୍ତି । ଯୁବକମାନଙ୍କ ଅପେକ୍ଷା ବୟସ୍କ ବ୍ୟକ୍ତିମାନେ ମନେ ରଖିବା ନିମନ୍ତେ ଅଧିକ ଜଟିଳତାର ସମ୍ମୁଖୀନ ହେଇଥାନ୍ତି । ବୃଦ୍ଧମାନଙ୍କ ଭିତରେ ଏକ ସାଧାରଣ ମନ୍ତବ୍ୟ ହେଉଛି "ମୁଁ ବୁଢା ହେଇଗଲିଣି" । ପ୍ରାୟ ସବୁ ବୃଦ୍ଧ ବ୍ୟକ୍ତିମାନେ ଭୁଲିଯାଉଛନ୍ତି ବୋଲି ଅଭିଯୋଗ କରିଥାନ୍ତି।

(ଖ) ସ୍ମରଣ କୌଶଳର ବ୍ୟବହାର

ଅଧିକ ସ୍ମରଣ ନିମନ୍ତେ କେତେକ ସ୍ୱତନ୍ତ୍ର କୌଶଳ ଉପଯୋଗୀ ଅଟେ। ଯେଉଁମାନେ ଏହି କୌଶଳର ଉପଯୋଗ କରନ୍ତି ସେମାନଙ୍କର ସ୍ମରଣ କ୍ଷମତା ବୃଦ୍ଧି ପାଇଥାଏ। ସେଥି ନିମନ୍ତେ ଏକ

ଉପଯୋଗୀ ପ୍ରଣାଳୀ ହେଲା ଶିଖିଥିବା ବିଷୟକୁ ବାରମ୍ବାର ଅଭ୍ୟାସ କରିବା । ଅନ୍ୟ ଏକ ଉପଯୋଗୀ ପଦ୍ଧତି ହେଲା ମନେ ରଖିବାକୁ ଚାହୁଁଥିବା ବ୍ୟକ୍ତିଙ୍କ ନାମକୁ ଏକ ଜଣାଶୁଣା ବସ୍ତୁ ସହ ସଂଯୁକ୍ତ କରିବା । ସେହିପରି ଏକ ନିର୍ଦ୍ଦିଷ୍ଟ ଶବ୍ଦାବଳୀକୁ ମନେ ରଖିବାକୁ ବାରମ୍ବାର ଲେଖି ଅଭ୍ୟାସ କରାଯାଇଥାଏ । କୌଶଳ ବ୍ୟବହାର କରିଥାଉ କିନ୍ତୁ ଜାଣିନଥାଉ ଯେ ଆମେ ଏହି କୌଶଳ ବ୍ୟବହାର କରୁଛୁ । ତାଙ୍କର ଦୈନନ୍ଦିନ ଜୀବନରେ ବୟସ୍କ ବ୍ୟକ୍ତିମାନେ ଡାଏରୀ ବ୍ୟବହାର କରନ୍ତି, କିଣିବା ଜିନିଷର ତାଲିକା କରନ୍ତି ଇତ୍ୟାଦି । କମ୍ ପରିମାଣରେ ପୁନରାବୃତ୍ତି ବା ସହବନ୍ଧିତ କୌଶଳ ବ୍ୟବହାର କରନ୍ତି ।

(ଗ) ବୟସ୍କ ବ୍ୟକ୍ତିଙ୍କର ଜୀବନଶୈଳୀ

ବୟସ୍କ ବ୍ୟକ୍ତିଙ୍କର ଦୈନନ୍ଦିନ କାର୍ଯ୍ୟକଳାପ ସେମାନଙ୍କର ସ୍ମରଣ କ୍ଷମତାକୁ ପ୍ରଭାବିତ କରିଥାଏ । ଯେଉଁ ବୟସ୍କ ବ୍ୟକ୍ତିମାନେ ପ୍ରତିଦିନ ଚେସ୍ କିମ୍ବା ବ୍ରିଜ୍ ଆଦି ଖେଳନ୍ତି ସେମାନେ ଖେଳୁନଥିବା ବ୍ୟକ୍ତିମାନଙ୍କ ଅପେକ୍ଷା ଭଲ ମନେ ରଖନ୍ତି । ପ୍ରତ୍ୟେକ ଦିନ ନିଜର ଦିନଚର୍ଯ୍ୟା ନିର୍ଦ୍ଦିଷ୍ଟ ସମୟରେ କରିବା, ଯଥେଷ୍ଟ ବିଶ୍ରାମ ନେବା ଏବଂ ପ୍ରତିଦିନ ବ୍ୟାୟାମ ଓ ଯୋଗାଭ୍ୟାସ କରିବା ଦ୍ୱାରା ମଧ୍ୟ ବୃଦ୍ଧାବସ୍ଥାରେ ସ୍ମରଣ କ୍ଷମତା ଭଲ ରହେ ।

(ଗ) ଶିକ୍ଷଣ

ଶିକ୍ଷଣ ନୂତନ ସମ୍ପର୍କ ଗଠନ ସହିତ ସଂଶ୍ଲିଷ୍ଟ । ଏହା ମାଧ୍ୟମରେ ବ୍ୟକ୍ତି ନିଜର ପରିବେଶ ବିଷୟରେ ସଚେତନ ହେବା ସହ ସେ ସମ୍ବନ୍ଧୀୟ ସାଧାରଣ ନିୟମଗୁଡିକ ଜାଣିବାକୁ ସକ୍ଷମ ହୋଇଥାଏ । ଏହା ବିଶ୍ୱାସ କରାଯାଏ ଯେ ଆଦ୍ୟ ପ୍ରୌଢାବସ୍ଥା ଅପେକ୍ଷା ମଧ୍ୟ ପ୍ରୌଢାବସ୍ଥାରେ ବ୍ୟକ୍ତିର ଶିକ୍ଷଣ ସାମର୍ଥ୍ୟ ହ୍ରାସ ପାଇଥାଏ । ବୃଦ୍ଧ ବ୍ୟକ୍ତିମାନେ ନୂତନ କୌଶଳ ଓ ସାମର୍ଥ୍ୟ ଶିକ୍ଷା କରି ପାରନ୍ତି କି ? ସେମାନେ ନୂତନ ଜୀବିକା ପାଇଁ ଚେଷ୍ଟା କରିଥାନ୍ତି କି ? ଏହିସବୁ ପ୍ରଶ୍ନର ଉତ୍ତର ପାଇବା କଷ୍ଟକର । ଆମେ ମନେ ରଖିବା ଉଚିତ ଯେ ଶିକ୍ଷଣର ସାମର୍ଥ୍ୟ ବୃଦ୍ଧାବସ୍ଥାରେ ମଧ୍ୟ ଅପରିବର୍ତ୍ତିତ ରହିପାରେ । କେତେକ ନିର୍ଦ୍ଦିଷ୍ଟ ଉପାଦକ ଯେପରିକି ଦୁର୍ବଳ ଅଭିପ୍ରେରଣ, ଆତ୍ମବିଶ୍ୱାସର ଅଭାବ, ଉତ୍କଣ୍ଠା ଆଦି ଯୋଗୁଁ ଏହି ବୟସରେ ଶିକ୍ଷଣ ପ୍ରକ୍ରିୟା ବାଧାପ୍ରାପ୍ତ ହୋଇଥାଏ ।

ବୃଦ୍ଧ ବ୍ୟକ୍ତିମାନେ ମଧ୍ୟ ଆଗ୍ରହ ପ୍ରକାଶ କଲେ ଯୁବକମାନଙ୍କ ପରି ଶିକ୍ଷାଲାଭ କରିପାରନ୍ତି । ସେମାନଙ୍କୁ ଯଥେଷ୍ଟ ସମୟ ଓ ସାମଗ୍ରୀ ଯୋଗାଇଦେଲେ ସେମାନେ ମଧ୍ୟ ଶିଖିବାରେ ସଫଳ ହୋଇଥାନ୍ତି ।

(ଘ) ଅଭିନିବେଶ

ଯେଉଁ ପଦ୍ଧତିରେ ଆମେ ନିଜର କାର୍ଯ୍ୟ ଉପରେ ଧ୍ୟାନ ଦେଇଥାଉ, ଅଭିନିବେଶ ଶବ୍ଦଟି ତାହାକୁ ସୂଚାଇଥାଏ । ଅଭିନିବେଶ କ୍ଷମତା କ୍ଷେତ୍ରରେ ବ୍ୟକ୍ତିଗତ ତାରତମ୍ୟ ଲକ୍ଷ୍ୟ କରାଯାଇଥାଏ ।

ଅଭିନିବେଶର ହାର କମ୍ ହେଲେ, ବ୍ୟକ୍ତି ଅନେକ ତଥ୍ୟ ଆହରଣ କରିପାରେ ନାହିଁ । ଏହି ଅଭିନିବେଶ ହାର କ୍ଷେତ୍ରରେ ଯୁବକ ଓ ବୃଦ୍ଧ ବ୍ୟକ୍ତିଙ୍କ ମଧ୍ୟରେ ବିଶେଷ କିଛି ତାରତମ୍ୟ ନରହିପାରେ । କିନ୍ତୁ ଅଳ୍ପ କିଛି ବ୍ୟାଘାତ ସୃଷ୍ଟି ହେଲେ ବୃଦ୍ଧ ବ୍ୟକ୍ତିମାନେ ଶୀଘ୍ର ଅମନଯୋଗ ବା ବିଭ୍ରାନ୍ତ ହେବା ଲକ୍ଷ୍ୟ କରାଯାଏ । ସଠିକ୍ ପ୍ରଶିକ୍ଷଣ ମାଧ୍ୟମରେ ଅଭିନିବେଶ କ୍ଷମତା ବୃଦ୍ଧି ପାଇଥାଏ ।

(ଙ) ବୁଦ୍ଧି

ଆମେ ପୂର୍ବରୁ ଆଲୋଚନା କରିଛେ ଯେ ସଠିକ୍ ଜ୍ଞାନର ଅଭାବରୁ ବୃଦ୍ଧାବସ୍ଥା ବିଷୟରେ ଆମର ଅନେକ ଭୁଲ ଧାରଣା ରହିଛି । ବିଭିନ୍ନ ବୁଦ୍ଧି ପରୀକ୍ଷଣ ପଦ୍ଧତିରେ ବୃଦ୍ଧ ବ୍ୟକ୍ତିଙ୍କର ଫଳାଫଳ କିପରି ଥାଏ ? ପ୍ରାୟ ଅନେକ ବୁଦ୍ଧି ପରୀକ୍ଷଣ ପ୍ରଶ୍ନରେ ଉତ୍ତରଗୁଡିକ କମ୍ ସମୟ ମଧ୍ୟରେ ପ୍ରଦାନ କରିବା ଆବଶ୍ୟକ ହେଇଥାଏ । ମାତ୍ର ଆମେ ପୂର୍ବରୁ ଆଲୋଚନା କରିଛେ ଯେ ବୃଦ୍ଧ ବ୍ୟକ୍ତିମାନଙ୍କର ପ୍ରତିକ୍ରିୟା ପ୍ରଦର୍ଶନ ସମୟ ଖୁବ୍ ମନ୍ଥର ଅଟେ । ତେଣୁ ବୁଦ୍ଧି ପରୀକ୍ଷାରେ ସେମାନଙ୍କର କମ୍ ପ୍ରଦର୍ଶନ କମ୍ ବୌଦ୍ଧିକ ଦକ୍ଷତା ଯୋଗୁଁ ନୁହେଁ, ବରଂ ମନ୍ଥର ପ୍ରତିକ୍ରିୟା ସମୟ ହେତୁ ହୋଇଥାଏ । ବୟସ ବଢିବା ସହ ବ୍ୟକ୍ତିର ସାଧାରଣ ଜ୍ଞାନର କ୍ଷମତା ହ୍ରାସ ପାଇନଥାଏ । କେତେକ କ୍ଷେତ୍ରରେ ଆମେ ଦେଖୁ ଯେ ବୃଦ୍ଧ ବ୍ୟକ୍ତିଙ୍କର ସିଦ୍ଧାନ୍ତ ନେବାର କ୍ଷମତା ହ୍ରାସ ପାଇବା ସହ ସଫଳତାର ହାର ମଧ୍ୟ ନିମ୍ନମାନର ହେଇଥାଏ । ପ୍ରାୟ ବୃଦ୍ଧ ବ୍ୟକ୍ତିଙ୍କ କ୍ଷେତ୍ରରେ ବାଚନିକ ବୋଧଶକ୍ତି, ସାମାଜିକ ସଚେତନତା ଓ ଅଭିଜ୍ଞତାର ସଠିକ୍ ପ୍ରୟୋଗ କରିବାରେ ବିଶେଷ ଅବନତି ଦେଖାଯାଇନଥାଏ ।

ପ୍ରୌଢାବସ୍ଥା ଓ ବୃଦ୍ଧାବସ୍ଥାରେ ବୁଦ୍ଧି ବ୍ୟକ୍ତିକୁ ଦୈନନ୍ଦିନ ଜୀବନର ବିଭିନ୍ନ ଆବଶ୍ୟକତାଗୁଡିକୁ ସଠିକ୍ ରୂପେ ପୂରଣ କରିବାରେ ସହାୟକ ହେଇଥାଏ । ବିଭିନ୍ନ ଜାଗା ଓ ରାସ୍ତାର ମାନଚିତ୍ର ଜାଣିବା, ବିଭିନ୍ନ ସାମଗ୍ରୀ ଉପରେ ଲେଖାଯାଇଥିବା ଦ୍ରବ୍ୟ ସମ୍ବନ୍ଧୀୟ ସୂଚନା ଜାଣିବା, ଫର୍ମ ପୂରଣ କରିବା, ବିଭିନ୍ନ ସାରଣୀ ଓ ବିବରଣ ଫର୍ଦ୍ଦଗୁଡିକୁ ପଢି ଜାଣିବା, ସଠିକ୍ ବାର୍ତ୍ତାଳାପ କରିବା, ଦୂରଦର୍ଶନର କାର୍ଯ୍ୟକ୍ରମ ଜାଣିବା, ବଜାର ସଉଦା କରିବା, ଜନଗହଳି ରାସ୍ତାରେ ଗାଡି ଚଳାଇବା ଆଦି ବିଭିନ୍ନ କାର୍ଯ୍ୟ କରିବା ସାମର୍ଥ୍ୟରୁ ବୃଦ୍ଧ ବ୍ୟକ୍ତିଙ୍କର ଦୈନନ୍ଦିନ ବୁଦ୍ଧି ସମ୍ପର୍କରେ ସୂଚନା ମିଳେ ।

ଆମେ ପୂର୍ବରୁ ଆଲୋଚନା କରିସାରିଛେ ଯେ ଚାପମୁକ୍ତ ପରିବେଶରେ ବୟସ୍କ ବ୍ୟକ୍ତିମାନେ ସଫଳତାରସହ କାର୍ଯ୍ୟ କରିଥାନ୍ତି ଏବଂ ନିଜର ପଦକ୍ଷେପ ଦୃଢ କରିପାରିଥାନ୍ତି । ଅଧିକନ୍ତୁ ସେମାନଙ୍କର ସ୍ୱାସ୍ଥ୍ୟାବସ୍ଥା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଅଟେ । ଶାରୀରିକ ଭାବେ ସୁସ୍ଥ ବ୍ୟକ୍ତି ଯେଉଁମାନେ ଖୁସି ଓ କାର୍ଯ୍ୟକ୍ଷମ ଥାନ୍ତି ସେମାନଙ୍କ କ୍ଷେତ୍ରରେ ବୃଦ୍ଧାବସ୍ଥାରେ ମଧ୍ୟ ବୌଦ୍ଧିକ କ୍ଷମତା ଅକ୍ଷୁର୍ଣ୍ଣ ଥାଏ ।

ପାଠଗତ ପ୍ରଶ୍ନାବଳୀ ୧୪.୧

୧. ବୟସ୍କ ବ୍ୟକ୍ତିଙ୍କର ସ୍ମରଣ ଶକ୍ତିକୁ ପ୍ରଭାବିତ କରୁଥିବା ଉତ୍ପାଦକଗୁଡିକର ତାଲିକା କର ।



....

....

୨. ବୟସ୍କ ବ୍ୟକ୍ତିମାନଙ୍କର ଦୈନନ୍ଦିନ ଜୀବନରେ ବୁଦ୍ଧିର କିପରି ବିଚାର କରାଯାଏ ?

....

....

୧୪.୫ ବୃଦ୍ଧାବସ୍ଥାରେ ଉପଯୋଜନଗତ ସମସ୍ୟା

ଜଣେ ନିଜର ବୃଦ୍ଧାବସ୍ଥା ସହ କିପରି ସଠିକ୍ ଉପଯୋଜନ କରିପାରିବ ? ବିଭିନ୍ନ ବ୍ୟକ୍ତି ନିଜର ଦୈନନ୍ଦିନ ଜୀବନର ବିଭିନ୍ନ ସମସ୍ୟାଗୁଡିକ ସହ ସଠିକ୍ ଉପଯୋଜନ କରିବା ନିମନ୍ତେ ଭିନ୍ନ ଭିନ୍ନ କୌଶଳ ଅବଲମ୍ବନ କରିଥାନ୍ତି । କେତେକ ବୃଦ୍ଧ ବ୍ୟକ୍ତିମାନେ ନିଜକୁ କାର୍ଯ୍ୟରତ ରଖିବା ପାଇଁ ବିଭିନ୍ନ ସାମାଜିକ କାର୍ଯ୍ୟକଳାପରେ ଯୋଗଦାନ କରିବା, ବିଭିନ୍ନ ବ୍ୟକ୍ତିଙ୍କ ସହ ସମ୍ପର୍କ ସ୍ଥାପନ କରିବା ସହ ବିଭିନ୍ନ ବୃତ୍ତିଗତ କାର୍ଯ୍ୟରେ ନିଜକୁ ସଂଶ୍ଳିଷ୍ଟ କରିଥାନ୍ତି । ଅନ୍ୟପକ୍ଷରେ କେତେକ ବ୍ୟକ୍ତି ସମସ୍ତ ସାମାଜିକ ସମ୍ପର୍କ ଓ କାର୍ଯ୍ୟକଳାପରୁ ନିଜକୁ ଦୂରେଇ ରଖନ୍ତି । ତେବେ ସେମାନଙ୍କର କାର୍ଯ୍ୟ କରିବାର ସ୍ତର ଓ ପ୍ରକୃତି ସେମାନଙ୍କର ସ୍ୱାସ୍ଥ୍ୟର ଅବସ୍ଥା, ଅର୍ଥନୈତିକ ଅବସ୍ଥା, ପରିବାରରେ ସେମାନଙ୍କର ପ୍ରାଧାନ୍ୟ ଉପରେ ନିର୍ଭର କରିଥାଏ । ସେ ସମ୍ପର୍କିତ କେତୋଟି ସମସ୍ୟା ବିଷୟରେ ଆଲୋଚନା କରିବା ।

(କ) ବୃଦ୍ଧ ବ୍ୟକ୍ତିଙ୍କର ନିଜ ସମ୍ପର୍କରେ ଦୁର୍ବଳ ଧାରଣା

ଯୁବକମାନେ ଯେପରି ନିଜ ପ୍ରତି ଆକର୍ଷଣ ଅନୁଭବ କରିଥାନ୍ତି ବୃଦ୍ଧ ବ୍ୟକ୍ତିଙ୍କ କ୍ଷେତ୍ରରେ ସେପରି ଅନୁଭୂତି ହୋଇନଥାଏ । ବୃଦ୍ଧ ବ୍ୟକ୍ତିମାନେ ସାଧାରଣତଃ ବୃଦ୍ଧାମାନଙ୍କ ଅପେକ୍ଷା ନିଜକୁ ନୀଚ କରି ମୂଲ୍ୟାୟନ କରିଥାନ୍ତି । କାରଣ ପୁରୁଷମାନେ ସାଧାରଣତଃ ବୃତ୍ତିଗତ ସଫଳତାକୁ ନେଇ ନିଜର ମୂଲ୍ୟାୟନ କରିଥାନ୍ତି । ଅନ୍ୟପକ୍ଷରେ ମହିଳାମାନେ ନିଜର ପାରିବାରିକ ବାତାବରଣକୁ ଦୃଷ୍ଟିରେ ରଖି ଆତ୍ମ-ମୂଲ୍ୟାୟନ କରିଥାନ୍ତି । ତେଣୁ ପୁରୁଷମାନେ ଯେତେବେଳେ କର୍ମ କ୍ଷେତ୍ରରୁ ଅବସର ଗ୍ରହଣ କରନ୍ତି, ସେମାନଙ୍କର ସ୍ୱ-ମୂଲ୍ୟାୟନ ହ୍ରାସ ପାଇଥାଏ । ଅନ୍ୟପକ୍ଷରେ ମହିଳାମାନେ ପରିବାର ଭିତରେ ରହି ସେମାନଙ୍କର ଆତ୍ମ ସନ୍ତୋଷ ଓ ସ୍ୱଚ୍ଛ ମୂଲ୍ୟାୟନକୁ ଅପରିବର୍ତ୍ତିତ ରଖିଥାନ୍ତି ।

(ଖ) ଖୁସି

ଯେତେବେଳେ ବୃଦ୍ଧ ବ୍ୟକ୍ତିମାନଙ୍କୁ ପଚରାଯାଏ "ଆପଣଙ୍କର ଜୀବନ ଉତ୍ସାହଜନକ କି ?" ଅଧିକାଂଶ ବୃଦ୍ଧବ୍ୟକ୍ତି ଉଭୟ ପୁରୁଷ ଓ ମହିଳା ଉତ୍ତର ଦେଇଥାନ୍ତି ଯେ ସେମାନଙ୍କର ଜୀବନ ଖୁବ୍ ନୈରାଶ୍ୟଜନକ

ଏବଂ ସେମାନଙ୍କ ଜୀବନରେ ଉତ୍ସାହ ଅନୁଭବ କରିବାର କୌଣସି ଦିଗ ନାହିଁ ଏବଂ ଜୀବନରେ ଆଗେଇବାର କୌଣସି ସମ୍ଭାବନା ମଧ୍ୟନାହିଁ । ତେବେ ନିଜର ଜୀବନକୁ ନୈରାଶ୍ୟଜନକ ମନେ କରିବା ପୂର୍ବରୁ ବୃଦ୍ଧ ବ୍ୟକ୍ତି ଭାବରେ ଆମେ ନିଜକୁ ପର୍ଯ୍ୟାଲୋଚନା କରିବା ଆବଶ୍ୟକ ହେଇଥାଏ ଏବଂ ଜୀବନରୁ ଆମେ କ'ଣ ଚାହୁଁଚେ ତାହା ମଧ୍ୟ ସ୍ଥିର କରିବାକୁ ହେଇଥାଏ ।

(ଗ) ଆର୍ଥିକ ସମସ୍ୟା

ଆତ୍ମ ନିଯୁକ୍ତ ବୃଦ୍ଧବ୍ୟକ୍ତି ବା ଯେଉଁମାନଙ୍କର ପାରିବାରିକ ବ୍ୟବସାୟ ଥାଏ, ସେମାନେ ମୃତ୍ୟୁ ପର୍ଯ୍ୟନ୍ତ କିମ୍ବା ଅସମର୍ଥ ହେବା ପର୍ଯ୍ୟନ୍ତ କାମ କରିଥାନ୍ତି । କିନ୍ତୁ ଯେଉଁମାନେ ଅନ୍ୟକ୍ଷେତ୍ରରେ କାମ କରନ୍ତି ସେମାନେ ଏକ ନିର୍ଦ୍ଦିଷ୍ଟ ବୟସ ପରେ ଅବସର ଗ୍ରହଣ କରିଥାନ୍ତି । ଅବସର ପ୍ରତି ବ୍ୟକ୍ତିର ମନୋଭାବରେ ବ୍ୟକ୍ତିଗତ ତାରତମ୍ୟ ଲକ୍ଷ୍ୟ କରାଯାଏ, ଯାହା ବ୍ୟକ୍ତିର ଆର୍ଥିକ ଅବସ୍ଥା, ଶିକ୍ଷା ଓ ବୃତ୍ତିଗତ ସ୍ତର ଦ୍ୱାରା ପ୍ରଭାବିତ ହୁଏ ।

ଅବସର ଗ୍ରହଣ ପରେ ନିଜକୁ ଠିକ୍ ଭାବରେ ଉପଯୋଜନ କରିବା ମଧ୍ୟ ବ୍ୟକ୍ତି ପାଇଁ ଏକ ସମସ୍ୟା ଅଟେ । ଅବସର ପରେ ଏକ ନୂତନ ଶୈଳୀର ଜୀବନ ସହ ଉପଯୋଜନ କରିବାକୁ ପଡିଥାଏ ଯେଉଁ ସମୟରେ କି ଆର୍ଥିକ ସ୍ୱଚ୍ଛଳତା ହ୍ରାସ ପାଏ, କମ୍ କାମ କରିବାକୁ ହୁଏ ଏବଂ ଅଧିକ ଅବସର ସମୟ ମିଳିଥାଏ । ଅବସର ପରେ ପୁରୁଷମାନେ ଅଧିକ ମାନସିକ ଚାପର ଶିକାର ହୋଇଥାନ୍ତି କାରଣ ଆମ ସମାଜରେ ପୁରୁଷମାନଙ୍କର ଆତ୍ମ ପରିଚୟ ସେମାନଙ୍କର ଜୀବିକା ଉପରେ ନିର୍ଭର କରିଥାଏ । ତେଣୁ ଚାକିରିରୁ ଅବସର ନେବା ଅର୍ଥ ନିଜକୁ ଅର୍ଥହୀନ ମନେ କରିବା ଓ ନିଜର ସ୍ୱ-ମୂଲ୍ୟାୟନ ହ୍ରାସ କରିବା । ଅବସର ନେଉଥିବା ବ୍ୟକ୍ତିଙ୍କ ପାଇଁ ଅବସର ପରବର୍ତ୍ତୀ ଅବସ୍ଥା ସହ ଉପଯୋଜନ କରିବା କଷ୍ଟସାଧ୍ୟ ହେଇଥାଏ, କାରଣ ଏହାଦ୍ୱାରା ସେମାନେ ଆର୍ଥିକ ସମସ୍ୟା, ଅସୁସ୍ଥତା ଓ ଏକୁଟିଆ ପଣର ଶିକାର ହେଇଥାନ୍ତି । ଅବସର ଗ୍ରହଣ କରିଥିବା ବ୍ୟକ୍ତିମାନଙ୍କୁ ନିଜର ଭୂମିକା, ବ୍ୟକ୍ତିଗତ ଓ ସାମାଜିକ ସହସମ୍ବନ୍ଧ ଏବଂ ସାମର୍ଥ୍ୟ ଓ ପାରଦର୍ଶିତା ଉପଲବ୍ଧି ଆଦି କ୍ଷେତ୍ରରେ ଉପଯୋଜନ କରିବା ଆବଶ୍ୟକ ହୋଇଥାଏ । ମାତ୍ର ଏପରି ଭାବିବା ଠିକ୍ ନୁହେଁ ଯେ ଅବସରଗ୍ରହଣ କରିବା ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ଏକ ନକାରାତ୍ମକ ଅନୁଭବ ଅଟେ । କେତେକଙ୍କ କ୍ଷେତ୍ରରେ ସ୍ୱ-ମୂଲ୍ୟାୟନ ଓ ସନ୍ତୋଷ ଲାଭ କମ୍ ହୁଏ ନାହିଁ । ଅବସର ପରେ କେତେକଙ୍କର ସ୍ୱାସ୍ଥ୍ୟର ଉନ୍ନତି ଘଟିଥାଏ । ଅବସର ପରେ ବ୍ୟକ୍ତିକୁ ନିଜର ବ୍ୟକ୍ତିଗତ ରୁଚି ଓ ସାମାଜିକ କାର୍ଯ୍ୟ ନିମନ୍ତେ ଅଧିକ ସମୟ ମିଳିଥାଏ ଏବଂ ଯଦି ସେମାନଙ୍କର ସ୍ୱାସ୍ଥ୍ୟ ଓ ଆର୍ଥିକ ସ୍ଥିତି ଠିକ୍ଥାଏ, ତେବେ ସେମାନେ ଏହାକୁ ଉପଭୋଗ କରିଥାନ୍ତି ।

(ଘ) ମୃତ୍ୟୁ

ବୟସ୍କ ବ୍ୟକ୍ତିମାନେ ସାଧାରଣତଃ ମୃତ୍ୟୁକୁ ଭୟ କରିନଥାନ୍ତି ମାତ୍ର ସେମାନେ ମୃତ୍ୟୁ କିପରି ହେବ

ତାହା ଭାବି ବିବ୍ରତ ହୋଇଥାନ୍ତି । ସେମାନଙ୍କର ଏପରି ଭୟର କେତେକ କାରଣ ଥାଏ ଯେପରିକି ଘରୁ ଆସି ଚିକିସାଳୟରେ ରହିବା, ସ୍ୱାସ୍ଥ୍ୟର ଅବକ୍ଷୟ ଘଟିବା, ଜୀବନସାଥୀର ମୃତ୍ୟୁ ହେବା ଇତ୍ୟାଦି । ତେଣୁ ସେମାନଙ୍କର ମୃତ୍ୟୁଭୟ ସାମ୍ପ୍ରତିକ ସମୟର ଜୀବନଶୈଳୀକୁ ନେଇ ବୁଝିବାକୁ ହେବ । ଏହା ସହିତ ବ୍ୟକ୍ତିର ନିଜସ୍ୱ ମୂଲ୍ୟବୋଧ ଏବଂ ବ୍ୟକ୍ତି ବ୍ୟକ୍ତିଗତ ଭାବେ ମୃତ୍ୟୁକୁ ଯେପରି ବୁଝିଥାଏ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଅଟେ ।

(ଙ) ହତାଶା

ବୃଦ୍ଧ ବ୍ୟକ୍ତିମାନଙ୍କର ହତାଶାର ଦୁଇଟି ପ୍ରମୁଖ ଲକ୍ଷଣ ପ୍ରକାଶ ପାଇଥାଏ : ନୈରାଶ୍ୟ ଜନକ ମନୋଭାବ (ଦୁଃଖ, ଅନୁଶୋଚନା, ନୈରାଶ୍ୟ ଓ ଅସହାୟ ଭାବ) ଏବଂ ଅବକ୍ଷୟିତ ବ୍ୟବହାର (ପରିତ୍ୟାଗ କରିବା, ନିସ୍ପୃହତା) । କେତେକ ବୃଦ୍ଧବ୍ୟକ୍ତି ସେମାନଙ୍କର ନୈରାଶ୍ୟ ଭାବକୁ ମଧ୍ୟ ଅଭିଯୋଗ ମାଧ୍ୟମରେ ବ୍ୟକ୍ତ କରିଥାନ୍ତି ଯେପରିକି ଭୋକହେଉନି, ନିଦ ହେଉନି ଇତ୍ୟାଦି । ଉଭୟ ଶାରୀରିକ ଉତ୍ପାଦକ (ଜୈବିକ-ରାସାୟନିକ ବିଶୃଙ୍ଖଳତା) ଓ ସାମାଜିକ ସାଂସ୍କୃତିକ ଉତ୍ପାଦକ (ଆତ୍ମ-ମର୍ଯ୍ୟାଦା, ଏକୁଟିଆ ପଣ, ଅବସର ଗ୍ରହଣ, ଆନୁଷ୍ଠାନିକୀକରଣ ସମ୍ପର୍କରେ ଧାରଣା) ଆଦି ମଧ୍ୟ ବୃଦ୍ଧ ବ୍ୟକ୍ତିଙ୍କ ଠାରେ ନୈରାଶ୍ୟ ଭାବ ସୃଷ୍ଟି କରିଥାଏ । ଏସବୁ ସହ ଯୌନଗତ ସାମର୍ଥ୍ୟ ହରାଇବା ଏବଂ ଅସଫଳତା ମଧ୍ୟ ହତାଶା ଭାବ ସୃଷ୍ଟି କରିଥାଏ ।

୧୪.୬ ସମସ୍ୟାଗୁଡିକ ସହ ସମଯୋଜନ

ଜଣେ ବ୍ୟକ୍ତି କିପରି ନିଜର ବୟସ ବୃଦ୍ଧି ଜନିତ ସମସ୍ୟାର ପରିଚାଳନା କରିପାରିବେ ? ସମସ୍ୟାଗୁଡିକର ସମ୍ମୁଖୀନ ହେବାପାଇଁ ବିଭିନ୍ନ ବ୍ୟକ୍ତି ଭିନ୍ନ ଭିନ୍ନ କୌଶଳ ଅବଲମ୍ବନ କରିଥାନ୍ତି । କେତେକ ଫଳପ୍ରଦ ପରିଚାଳନା କୌଶଳ ବିଷୟରେ ନିମ୍ନରେ ଉଲ୍ଲେଖ କରାଗଲା ।

(୧) ବୃଦ୍ଧ ବ୍ୟକ୍ତିମାନେ ବୃଦ୍ଧାବସ୍ଥାର ଚାପ ଓ ସମସ୍ୟାଗୁଡିକର ସମାଧାନ ନିମନ୍ତେ ନମନୀୟ ମନୋଭାବ ପ୍ରଦର୍ଶନ କରିବା ଆବଶ୍ୟକ ଅଟେ ।

(୨) ସେମାନଙ୍କୁ ସଚେତନ ହେବାକୁ ପଡିବ ଯେ ବର୍ତ୍ତମାନ ସେମାନଙ୍କୁ ଜୀବନ ସମସ୍ୟା ସହିତ ସମଯୋଜନ ପାଇଁ ନୂତନ ଶୈଳୀକୁ ଗ୍ରହଣ କରିବାକୁ ପଡିବ ।

(୩) ସେମାନେ ଚୁପ୍ ହେଇ ଏକୁଟିଆ ରହିଯିବା ଅପେକ୍ଷା, ନିଜର ସମସ୍ୟା ସମାଧାନ ପାଇଁ ଅଧିକ ତଥ୍ୟ ସଂଗ୍ରହ କରି ସେଗୁଡିକୁ ଉପଯୋଗ କରିବା ଆବଶ୍ୟକ ଅଟେ ।

(୪) ନିଜର ଆତ୍ମବିଶ୍ୱାସ ବୃଦ୍ଧି କରିବା, ଉପଯୁକ୍ତ ମନୋଭାବ ପ୍ରଦର୍ଶନ କରିବା, ନିଜର ସାମର୍ଥ୍ୟ ଓ ଦୁର୍ବଳତାଗୁଡିକୁ ଜାଣିବା, ଶିକ୍ଷା କରିବା ତଥା ସମସ୍ୟାଗୁଡିକର ସୁପରିଚାଳନା ନିମନ୍ତେ ନୂତନ କୌଶଳର ଉପଯୋଗ କରିବା ଆଦି ବୃଦ୍ଧାବସ୍ଥାର ସୁସ୍ଥ ପରିଚାଳନା କୌଶଳ ଅଟେ ।

(୫) ନିଜର ସାମାଜିକ ସମ୍ପର୍କର ପରିସର ବୃଦ୍ଧି କରିବା ଅନ୍ୟ ଏକ ପରିଚାଳନାଗତ କୌଶଳ ଅଟେ । ବିଭିନ୍ନ ଗୋଷ୍ଠୀ ଓ ଦଳଗତ କାର୍ଯ୍ୟକ୍ରମରେ ଯୋଗଦାନ କରିବା ଯେପରିକି ସମିତିର ସଭ୍ୟ ହେବା ଏବଂ କୌଣସି ସଙ୍ଗଠନରେ ଯୋଗଦେବା ଇତ୍ୟାଦି ଅନୌପଚାରିକ ସାମାଜିକ ପାରସ୍ପରିକ କ୍ରିୟା ବୟସ୍କ ବ୍ୟକ୍ତିଙ୍କ ପାଇଁ ବିଶେଷ ଉପକାରୀ ଅଟେ । ନିଜର ଆଖପାଖର ପରିସର ଭିତରେ ଏକ ସୁସ୍ଥ ସାମାଜିକ ସମ୍ପର୍କ ସ୍ଥାପନ କରିବା ଦ୍ୱାରା ସେମାନଙ୍କୁ ନିଜ ବ୍ୟକ୍ତିଗତ ଜୀବନର ସମସ୍ୟାଗୁଡ଼ିକୁ ସେମାନଙ୍କ ସହ ବାଣ୍ଟିବାର ଅବସର ମିଳିବା ସହ ସେମାନଙ୍କ ଠାରୁ ଆବେଗିକ ସହଯୋଗ ମଧ୍ୟ ମିଳିଥାଏ। ଏ ପ୍ରକାରର ସାମାଜିକ ସମ୍ପର୍କ ମାଧ୍ୟମରେ ଜଣେ ଅନ୍ୟମାନଙ୍କର ଅନୁମୋଦନ ପାଇପାରିବ, ଅପ୍ରକାଶ୍ୟ ତଥ୍ୟକୁ ପ୍ରକାଶ କରିପାରିବ, ପରସ୍ପରକୁ ନୂତନ ଅନୁଭୂତି ପ୍ରଦାନ କରିପାରିବ ଏବଂ ବିଶ୍ୱସନୀୟ ସମ୍ବନ୍ଧ ବୃଦ୍ଧି କରିପାରିବ ।

(୬) ବୃଦ୍ଧାବସ୍ଥାରେ ବ୍ୟକ୍ତି ଅଜାଆଈ ଓ ଜେଜେବାପା-ଜେଜେମା ଭୂମିକାରେ ନିଜର ଅଧିକାଂଶ ବ୍ୟକ୍ତିଗତ ଓ ଆବେଗିକ ଆବଶ୍ୟକତା ତୃପ୍ତ କରିଥାନ୍ତି । ଏହି ଭୂମିକାରେ ସେମାନେ ନିଜର ନାତିନାତୁଣୀଙ୍କ ପାଖରେ ଏକ ଆଦର୍ଶ ବ୍ୟକ୍ତି ଭାବେ ଗ୍ରହଣୀୟ ହୋଇପାରିବେ । ବୃଦ୍ଧ ବ୍ୟକ୍ତିମାନେ ଏହି ଭୂମିକାରେ ନିଜର ଆବେଗିକ ଆବଶ୍ୟକତାକୁ ପୂରଣ କରିବା ସହ ନାତିନାତୁଣୀଙ୍କର ସଫଳତାର ନିଜେ ଆତ୍ମସନ୍ତୋଷ ଲାଭ କରନ୍ତି।

୧୪.୭ ବୃଦ୍ଧବ୍ୟକ୍ତିଙ୍କ ନିମନ୍ତେ କରାଯାଉଥିବା ମନସ୍ତାତ୍ତ୍ୱିକ ଅନ୍ତଃକ୍ଷେପ

ଆମେ ସମସ୍ତେ ଜଟିଳ ମାନସିକ ଚାପଗ୍ରସ୍ତ ସମୟରେ ଆମର ବନ୍ଧୁ, ଆତ୍ମୀୟ ଓ ଅଭିଜ୍ଞ ବ୍ୟକ୍ତିଙ୍କର ସାହାଯ୍ୟ ନେଇଥାଉ। ଏହି ଅଧ୍ୟାୟରେ ଆମେ ବୃଦ୍ଧ ବ୍ୟକ୍ତିଙ୍କ ନିମନ୍ତେ ଆବଶ୍ୟକ ମନସ୍ତାତ୍ତ୍ୱିକ ଅନ୍ତଃକ୍ଷେପ ବିଷୟରେ ଆଲୋଚନା କରିବା ଯାହାଦ୍ୱାରା ସେମାନେ ନିଜର ସମସ୍ୟାଗୁଡ଼ିକର ସଠିକ୍ ପରିଚାଳନା ନିମନ୍ତେ ସକ୍ଷମ ହେବେ। ଏହି ଅଧ୍ୟାୟର ମୁଖ୍ୟ ଉଦ୍ଦେଶ୍ୟ ହେଲା ବୟସ୍କ ବ୍ୟକ୍ତିଙ୍କର ଜୀବନଶୈଳୀରେ ଉନ୍ନତି ଆଣିବା । ଏଥିନିମନ୍ତେ ଉପଯୋଗୀ ହେଉଥିବା ସମ୍ବଳ ଗଠନ ଦିଗରେ ଚେଷ୍ଟା କରିବା ଆବଶ୍ୟକ ଅଟେ । ମନସ୍ତାତ୍ତ୍ୱିକ ଅନ୍ତଃକ୍ଷେପଗୁଡ଼ିକର ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ଅଭିପ୍ରାୟଗୁଡ଼ିକ ହେଲା:

(୧) ନିଜର ବ୍ୟବହାର ପ୍ରତି ଅନ୍ତର୍ଦୃଷ୍ଟି ନିକ୍ଷେପ କରିବା

(୨) ନିଜର ଉତ୍କଣ୍ଠା ବା ହତାଶାର ଅପସାରଣ

(୩) ବର୍ତ୍ତମାନର ପରିସ୍ଥିତି ସହ ନିଜକୁ ଖାପ୍ ଖୁଆଇବା

(୪) ନିଜେ ନିଜର ଯତ୍ନ ନେବାର କୌଶଳ ଶିଖିବା

(୫) ବିଭିନ୍ନ କାର୍ଯ୍ୟ କରିବା ପାଇଁ ଉତ୍ସାହିତ ହେବା

(୬) ସ୍ୱାଧୀନତାକୁ ସହଜଲଭ୍ୟ କରିବା

(୭) ନିଜର ଦୁର୍ବଳତା ଓ ଅସୁବିଧାଗୁଡ଼ିକୁ ସହଜରେ ଗ୍ରହଣ କରିବା

(୮) ବିଭିନ୍ନ ସଦସ୍ୟଙ୍କ ସହ ପାରସ୍ପରିକ ସମ୍ପର୍କରେ ଉନ୍ନତି ଆଣିବା

ବୃଦ୍ଧ ବ୍ୟକ୍ତିଙ୍କ ଜୀବନଧାରାରେ ଉନ୍ନତି ଆଣିବା ନିମନ୍ତେ ଅନେକଗୁଡ଼ିକ ଉପାଦେୟ ମନସ୍ତାତ୍ତ୍ୱିକ ଅନ୍ତଃକ୍ଷେପ ରହିଛି । ସେଥିମଧ୍ୟରୁ କେତେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବିଷୟରେ ନିମ୍ନରେ ଆଲୋଚନା କରାଗଲା ।

(କ) ମାନସିକ ସ୍ୱାସ୍ଥ୍ୟ ସେବା ମାଧ୍ୟମରେ ସାହାଯ୍ୟ ଲୋଡ଼ିବା

ମାନସିକ ସ୍ୱାସ୍ଥ୍ୟ ବିଭାଗର ଅଭିଜ୍ଞ ସଦସ୍ୟ, ପରିବାରର ସଦସ୍ୟ, ପଡ଼ୋଶୀ, ଆତ୍ମୀୟ ସ୍ୱଜନ ଓ ବନ୍ଧୁମାନଙ୍କ ସାହାଯ୍ୟରେ ବୃଦ୍ଧ ବ୍ୟକ୍ତିମାନଙ୍କୁ ସେମାନଙ୍କର ବ୍ୟକ୍ତିଗତ ଓ ସାମାଜିକ ସମସ୍ୟା ସମାଧାନ ନିମନ୍ତେ ସାହାଯ୍ୟ ଯୋଗାଇ ହେବ । ଯୌଥ ପରିବାର ସଦସ୍ୟମାନଙ୍କ ଦ୍ୱାରା ସେମାନଙ୍କର ଅନେକ ସମସ୍ୟାର ସମାଧାନ କରାଯାଇପାରିବ । ସେମାନଙ୍କର ଆର୍ଥିକ ସ୍ଥିତିକୁ ଦୃଷ୍ଟିରେ ରଖି ବୃତ୍ତିଗତ ନିପୁଣ ବ୍ୟକ୍ତିଙ୍କ ଦ୍ୱାରା ସେମାନଙ୍କର ବ୍ୟକ୍ତିଗତ ଓ ପାରିବାରିକ ସମସ୍ୟା ବିଷୟରେ ସାହାଯ୍ୟ ଯୋଗାଇ ହେବ । ଉପଦେଶନ ମନୋବିଜ୍ଞାନୀ ସେମାନଙ୍କୁ ଜୀବନର ବିଭିନ୍ନ ଯନ୍ତ୍ରଣାଦାୟକ ଅନୁଭୂତି ଯେପରିକି କାର୍ଯ୍ୟକ୍ଷେତ୍ରରୁ ଅବସର ନେବା, ଜୀବନ ସାଥୀର ମୃତ୍ୟୁ ହେବା, ଆର୍ଥିକ ଅଭାବ ଆଦି କଷ୍ଟକର ପରିସ୍ଥିତିଗୁଡ଼ିକର ସଠିକ୍ ପରିଚାଳନା ନିମନ୍ତେ ପରାମର୍ଶ ଦେଇପାରିବେ । ସେମାନଙ୍କୁ ନିଜର ଓ ନିଜ ଚାରିପାଖର ପରିବେଶର ନୂତନ ପରିସ୍ଥିତି ସହ ନିଜକୁ ସଠିକ୍ ଭାବେ ଅଭ୍ୟସ୍ତ କରିବା ନିମନ୍ତେ ଅଭିପ୍ରେରଣ ଯୋଗାଇ ହେବ ।

(ଖ) ବୌଦ୍ଧିକ ବ୍ୟବହାରିକ ଅନ୍ତଃକ୍ଷେପ

ବୃଦ୍ଧ ବ୍ୟକ୍ତିମାନଙ୍କୁ ଅଧିକାଂଶ କ୍ଷେତ୍ରରେ ନିଜର ସମସ୍ୟା ସମାଧାନ ନିମନ୍ତେ ଅନ୍ୟମାନଙ୍କ ଠାରୁ ବାସ୍ତବ ତଥ୍ୟ ମିଳିନଥାଏ । ଏହାଦ୍ୱାରା 'ଚିନ୍ତନ ତ୍ରୁଟି' ହେଇଥାଏ । ନିଜକୁ ଅସମ୍ପୂର୍ଣ୍ଣ ଓ ଅକ୍ଷମ ମନେ କରିବା ଦ୍ୱାରା ସେମାନଙ୍କ ଠାରେ ଭୟ, କ୍ରୋଧ ଓ ନିରାଶା ଭାବ ସୃଷ୍ଟି ହେଇଥାଏ । ସେମାନଙ୍କର ଅସଙ୍ଗତ ଚିନ୍ତାଗୁଡ଼ିକୁ ଯୁକ୍ତିସଂଗତ ଚିନ୍ତାରେ ପରିଣତ କରିବା ନିମନ୍ତେ ବୌଦ୍ଧିକ ଚିକିତ୍ସା ପଦ୍ଧତିଟି ବିଶେଷ ଉପଯୋଗୀ ଅଟେ । କ୍ଳାନ୍ତି ଅପସାରଣ ପ୍ରଶିକ୍ଷଣ ସେମାନଙ୍କୁ ସେମାନଙ୍କର ଉତ୍କଣ୍ଠା ଓ ମାନସିକ ଚାପ ହ୍ରାସ କରିବାରେ ସାହାଯ୍ୟ କରେ । ବୌଦ୍ଧିକ-ବ୍ୟବହାରିକ ଅନ୍ତଃକ୍ଷେପଗୁଡ଼ିକ ବୃଦ୍ଧାବସ୍ଥାରେ ହତାଶା, ଉତ୍କଣ୍ଠା, ସ୍ମୃତିଭ୍ରଂଶ ଏବଂ ପ୍ରତିକ୍ରିୟା ପ୍ରଦର୍ଶନ କ୍ଷମତାର ଚିକିତ୍ସା କରିବାରେ ସାହାଯ୍ୟ କରିଥାଏ ।

(ଗ) ବ୍ୟବହାରିକ ଅନ୍ତଃକ୍ଷେପ

ବ୍ୟାବହାରିକ ଅନ୍ତଃକ୍ଷେପଗୁଡ଼ିକ ଉଭୟ ସକାରାତ୍ମକ ଓ ନକାରାତ୍ମକ ପୁନର୍ବଳନ ଉପରେ ପର୍ଯ୍ୟବସିତ । ଅଭିଳଷିତ ଭାବରେ ନିଜର ଯତ୍ନ ନେବା ଜନିତ ବ୍ୟବହାର ନିମନ୍ତେ ସେମାନଙ୍କୁ ଉତ୍ସାହ ଜନକ କଥା କହିବା ଏବଂ ଉପହାର ପ୍ରଦାନ ମାଧ୍ୟମରେ ସକାରାତ୍ମକ ପୁନର୍ବଳନ ଦିଆଯାଇଥାଏ ଏବଂ ନକାରାତ୍ମକ ପୁନର୍ବଳନ (ପୁରସ୍କାରରୁ ବଞ୍ଚିତ କରିବା) ଅନୁପଯୁକ୍ତ ଉଗ୍ର ଆଚରଣ ନିମନ୍ତେ ପ୍ରଦାନ କରାଯାଇଥାଏ । ଏହା ଅପେକ୍ଷାକୃତ ସଂକ୍ଷିପ୍ତ ଏବଂ ମିତବ୍ୟୟୀ ଅଟେ । ତଥାପି ଏହାକୁ ଫଳପ୍ରଦ କରିବା ନିମନ୍ତେ ଯଥେଷ୍ଟ ଦକ୍ଷତା ଓ ନିପୁଣତାର ଆବଶ୍ୟକତା ରହିଛି ।

(ଘ) ପାରିବାରିକ ଚିକିତ୍ସା ପଦ୍ଧତି

ପାରିବାରିକ ଚିକିତ୍ସା ପଦ୍ଧତି ମାଧ୍ୟମରେ କର୍ମକ୍ଷେତ୍ରରୁ ଅବସର ନେବା ଜନିତ ସମସ୍ୟା, ପରିବାର ପ୍ରତି ଦାୟିତ୍ୱ ଓ ଯତ୍ନ, ଜେଜେବାପା ଓ ଜେଜେ ମା'ର ଭୂମିକା, ପରିବାର ଭିତରେ ଭିନ୍ନ ପିଢ଼ିର ସଦସ୍ୟଙ୍କ ମଧ୍ୟରେ ବୁଝାମଣା, ସ୍ୱାସ୍ଥ୍ୟ ସମସ୍ୟାର ସଠିକ୍ ପରିଚାଳନା, ବୃଦ୍ଧ ବ୍ୟକ୍ତିଙ୍କର ଆନୁଷ୍ଠାନିକୀକରଣ ସମ୍ପର୍କିତ ସିଦ୍ଧାନ୍ତ ଆଦି କରିବା ସହଜ ହେଇଥାଏ । ପାରିବାରିକ ଚିକିତ୍ସା ପଦ୍ଧତିର ସଠିକ୍ ଉପଯୋଗ ଦ୍ୱାରା ପରିବାରର ସଦସ୍ୟମାନଙ୍କ ମଧ୍ୟରେ ଶ୍ରଦ୍ଧା, ଆନ୍ତରିକତା ଏବଂ ପରସ୍ପର ପ୍ରତି ନିର୍ଭରଶୀଳ ମନୋଭାବ ବୃଦ୍ଧି ପାଇଥାଏ ।

(ଙ) ସାମାଜିକ ଅନ୍ତଃକ୍ଷେପ

ବୃଦ୍ଧାବସ୍ଥାରେ ସମସ୍ୟାଗୁଡ଼ିକୁ ନିୟନ୍ତ୍ରଣ କରିବା ନିମନ୍ତେ ବ୍ୟକ୍ତିକୁ ପରିବର୍ତ୍ତନ କରିବା ସହ, ବୃଦ୍ଧ ବ୍ୟକ୍ତିମାନେ ରହୁଥିବା ସାମାଜିକ ପରିସରର ପରିବର୍ତ୍ତନ ମଧ୍ୟ ଆବଶ୍ୟକ ହୋଇଥାଏ । ଗୃହ ପରିବେଶ, ସକ୍ରିୟ ରହିବା ପାଇଁ କାର୍ଯ୍ୟକ୍ରମ ତଥା ବ୍ୟକ୍ତି ରହୁଥିବା ସାମାଜିକ ପରିସରରେ ପାଖପଡ଼ୋଶୀ ଏବଂ ଗୋଷ୍ଠୀ ପ୍ରତି ମଧ୍ୟ ଧ୍ୟାନଦେବା ଆବଶ୍ୟକ ହେଇଥାଏ । ସାମାଜିକ ଅନ୍ତଃକ୍ଷେପରେ ବୃଦ୍ଧ ବ୍ୟକ୍ତିମାନଙ୍କ ପ୍ରତି ମନୋଭାବର ପରିବର୍ତ୍ତନ ଏବଂ ଗୋଷ୍ଠୀ, ପରିବାର ଓ ବନ୍ଧୁମାନଙ୍କ ପ୍ରତି ସେମାନଙ୍କର ଆସ୍ଥା ସ୍ଥାପନ କରିବା ଗୁରୁତ୍ୱପୂର୍ଣ୍ଣ ଅଟେ ।

ପାଠଗତ ପ୍ରଶ୍ନାବଳୀ ୧୪.୨

୧. କେଉଁ ଉତ୍ପାଦକଗୁଡ଼ିକ ବୃଦ୍ଧାବସ୍ଥାରେ ହତାଶାଭାବ ସୃଷ୍ଟି କରିଥାଏ ?

....

୨. ତିନୋଟି ମନସ୍ତାତ୍ତ୍ୱିକ ଅନ୍ତଃକ୍ଷେପର ନାମ ଲେଖ ।

....

ଆପଣ କ'ଣ ଶିଖିଲେ

- ମନୁଷ୍ୟକୁ ବିଭିନ୍ନ ବର୍ଗରେ ବର୍ଗୀକରଣ କରିବା ନିମନ୍ତେ ବୟସ ଏକ ପ୍ରମୁଖ ଉପାଦାନ ଅଟେ । ପ୍ରୌଢାବସ୍ଥାର ପ୍ରତ୍ୟେକ ପର୍ଯ୍ୟାୟରେ ସଠିକ୍ ଉପଯୋଜନ ନିମନ୍ତେ କେତେକ ନିର୍ଦ୍ଦିଷ୍ଟ ଆବଶ୍ୟକତା ପୂରଣ ହେବା ଆବଶ୍ୟକ ଅଟେ । ଯୁବାବସ୍ଥାରେ ପାରିବାରିକ ସୁରକ୍ଷା ସହ ଉପଯୁକ୍ତ ଜୀବିକା ଗୁରୁତ୍ୱପୂର୍ଣ୍ଣ ଅଟେ । ମଧ୍ୟ-ବୟସ୍କ ପର୍ଯ୍ୟାୟରେ ବ୍ୟକ୍ତି କର୍ମକ୍ଷେତ୍ରରୁ ଓ ପାରିବାରିକ ଜୀବନରୁ ସନ୍ତୋଷ ଲାଭ କରିବା ପାଇଁ ଚେଷ୍ଟା କରେ । ବୃଦ୍ଧାବସ୍ଥାରେ ନିଜର ମାନସିକ ଓ ଶାରୀରିକ ସ୍ୱାସ୍ଥ୍ୟ, ଆର୍ଥିକ ନିରାପତ୍ତା ଓ ଆବେଗିକ ସୁରକ୍ଷା ନିମନ୍ତେ ବ୍ୟକ୍ତି ଗୁରୁତ୍ୱ ଦେଇଥାଏ ।

- ବୟସର ଅଭିବୃଦ୍ଧି ସହ ବ୍ୟକ୍ତିଠାରେ ବିଭିନ୍ନ ପ୍ରକାରର ଶାରୀରିକ ଓ ମାନସିକ ପରିବର୍ତ୍ତନ ମାନ ଲକ୍ଷ୍ୟ କରାଯାଏ । ବିଭିନ୍ନ ଉତ୍ପାଦକ ଯେପରିକି ଖାଦ୍ୟ, ଧୂମ୍ରପାନ, ମଦ୍ୟପାନ, ମାନସିକ ଚାପ ଆଦି ସ୍ୱାସ୍ଥ୍ୟାବସ୍ଥାକୁ ଗୁରୁତର ଭାବରେ ପ୍ରଭାବିତ କରିଥାନ୍ତି । ଆମ ସମାଜରେ ବୃଦ୍ଧାବସ୍ଥା ସମ୍ପର୍କିତ ପୁରାତନ ପ୍ରବାଦଗୁଡିକ ଭୁଲ ଧାରଣା ଓ ଅନ୍ଧବିଶ୍ୱାସ ଉପରେ ପର୍ଯ୍ୟବସିତ । ଯଦିଓ ବୃଦ୍ଧାବସ୍ଥା ହେତୁ ବ୍ୟକ୍ତିର ଶାରୀରିକ ଓ ମାନସିକ ସାମର୍ଥ୍ୟଗୁଡିକର ଅବକ୍ଷୟ ହେଇଥାଏ, ତାହାଦ୍ୱାରା ବ୍ୟକ୍ତି ଶାରୀରିକ ବା ମାନସିକ ସ୍ତରରେ ସମ୍ପୂର୍ଣ୍ଣ ଅକ୍ଷମ ହୋଇଯାଇନଥାଏ । ଅଧିକନ୍ତୁ, ପ୍ରଥମରୁ କରାଯାଇଥିବା ମନୁଷ୍ୟ ବୟସ ସମ୍ପର୍କିତ ଅଧ୍ୟୟନଗୁଡିକ ଚିକିତ୍ସାଳୟ ବା ମାନସିକ ରୋଗୀମାନଙ୍କ ଉପରେ କରାଯାଇଥିଲା । ଅଳ୍ପ କେତେକ ଅଧ୍ୟୟନ ସ୍ୱାଭାବିକ ଭାବରେ କାର୍ଯ୍ୟ ସମ୍ପାଦନ କରୁଥିବା ବୟସ୍କ ବ୍ୟକ୍ତିଙ୍କ ଉପରେ କରାଯାଇଛି ଯେଉଁମାନେ କି ସକ୍ରିୟ ଜୀବନ ନିର୍ବାହ କରିଥାନ୍ତି । ତେଣୁ ଏହା ଜାଣିବା ଗୁରୁତ୍ୱପୂର୍ଣ୍ଣ ଯେ କେଉଁସବୁ ପରିବର୍ତ୍ତନ ସ୍ୱାଭାବିକ ଭାବେ ବୟସ ବୃଦ୍ଧି ସହ ହେଇଥାଏ ଏବଂ କେଉଁଗୁଡିକ ପରିବେଶଗତ କାରଣ ଯେପରିକି ରୋଗ, ଖାଦ୍ୟାଭ୍ୟାସ ଓ ଶାରୀରିକ ପରିଶ୍ରମର ଅଭାବରୁ ହେଇଥାଏ । ଅଧିକାଂଶ ବୃଦ୍ଧବ୍ୟକ୍ତି ସେମାନଙ୍କର ଦୈନନ୍ଦିନ ଆବଶ୍ୟକତା ପୂରଣ ନିମନ୍ତେ ଆବଶ୍ୟକତାରୁ ଅଧିକ ସକ୍ରିୟ ଥାନ୍ତି । ଏହା ପ୍ରୌଢାବସ୍ଥା ପରେ ସେମାନଙ୍କର ନିଜ ପ୍ରତି ଥିବା ସକାରାତ୍ମକ ମନୋଭାବ ଉପରେ ନିର୍ଭର କରିଥାଏ ।

- ବୟସବୃଦ୍ଧି ସହ ବ୍ୟକ୍ତିର ଇନ୍ଦ୍ରିୟଗୁଡିକର କାର୍ଯ୍ୟକାରୀ କ୍ଷମତା ହ୍ରାସ ପାଇଥାଏ । ଏହି କାରଣରୁ ବୃଦ୍ଧ ବ୍ୟକ୍ତିମାନେ ସାମାଜିକ କାର୍ଯ୍ୟକଳାପରେ କମ ଯୋଗଦାନ କରିଥାନ୍ତି । ଫଳରେ ଦେଖାଯାଏ ଯେ ସେମାନେ ତାଙ୍କର ବ୍ୟକ୍ତିଗତ ଆଗ୍ରହଗୁଡିକୁ କମ୍ ପ୍ରାଧାନ୍ୟ ଦେଇଥାନ୍ତି ଏବଂ ନିଜେ ଏକୁଟିଆ ପଣର ଶିକାର ହୋଇଥାନ୍ତି ।

- ବୟସ ବଢିବା ସହ କେତେକ ନିର୍ଦ୍ଦିଷ୍ଟ ମାନସିକ କ୍ଷମତା ଯେପରିକି ପ୍ରତିକ୍ରିୟା ପ୍ରଦର୍ଶନ

ସମୟ ଜଟିଳ ସିଦ୍ଧାନ୍ତ ନେବା, ଅଧିକ ତଥ୍ୟ ମନେ ରଖିବା ଇତ୍ୟାଦି କ୍ଷମତା ହ୍ରାସ ପାଇଥାଏ । ବୃଦ୍ଧ ସମ୍ପୂର୍ଣ୍ଣ ଭାବରେ ସେହି ସ୍ଥାନରେ ଅପରିବର୍ତ୍ତନୀୟ ରହିଥାଏ । ଅଧିକ ସମୟ ଦିଆଗଲେ ଓ ତାଙ୍କ ନିଜ ଗତିରେ କାର୍ଯ୍ୟ କଲେ, ବୟସ୍କ ବ୍ୟକ୍ତିମାନେ କାର୍ଯ୍ୟଗୁଡ଼ିକୁ ଅଧିକ ଭଲ ଭାବରେ କରିପାରିବେ ।

- ଆତ୍ମ-ସମ୍ମାନ ବା ଜଣେ ନିଜକୁ କେତେଦୂର ଭଲପାଏ, ତାହା ସେ କ'ଣ ହେବାକୁ ଚାହୁଁଛି ତା ଉପରେ ନିର୍ଭର କରିଥାଏ ।
- ମହିଳାମାନେ ସେମାନଙ୍କର ପାରିବାରିକ ପରିବେଶରୁ ଓ ପୁରୁଷମାନେ କର୍ମକ୍ଷେତ୍ରରୁ ସେମାନଙ୍କର ଆତ୍ମ-ମର୍ଯ୍ୟାଦା ପାଇଥାନ୍ତି ।
- ବ୍ୟକ୍ତିଗତ ଖୁସି ଓ ଉଦ୍ଦୀପନା ବୟସ ବଢ଼ିବା ସଂଗେ ସଂଗେ ହ୍ରାସ ପାଏ । ବ୍ୟକ୍ତିର ସ୍ୱାସ୍ଥ୍ୟ, ନିଜ ପ୍ରତି ମନୋଭାବ ଓ ଜୀବନ ପରିସର ତାର ବ୍ୟକ୍ତିଗତ ଖୁସି ନିର୍ଦ୍ଧାରଣ କରିଥାନ୍ତି ।
- ଅଧିକାଂଶ ବ୍ୟକ୍ତିଙ୍କ ପାଇଁ କର୍ମକ୍ଷେତ୍ରରୁ ଅବସର ନେବା ଏକ ଦୁଃଖଦାୟକ ଓ ଉଦ୍‌ବେଗ ଜନକ ଘଟଣା ଅଟେ । ମାତ୍ର କେତେକ ଏହାକୁ ସକାରାତ୍ମକ ଦୃଷ୍ଟିକୋଣରୁ ବିଚାର କରିଥାନ୍ତି କାରଣ ଏହାପରେ ସେମାନେ ନିଜର ବ୍ୟକ୍ତିଗତ ରୁଚି ଓ ଆଗ୍ରହକୁ ପୂରଣ କରିବା ପାଇଁ ଯଥେଷ୍ଟ ସମୟ ପାଇଥାନ୍ତି ।
- ପ୍ରିୟଜନଙ୍କ ମୃତ୍ୟୁରେ ବୃଦ୍ଧ ବ୍ୟକ୍ତିମାନେ ନୈରାଶ୍ୟ ଭାବ, ସାମାଜିକ ଅସହାୟ ବୋଧ ଓ ସ୍ୱାସ୍ଥ୍ୟ ସମସ୍ୟାର ଶିକାର ହୋଇଥାନ୍ତି । ପ୍ରିୟଜନଙ୍କୁ ହରାଇଥିବା ସମସ୍ତ ବ୍ୟକ୍ତିଙ୍କ ପାଇଁ ଏକୁଟିଆ ପଣ ଏକ ମୁଖ୍ୟ ସମସ୍ୟା ଅଟେ ।
- ଶରୀରରେ ଜୀବ ରାସାୟନିକ ପରିବର୍ତ୍ତନ, କାର୍ଯ୍ୟକ୍ଷମତା ହ୍ରାସ ଓ କେତେକ ସାମାଜିକ-ସାଂସ୍କୃତିକ କାରଣ ହେତୁ ବୟସ୍କ ବ୍ୟକ୍ତିମାନେ ହତାଶା ଭାବର ଶିକାର ହେଇଥାନ୍ତି । ସେମାନେ ସେମାନଙ୍କର ଏହି ହତାଶା ଭାବକୁ ଦୈହିକ ଭାବରେ ପ୍ରକାଶ କରିବାର ସମ୍ଭାବନା ଅଛି ।
- ବୟସ ବଢ଼ିବା ସଂଗେ ସଂଗେ ଦେଖାଯାଏ ଯେ ବୟସ୍କ ବ୍ୟକ୍ତିମାନେ ସେମାନଙ୍କର ସମସ୍ୟାଗୁଡ଼ିକର ସଫଳ ପରିଚାଳନା ନିମନ୍ତେ ବିଭିନ୍ନ କୌଶଳ ସଂଗ୍ରହ କରିଥାନ୍ତି ଯାହା ସେମାନଙ୍କୁ ବୃଦ୍ଧାବସ୍ଥାରେ ବଞ୍ଚି ରହିବା ପାଇଁ ଶକ୍ତି ଯୋଗାଇଥାଏ । ଯୁବକମାନଙ୍କ ଅପେକ୍ଷା ବୃଦ୍ଧ ବ୍ୟକ୍ତିମାନେ ଅଧିକ ମାନସିକ ଚାପ ସହ୍ୟ କରିପାରିବେ ।
- ବିଭିନ୍ନ କ୍ଷେତ୍ରରେ ମନସ୍ତାତ୍ତ୍ୱିକ ଅନ୍ତଃକ୍ଷେପ ଫଳରେ ବୟସ୍କ ବ୍ୟକ୍ତିମାନେ ବିଭିନ୍ନ ବ୍ୟକ୍ତିବିଶେଷ, ପରିବାର ଓ ସାମାଜିକ ସଂଗଠନଗୁଡ଼ିକର ସହାୟତାରେ ଦୈନନ୍ଦିନ ଜୀବନର ବିଭିନ୍ନ



ସମସ୍ୟାଗୁଡିକର ସୁପରିଚାଳନା ନିମନ୍ତେ ସକ୍ଷମ ହୋଇଥାନ୍ତି । ସେମାନେ ବୟସ୍କ ବ୍ୟକ୍ତିମାନଙ୍କୁ ସେମାନଙ୍କର ବ୍ୟକ୍ତିଗତ ବୃଦ୍ଧି ଓ ଜୀବନର ଉତ୍କର୍ଷତା ବୃଦ୍ଧି କରିବାରେ ସାହାଯ୍ୟ କରିଥାନ୍ତି । ବୟସ୍କ ବ୍ୟକ୍ତିମାନେ ସେମାନଙ୍କର ଓ ପରିବାର ସଦସ୍ୟମାନଙ୍କର ମାନସିକ ଚାପ, ଦ୍ୱନ୍ଦ୍ୱ, ଉତ୍କଣ୍ଠା, ହତାଶାଭାବ ଓ ସ୍ୱାସ୍ଥ୍ୟ ସମ୍ପର୍କିତ ସମସ୍ୟାଗୁଡିକର ସମାଧାନ ଅଧିକ ଫଳପ୍ରଦ ଭାବରେ କରିପାରନ୍ତି । ତେଣୁ ମନସ୍ତାତ୍ତ୍ୱିକ ଅନ୍ତଃକ୍ଷେପଗୁଡିକ ବୟସ୍କମାନଙ୍କର ଆବଶ୍ୟକତା, ମନୋଭାବ, ସାମର୍ଥ୍ୟ ଓ ଜୀବନର ଲକ୍ଷ୍ୟ ହାସଲ ନିମନ୍ତେ ଉପଯୋଗୀ ହେବା ଆବଶ୍ୟକ ଅଟେ ।

ଅନ୍ତିମ ପ୍ରଶ୍ନାବଳୀ

୧. ମଧ୍ୟ ବୟସ୍କ ବ୍ୟକ୍ତିମାନଙ୍କ ପାଇଁ ବିକାଶ ସମ୍ପର୍କିତ କାର୍ଯ୍ୟଗୁଡିକ କ'ଣ ?

୨. ବୟସ ବୃଦ୍ଧି ସହ ଘଟୁଥିବା କେତେକ ବାହ୍ୟ ପରିବର୍ତ୍ତନ ବର୍ଣ୍ଣନା କର ।

୩. ବୃଦ୍ଧାବସ୍ଥାରେ ହୃତ୍‌ପିଣ୍ଡ ଓ ରକ୍ତବାହୀ ନଳୀ ସଂସ୍ଥାରେ କ'ଣ ଘଟେ ?

୪. ବୃଦ୍ଧାବସ୍ଥାରେ ଆର୍ଥିକ ସମସ୍ୟାଗୁଡିକ କ'ଣ ?

୫. ମନସ୍ତାତ୍ତ୍ୱିକ ଅନ୍ତଃକ୍ଷେପଗୁଡିକର ମୁଖ୍ୟ ଉଦ୍ଦେଶ୍ୟ କ'ଣ ?

ସଂକ୍ଷିପ୍ତ ଟିପ୍ପଣୀ ଲେଖ

୧. ପ୍ରିୟଜନ ବିଚ୍ଛେଦ ଜନିତ ସନ୍ତପ୍ତ ଅବସ୍ଥା

୨. ବୟସ୍କ ବ୍ୟକ୍ତିଙ୍କ ନିମନ୍ତେ ସାମାଜିକ ଅନ୍ତଃକ୍ଷେପ

୩. ବୃଦ୍ଧାବସ୍ଥାରେ ବିଷାଦ ଭାବ

୪. ବୟସ ସହ କେନ୍ଦ୍ରୀୟ ସ୍ନାୟୁସଂସ୍ଥାର ପରିବର୍ତ୍ତନ ।

୫. ପାରିବାରିକ ଚିକିତ୍ସା ପଦ୍ଧତି

ପାଠଗତ ପ୍ରଶ୍ନାବଳୀର ଉତ୍ତର

୧୪.୧

୧ (କ) ସ୍ମରଣ ସମ୍ବନ୍ଧୀୟ ଧାରଣା (ଖ) ସ୍ମରଣ କୌଶଳର ବ୍ୟବହାର

(ଗ) ବୃଦ୍ଧ ବ୍ୟକ୍ତିଙ୍କ ଜୀବନ ଶୈଳୀ

୨. ବିଭିନ୍ନ କାର୍ଯ୍ୟକଳାପ ମାଧ୍ୟମରେ ଏହାକୁ ବିଚାର କରାଯାଇଥାଏ । ଯେପରିକି ବିଭିନ୍ନ ସ୍ଥାନ ଓ ରାସ୍ତାର ମାନଚିତ୍ର ଜାଣିବା, ବିଭିନ୍ନ ସାମଗ୍ରୀ ଉପରେ ଲେଖାଯାଇଥିବା ଦ୍ରବ୍ୟ ସମ୍ବନ୍ଧୀୟ ସୂଚନା ଜାଣିବା, ଫର୍ମ ପୂରଣ କରିବା, ସଠିକ୍ ବାର୍ତ୍ତାଳାପ କରିବା, କିଣାବିକା କରିବା ଓ ଦୈନନ୍ଦିନ କାର୍ଯ୍ୟଗୁଡିକ ସୁଚାରୁରୂପେ କରିବା ।

୧୪.୨

୧. ଜୈବିକ ଉପ୍ାଦକ ଯେପରିକି ଜୀବ ରାସାୟନିକ ପରିବର୍ତ୍ତନ ଏବଂ ସାମାଜିକ- ସାଂସ୍କୃତିକ କାରଣ ଯେପରିକି (କର୍ମକ୍ଷେତ୍ରରୁ ଅବସର ଗ୍ରହଣ, ଏକୁଟିଆ ପଣ) ଆଦି ବୃଦ୍ଧାବସ୍ଥାରେ ହତାଶା ଭାବ ସୃଷ୍ଟି କରନ୍ତି ।

୨. (i) ମାନସିକ ସ୍ୱାସ୍ଥ୍ୟ ସେବାର ସାହାଯ୍ୟ ଲୋଡିବା

(ii) ପାରିବାରିକ ଚିକିତ୍ସା ପଦ୍ଧତି

(iii) ସାମାଜିକ ଅନ୍ତଃକ୍ଷେପ

ଅନ୍ତିମ ପ୍ରଶ୍ନାବଳୀ ନିମନ୍ତେ ସୂଚନା

୧. ବିଭାଗ ୧୪.୧ ଏବଂ ୧୪.୨ ଦେଖନ୍ତୁ ।

୨. ବିଭାଗ ୧୪.୩ ଦେଖନ୍ତୁ ।

୩. ବିଭାଗ ୧୪.୩ ଦେଖନ୍ତୁ ।

୪. ବିଭାଗ ୧୪.୬ ଦେଖନ୍ତୁ ।

୫. ବିଭାଗ ୧୪.୮ ଦେଖନ୍ତୁ ।

୬. (i) ବିଭାଗ ୧୪.୬ ଦେଖନ୍ତୁ ।

(ii) ବିଭାଗ ୧୪.୮ ଦେଖନ୍ତୁ ।

(iii) ବିଭାଗ ୧୪.୬ ଦେଖନ୍ତୁ ।

(iv) ବିଭାଗ ୧୪.୫ ଦେଖନ୍ତୁ ।

(v) ବିଭାଗ ୧୪.୮ ଦେଖନ୍ତୁ ।



୧୪

ବ୍ୟକ୍ତିଗତ ଭିନ୍ନତାର ବୋଧଗମ୍ୟତା : ବୌଦ୍ଧିକ କ୍ଷେତ୍ରରେ

UNDERSTANDING INDIVIDUAL DIFFERENCES : THE CASE OF INTELLIGENCE

ଆପଣଙ୍କ ଚାରିପାଖରେ ଥିବା ଲୋକମାନଙ୍କର ଯେକୌଣସି ଏକ ଗୁଣାବଳୀ ବିଷୟରେ ଚିନ୍ତା କରନ୍ତୁ ଏବଂ ଆପଣ ସଙ୍ଗେ ସଙ୍ଗେ ଦେଖିବେ ଯେ ସେମାନେ ପ୍ରତ୍ୟେକ ପରସ୍ପର ଠାରୁ ଭିନ୍ନ ଅଟନ୍ତି । ସେମାନେ କେବଳ ନିଜର ଶାରୀରିକ ଗଠନ ଯେପରି ଉଚ୍ଚତା, ଚର୍ମର ରଙ୍ଗ, ଓଜନ, ଦୃଷ୍ଟିଶକ୍ତି ଏବଂ ଶ୍ରବଣ ଶକ୍ତି ଆଦି ଦୃଷ୍ଟିରୁ ଭିନ୍ନ ନୁହନ୍ତି, ମନସ୍ତାତ୍ତ୍ୱିକ ଗୁଣାବଳୀରେ ମଧ୍ୟ ଭିନ୍ନ ଅଟନ୍ତି । ଆମର ଦୈନନ୍ଦିନ ଅନୁଭୂତିଗୁଡିକରୁ ଆମେ ଲକ୍ଷ୍ୟ କରୁ ଯେ ଲୋକମାନେ ସେମାନଙ୍କର ଅଭିପ୍ରେରଣ, ସମସ୍ୟା ସମାଧାନର କ୍ଷମତା, ଆଗ୍ରହ ଏବଂ ଶିକ୍ଷଣ ସାମର୍ଥ୍ୟ ଆଦିରେ ଭିନ୍ନ ଅଟନ୍ତି । ଏହି ବ୍ୟକ୍ତିଗତ ଭିନ୍ନତାର ଅଧ୍ୟୟନ ମନୋବିଜ୍ଞାନର ଏକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ଗଠନ କରିଛି । ବିଭିନ୍ନ ପରୀକ୍ଷଣ ମାଧ୍ୟମରେ ବ୍ୟକ୍ତିର ବୁଦ୍ଧି, ବ୍ୟକ୍ତିତ୍ୱ, ଆଗ୍ରହ, ସୃଜନଶୀଳତା ଓ ଅନ୍ୟାନ୍ୟ ସାମର୍ଥ୍ୟର ମୂଲ୍ୟାୟନ କରିବା ଏକ ପ୍ରତିଷ୍ଠିତ ଅଭ୍ୟାସ ହୋଇଛି । ବିଭିନ୍ନ ବୃତ୍ତି ନିମନ୍ତେ ବ୍ୟକ୍ତି ଚୟନ, ବିଭିନ୍ନ ପ୍ରକାରର ମାନସିକ ଅସାମର୍ଥ୍ୟର ଚିହ୍ନଟ ତଥା ମନସ୍ତାତ୍ତ୍ୱିକ କ୍ରିୟାର ସୁପରିଚାଳନା ନିମନ୍ତେ ବିଭିନ୍ନ ପ୍ରକାର ପରୀକ୍ଷଣ ପ୍ରସ୍ତୁତ କରିବାକୁ ପ୍ରେରଣା ଯୋଗାଇଛି ଯାହାକି ବିଭିନ୍ନ ବର୍ଗର ଲୋକଙ୍କ ପାଇଁ (ଯଥା: ଛୋଟ ପିଲା, ବୟସ୍କ, ଶିକ୍ଷିତ, ନିରକ୍ଷର) ଉପଯୋଗୀ ଅଟେ । ବୁଦ୍ଧ୍ୟଙ୍କ (IQ) ଶବ୍ଦଟି ସାମ୍ପ୍ରତିକ ସମୟରେ ଏକ ସାଧାରଣ ଶବ୍ଦ ଅଟେ ଏବଂ ପ୍ରତ୍ୟେକ ବ୍ୟକ୍ତି ନିଜର ବୁଦ୍ଧି ଓ ବ୍ୟକ୍ତିତ୍ୱ ଜାଣିବାକୁ ଚାହାନ୍ତି । ଏହି ଅଧ୍ୟାୟଟି ଆପଣମାନଙ୍କୁ ମନୋବିଜ୍ଞାନରେ ବ୍ୟବହୃତ ମୂଲ୍ୟାୟନ ପଦ୍ଧତିଗୁଡିକର ମୌଳିକ ଲକ୍ଷଣ ବିଷୟରେ ଶିକ୍ଷଣ କରିବାର ସୁଯୋଗ ଦେବା ସହ ବୌଦ୍ଧିକ ସାମର୍ଥ୍ୟର ଲକ୍ଷଣ ଓ ମୂଲ୍ୟାୟନ ବୁଝିବାକୁ ସହାୟକ ହେବ ।

ଉଦ୍ଦେଶ୍ୟ

ଏହି ପାଠଟି ପଢିବା ପରେ ଆପଣ :

- ମନସ୍ତାତ୍ତ୍ୱିକ ମୂଲ୍ୟାୟନର ଅର୍ଥ ବୁଝିବେ;
- ମୂଲ୍ୟାୟନ ନିମନ୍ତେ ବ୍ୟବହୃତ ହେଉଥିବା ମନସ୍ତାତ୍ତ୍ୱିକ ପରୀକ୍ଷଣର ମୌଳିକ ବୈଶିଷ୍ଟ୍ୟ

ବର୍ଣ୍ଣନା କରିବେ;

- ବୁଦ୍ଧିର କେତୋଟି ପରୀକ୍ଷଣ ବିଷୟରେ ବର୍ଣ୍ଣନା କରିପାରିବେ;
- ମନସ୍ତାତ୍ତ୍ୱିକ ପରୀକ୍ଷଣଗୁଡିକର ବିଭିନ୍ନ ପ୍ରୟୋଗ ବିଷୟରେ ସୂଚନା ଦେଇପାରିବେ ।

୧୫.୧ ମନସ୍ତାତ୍ତ୍ୱିକ ମୂଲ୍ୟ ନିର୍ଦ୍ଧାରଣର ଲକ୍ଷଣ (Nature of Psychological Assessment)

ମୂଲ୍ୟ ନିର୍ଦ୍ଧାରଣ କରିବା ବ୍ୟକ୍ତିର ବ୍ୟକ୍ତିଗତ ଗୁଣାବଳୀ, ଆଚରଣ ଓ ସାମର୍ଥ୍ୟଗୁଡ଼ିକର ମୂଲ୍ୟାୟନ କରିବାକୁ ବୁଝାଏ । ଏହିସବୁ ପଦ୍ଧତି ସ୍ୱତନ୍ତ୍ର ଭାବରେ ବିଭିନ୍ନ ବ୍ୟକ୍ତିବିଶେଷ କିପରି ପରସ୍ପରଠାରୁ ଭିନ୍ନ ଏବଂ କେଉଁ କେଉଁ କ୍ଷେତ୍ରରେ ସେମାନଙ୍କ ମଧ୍ୟରେ ସାମଞ୍ଜସ୍ୟ ରହିଛି ତାହା ବର୍ଣ୍ଣନା କରିଥାଏ । ମୂଲ୍ୟ ନିର୍ଦ୍ଧାରଣ ଦ୍ୱାରା ଆମେ ରୁଚିକର, ଭଲ, ଖରାପ, ଆକର୍ଷଣୀୟ, ଅସୁନ୍ଦର, ବୁଦ୍ଧିମାନ ଏବଂ ମୂର୍ଖ ଆଦି ବିଚାର କରିଥାଉ । କହିବା ବାହୁଲ୍ୟ ଯେ ଅନେକ କ୍ଷେତ୍ରରେ ଏପରି ବିଚାର ତ୍ରୁଟିଯୁକ୍ତ ହୋଇଥାଏ । ବିଜ୍ଞାନ ସମ୍ମତ ମନୋବିଜ୍ଞାନ ଏହି ପ୍ରଣାଳୀକୁ ସୁବ୍ୟବସ୍ଥିତ କରିବାକୁ ଚେଷ୍ଟା କରିଛି, ଫଳରେ ମୂଲ୍ୟାୟନ ପ୍ରକ୍ରିୟାଟି କମ୍ ତ୍ରୁଟିଯୁକ୍ତ ଏବଂ ଅଧିକ ସଠିକତା ସହ କରାଯାଇପାରିବ । ମନୋବିଜ୍ଞାନୀମାନେ ଏହାକୁ ଅନେକ ସମୟରେ ପରୀକ୍ଷଣ କହିଥାନ୍ତି । ମନସ୍ତାତ୍ତ୍ୱିକ ପରୀକ୍ଷଣ ଏକ ସୁସଂଗଠିତ ଉପାୟ ଯାହାକୁ ବ୍ୟବହାର କରି ଆମେ ଯତ୍ନପୂର୍ବକ ମନୋନୀତ ନମୁନା ଆଚରଣ ସୃଷ୍ଟି କରିପାରିବା ।

ପରୀକ୍ଷଣ କରାଯାଉଥିବା ବ୍ୟକ୍ତିଙ୍କ ବିଷୟରେ ସଠିକ୍ ସିଦ୍ଧାନ୍ତ ପାଇବା ଉଦ୍ଦେଶ୍ୟରେ ପରୀକ୍ଷଣଟି ବିଶ୍ୱସନୀୟ, ଯଥାର୍ଥ ଏବଂ ମାନଯୁକ୍ତ ହେବା ଆବଶ୍ୟକ ଅଟେ । ଏହି ସମସ୍ତ ଶବ୍ଦର ଅର୍ଥ ବୁଝିବା । ଏକ ପରୀକ୍ଷଣ ଯଦି ସ୍ଥିର ଅପରିବର୍ତ୍ତନୀୟ ଭାବରେ କିଛି ମାପ କରେ ତାହା ବିଶ୍ୱସନୀୟ ହେବ । ଉଦାହରଣ ସ୍ୱରୂପ, ଆପଣ ଯଦି ନିର୍ଦ୍ଦିଷ୍ଟ ବିଷୟକୁ ମୂଲ୍ୟାୟନ କରନ୍ତି, ଭିନ୍ନ ଭିନ୍ନ ପରିପ୍ରେକ୍ଷୀରେ ମିଳିଥିବା ଫଳାଫଳ ସମାନ ହେବା ଉଚିତ । ଗୋଟିଏ ବସ୍ତୁ ମୂଲ୍ୟାୟନ କଲାବେଳେ ଯଦି ଗୋଟିଏ ମାପନୀ (scale) ଦୁଇଟି ଭିନ୍ନଭିନ୍ନ ମୂଲ୍ୟ ଉପସ୍ଥାପନା କରେ, ଏହାକୁ ଅବିଶ୍ୱସନୀୟ (unreliable) କୁହାଯାଏ । ଗୋଟିଏ ବୁଦ୍ଧି ପରୀକ୍ଷଣକୁ ବିଶ୍ୱସନୀୟ କହିପାରିବା ଯଦି ଉଭୟ ପରିପ୍ରେକ୍ଷୀରେ ଜଣେ ବ୍ୟକ୍ତି ଉଚ୍ଚ ଫଳାଙ୍କ (score) ଲାଭ କରିବେ ।

ଏକ ପରୀକ୍ଷଣ ଯଦି ମାପ କରଯିବାକୁ ଥିବା ବିଷୟକୁ ସେହି ସ୍ତରରେ ମାପ କରେ, ତେବେ ତାହାର ଯଥାର୍ଥତା ଅଛି ବୋଲି କୁହାଯାଏ । ଯେପରିକି ଗୋଟିଏ ଯଥାର୍ଥ ବ୍ୟକ୍ତିତ୍ୱ ପରୀକ୍ଷଣ ବ୍ୟକ୍ତିର ବ୍ୟକ୍ତିତ୍ୱ ହିଁ ନିର୍ଦ୍ଧାରଣ କରେ ଏବଂ ଯେଉଁ ପରିସ୍ଥିତିରେ ବ୍ୟକ୍ତିତ୍ୱର ନିର୍ଦ୍ଦିଷ୍ଟ ଦିଗ ଗୁରୁତ୍ୱପୂର୍ଣ୍ଣ, ସେହି ପରିସ୍ଥିତିରେ ବ୍ୟକ୍ତିତ୍ୱର ପୂର୍ବାନୁମାନ କରିଥାଏ ।

ଗୋଟିଏ ମୂଲ୍ୟ ନିର୍ଦ୍ଧାରଣମାପନୀ ଉପଯୋଗୀ ହେବା ନିମନ୍ତେ ମାନଯୁକ୍ତ ହେବା ଆବଶ୍ୟକ ଅଟେ ।



ମାନଯୁକ୍ତ ହେବା ନିମନ୍ତେ ମାପନୀଟିର ପ୍ରୟୋଗ ବିଧି ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ସମାନ ପରିସ୍ଥିତିରେ ସମାନ ଭାବରେ କରାଯାଇଥାଏ । ଏହା ମଧ୍ୟ ନିର୍ଦ୍ଦିଷ୍ଟ ମାନକ ପ୍ରତିଷ୍ଠା କରିବା ସହ ସମ୍ପୃକ୍ତ ଯାହା ଫଳରେ ଜଣେ ବ୍ୟକ୍ତିର ଫଳାଙ୍କ ନିର୍ଣ୍ଣୟ କରାଯାଇପାରିବ। ଜଣେ ବ୍ୟକ୍ତିଙ୍କର ଫଳାଙ୍କକୁ ଏକ ନିର୍ଦ୍ଦିଷ୍ଟ ଦଳରେ ଥିବା ଅନ୍ୟମାନଙ୍କ ଫଳାଙ୍କ ସହ ତୁଳନା କରିବାବେଳେ ମାନକ ବ୍ୟବହାର କରାଯାଏ। ମାନକୀକରଣ ପରୀକ୍ଷଣର ପ୍ରକ୍ରିୟା ଏବଂ ଅବସ୍ଥାରେ ସମାନତା ଏବଂ ବସ୍ତୁନିଷ୍ଠତା ବଜାୟ ରଖିଥାଏ ଓ ପରୀକ୍ଷଣର ଫଳାଫଳକୁ ବାଖ୍ୟା କରିଥାଏ ।

ମନୋବିଜ୍ଞାନୀମାନେ ମନୁଷ୍ୟର ବିଭିନ୍ନ ଗୁଣାବଳୀର ମୂଲ୍ୟାୟନ ନିମନ୍ତେ ଭିନ୍ନ ଭିନ୍ନ ପରୀକ୍ଷଣର ବିକାଶ କରିଛନ୍ତି । ବିଦ୍ୟାଳୟରେ ଆମେ କୃତିତ୍ୱ ପରୀକ୍ଷଣର (Achievement test) ଉପଯୋଗ କରିଥାଉ, ଯାହା ଶିଶୁମାନେ ଶିକ୍ଷଣ କରିଥିବା ବିଷୟର ମାପ କରିଥାଏ। ମନୋବିଜ୍ଞାନୀମାନେ ବାରମ୍ବାର ସାମର୍ଥ୍ୟ ଏବଂ ବ୍ୟକ୍ତିତ୍ୱ ପରୀକ୍ଷଣଗୁଡ଼ିକ ବ୍ୟବହାର କରିଥାନ୍ତି । ଜଣେ ବ୍ୟକ୍ତି ସର୍ବାଧିକ କେତେ ସଫଳତା ହାସଲ କରିପାରିବ, ସାମର୍ଥ୍ୟ ନିର୍ଦ୍ଧାରଣ ପରୀକ୍ଷଣଗୁଡ଼ିକ ତାହା ନିର୍ଣ୍ଣୟ କରିଥାଏ । ଏହି ପରୀକ୍ଷଣଗୁଡ଼ିକ କୃତି ଅପେକ୍ଷା ଅନ୍ତର୍ନିହିତ ଶକ୍ତିକୁ ନିର୍ଦ୍ଧାରଣ କରିବାରେ ଅଧିକ ଗୁରୁତ୍ୱ ଦେଇଥାଏ । ବୁଦ୍ଧି ପରୀକ୍ଷଣ ଓ ଅଭିରୁଚି ପରୀକ୍ଷଣ ଏହି ବର୍ଗର ଅଟନ୍ତି । ଏକ ନିର୍ଦ୍ଦିଷ୍ଟ ପରିସ୍ଥିତିରେ ଆବଶ୍ୟକ ହେଉଥିବା ଦକ୍ଷତାକୁ ଶିଖିବା ପାଇଁ ବ୍ୟକ୍ତିର ସାମର୍ଥ୍ୟକୁ ଅଭିରୁଚି କୁହାଯାଏ। IIT କିମ୍ବା PMT ପ୍ରବେଶିକା ପରୀକ୍ଷଣ ଅଭିରୁଚି ପରୀକ୍ଷଣ ଅଟନ୍ତି । ବ୍ୟକ୍ତିତ୍ୱ ପରୀକ୍ଷଣ ବ୍ୟକ୍ତିର ଚିନ୍ତନର ପ୍ରକାର, ଅନୁଭବ ଓ ଆଚରଣ ମୂଲ୍ୟାୟନ କରିଥାଏ ।

୧୫.୨ ବୁଦ୍ଧି ପ୍ରତ୍ୟୟ (The Concept of Intelligence)

ଖୁବ୍ କମ୍ ଉପ୍ତାଦକ ଅଛନ୍ତି ଯେଉଁଗୁଡ଼ିକ ବୁଦ୍ଧି ପରି ସୁସ୍ପଷ୍ଟ ଓ ବିଭ୍ରାନ୍ତିକର ଅଟନ୍ତି । ବୌଦ୍ଧିକ ତାରତମ୍ୟ କୃତିରେ ପ୍ରକାଶିତ ହୋଇଥାଏ । ଉଦାହରଣ ସ୍ୱରୂପ, ଆମେ ଯଦି ୧୦ମ ଶ୍ରେଣୀର ଶିଶୁଙ୍କର ବିଦ୍ୟାଳୟ ପରୀକ୍ଷଣରେ ପ୍ରାପ୍ତ ଫଳାଫଳକୁ ବିଶ୍ଲେଷଣ କରିବା, ତେବେ ଦେଖିବା ଯେ ଅଧିକାଂଶ ଶିଶୁ ମଧ୍ୟମ ଧରଣର କୃତି ପ୍ରଦର୍ଶନ କରିବେ ଏବଂ କମ୍ ସଂଖ୍ୟକ ଶିଶୁ ଅତି ଉତ୍ତମ (excellent) ବା ଅତି କମ (very poor) ସ୍ତରର କୃତି ପ୍ରଦର୍ଶନ କରିବେ । ବୁଦ୍ଧି



ଚିତ୍ର ୧୫.୧ ବୁଦ୍ଧ୍ୟାଙ୍କର ବିତରଣ

ନିମ୍ନ ସାଧାରଣ

କ୍ଷେତ୍ରରେ ମଧ୍ୟ ଏହା ସତ୍ୟ ଅଟେ । ଚିତ୍ର ୧୫.୧ ଏହି ପ୍ରକାର ବିତରଣ ଉପସ୍ଥାପନା କରିଛି । ଏଥିରେ ଆମେ ଦେଖିପାରିବା ଯେ ବୁଦ୍ଧ୍ୟାଙ୍କ (IQ) ଯାହାକୁ ବୁଦ୍ଧିର ସୂଚକାଙ୍କ ଭାବେ ବ୍ୟବହାର କରାଯାଇଛି, ତାହା ମାତ୍ରାରେ ଭିନ୍ନ ହେଉଛି ଏବଂ ବହୁତ କମ୍ ଲୋକଙ୍କର ଅସାଧାରଣ ସ୍ତରର ବୃଦ୍ଧି ଥିବା ପ୍ରଦର୍ଶିତ ହେଉଛି । ସେହିପରି ବହୁତ କମ୍ ଲୋକ ଅତି ଉଚ୍ଚ ଏବଂ ସାଂଘାତିକ ନ୍ୟୁନବର୍ଗରେ ଅଛନ୍ତି ।

ଆମେ ଯେତେବେଳେ ବୁଦ୍ଧିକୁ ବାଖ୍ୟା କରିବାକୁ ଏବଂ ମୂଲ୍ୟ ନିର୍ଦ୍ଧାରଣ କରିବାକୁ ଚେଷ୍ଟା କରୁ, ଏହା ଅତି ଜଟିଳ ସମସ୍ୟା ସୃଷ୍ଟି କରେ । ବୁଦ୍ଧି ଏକ ବିମୂର୍ତ୍ତ (abstract) ଉପାଦାନ ଅଟେ । ତେଣୁ ଆମର ମୂଲ୍ୟ ନିର୍ଦ୍ଧାରଣ ପ୍ରକ୍ରିୟାଟି ଆମର ନିଜସ୍ୱ ତାତ୍ତ୍ୱିକ ଦୃଷ୍ଟିକୋଣ ଉପରେ ଆଧାରିତ ହୋଇଥାଏ । ଆମେ ଆମର ତାତ୍ତ୍ୱିକ ଦୃଷ୍ଟିକୋଣ ଏବଂ ପ୍ରତିକୃତି ଗଠନର ଶୈଳୀକୁ ବାଦ୍ ଦେଇ ସ୍ୱାଧୀନ ଭାବେ ଏହାର ବିଶ୍ଳେଷଣ କରିନଥାଉ । ସାମ୍ପ୍ରତିକ ସମୟରେ ମନୋବିଜ୍ଞାନୀମାନେ ବୁଦ୍ଧି ସମ୍ପର୍କରେ ବିଭିନ୍ନ ଦୃଷ୍ଟିଭଙ୍ଗୀ ପ୍ରଦାନ କରୁଥିବା ଅନେକ ପ୍ରତିକୃତି ଗଠନ କରିଛନ୍ତି । ବୁଦ୍ଧି ସମ୍ବନ୍ଧୀୟ ସଂଜ୍ଞାର ବିବିଧତା ଏତେ ଜଟିଳ ଯେ ଅନେକ ମନୋବିଜ୍ଞାନୀ "ବୁଦ୍ଧି ହେଉଛି ଯାହା ବୌଦ୍ଧିକ ପରୀକ୍ଷଣ ପରିମାପ କରେ" ବୋଲି କହିଛନ୍ତି । ଏହି ପ୍ରକାରର ଜଟିଳତାର ଆଂଶିକ କାରଣ ହେଉଛି ଅଧିକାଂଶ ବୁଦ୍ଧି ପରୀକ୍ଷଣ ବିଷୟବସ୍ତୁ ନିର୍ଣ୍ଣୟ ନକରି ପ୍ରସ୍ତୁତ କରାଯାଇଛି । ଏହି ପରିପ୍ରେକ୍ଷୀରେ ପ୍ରଥମ ବୁଦ୍ଧି ପରୀକ୍ଷାର ପ୍ରସ୍ତୁତି ସମ୍ପର୍କରେ ଏକ ସୁନ୍ଦର ପ୍ରବାଦ ରହିଛି । ବିନେଟ (Binet) ଏବଂ ସାଇମନ୍ (Simon)ଙ୍କୁ ଫ୍ରାନ୍ସର ଜନ-ନିର୍ଦ୍ଦେଶକ ମନ୍ତ୍ରୀ ୧୯୦୫ରେ ମାନସିକ ଅପାରଗ ଶିଶୁମାନଙ୍କୁ ଶିକ୍ଷା ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏହି ମନୋବିଜ୍ଞାନୀମାନେ ମାନସିକ ଅନଗ୍ରସର ଶିଶୁମାନଙ୍କୁ ଚିହ୍ନଟ କରିବା ପାଇଁ ସେମାନଙ୍କ ବୁଦ୍ଧି ପରୀକ୍ଷଣ କରିବା ଆବଶ୍ୟକ ବୋଲି ବିଚାର କଲେ । ସେମାନେ ଶିଶୁମାନଙ୍କୁ ପରୀକ୍ଷଣ କରି ସେମାନଙ୍କର ଫଳାଫଳକୁ ଅନ୍ୟ ସାଧାରଣବର୍ଗର ପ୍ରତ୍ୟେକ ବୟସ ସ୍ତରର ଶିଶୁଙ୍କଠାରୁ ପ୍ରାପ୍ତ ହାରାହାରି ଫଳାଙ୍କ ସହ ତୁଳନା କଲେ । ଯେଉଁ ଶିଶୁମାନେ ତାଙ୍କର କାଳାନୁକ୍ରମିକ ବୟସ ତୁଳନାରେ ଦୁଇ ମାନସିକ ବୟସ ବର୍ଷ ପଛରେ ଥିଲେ, ତାଙ୍କୁ ମାନସିକ ନ୍ୟୁନତା ସମ୍ପନ୍ନ ବୋଲି କହିଲେ ।

ବିନେଙ୍କର ବୁଦ୍ଧି ପରିମାପକ ପରୀକ୍ଷଣର ଫଳାଫଳ ପ୍ରକାଶନର ପରବର୍ତ୍ତୀ ପର୍ଯ୍ୟାୟରେ ପୃଥିବୀର ବିଭିନ୍ନ ସ୍ଥାନରେ ବୁଦ୍ଧି ସମ୍ପର୍କିତ ବହୁ ପରିମାଣର ଗବେଷଣାତ୍ମକ କାର୍ଯ୍ୟ ଆରମ୍ଭ କରାଗଲା । ଏହା ଫଳରେ ଅନେକ ତତ୍ତ୍ୱମାନ ପ୍ରକାଶ ପାଇଲା । ଆମେ ସେଥିମଧ୍ୟରୁ କେତେକ ମତ ବିଷୟରେ ବିସ୍ତୃତ ଆଲୋଚନା କରିବା ପୂର୍ବରୁ ଦେଖିବା ଯେ ବହୁ ଗବେଷଣାକାରୀ ନିମ୍ନ ଦକ୍ଷତା ଶ୍ରେଣୀ ସହ ବୁଦ୍ଧିକୁ ସମ୍ପର୍କ କରିଛନ୍ତି ।

(କ) ନୂତନ ପରିସ୍ଥିତି କିମ୍ବା ପରିବର୍ତ୍ତିତ ଆବଶ୍ୟକତା ସହ ଉପଯୋଜନ କରିବା ।

(ଖ) ଅନୁଭୂତି କିମ୍ବା ପ୍ରଶିକ୍ଷଣରୁ ଅତି ଉତ୍ତମ ଭାବରେ ଶିକ୍ଷା କରିବା ।

(ଗ) ପ୍ରତୀକ ଓ ଧାରଣା ପ୍ରୟୋଗ କରି ଅମୂର୍ତ୍ତ ଚିନ୍ତନ କରିବା ।

ଏଠାରେ ଆମେ ସଠିକ୍ ଭାବରେ ଜାଣି ରଖିବା ଉଚିତ ଯେ ମନୋବିଜ୍ଞାନରେ "ସାମର୍ଥ୍ୟ" (ability) ଶବ୍ଦର ଅର୍ଥ କାର୍ଯ୍ୟ ସମ୍ପାଦନ ନିମନ୍ତେ ବର୍ତ୍ତମାନର ଲବ୍ଧ ଶକ୍ତି । ବୁଦ୍ଧି ସମ୍ପର୍କିତ ବିଭିନ୍ନ ମତକୁ ମୁଖ୍ୟତଃ ୨ଟି ପ୍ରମୁଖ ଭାଗରେ ବିଭକ୍ତ କରାଯାଇଛି ଯଥା ମନୋମିତି (psycho metric) କିମ୍ବା କାରକ ସିଦ୍ଧାନ୍ତ (factor theories) ଓ ପ୍ରକ୍ରିୟା ଆଧାରିତ ମତ (process theories) । କାରକ ସିଦ୍ଧାନ୍ତ ମତ ବୁଦ୍ଧିକୁ ଗଠନ କରିଥିବା କାରକଗୁଡ଼ିକୁ ଚିହ୍ନଟ କରିବାକୁ ଚେଷ୍ଟା କରିଥାଏ ଏବଂ ପ୍ରକ୍ରିୟା ସିଦ୍ଧାନ୍ତ ସ୍ୱତନ୍ତ୍ର କାର୍ଯ୍ୟ ଆଧାରରେ ବୁଦ୍ଧିକୁ ଏବଂ ବୁଦ୍ଧିର କାର୍ଯ୍ୟକାରିତାରେ ସମ୍ପୃକ୍ତ ପ୍ରକ୍ରିୟା କିମ୍ବା ଦୃଷ୍ଟିକୋଣକୁ ବର୍ଣ୍ଣନା କରିଥାଏ ।

୧୫.୩ ବୁଦ୍ଧି ସମ୍ପର୍କିତ କାରକତତ୍ତ୍ୱ (Facgorial view point on intelligence)

ବୁଦ୍ଧି ଏକକୀୟ ଉପାଦାନ ନା ବହୁ ଉପାଦାନକୁ ନେଇ ଗଠିତ, ତାହା ଏକ କୌତୁହଳର ବିଷୟ ଅଟେ । କାରକ ବିଶ୍ଳେଷଣ (facor analysis) ଏକ ସହଜସମ୍ବନ୍ଧ କୌଶଳ (correlational technique) ଯାହାକୁ ଉପଯୋଗ କରି ବହୁ ଗବେଷକ ବୁଦ୍ଧିର ଗଠନ ପ୍ରଣାଳୀ ଉନ୍ମୋଚନ କରିବା ପାଇଁ ଚେଷ୍ଟା କରିଛନ୍ତି ।

ବୁଦ୍ଧି ଏକ ସାଧାରଣ (G) କାରକ (intelligence as a general (G) factor)

ସ୍ପିଅରମ୍ୟାନ (Spearman) ମତ ଦେଇଛନ୍ତି ଯେ ଆମେ ଏକ ସାଧାରଣ ବୁଦ୍ଧି ଉତ୍ପାଦକ (g) ଏବଂ ଅନେକ ସ୍ୱତନ୍ତ୍ର ଉତ୍ପାଦକଗୁଡ଼ିକୁ ଧାରଣ କରିଅଛୁ, ଯେଉଁଗୁଡ଼ିକ ସ୍ୱତନ୍ତ୍ର ସାମର୍ଥ୍ୟ ଅଟେ । g-ଉତ୍ପାଦକ ସମସ୍ତ ସାମର୍ଥ୍ୟ ମଧ୍ୟରେ କାର୍ଯ୍ୟ କରିଥାଏ । ଅମୂର୍ତ୍ତ ସମ୍ପର୍କ (abstract relations) ବୁଝିବାର ସାମର୍ଥ୍ୟ ମଧ୍ୟରେ ଏହା ପ୍ରକାଶିତ ହୁଏ । ଏହି ମତକୁ ୧୫.୨ ଚିତ୍ରରେ ଦର୍ଶାଯାଇଛି ।



ଚିତ୍ର ୧୫.୨ ସ୍ପିଅରମ୍ୟାନଙ୍କର ବୁଦ୍ଧି ସମ୍ପର୍କିତ ପ୍ରତିକୃତି

ବୁଦ୍ଧିର ବହୁବିଧ ଉତ୍ପାଦକ ତତ୍ତ୍ୱ (Multiple factors of intelligence)

ଥରଷ୍ଟନ୍ (Thurstone)ଙ୍କ ମତରେ ବୁଦ୍ଧି ସାତଗୋଟି କାରକ ଯଥା ମୌଖିକ ବୋଧଜ୍ଞାନ, ଶବ୍ଦ ପଠନ ପ୍ରବାହ, ସଂଖ୍ୟା, ସ୍ଥାନ, ସହଚାର ସ୍ମରଣ, ପ୍ରତ୍ୟକ୍ଷଗତି ଏବଂ ଆରୋହୀଯୁକ୍ତିଯୁକ୍ତତା (ବିଶେଷ ତଥ୍ୟରୁ ତତ୍ତ୍ୱ ଆହରଣ) ଧାରଣ କରିଛି । ସେ ପ୍ରତ୍ୟକ୍ଷ ଜ୍ଞାନର କ୍ଷିପ୍ରତା ଓ ଆରୋହୀ ଯୁକ୍ତିଯୁକ୍ତତା (ସାଧାରଣ ବିଚାରକରଣ)ର ମାପନୀ ପ୍ରସ୍ତୁତ କରିଥିଲେ । ଏହିସବୁ ଉତ୍ପାଦକର ମୂଲ୍ୟାୟନ ନିମନ୍ତେ ସେ ମୌଳିକ ମାନସିକ ଦକ୍ଷତା (Primary mental abilities (P.M.A) ପରୀକ୍ଷଣ ପ୍ରସ୍ତୁତ କରିଥିଲେ ।



ଚିତ୍ର ୧୫.୩ : ଥରଷ୍ଟନ୍‌ଙ୍କ ବୁଦ୍ଧି ସମ୍ପର୍କିତ ପ୍ରତିକୃତି

୧୫.୪ ଧୀଶକ୍ତିର ଗଠନ ପ୍ରଣାଳୀ (Structure of intellect)

ବୁଦ୍ଧିର ଏକ ବ୍ୟାପକ ମୂଲ୍ୟାୟନ ପଦ୍ଧତି ଯୋଗାଇ ଦେବା ପାଇଁ ଗିଲଫୋର୍ଡ (Guil ford) ଅନ୍ୟ ଏକ ତତ୍ତ୍ୱର ବିକାଶ କରିଥିଲେ । ସେ ଏହାକୁ ଧୀଶକ୍ତି ଗଠନ ପ୍ରଣାଳୀର ପ୍ରତିକୃତି (Structure of Intellect (Sl) model) ନାମରେ ନାମିତ କରିଛନ୍ତି । ଏହି ପ୍ରତିକୃତି ଧୀଶକ୍ତିର ଗୁଣାବଳୀକୁ ତିନୋଟି ମୁଖ୍ୟ ପରିସର ମଧ୍ୟରେ ବର୍ଗୀକରଣ କରିଛି ।

କାର୍ଯ୍ୟପ୍ରଣାଳୀ (Operations) : ଜଣେ ବ୍ୟକ୍ତି କ'ଣ କରେ ? କାର୍ଯ୍ୟପ୍ରଣାଳୀ ବ୍ୟକ୍ତିର ଅଭିଜ୍ଞାନ, ସ୍ମୃତି, ବହୁମୁଖୀ ଉତ୍ପାଦନ (ସୃଜନଶକ୍ତି), ଏକାଭିମୁଖୀ ଉତ୍ପାଦନ ଏବଂ ମୂଲ୍ୟାୟନକୁ ବୁଝାଇଥାଏ ।

ବିଷୟବସ୍ତୁ (Contents) : ଏହା ବିଷୟବସ୍ତୁର ପ୍ରକୃତି କିମ୍ବା ତଥ୍ୟକୁ ବୁଝାଇଥାଏ, ଯାହା ଉପରେ କାର୍ଯ୍ୟପ୍ରଣାଳୀ ପ୍ରୟୋଗ କରାଯାଇଥାଏ । ସେଗୁଡିକ ଦୃଷ୍ଟିଶକ୍ତି, ଶ୍ରବଣଶକ୍ତି, ପ୍ରତୀକ (ଯଥା : ଅକ୍ଷର ଓ ସଂଖ୍ୟା) ଭାଷାର୍ଥ (ଯଥା : ଶବ୍ଦ) ଏବଂ ଆଚରଣ ଏବଂ ଆକୃତି ସମ୍ପର୍କିତ (ବ୍ୟକ୍ତିର ଆଚରଣ, ମନୋବୃତ୍ତି, ଆବଶ୍ୟକତା ବିଷୟରେ ତଥ୍ୟ) ଅଟନ୍ତି ।

ଉତ୍ପାଦନ (Products) : ଯେଉଁ ପ୍ରଣାଳୀରେ ତଥ୍ୟ ଗ୍ରହଣ କରି ବ୍ୟକ୍ତି ପ୍ରକ୍ରିୟାକରଣ କରେ ତାହାର ନିର୍ଦ୍ଦିଷ୍ଟ ଆକାରକୁ ଉତ୍ପାଦନ (Product) କୁହାଯାଏ । ଉତ୍ପାଦନକୁ ଏକକ, ବିଭାଗ, ସମ୍ପର୍କ, ରୂପାନ୍ତରଣ ଏବଂ ପ୍ରୟୋଗବିଧିରେ ଶ୍ରେଣୀକରଣ କରାଯାଇଛି ।

ଏଥିରୁ ସ୍ପଷ୍ଟ ଯେ କାରକ ମତବାଦ ବୁଦ୍ଧିର ଏକ ଗୁଣ ସଂଗଠନ ରୂପ ଉପସ୍ଥାପନା କରେ । ଏହିପରି ଭାବରେ ଚିହ୍ନଟ ହୋଇଥିବା ବିଭିନ୍ନ ଗୁଣଗୁଡ଼ିକ ଜଟିଳ ଅଟନ୍ତି । ଏଠାରେ ପାଠକମାନେ ମନେ ରଖିବେ ଯେ କାରକ ବିଶ୍ଳେଷଣ ଉପାୟରେ ଚିହ୍ନିତ ଗୁଣାବଳୀ ଆଚରଣ ପରିମାପ ମଧ୍ୟରେ ଥିବା ସମ୍ପର୍କକୁ ସୂଚିତ କରେ । ସେଗୁଡ଼ିକ ବର୍ଣ୍ଣନାତ୍ମକ ଶ୍ରେଣୀର ଅନ୍ତର୍ଭୁକ୍ତ ଅଟନ୍ତି । ଗୁଣ ସଂଗଠନଗୁଡ଼ିକ କାର୍ଯ୍ୟ କରୁଥିବା ଲୋକମାନଙ୍କର ଅନୁଭୂତିକ ପୃଷ୍ଠଭୂମି ଦ୍ୱାରା ପ୍ରଭାବିତ ହୁଅନ୍ତି । ଦଳ, ସାମାଜିକ-ଅର୍ଥନୈତିକ ସ୍ତର ଏବଂ ବିଦ୍ୟାଳୟ ପାଠ୍ୟକ୍ରମରେ ଥିବା ଭିନ୍ନତା ଗୁଣ ସଂଗଠନ ମତବାଦକୁ ଅନୁମୋଦନ କରୁଛି । କାରକ ବିଶ୍ଳେଷଣକୁ ବ୍ୟବହାର କରୁଥିବା ଅନେକ ଗବେଷଣାକୁ ଭିତ୍ତିକରି, ଅନାଷ୍ଟାସି (Anastasi) ଯଥାର୍ଥରେ କହିଥିଲେ ଯେ ମନୁଷ୍ୟର ବୁଦ୍ଧି "ଅଭିଜ୍ଞାନ ଦକ୍ଷତା ଏବଂ ଜ୍ଞାନର ଏକ ସମ୍ମିଶ୍ରଣ ଯାହାକୁ ଉତ୍ସାହ ଏବଂ ବ୍ୟକ୍ତିର ଅନୁଭୂତି ପରିବେଶ ଆବଶ୍ୟକ କରେ, ପ୍ରୋତ୍ସାହିତ କରେ ଓ ପୁନର୍ବଳନ ଯୋଗାଇଦିଏ ।"

୧୫.୫ ଏକ ପ୍ରକ୍ରିୟା ଭାବରେ ବୁଦ୍ଧି (Intelligence as a Process)

ଏହି ଦୃଷ୍ଟିକୋଣଟି ଅଭିଜ୍ଞାନ ସହ ସମ୍ପର୍କିତ । ନିର୍ଦ୍ଦିଷ୍ଟ ଭାବରେ ତଥ୍ୟ ସମ୍ପର୍କିତ କାର୍ଯ୍ୟଧାରା ପ୍ରତିକୃତିଟି (information processing model) ଏହା ସହିତ ପ୍ରାସଙ୍ଗିକ ଅଟେ । ଏହା ଜ୍ଞାନ ଆହରଣ କରିବା, ପ୍ରତିନିଧିତ୍ୱ କରିବା ଏବଂ ବୌଦ୍ଧିକ କାର୍ଯ୍ୟକଳାପକୁ ବୁଝିବାରେ ତଥ୍ୟର ଉପଯୋଗ କରିବା ଆଦି ପ୍ରକ୍ରିୟାକୁ ଚିହ୍ନଟ କରିଥାଏ । ବର୍ତ୍ତମାନ ଚାଲନ୍ତୁ ବୁଦ୍ଧିର ପ୍ରକ୍ରିୟା ଦୃଷ୍ଟିକୋଣକୁ ଗୁରୁତ୍ୱ ଦେଉଥିବା କେତେକ ପ୍ରତିକୃତିକୁ ଆଲୋଚନା କରିବା ।

ତ୍ରିବିଧ ତତ୍ତ୍ୱ (triachic theory) : କାରକ କିମ୍ବା ମନୋମିତି ମତକୁ ପ୍ରତ୍ୟାଖ୍ୟାନ କରିବା ପରେ ରବର୍ଟ ଷ୍ଟର୍ନବର୍ଗ (Robert Stenberg) ବୁଦ୍ଧିକୁ ତିନୋଟି ଦିଗରୁ ବିଶ୍ଳେଷଣ କରିଛନ୍ତି, ଯଥା : ଅଂଶକ ବିଶ୍ଳେଷଣ (componential), ଅନୁଭବ ସିଦ୍ଧ (Experiential) ଏବଂ ପୂର୍ବାପର ପ୍ରସଙ୍ଗ ସମ୍ବନ୍ଧୀୟ (Contextual) ।

ଅଂଶକୁ ବିଶ୍ଳେଷର ଦିଗ ସେହି ପ୍ରକ୍ରିୟାଗୁଡ଼ିକୁ ଅନ୍ତର୍ଭୁକ୍ତ କରେ, ଯେଉଁଗୁଡ଼ିକ ପରୀକ୍ଷକଙ୍କ ଦ୍ୱାରା ପ୍ରୟୋଗ କରାଯାଇଥିବା ମାନକୀକୃତି ବୌଦ୍ଧିକ ପରୀକ୍ଷଣର ଏକାଂଶ ପ୍ରତି ପ୍ରତିକ୍ରିୟା ଅଟେ । ଏହାର ଉପାଦାନଗୁଡ଼ିକ ଉଚ୍ଚସ୍ତରର ଦକ୍ଷତା ନିୟନ୍ତ୍ରଣ ପ୍ରକ୍ରିୟା, କୃତି ଉପାଦାନ, ଆହରଣ ଉପାଦାନ ଏବଂ ସ୍ଥାନାନ୍ତରଣ ଉପାଦାନ ଆଦିକୁ ଅନ୍ତର୍ଭୁକ୍ତ କରିଥାଏ । ଦ୍ୱିତୀୟ ଦିଗଟି ଅନୁଭବ ସିଦ୍ଧ ନାମରେ ପରିଚିତ । ଏହା ବ୍ୟକ୍ତିର ମାନସିକ ଜଗତ ଏବଂ ବାହ୍ୟ ଜଗତର ପରସ୍ପର ସମ୍ପୃକ୍ତିକୁ ବୁଝାଏ ।

ଏହା ବୁଦ୍ଧିର ଧାରଣା ସହ ସୃଜନଶୀଳତାକୁ ସଂଯୋଗ କରିଥାଏ । ବାସ୍ତବରେ ଜଣେ ବ୍ୟକ୍ତିର ବୁଦ୍ଧି ତାର ଅଭିଜ୍ଞତାକୁ ଗଠନ କରିଥାଏ । ଏହା ସହିତ ଜଣେ ବ୍ୟକ୍ତିର ଅଭିଜ୍ଞତା ଉପରେ ଆଧାରିତ ଜ୍ଞାନ ତାର ବୁଦ୍ଧିକୁ ପ୍ରଭାବିତ କରିଥାଏ । ତୃତୀୟ ଦିଗଟି ପୂର୍ବାପର ପ୍ରସଙ୍ଗ ସମ୍ବନ୍ଧୀୟ ବୁଦ୍ଧି ଅଟେ । ଯେଉଁ ଧାରାରେ ବ୍ୟକ୍ତି ନିଜ ପରିବେଶ ସହ ଅଂଶୀଦାର ହୋଇଥାଏ, ସେସବୁ ସହ ନିଜକୁ ଉପଯୋଜନ କରିଥାଏ ଏବଂ ସହଜଲଭ୍ୟ ସମ୍ବଳଗୁଡ଼ିକରୁ ସର୍ବାଧିକ ଉପକୃତ ହେବାକୁ ପ୍ରଚେଷ୍ଟା କରିଥାଏ, ତାହା ବୁଝାଇଥାଏ । ଏହାକୁ ମଧ୍ୟ ବ୍ୟବହାରିକ ବୁଦ୍ଧି (practical intelligence) କୁହାଯାଏ ।

ବହୁ ଉପାଦାନ ବୁଦ୍ଧିତତ୍ତ୍ୱ (Theory of Multiple Intelligence)

ହାୱାର୍ଡ ଗାର୍ଡନର (Howard Gardner) ବହୁବିଧ ବୁଦ୍ଧି ସପକ୍ଷରେ ଯୁକ୍ତି କରିଛନ୍ତି । ସେ ଦର୍ଶାଇଛନ୍ତି ଯେ ବୁଦ୍ଧି ଗୋଟିଏ ଏକକ ଉପାଦାନ ନୁହେଁ ବରଂ ଏହା ବହୁବିଧ ଉପାଦାନକୁ ନେଇ ଗଠିତ ଏବଂ ପ୍ରତ୍ୟେକ ପ୍ରତ୍ୟେକଙ୍କ ଠାରୁ ଭିନ୍ନ ଅଟନ୍ତି । ସେ ଆଠ ପ୍ରକାରର ବୁଦ୍ଧି ଚିହ୍ନଟ କରିଛନ୍ତି ଯଥା : ଭାଷାଗତ, ତାର୍କିକ ଗାଣିତିକ, ସ୍ଥାନିକ (spatial), ସଂଗୀତ ସମ୍ବନ୍ଧୀୟ, ଶାରୀରିକ-ପେଶୀଜ, ପାରସ୍ପରିକ ସମ୍ପର୍କ ଜନିତ, ଅନ୍ତଃ ସମ୍ବନ୍ଧ ଜନିତ ଏବଂ ପ୍ରାକୃତିକ । ଲୋକମାନେ ବାସ କରୁଥିବା ସଂସ୍କୃତି ଦ୍ୱାରା ଏଗୁଡ଼ିକର ମୂଲ୍ୟର ଗୁରୁତ୍ୱ ନିର୍ଦ୍ଧାରିତ ହୋଇଥାଏ ।

ପାଠଗତ ପ୍ରଶ୍ନାବଳୀ ୧୫.୧

(i) ସଠିକ୍ ବିକଳ୍ପ ବାଛ ।

ବୁଦ୍ଧି ପରୀକ୍ଷଣରେ ଏକ ବୃହତ୍ ଦଳରେ ଥିବା ବ୍ୟକ୍ତିଙ୍କର ଫଳାଙ୍କ ଯେଉଁ ବିତରଣ ଦେଖାଇବ ସେଥିରେ ଅନେକ ବ୍ୟକ୍ତି କ'ଣ ପାଇବେ ?

(କ) ନିମ୍ନ ଫଳାଙ୍କ

(ଖ) ମଧ୍ୟମ ଫଳାଙ୍କ

(ଗ) ଉଚ୍ଚ ଫଳାଙ୍କ

(ଘ) ଅତି ଉଚ୍ଚ ଫଳାଙ୍କ

(ii) ପ୍ରଥମ ବୁଦ୍ଧି ପରୀକ୍ଷା ନିମ୍ନୋକ୍ତ କାହା ସହ ସମ୍ପୃକ୍ତ

(କ) ବିନେ

(ଖ) ସ୍ପିଅରମ୍ୟାନ୍

(ଗ) ଟର୍‌ମ୍ୟାନ

(ଘ) ର୍‍ୟାଭେନ୍

(iii) ବୁଦ୍ଧିର ବହୁବିଧ ଉତ୍ପାଦକ ତତ୍ତ୍ୱ କିଏ ବାହାର କରିଥିଲେ ?

(କ) ଥରଷ୍ଟନ୍

(ଖ) ଗିଲ୍‌ଫୋର୍ଡ

(ଗ) ଭରନନ୍

(ଘ) ଷ୍ଟର୍ନବର୍ଗ

(iv) କେଉଁ ମତବାଦ ଧୀଶକ୍ତିକୁ କାର୍ଯ୍ୟଧାରା, ବିଷୟବସ୍ତୁ ଏବଂ ଉତ୍ପାଦନ ଭିତ୍ତିରେ ବିବେଚନା କରେ ?

(କ) କାର୍ଯ୍ୟପଦ୍ଧତି ପ୍ରତିକୃତି

(ଖ) ଧୀ-ଶକ୍ତିର ଗଠନ ପ୍ରଣାଳୀ

(ଗ) ସୋପାନ କ୍ରମିକ ପ୍ରତିକୃତି

(ଘ) g- ଉତ୍ପାଦକ ପ୍ରତିକୃତି

୧୫.୬ ଅଣ-ବୌଦ୍ଧିକ କ୍ଷେତ୍ରରେ ଧୀଶକ୍ତି (Itelligence in the Non-Cognitive Domains

ପୂର୍ବ ଆଲୋଚନାଗୁଡ଼ିକରୁ ଆମେ ଦେଖିଲେ ଯେ ଧୀଶକ୍ତିର ଅଧ୍ୟୟନ ମୁଖ୍ୟତଃ ଯୁକ୍ତିଯୁକ୍ତ ଚିନ୍ତା ଓ ବୋଧଶକ୍ତି ସମ୍ପନ୍ନ ପରିସରରେ କରାଯାଇଛି । ସାମ୍ପ୍ରତିକ ସମୟରେ ଅନ୍ୟ କ୍ଷେତ୍ରଗୁଡ଼ିକ ମଧ୍ୟ ଆବିଷ୍କାର ହୋଇଛି । ସେଥିମଧ୍ୟରୁ କେତୋଟିକୁ ସଂକ୍ଷିପ୍ତରେ ଆଲୋଚନା କରିବା । ସେଥିମଧ୍ୟରୁ "ବିଜ୍ଞତା" (wisdom) ଏକ ଗୁରୁତ୍ୱପୂର୍ଣ୍ଣ ପ୍ରତ୍ୟୟ ଅଟେ । ଏହା ସ୍ୱତନ୍ତ୍ର ଧରଣର ଧୀଶକ୍ତି, ପାରସ୍ପରିକ ସମ୍ପର୍କ, ସାମାଜିକତା ଓ ବ୍ୟକ୍ତିତ୍ୱର ଗୁଣାବଳୀକୁ ଅନ୍ତର୍ଭୁକ୍ତ କରିଥାଏ । ସମନ୍ୱୟ ଏବଂ ହତାଶ ମଧ୍ୟରେ ଥିବା ଦ୍ୱନ୍ଦ୍ୱ ସହ ସଫଳତାର ମୁକାବିଲା କରିବା ଦ୍ୱାରା ଏହା ପ୍ରାପ୍ତ ହୁଏ କିମ୍ବା ସ୍ୱୟଂ କ୍ଷମତା ଆଗକୁ ବଢ଼ିବା ଫଳରେ ଅତିନ୍ଦ୍ରିୟତା ବିବେକ ଉତ୍ପନ୍ନ ହୁଏ । ଜ୍ଞାନ ଦ୍ୱାରା ସଂବେଗାତ୍ମକ ଏବଂ ସଂଜ୍ଞାନାତ୍ମକ ତତ୍ତ୍ୱର ସଫଳ ଏକୀକରଣ କରାଯାଏ । ଅନ୍ୟ ସମ୍ପର୍କିତ ଧାରଣା ହେଉଛି "ବ୍ୟବହାରିକ ବୁଦ୍ଧି"ର ଦୂରଦର୍ଶିତା । ଏହା ବ୍ୟକ୍ତିଗତ ଲକ୍ଷ୍ୟ, ଯୋଜନା ଏବଂ ଉଦ୍ଦେଶ୍ୟର ବ୍ୟବହାରିକ ଉପଲବ୍ଧ କୃତି ଉପରେ ଗୁରୁତ୍ୱ ପ୍ରଦାନ କରିଥାଏ । ଏହା ଅପ୍ରତ୍ୟାଶିତ ପରିସ୍ଥିତି ଓ

ଅନିଶ୍ଚିତତାକୁ ନିୟନ୍ତ୍ରଣ କରିବା ନିମନ୍ତେ ଏକ ନମନୀୟ ଏବଂ ପ୍ରୟୋଗାତ୍ମକ ଦୃଷ୍ଟିଭଙ୍ଗୀ ପ୍ରସ୍ତୁତ କରିଥାଏ ।

ସାମାଜିକତା ବା ସାମାଜିକ ବୁଦ୍ଧି (social intelligence) ମଧ୍ୟ ଗବେଷକମାନଙ୍କର ଦୃଷ୍ଟି ଆକର୍ଷଣ କରନ୍ତି । ଏହି ଦକ୍ଷତା ବ୍ୟକ୍ତିର ଦୈନନ୍ଦିନ ଜୀବନର ସମସ୍ୟା ସମାଧାନ ତଥା ନିର୍ଦ୍ଦିଷ୍ଟ ଲକ୍ଷ୍ୟ ସାଧନ ନିମନ୍ତେ ଥିବା କ୍ଷମତାକୁ ସୂଚାଇଥାଏ । ଶେଷରେ ଅଧ୍ୟୟନର ସର୍ବାଧୁନିକ ଧାରଣା ହେଉଛି "ଆବେଗିକ ବୁଦ୍ଧି" (emotional intelligence)। ଏହା ନିଜର ତଥା ଅନ୍ୟମାନଙ୍କର ଅନୁଭବ ଓ ଆବେଗକୁ ପରିଚାଳନା କରିବା ଏବଂ ସେଗୁଡିକ ମଧ୍ୟରେ ବିଭେଦ କରିବା ତଥା ଏହି ତଥ୍ୟକୁ ନିଜ ଚିନ୍ତନ ଏବଂ କାର୍ଯ୍ୟ ପରିଚାଳନା କରିବାର ଦକ୍ଷତା ଭାବରେ ବାଖ୍ୟା କରାଯାଇଛି । ଯେଉଁମାନେ ଅଧିକ ଆବେଗିକ ବୁଦ୍ଧି ସମ୍ପନ୍ନ ସେମାନେ ନିଜର ଆବେଗ ପ୍ରତି ଅଧିକ ସଚେତନ ହେବା ସହ ଆବେଗକୁ ସଠିକ୍ ନିୟନ୍ତ୍ରଣ ଓ ପ୍ରୟୋଗ କରନ୍ତି । ସମ୍ବେଦନଶୀଳ ଅଟନ୍ତି ଏବଂ ପାରସ୍ପରିକ ସମ୍ପର୍କର ସଫଳ ପରିଚାଳନା କରନ୍ତି । ଏହା ଦେଖାଯାଇଛି ଯେ କାର୍ଯ୍ୟକ୍ଷେତ୍ରରେ ଓ ଜୀବନର ଅନ୍ୟାନ୍ୟ କ୍ଷେତ୍ରରେ ସଫଳତା ନିମନ୍ତେ ବ୍ୟକ୍ତି ଜୀବନର ବୁଦ୍ଧ୍ୟାଙ୍କ (IQ) ଅପେକ୍ଷା ଆବେଗିକ ବୁଦ୍ଧି ଅଧିକ ଉପଯୋଗୀ ହୋଇଥାଏ । ଯଦିଓ ବିକାଶ ନିମନ୍ତେ ବାଲ୍ୟାବସ୍ଥା ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ସମୟ ଅଟେ, ଆବେଗିକ ବୁଦ୍ଧି ଜନ୍ମ ସମୟରୁ ସ୍ଥିର ହୋଇନଥାଏ । ଯତ୍ନ ସହକାରେ ଶିକ୍ଷା ଦେବା ଦ୍ୱାରା ପ୍ରାପ୍ତ ବୟସରେ ମଧ୍ୟ ଏହାର ଅଭିବୃଦ୍ଧି ଘଟିଥାଏ ।

୧୫.୭ ବୁଦ୍ଧି ପରୀକ୍ଷଣ

କେତୋଟି ବୁଦ୍ଧି ପରୀକ୍ଷଣ ବିଷୟରେ ଅଧିକ ପରିଚିତ ହେବା । ଏହି ପରୀକ୍ଷଣଗୁଡିକୁ ବାଚନିକ (verbal), ଅଣ ବାଚନିକ (non-verbal) କୃତି ଏବଂ ବ୍ୟକ୍ତିଗତ ତଥା ଦଳଗତ ପରୀକ୍ଷଣ (individual and group test) ଭାବରେ ଶ୍ରେଣୀ ବିଭାଗ କରାଯାଇଛି । ନିର୍ଦ୍ଦିଷ୍ଟ ଶାରୀରିକ ଅକ୍ଷମତା ଥିବା ବ୍ୟକ୍ତି ବିଶେଷଙ୍କ କ୍ଷେତ୍ରରେ କୃତି ପରୀକ୍ଷଣ (performance test) ପ୍ରୟୋଗ ହୋଇଥାଏ । ଗୋଟିଏ ସମୟରେ ଜଣେ ବ୍ୟକ୍ତିଙ୍କ ଉପରେ ଯେଉଁ ପରୀକ୍ଷଣଟି ପ୍ରୟୋଗ କରାଯାଏ ତାହାକୁ ବ୍ୟକ୍ତିଗତ ପରୀକ୍ଷଣ କୁହାଯାଏ ଏବଂ ଦଳଗତ ପରୀକ୍ଷଣରେ ଏକ ସମୟରେ ଅନେକ ବିଷୟୀଙ୍କ ଉପରେ ପରୀକ୍ଷଣଟି ପ୍ରୟୋଗ କରାଯାଇଥାଏ । କେତୋଟି ନିର୍ଦ୍ଦିଷ୍ଟ ଗୁରୁତ୍ୱପୂର୍ଣ୍ଣ ବୁଦ୍ଧି ମାପନୀ ବିଷୟରେ ନିମ୍ନରେ କିଛି ତଥ୍ୟ ଉପସ୍ଥାପନା କରାଯାଇଛି ।

(୧) ଷ୍ଟାନଫୋର୍ଡ ବିନେଙ୍କ ବୁଦ୍ଧିମାପନୀ (Stanfort Binet Intelligence Scale)

ବିନେ ଓ ସାଇମନ୍ଙ୍କ ଦ୍ୱାରା ଫ୍ରାନ୍ସର ବିଦ୍ୟାଳୟଗାମୀ ଶିଶୁମାନଙ୍କ ପାଇଁ ପ୍ରସ୍ତୁତ କରାଯାଇଥିବା ପରୀକ୍ଷଣଟି ଷ୍ଟାନଫୋର୍ଡ ବିଶ୍ୱବିଦ୍ୟାଳୟରେ ଟର୍ମ୍ୟାନ ଏବଂ ତାଙ୍କର ସହଯୋଗୀଙ୍କ ଦ୍ୱାରା ଗ୍ରହଣ ଓ ସଂଶୋଧନ କରାଯାଇ ଏହାକୁ ୧୯୧୬ ମସିହାରେ ପ୍ରକାଶନ କରାଯାଇଛି । ଏହାପରଠାରୁ ଏହି

ମାପନୀଟିକୁ ବହୁବାର ସଂଶୋଧନ କରାଯାଇଛି । ବର୍ତ୍ତମାନ ଆପଣ ଷ୍ଟାନ୍‌ଫୋର୍ଡ ମାପନୀର ୪ର୍ଥ ସଂକଳନଟି ବ୍ୟବହାର କରୁଛନ୍ତି। ଚାରୋଟି ପ୍ରମୁଖ ବୁଦ୍ଧି କ୍ଷେତ୍ରକୁ ଉପସ୍ଥାପନା କରିବା ପାଇଁ ୧୫ଟି ପରୀକ୍ଷଣ ଚୟନ କରାଯାଇଛି, ଯାହା ଚାରୋଟି ମୁଖ୍ୟ ଅଭିଜ୍ଞାନ କ୍ଷେତ୍ର ସମ୍ପର୍କିତ, ଯଥା : ବାଚନିକ ବିଚାରକରଣ, ଅମୂର୍ତ୍ତ ଦୃଷ୍ଟି ବିଚାର କରଣ, ପରିମାଣାତ୍ମକ ବିଚାରକରଣ ଏବଂ କ୍ଷଣସ୍ଥାୟୀ ସ୍ମୃତି ଇତ୍ୟାଦି । ଏହି ପରୀକ୍ଷାଗୁଡିକ ମିଶ୍ରିତ ଅନୁକ୍ରମରେ ପ୍ରୟୋଗ କରାଯାଇଥାଏ । ଏହାକୁ ବ୍ୟବହାର କରିବାର ବୟସସୀମା ୨ ବର୍ଷରୁ ୧୮ ବର୍ଷ ହୋଇଥାଏ । ଏହି ପରୀକ୍ଷଣକୁ ଦୁଇଟି ପର୍ଯ୍ୟାୟରେ କରାଯାଇଥାଏ । ପ୍ରଥମ ପର୍ଯ୍ୟାୟରେ ପରୀକ୍ଷକ ଶବ୍ଦାବଳୀ ପରୀକ୍ଷଣ କରିଥାନ୍ତି, ଯାହାକି ଅନ୍ୟ ସମସ୍ତ ପରୀକ୍ଷଣଗୁଡିକରେ ପ୍ରବେଶ କରିବାର ସ୍ତର ନିର୍ଣ୍ଣୟ ପାଇଁ ସାହାଯ୍ୟ କରିଥାଏ । ଦ୍ୱିତୀୟ ପର୍ଯ୍ୟାୟରେ, ପରୀକ୍ଷକ ବିଷୟୀଙ୍କର ପ୍ରକୃତ କାର୍ଯ୍ୟ ପ୍ରକ୍ରିୟାକୁ ଦୃଷ୍ଟିରେ ରଖି ପ୍ରତ୍ୟେକ ପରୀକ୍ଷଣର ଦୁଇଟି ସ୍ତର ନିର୍ଦ୍ଧାରଣ କରିଥାନ୍ତି ଯଥା : ମୂଳଭିତ୍ତିସ୍ତର (basal level) ଏବଂ ସର୍ବୋଚ୍ଚ ସ୍ତର (ceiling level) । ଯେତେବେଳେ ବିଷୟୀ ଦୁଇଟି କ୍ରମାଗତ ପର୍ଯ୍ୟାୟରେ ଚାରୋଟି ଲେଖାଏଁ ପ୍ରଶ୍ନର ସଠିକ୍ ଉତ୍ତର ପ୍ରଦାନ କରିଥାନ୍ତି, ସେତେବେଳେ ସେ ଏକ ମୂଳଭିତ୍ତି ସ୍ତରର ଅନ୍ତର୍ଭୁକ୍ତ ହୋଇଥାନ୍ତି । ଯଦି ପ୍ରବେଶ ସ୍ତରରେ ଏହା ହୋଇପାରିନଥାଏ, ତେବେ ନିମ୍ନାଭିମୁଖୀ କ୍ରମରେ (downward) ମୂଳଭିତ୍ତି ସ୍ତରରେ ପହଞ୍ଚିବା ପର୍ଯ୍ୟନ୍ତ ପରୀକ୍ଷା କରାଯାଏ । ଯେତେବେଳେ ଦୁଇଟି କ୍ରମାଗତ ପର୍ଯ୍ୟାୟରେ ଚାରୋଟି ପ୍ରଶ୍ନରୁ ତିନୋଟି ପ୍ରଶ୍ନର ଉତ୍ତର ଦେବାରେ ବିଷୟୀ ଅକୃତକାର୍ଯ୍ୟ ହୁଅନ୍ତି କିମ୍ବା ପୁରାପୁରି ଚାରୋଟିଯାକ ପ୍ରଶ୍ନର ଉତ୍ତର ଦେବାରେ ଅସଫଳ ହୁଅନ୍ତି, ତାହାକୁ ସର୍ବୋଚ୍ଚ ସ୍ତର କୁହାଯାଏ । ଏହିଠାରେ ହିଁ ପରୀକ୍ଷଣ ପାଇଁ ବିଷୟୀକୁ ଆଉ ଅଧିକ ପରୀକ୍ଷା କରିବା ବନ୍ଦ କରାଯାଏ ।

ଏହି ପରୀକ୍ଷଣର ପୂର୍ବ ସଂସ୍କରଣରେ ପରୀକ୍ଷାରେ ପ୍ରାପ୍ତ ଫଳାଙ୍କଗୁଡିକ ନିମ୍ନ ଗାଣିତିକ ସୂତ୍ର ଅନୁସାରେ ବାଖ୍ୟା କରାଯାଏ ।

$$IQ = \frac{MA\ x100}{CA} \ /\text{ବୁଦ୍ଧ୍ୟାଙ୍କ} = \frac{\text{ମାନସିକ ବୟସ x ୧୦୦}}{\text{ପ୍ରକୃତ ବୟସ}}$$

ଏଠାରେ ବୟସ (MA)କୁ ମାନସିକ ବୟସ ଓ (CA)କୁ ପ୍ରକୃତ ବା ଶାରୀରିକ ବୟସ ରୂପେ ଧରାଯାଇଛି । ବୁଦ୍ଧିର ସୂଚନାଙ୍କ ଭାବରେ ବୁଦ୍ଧ୍ୟାଙ୍କ ଖୁବ୍ ଆଦୃତ । ମାତ୍ର ବର୍ତ୍ତମାନ ସମୟରେ ଏହାକୁ ସମାଲୋଚନା କରାଯାଉଛି । ବର୍ତ୍ତମାନ ବୁଦ୍ଧିର ଅନ୍ୟ ମୂଲ୍ୟସୂଚୀକୁ ବିକାଶ କରିବା ଏବଂ ପ୍ରୟୋଗ କରିବା ପାଇଁ ପଦକ୍ଷେପ ନିଆଯାଉଛି ।

ଏହି ପରୀକ୍ଷଣର ନୂତନ ସଂକଳନରେ ୧୫ଟି ଯାକ ପରୀକ୍ଷଣ ପାଇଁ ଏକ ସାଧାରଣ ବୟସ ପ୍ରାପ୍ତାଙ୍କ (Standard Age Scores) ନିର୍ଦ୍ଧାରଣ କରାଯାଇଛି । ପରୀକ୍ଷଣର ଲିପିବଦ୍ଧ ପୁସ୍ତକ ବିଷୟୀ ଉପରେ କରାଯାଇଥିବା ପ୍ରତ୍ୟେକ ପରୀକ୍ଷଣର SAS କୃତିକୁ ତାଲିକା ମାଧ୍ୟମରେ

ଜୀବନ ଆଲେଖ୍ୟ ଭାବେ ଚିତ୍ରିତ କରିଥାଏ । ବୁଦ୍ଧ୍ୟାଙ୍କ (IQ) ଶବ୍ଦର ବ୍ୟବହାରକୁ ବର୍ତ୍ତମାନ ସମ୍ପୂର୍ଣ୍ଣ ପରିତ୍ୟାଗ କରାଯାଇଛି । ଏହି ପରୀକ୍ଷଣ ପରୀକ୍ଷକମାନଙ୍କୁ ଭିନ୍ନ ଭିନ୍ନ ସାମର୍ଥ୍ୟର ନିର୍ଦ୍ଧାରଣ ପାଇଁ ସ୍ୱତନ୍ତ୍ର ପରୀକ୍ଷଣର ଉପଯୋଗ କରିବାକୁ ଅନୁମୋଦନ କରିଥାଏ ।

ୱେସ୍‌ଲର ମାପନୀ (The Wechsler Scale)

ଏହି ପରୀକ୍ଷଣଟି ଡେଭିଡ୍ ୱେସଲର୍‌ଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିଲା ଯାହା ବୟସ୍କ ଦଳ, ବିଦ୍ୟାଳୟ ଯିବା ବୟସର ଶିଶୁ ଏବଂ ପ୍ରାକ୍ ବିଦ୍ୟାଳୟ ଶିଶୁଙ୍କ ଉପରେ ପ୍ରୟୋଗ କରାଯାଇଥିଲା । ସେଗୁଡିକ ବ୍ୟକ୍ତିର ସାଧାରଣ ବୁଦ୍ଧି ଓ ମାନସିକ ରୋଗ ନିର୍ଦ୍ଧାରଣ ପାଇଁ ସମ୍ଭାବିତ କୌଶଳ ରୂପେ ବ୍ୟବହାର କରାଯାଇଥିଲା । ପରୀକ୍ଷଣର ନୂତନ ସଂକଳନରେ ନିମ୍ନ ମାପନୀଗୁଡିକ ଅଛି : ୱେସ୍‌ଲର୍‌ଙ୍କ ବୟସ୍କ ବୁଦ୍ଧିମାପନୀ-ସଂଶୋଧିତ (Wechsler Intelligence Scale-Revised) (WAIS-R) ଯାହା ୧୬ରୁ ୭୪ ବର୍ଷ ବୟସ ପର୍ଯ୍ୟାୟରେ ପ୍ରୟୋଗ କରାଯାଏ, ୱେସ୍‌ଲର୍‌ଙ୍କ ଶିଶୁ ବୁଦ୍ଧି ମାପନୀ ତୃତୀୟ ସଂସ୍କରଣ (WISC-III) ଯାହା ୬ରୁ ୧୬ ବର୍ଷ ୧୧ ମାସ ପିଲାଙ୍କ ପାଇଁ ଉଦ୍ଦିଷ୍ଟ ଏବଂ ୱେସ୍‌ଲର୍‌ଙ୍କ ପ୍ରାକ୍ ବିଦ୍ୟାଳୟ ଓ ପ୍ରାଥମିକ ବୁଦ୍ଧି ମାପନୀ ସଂଶୋଧିତ (WPPSI) ଯାହା ୩ରୁ ୭ ବର୍ଷ ୩ ମାସ ପାଇଁ ଉଦ୍ଦିଷ୍ଟ । ଏଗୁଡିକରେ ଥିବା ୧୭ଟି ଉପ-ମାପନୀ ମଧ୍ୟରୁ ୮ଟି ୩ଟି ଯାକ ମାପନୀ ପାଇଁ ସମାନ ଥାଏ । (ସେଥିମଧ୍ୟରୁ ୫ଟି ବାଚନିକ ଓ ତିନୋଟି କୃତି ମାପନୀ ଅଟେ) । ତିନୋଟିଯାକ ମାପନୀରେ ପ୍ରଥମେ ତଥ୍ୟ ସମ୍ବଳିତ ପ୍ରଶ୍ନ ପଚରା ଯାଇଥାଏ । ଏହି ମାପନୀର କୃତି ପରୀକ୍ଷଣଗୁଡିକ ବିଭିନ୍ନ ବସ୍ତୁର ଉପଯୋଗ ଯେପରିକି ଗୋଲକଧନ୍ଦା (puzzle) ଓ ବ୍ଲକ (block) ଖେଳନା ବା ଛବି କିମ୍ବା ସଂକେତ ଭଳି ଲିଖିତ ବିଷୟର ନିରୀକ୍ଷଣ ଉପରେ ପର୍ଯ୍ୟବସିତ । କେତେକ ଗବେଷକ ଏହି ମାପନୀର ଆକାର କ୍ଷୁଦ୍ର କରିବା ପାଇଁ ପରାମର୍ଶ ଦେଇଥାନ୍ତି । ପ୍ରତ୍ୟେକ ଉପ ପରୀକ୍ଷଣର ମୌଳିକ ସଂଖ୍ୟାଗୁଡିକୁ ସାଧାରଣ ମାନକ ସଂଖ୍ୟାକୁ (Standard Scores) ରୂପାନ୍ତରିତ କରାଯାଇଥାଏ । ଯାହାର ମଧ୍ୟମାନ ୧୦ ଓ ମାନକ ବିଚ୍ୟୁତି ୩ ଅଟେ । ପ୍ରତ୍ୟେକ ଉପ-ପରୀକ୍ଷଣରେ ଲାଭ କରାଯାଇଥିବା ସମଗୁଣ ବିଶିଷ୍ଟ ସଂଖ୍ୟାଗୁଡିକୁ ଏହିପରି ତୁଳନୀୟ ଏକକରେ ପ୍ରକାଶ କରାଯାଇଥାଏ । ବିଷୟୀର ସାମର୍ଥ୍ୟକୁ ଉପଯୁକ୍ତ ବୟସ ମାନକ ଭିତ୍ତିରେ ମୂଲ୍ୟାୟନ କରାଯାଇଥାଏ ।

(୩) ର୍‍ୟାଭେନ୍‌ଙ୍କ ପ୍ରୋଗ୍ରେସିଭ ମ୍ୟାଟ୍ରିସେସ୍ ପରୀକ୍ଷଣ (Raven's Progressive Matrices)

ଏହା ଏକ କୃତି ପରୀକ୍ଷଣ ଯାହାକୁ 'g' ଉପାଦକ କିମ୍ବା ସାଧାରଣ ବୁଦ୍ଧି ମୂଲ୍ୟାୟନ ନିମନ୍ତେ ବ୍ୟବହାର କରାଯାଇଥାଏ । ଏଥିରେ ଏକ ଆୟତାକାର କ୍ଷେତ୍ରରେ ବିଭିନ୍ନ ଧାଡି ଓ ସ୍ତରରେ ଶୃଙ୍ଖଳିତ ଭାବରେ ଚିତ୍ର ପ୍ରଦାନ କରାଯାଇଥାଏ ଏବଂ ପ୍ରତ୍ୟେକ ଚିତ୍ରର ଗୋଟିଏ ଅଂଶକୁ ଅପସାରଣ କରାଯାଇଥାଏ । ନିମ୍ନରେ ଦିଆଯାଇଥିବା ଚିତ୍ରଖଣ୍ଡଗୁଡିକରୁ ବିଷୟୀକୁ ବିକଳ୍ପ ଅଂଶଟିକୁ ଖୋଜି

ବାହାର କରିବାକୁ ହୋଇଥାଏ ।

ସହଜ ଚିତ୍ରଟି ବିଭେଦର ସଠିକତାକୁ ଚିହ୍ନଟ କରିବା ପାଇଁ ଆବଶ୍ୟକ ହେଉଥିବାବେଳେ ଅଧିକ ଜଟିଳ ଚିତ୍ରଗୁଡିକରେ ନିମ୍ନରେ ପ୍ରଦତ୍ତ ଚିତ୍ରଗୁଡିକର ଆଙ୍ଗିକ ସାଦୃଶ୍ୟତା କ୍ରମଚୟନ ଏବଂ ପ୍ରତିରୂପର ସଠିକ୍ ପରିବର୍ତ୍ତନ ଅନୁଧ୍ୟାନ କରିବା ପାଇଁ ଆବଶ୍ୟକ ହୋଇଥାଏ । କ୍ଲିଷ୍ଟତାର ସ୍ତର ଅନୁଯାୟୀ ଏହି ମାପନୀଟିର ତିନୋଟି ରୂପରେଖ ପ୍ରସ୍ତୁତ କରାଯାଇଛି ।

(କ) ଷ୍ଟାଣ୍ଡାର୍ଡ ପ୍ରୋଗ୍ରେସିଭ ମ୍ୟାଟ୍ରିସେସ୍ (SPM) ୬ ବର୍ଷରୁ ୮୦ ବର୍ଷ ବୟସ ପାଇଁ ଉପଯୋଗୀ ଅଟେ ।

(ଖ) ରଙ୍ଗୀନ ପ୍ରୋଗ୍ରେସିଭ ମାଟ୍ରିସେସ୍ (CPM) ଛୋଟ ଶିଶୁ ଏବଂ ସ୍ୱତନ୍ତ୍ର ଶିଶୁଙ୍କ ପାଇଁ ଉପଯୋଗୀ ଅଟେ ।

(ଗ) ଆଡଭାନ୍ସଡ୍ ପ୍ରୋଗ୍ରେସିଭ ମ୍ୟାଟ୍ରିସେସ୍ (APM), କିଶୋର କିଶୋରୀ ଏବଂ ପ୍ରୌଢବ୍ୟକ୍ତିଙ୍କ ପାଇଁ ଉପଯୋଗୀ ଅଟେ ।

(୪) ମନୁଷ୍ୟ ଚିତ୍ର ଅଙ୍କନ ପରୀକ୍ଷଣ (Draw-A-Man Test)

Goodenoughଙ୍କ ଦ୍ୱାରା ଏହା ପ୍ରଥମେ ପ୍ରଥମେ ପ୍ରସ୍ତୁତ କରାଯାଇଥିଲା । ଏହା ଏକ ଅଣବାଚନିକ ପରୀକ୍ଷଣ, ଯେଉଁଥିରେ ବିଷୟୀକୁ ଏକ ମନୁଷ୍ୟର ଚିତ୍ର ଅଙ୍କନ କରିବାକୁ ପଡିଥାଏ । କୃତିତ୍ୱ ନିର୍ଦ୍ଧାରଣ ନିମନ୍ତେ ସମଷ୍ଟିଗତ ଭାବରେ ଶରୀରର ଅଙ୍ଗଗୁଡିକର ଆପେକ୍ଷିକ ସ୍ଥାନ ଓ ଆକାର ସୂଚିତ କରୁଥିବା ଅଙ୍କନ, ସଠିକ୍ ପୋଷାକ ପରିଧାନ, ଅଙ୍ଗଗୁଡିକର ସଠିକ୍ ଅନୁପାତ ଓ ଅନୁରୂପ ଅଙ୍କନ କରିବା ଗୁରୁତ୍ୱପୂର୍ଣ୍ଣ ହୋଇଥାଏ । ଏହି ପରୀକ୍ଷଣର ମଧ୍ୟମ ଧରଣର ଯଥାର୍ଥତା ଏବଂ ବିଶ୍ୱସନୀୟତା ଅଛି । ଭାରତରେ ପ୍ରମିଳା ଫାଟକ ଏହି ପରୀକ୍ଷଣର ଏକ ନିର୍ଦ୍ଦିଷ୍ଟମାନ ନିର୍ଦ୍ଧାରଣ କରିଛନ୍ତି ।

୧୫.୮ ବୁଦ୍ଧି ମାପନୀର ବ୍ୟବହାର (Uses of Intelligence Tests)

ଯେହେତୁ କର୍ମଚାରୀ ଚୟନ, ପଦୋନ୍ନତି, ବିଦ୍ୟାଳୟ ଏବଂ ମହାବିଦ୍ୟାଳୟରେ ନାମଲେଖା ଆଦି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ପାଇଁ ବୁଦ୍ଧି ମାପନୀର ବ୍ୟବହାର କରାଯାଇଥାଏ । ତେଣୁ ଏ କ୍ଷେତ୍ରରେ ଅନେକ ନୈତିକ ଏବଂ କାର୍ଯ୍ୟପଦ୍ଧତି ସମ୍ବନ୍ଧୀୟ ସମସ୍ୟା ଲକ୍ଷ୍ୟ କରାଯାଇପାରେ । ସେଥିପାଇଁ ପରୀକ୍ଷଣଗୁଡିକର ବ୍ୟବହାରକୁ ନିୟନ୍ତ୍ରଣରେ ରଖିବା ଆବଶ୍ୟକ ହୋଇଥାଏ । ତେବେ ଏହି ପରୀକ୍ଷଣଗୁଡିକର ବ୍ୟବହାର ଅତ୍ୟନ୍ତ କୁଶଳୀ ଓ ଅଭିଜ୍ଞ ପରୀକ୍ଷକଙ୍କ ଦ୍ୱାରା କରାଯିବା ଆବଶ୍ୟକ । ଫଳାଫଳ ମଧ୍ୟ ଯତ୍ନର ସହ ବ୍ୟବହାର କରାଯିବା ଉଚିତ । ପରୀକ୍ଷଣର ବିଷୟବସ୍ତୁଗୁଡିକ ସହିତ ବିଷୟୀ ଯେପରି ବିଶେଷ ପରିଚିତ ହୋଇନଥିବ, ସେଥିପ୍ରତି ମଧ୍ୟ ଦୃଷ୍ଟି ଦେବା ଉଚିତ । ପରୀକ୍ଷକମାନେ ମଧ୍ୟ ଯଥେଷ୍ଟ ପୂର୍ବରୁ ସଠିକ୍ ଭାବେ ପ୍ରସ୍ତୁତ ହେବା ଆବଶ୍ୟକ ଯାହାଦ୍ୱାରା ପରୀକ୍ଷଣର ପ୍ରୟୋଗ ବିଧିରେ

ସମାନତା ରକ୍ଷା କରାଯାଇପାରିବ । ପରୀକ୍ଷଣର ପରିସ୍ଥିତି ସଠିକ୍ ହେବା ଉଚିତ । ପରୀକ୍ଷକ ମଧ୍ୟ ପରୀକ୍ଷଣ ସମୟରେ ବିଷୟୀର ଆଗ୍ରହ ସୃଷ୍ଟି କରିବା, ତାଙ୍କର ସହଯୋଗ ସୃଷ୍ଟି କରିବା ଏବଂ ତାଙ୍କୁ ଠିକ୍ ଉତ୍ତର ଦେବା ପାଇଁ ପ୍ରୋତ୍ସାହିତ କରିବା ଆବଶ୍ୟକ ।

ବର୍ତ୍ତମାନ ସମୟରେ, ବୁଦ୍ଧିମାପନୀର ପରୀକ୍ଷଣଗୁଡ଼ିକୁ ବିଭିନ୍ନ କାର୍ଯ୍ୟରେ ଯେପରିକି କାର୍ଯ୍ୟାଳୟ ପାଇଁ କର୍ମଚାରୀ ଚୟନ, ମାନସିକ ଅପାରଗତାର ଚିହ୍ନଟ, ନିର୍ଦ୍ଦେଶନା ଓ ଉପଦେଶନ ଏବଂ ବୌଦ୍ଧିକ ବିକାଶ କ୍ଷେତ୍ରରେ ଗବେଷଣା ଇତ୍ୟାଦି କାର୍ଯ୍ୟ ନିମନ୍ତେ ଉପଯୋଗ କରାଯାଉଛି । ନିମ୍ନରେ ଏହିସବୁ ଉପଯୋଗିତାଗୁଡ଼ିକର ସଂକ୍ଷିପ୍ତ ଆଲୋଚନା କରାଯାଉଛି ।

କର୍ମଚାରୀ ଚୟନ : ଏହା ଏକ ସାଧାରଣ ଅନୁଭୂତି ଯେ ଲୋକମାନେ ଦକ୍ଷତା, ସାମର୍ଥ୍ୟ ଓ ଆଗ୍ରହର ମାତ୍ରାର ଭିନ୍ନ ଅଟନ୍ତି । ଯେ କୌଣସି ଏକ ଜୀବିକାରେ ସଫଳତା ପାଇବା ନିମନ୍ତେ କର୍ମଚାରୀର ସେହି ନିର୍ଦ୍ଦିଷ୍ଟ ଜୀବିକା ନିମନ୍ତେ ଆବଶ୍ୟକୀୟ ଦକ୍ଷତା ଥିବା ଆବଶ୍ୟକ । ଏହିପରି ପ୍ରାର୍ଥୀମାନଙ୍କର ଚୟନ ପ୍ରକ୍ରିୟାବେଳେ କାର୍ଯ୍ୟର ଆବଶ୍ୟକତା ଓ ପ୍ରାର୍ଥୀଙ୍କର ନିର୍ଦ୍ଦିଷ୍ଟ ଗୁଣାବଳୀଗୁଡ଼ିକ ମଧ୍ୟରେ ଅନୁରୂପ ଲକ୍ଷଣଗୁଡ଼ିକ ମେଳହେବା ଆବଶ୍ୟକ ହୁଏ । ବ୍ୟକ୍ତିର ସମସ୍ତ କାର୍ଯ୍ୟର ସଫଳତା ନିମନ୍ତେ ବୁଦ୍ଧି ଏକ ମୌଳିକ ଆବଶ୍ୟକତା ଅଟେ । ଫଳରେ କର୍ମଚାରୀ ଚୟନବେଳେ ବ୍ୟକ୍ତିର ବୌଦ୍ଧିକ ଦକ୍ଷତାର ନିର୍ଦ୍ଧାରଣ ନିମନ୍ତେ ଅଧିକ ପ୍ରାଧାନ୍ୟ ଦିଆଯାଇଥାଏ । ବୁଦ୍ଧିମାପନୀ ସାହାଯ୍ୟରେ ପ୍ରାର୍ଥୀଙ୍କର ବୌଦ୍ଧିକ ଦକ୍ଷତାର ସ୍ତର ମୂଲ୍ୟାୟନ କରାଯାଇଥାଏ ଏବଂ ପରୀକ୍ଷଣର ଫଳାଫଳକୁ ବିଚାରକୁ ନେଇ ନିଯୁକ୍ତିକାରୀ ଚୟନ ପାଇଁ ନିଷ୍ପତ୍ତି ନିଅନ୍ତି ।

ମାନସିକ ଅପାରଗତାର ନିର୍ଣ୍ଣୟ : ମାନସିକ ସାମର୍ଥ୍ୟ ଦୃଷ୍ଟିରୁ ବ୍ୟକ୍ତିଗତ ଭିନ୍ନତା ଦେଖାଯାଏ । ଯେଉଁମାନଙ୍କର ବୌଦ୍ଧିକ ସ୍ତର ଖୁବ୍ କମ୍ ଥାଏ, ସେମାନଙ୍କୁ ମାନସିକ ଅପାରଗ କୁହାଯାଏ । ସେପରି ବ୍ୟକ୍ତିମାନେ ସେମାନଙ୍କର ବାହ୍ୟ ପରିବେଶ ସହ ଉପଯୋଜନ କରିବାରେ କଷ୍ଟ ଅନୁଭବ କରିଥାନ୍ତି । ସେମାନେ ସ୍ୱତନ୍ତ୍ର ଯତ୍ନ ଏବଂ ପ୍ରଶିକ୍ଷଣ ଆବଶ୍ୟକ କରିଥାନ୍ତି । ବାସ୍ତବରେ ସେମାନଙ୍କ ମଧ୍ୟରୁ ଅଧିକାଂଶ ଅନ୍ୟମାନଙ୍କ ସହ ଯୋଗାଯୋଗ ସ୍ଥାପନ କରିପାରନ୍ତି ନାହିଁ ଏବଂ ନିଜର ଯତ୍ନ ନେବାରେ ଅସୁବିଧା ଅନୁଭବ କରନ୍ତି । ବୁଦ୍ଧିମାପନୀର ପରୀକ୍ଷଣ ସହ ଅନ୍ୟ କେତେକ ନିଶ୍ଚିତ ସୂଚିତ କରୁଥିବା ଉପକରଣ ମାନସିକ ଅପାରଗତାର ସ୍ତର ନିର୍ଣ୍ଣୟ ପାଇଁ ପ୍ରୟୋଗ କରାଯାଇଥାଏ ।

ନିର୍ଦ୍ଦେଶନା ଏବଂ ଉପଦେଶନ : ଶିକ୍ଷାକ୍ଷେତ୍ରରେ ବୃତ୍ତିଗତ ନିର୍ଦ୍ଦେଶନା ବିଶେଷ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ଆମ ଦେଶରେ ଶିକ୍ଷା ବ୍ୟବସ୍ଥାର ରୂପରେଖର ପ୍ରସାରଣ ଓ ବିବିଧକରଣ ହେତୁ ପାଠ୍ୟକ୍ରମ ଏବଂ ବୃତ୍ତିଚୟନ ଛାତ୍ରଛାତ୍ରୀ, ଶିକ୍ଷକ ଓ ଅଭିଭାବକଙ୍କ ନିମନ୍ତେ ଏକ କଷ୍ଟସାଧ କାର୍ଯ୍ୟ ହୋଇଛି । ଏହି ପରିପ୍ରେକ୍ଷୀରେ ମନୋବିଜ୍ଞାନୀମାନେ ବୁଦ୍ଧିମାପନୀ ମାଧ୍ୟମରେ ବ୍ୟକ୍ତି ବିଶେଷଙ୍କର ବୌଦ୍ଧିକ କ୍ଷମତାର ସ୍ତର ନିର୍ଦ୍ଧାରଣ କରି ସେମାନଙ୍କ ପାଇଁ ଉପଯୁକ୍ତ ହେଉଥିବା ବୃତ୍ତି

ସମ୍ବନ୍ଧରେ ତଥ୍ୟ ପ୍ରଦାନ କରିଥାନ୍ତି ।

୧୫.୯ ମାନବୀୟ ବୁଦ୍ଧିରେ ଥିବା ପାର୍ଥକ୍ୟର ବାଖ୍ୟାକରଣ (Explaining Differeces in Human intelligence)

ବ୍ୟକ୍ତି ବିଶେଷଙ୍କ ମଧ୍ୟରେ ବୁଦ୍ଧିର ପରିମାଣାତ୍ମକ ଭିନ୍ନତା ସ୍ପଷ୍ଟ ଅଟେ । ତାହାର କାରଣ ଜାଣିବା ପାଇଁ ଯୁକ୍ତି ଜାରି ରହିଛି । ନିର୍ଦ୍ଦିଷ୍ଟ ଭାବରେ ଗବେଷକମାନେ ବୁଦ୍ଧିର ଭିନ୍ନତାକୁ

(୧) ଆନୁବଂଶିକ କାରକ (Genetic or Heredtary Factors) ଓ (୨) ପରିବେଶ ଜନିତ କାରକ (Environmental Factors)ର ଅବଦାନ ହିସାବରେ ପରୀକ୍ଷା କରିଛନ୍ତି । ଅଧ୍ୟୟନରୁ ସୂଚନା ମିଳେ ଯେ ନିବିଡ ଆନୁବଂଶିକ ସମ୍ପର୍କ ଥିବା ବ୍ୟକ୍ତିମାନଙ୍କର ଫଳାଙ୍କ ସମ୍ପୂର୍ଣ୍ଣ ସମାନ ।

ବିଶେଷତଃ ପୋଷ୍ୟ ସନ୍ତାନ ଗ୍ରହଣ ଓ ଯମଜ ସନ୍ତାନକୁ ଜନ୍ମ ସମୟରୁ ଅଲଗା କରି ଭିନ୍ନ ଭିନ୍ନ ପରିବାରରେ ଲାଳନ ପାଳନ କରାଯାଇଥିବା ପରୀକ୍ଷଣରୁ ମିଳିଥିବା ସୂଚନା ଏହି ଘଟଣା ଦର୍ଶାଇଥାଏ । ଉପଯୁକ୍ତ ପରିବେଷ୍ଟନୀରୁ ବଞ୍ଚିତ କରିବା ତଥା ଉନ୍ନତମାନର ପରିବେଶ ଯୋଗାଇଦେବା ଅଧ୍ୟୟନରୁ ବୁଦ୍ଧି ଉପରେ ପରିବେଶର ପ୍ରଭାବ ଥିବା ସୂଚନା ମିଳିଥାଏ । ଦେଖାଯାଏ ଯେ ମହିଳାମାନେ ଭାଷାଗତ ଦକ୍ଷତାରେ ପୁରୁଷମାନଙ୍କ ଅପେକ୍ଷା ଉଚ୍ଚ ଫଳାଙ୍କ ପାଉଥିବାବେଳେ ପୁରୁଷମାନେ ଦୃଷ୍ଟି ଓ ସ୍ଥାନିକ ଦକ୍ଷତାରେ ଅଧିକ ଉଚ୍ଚ ଫଳାଙ୍କ ଲାଭ କରିଥାନ୍ତି। ଏହି ଭିନ୍ନତା ମନୁଷ୍ୟର ବିବର୍ତ୍ତନବାଦ ଇତିହାସର ପ୍ରଭାବ ଅଟେ ।

ଦଳଗତ ଭିନ୍ନତାର ଅନ୍ୟ ଏକ ମହତ୍ତ୍ୱପୂର୍ଣ୍ଣ ଦିଗ ବୁଦ୍ଧି ପରୀକ୍ଷଣର ସାଂସ୍କୃତିକ ଭିତ୍ତି ସହ ଜଡିତ । କେତେକ କ୍ଷେତ୍ରରେ ଯୁକ୍ତି କରାଯାଏ ଯେ ବୁଦ୍ଧିମାପନୀଗୁଡିକ ମଧ୍ୟରୁ ଅନେକ ପାଶ୍ଚାତ୍ୟ ସଭ୍ୟତାରେ ପ୍ରସ୍ତୁତ ହୋଇଛି । ଫଳରେ ଯେଉଁମାନେ ପାଶ୍ଚାତ୍ୟ ସଭ୍ୟତା ସହ ଅଭ୍ୟସ୍ତ, ସେମାନେ ସେହିସବୁ ବୁଦ୍ଧି ପରୀକ୍ଷଣରେ ଅଧିକ ଫଳାଙ୍କ ଲାଭ କରନ୍ତି । ଯେଉଁମାନେ ଏହି ସଂସ୍କୃତି ସହ ପରିଚିତ ନୁହନ୍ତି, ସେମାନେ କମ୍ ସଫଳତା ହାସଲ କରିଥାନ୍ତି । ସେହି କାରଣରୁ ସଂସ୍କୃତିମୁକ୍ତ ବୁଦ୍ଧି ପରୀକ୍ଷଣ (culture-fair inteligence test) ପ୍ରସ୍ତୁତ କରିବା ପାଇଁ ଅଧିକ ଗୁରୁତ୍ୱ ଦିଆଯାଇଛି । କ୍ୟାଟେଲ୍‌ଙ୍କ ଦ୍ୱାରା ପ୍ରସ୍ତୁତ ବୁଦ୍ଧି ପରୀକ୍ଷଣଗୁଡିକ ଅଧିକ ସଂସ୍କୃତିମୁକ୍ତ ଅଟନ୍ତି ।

ପାଠଗତ ପ୍ରଶ୍ନାବଳୀ ୧୫.୨

ସଠିକ୍ ବିକଳ୍ପ ବାଛ:

(i) ନିମ୍ନରେ ପ୍ରଦତ୍ତ ଉପାଦାନଗୁଡିକ ମଧ୍ୟରୁ କେଉଁଟି ଅଣ-ବୌଦ୍ଧିକ କ୍ଷେତ୍ର ସହ ସଂଶ୍ଳିଷ୍ଟ ନୁହେଁ ?

(କ) ବାସ୍ତବବୁଦ୍ଧି

(ଖ) ସାମାଜିକ ବୁଦ୍ଧି

(ଗ) ଆବେଗିକ ବୁଦ୍ଧି

(ଘ) ବୁଦ୍ଧିର କାର୍ଯ୍ୟଧାରା ପ୍ରତିକୃତି

(ii) ବୁଦ୍ଧ୍ୟାଙ୍କ (IQ) ନିମ୍ନରେ ପ୍ରଦତ୍ତ କେଉଁ ଗାଣିତିକ ସୂତ୍ର ଅନୁସାରେ ନିର୍ଣ୍ଣୟ କରାଯାଇଛି ।

(କ) MA/CA +100

(ଖ) MA/CA x 100

(ଗ) CA/MA x100

(ଘ) CA/MA +100

(iii) ୱେସ୍‌ଲର୍‌ଙ୍କର ବୁଦ୍ଧିମାପନୀଟି କେଉଁ ବୌଦ୍ଧିକ ଦକ୍ଷତା ବିଷୟରେ ସୂଚନା ଦିଏ ?

(କ) ସ୍ୱତନ୍ତ୍ର ଦକ୍ଷତା

(ଖ) ବାଚନିକ ଦକ୍ଷତା

(ଗ) ବୁଦ୍ଧିର ପ୍ରକ୍ରିୟା

(ଘ) ସାଧାରଣ ବୁଦ୍ଧି

(iv) ଏକ ବୁଦ୍ଧି ପରୀକ୍ଷଣରେ କେଉଁ ଉପାଦାନଟି ରହିବା ଆବଶ୍ୟକ ଅଟେ ?

(କ) ମାନକ

(ଖ) ଯଥାର୍ଥତା

(ଗ) ବିଶ୍ୱସନୀୟତା

(ଘ) ଉପରେ ଥିବା ସମସ୍ତ ଉପାଦାନ

(v) ବୁଦ୍ଧିମାପନୀଗୁଡିକ କେଉଁଥିପାଇଁ ଉପଯୋଗୀ ହୋଇନଥାଏ ?

(କ) ନିର୍ଦ୍ଦେଶନା ଦେବା ପାଇଁ

(ଖ) ବ୍ୟକ୍ତି ଚୟନ ପାଇଁ

(ଗ) ଶିକ୍ଷଣ ଦକ୍ଷତା ମାପିବା ପାଇଁ

(ଘ) ସମସ୍ୟା ସମାଧାନ ଦକ୍ଷତା ମାପିବା ପାଇଁ



ଆପଣ କ'ଣ ଶିଖିଲେ

- ଜନସଂଖ୍ୟା ମଧ୍ୟରେ ମନସ୍ତାତ୍ତ୍ୱିକ ଗୁଣାବଳୀଗୁଡ଼ିକର ସାଧାରଣ ବିତରଣ ଦେଖାଯାଏ । ତେଣୁ ଦେଖାଯାଏ ଯେ ଅଧିକାଂଶ ବ୍ୟକ୍ତିଙ୍କର ମଧ୍ୟମ ଧରଣର ବୁଦ୍ଧିଥାଏ ଓ ସୀମିତ ସଂଖ୍ୟକ ବ୍ୟକ୍ତିଙ୍କର ଅତି କମ୍ ବା ଅତି ବେଶୀ ସ୍ତରକୁ ବୁଦ୍ଧି ଥାଏ ।

- ବାସ୍ତବରେ ବ୍ୟକ୍ତିଗତ ଭିନ୍ନତାର ଅଧ୍ୟୟନ ବିଶେଷ ଗୁରୁତ୍ୱପୂର୍ଣ୍ଣ ଅଟେ । ଭିନ୍ନ ଭିନ୍ନ ମତବାଦ ଅନୁଯାୟୀ ବୁଦ୍ଧିକୁ ଭିନ୍ନ ଭିନ୍ନ ଭାବରେ ବିଶ୍ଳେଷଣ କରାଯାଇଛି । କେତେକ ମନୋବିଜ୍ଞାନୀ ଏହାକୁ ଗୁଣାବଳୀ (traits) ଭାବରେ ବିଶ୍ଳେଷଣ କରୁଥିବାସ୍ଥଳେ କେତେକ ଏହାକୁ ଏକ ପ୍ରକ୍ରିୟା (process) ଭାବେ ବିଶ୍ଳେଷଣ କରିଛନ୍ତି ।

- ବିଶେଷଗୁଣ ମତବାଦ ମଧ୍ୟ ଧୀଶକ୍ତି ସମ୍ବନ୍ଧରେ ଭିନ୍ନ ଭିନ୍ନ ମତବ୍ୟକ୍ତ କରିଛି, ଯଥା ଏକକ ସାଧାରଣ ଉପାଦାନ, ବହୁବିଧ ଉପାଦାନ ଓ କ୍ରମାନୁକ୍ରମିକ ସୋପାନ । ମୋଟାମୋଟି ଭାବେ ଦେଖିବାକୁ ଗଲେ ଧୀଶକ୍ତି ବୌଦ୍ଧିକ ସାମର୍ଥ୍ୟ ଓ ଜ୍ଞାନର ଏକ ସମ୍ମିଶ୍ରଣ ଅଟେ ।

- ପ୍ରକ୍ରିୟା ମତବାଦରେ ଧୀଶକ୍ତିକୁ ବୌଦ୍ଧିକ ପ୍ରକ୍ରିୟାଗୁଡ଼ିକର ସହାୟତାରେ ବିଚାର କରାଯାଏ । ଏହି ମତବାଦରେ ବୁଦ୍ଧି ବିଭିନ୍ନ ପ୍ରକାରର ବୋଲି ବୁଝାଯାଇଛି । ସାମାଜିକ ବୁଦ୍ଧି ଓ ଆବେଗିକ ବୁଦ୍ଧି ସମ୍ବନ୍ଧରେ ଧାରଣା ଗବେଷଣାର ନୂତନ ଦିଗ ଉନ୍ମୋଚନ କରିଛି ।

- ଯେଉଁ ପରୀକ୍ଷଣଗୁଡ଼ିକର ଯଥାର୍ଥତା ଏବଂ ବିଶ୍ୱସନୀୟତା ରହିଛି ସେଗୁଡ଼ିକର ସହାୟତାରେ ବୁଦ୍ଧି ମାପ କରାଯାଇଥାଏ । ପ୍ରଥମ ବୁଦ୍ଧି ମାପନୀ ପରୀକ୍ଷଣ ବିନେଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିଲା ଯାହା ପରବର୍ତ୍ତୀ ପର୍ଯ୍ୟାୟରେ ଷ୍ଟାନଫୋର୍ଡ ବିଶ୍ୱବିଦ୍ୟାଳୟରେ (Standard university) ମାନକୀକୃତ କରାଯାଇଥିଲା । ପରୀକ୍ଷଣଗୁଡ଼ିକ ବାଚନିକ ଏବଂ କୃତି ପରୀକ୍ଷଣ ପ୍ରକୃତିର ହୋଇପାରେ ଏବଂ ବ୍ୟକ୍ତି କିମ୍ବା ଦଳ ଉପରେ ଏହି ପରୀକ୍ଷଣ କରାଯାଇପାରେ ।

- ଶିଶୁ ଓ ଭିନ୍ନକ୍ଷମମାନଙ୍କ ପାଇଁ ସ୍ୱତନ୍ତ୍ର ବୁଦ୍ଧିମାପନୀ ପରୀକ୍ଷଣ ମାନ ପ୍ରସ୍ତୁତ କରାଯାଇଛି । ଏହି ପରୀକ୍ଷଣଗୁଡ଼ିକ ଅନେକ ସମୟରେ କର୍ମଚାରୀ ଚୟନ, ନିର୍ଦ୍ଦେଶନା ପ୍ରଦାନ, ମାନସିକ ଅପାରଗତାର ଚିହ୍ନଟ ଏବଂ ଗବେଷଣା କରିବା ପାଇଁ ଉପଯୋଗ କରାଯାଇଥାଏ ।

- ଭାରତୀୟ ମନୋବିଜ୍ଞାନୀମାନେ ଅନେକ ବୁଦ୍ଧିମାପନୀ ପରୀକ୍ଷଣ ପ୍ରସ୍ତୁତ କରିଛନ୍ତି ଓ ସେଗୁଡ଼ିକୁ କର୍ମଚାରୀ ଚୟନ, ମାନସିକ ଅନଗ୍ରସରତାର ଚିହ୍ନଟ ଓ ଗବେଷଣା କାର୍ଯ୍ୟ ନିମନ୍ତେ ଉପଯୋଗ

କରାଯାଉଛି । ଭାରତୀୟ ମନୋବିଜ୍ଞାନୀମାନେ ଅନେକ ପରୀକ୍ଷଣ ଭାରତୀୟ ସଂସ୍କୃତି ଭିତ୍ତିକ କରିଛନ୍ତି, କିନ୍ତୁ ଆହୁରି ଅଧିକର ଆବଶ୍ୟକତା ରହିଛି ।

- ମନୋବିଜ୍ଞାନୀମାନେ କୃତି, ଅଭିରୁଚି ଓ ବ୍ୟକ୍ତିତ୍ୱ ନିର୍ଦ୍ଧାରଣ ନିମନ୍ତେ ପରୀକ୍ଷଣମାନ ପ୍ରସ୍ତୁତ କରିଛନ୍ତି ।

ଅନ୍ତିମ ପ୍ରଶ୍ନାବଳୀ

୧. ମନୋବିଜ୍ଞାନୀମାନେ ବିଭିନ୍ନ ଭାବରେ ଧୀଶକ୍ତିର ଧାରଣାକୁ ଯେପରି ବ୍ୟକ୍ତ କରିଛନ୍ତି ଆପଣ ସେସବୁ ସହ କେତେ ପରିଚିତ ଦର୍ଶାନ୍ତୁ ।

୨. ଧୀଶକ୍ତିର ମୂଲ୍ୟାୟନ ନିମନ୍ତେ ବ୍ୟବହୃତ ମନସ୍ତାତ୍ତ୍ୱିକ ପରୀକ୍ଷଣର ବୈଶିଷ୍ଟ୍ୟଗୁଡିକ ଦର୍ଶାଅ ।

୩. ବୌଦ୍ଧିକ ମୂଲ୍ୟାୟନ ଯେକୌଣସି ଗୋଟିଏ ପରୀକ୍ଷଣ ବିଷୟରେ ଆଲୋଚନା କରନ୍ତୁ ଏବଂ ଏହାର ଉପଯୋଜନଗୁଡିକ ଲେଖନ୍ତୁ ।

ପାଠଗତ ପ୍ରଶ୍ନାବଳୀର ଉତ୍ତର

୧୫.୧

(i) ଖ (ii) କ (iii) କ (iv) ଖ

୧୫.୨

(i) ଘ (ii) ଖ (iii) ଘ (iv) ଘ (v) ଗ

ଅନ୍ତିମ ପ୍ରଶ୍ନାବଳୀ ପାଇଁ ସୂଚନା

୧. ୧୫.୩ ବିଭାଗ ଦେଖନ୍ତୁ ।

୨. ୧୫.୪ ବିଭାଗ ଦେଖନ୍ତୁ

୩. ୧୫.୪ ଏବଂ ୧୫.୫ ଦେଖନ୍ତୁ ।

ମୋଡ୍ୟୁଲ IV
ସ୍ୱୟଂ ଓ ବ୍ୟକ୍ତିତ୍ୱ

ପାଠ ୧୬ : ସ୍ୱୟଂ କ'ଣ ?

ପାଠ ୧୭ : ସ୍ୱୟଂ ଏବଂ ମନସ୍ତାତ୍ତ୍ୱିକ ପ୍ରକ୍ରିୟା

ପାଠ ୧୮ : ବ୍ୟକ୍ତିତ୍ୱ ସମ୍ବନ୍ଧୀୟ ମତବାଦ

ପାଠ ୧୯ : ବ୍ୟକ୍ତିତ୍ୱର ମୂଲ୍ୟାୟନ

ପାଠ ୨୦ : ମାନସିକ ବିକାର